# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ସେପ୍ଟେମ୍ବର ୧୭/୨୦୧୯ (୧୬ ପୃଷ୍ଠା) Dhenkanal, Tuesday, September 17 / 2019 ★★★★★

୧୫୩ ଭାଗ ୨୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






**ଶୁଭ୍ରାଂଶୁ ଅଧିନାୟକ**

ବିଜୟ ହଜାରେ ଟ୍ରଫି ଏକଦିବସୀୟ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଶୁଭ୍ରାଂଶୁ ସେନାପତି ଓଡ଼ିଶା ଦଳର ଅଧିନାୟକ ମନୋନୀତ ହୋଇଛନ୍ତି।

**୧୫ ୦୯**

**କିସିଂ ସିନ୍ ଅଭ୍ୟାସ କରିବାକୁ କହିଥିଲେ**

ବଲିଉଡ୍ ଜଗତରେ ନୂଆ ନୂଆ ପାଦ ଥାପିଥିବା ବେଳେ ଦୁଇ ଥର କାଷ୍ଟିଂ କାଉଚ୍‌ର ଶିକାର ହୋଇଥିଲେ ବୋଲି 'ହେଟ୍‌ଷ୍ଟୋରୀ-୨' ଷ୍ଟାର ଜରିନ୍ ଖାନ୍ କହିଛନ୍ତି।



# ଏନ୍‌ଏଫ୍‌ଏସ୍‌ଏରୁ ବାଦ୍ ପଡ଼ିପାରନ୍ତି ୧୯ ଲକ୍ଷ

## ଆଧାର ଛଡ଼ାଇନେବ ରାଶନ, ଚିନ୍ତାରେ ହିତାଧିକାରୀ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ଭୋକ ଉପାସରେ କେହି ରହିବେ ନାହିଁ। ଦେଶର ସମସ୍ତ ଗରିବ ଲୋକଙ୍କୁ ଦିନକୁ ଦୁଇମୁଠା ପେଟ ଭରି ଖାଇବାକୁ ମିଳିବ। ଏହି ଲକ୍ଷ୍ୟରେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)। ଓଡ଼ିଶା ସରକାର ମଧ୍ୟ ରାଜ୍ୟ ଖାଦ୍ୟ ସୁରକ୍ଷା ସ୍କିମ୍(ଏସ୍‌ଏଫ୍‌ଏସ୍‌ଏସ୍) କାର୍ଯ୍ୟକାରୀ କରିଛନ୍ତି। ଏହି ଦୁଇଟି ଯୋଜନା କେବଳ ଗରିବ ଲୋକଙ୍କ ପେଟରେ ଦାନା ଦେବାକୁ କରାଯାଇଛି। ମାତ୍ର ବିଡମ୍ବନାର ବିଷୟ ଯେ, ଆଧାର କାର୍ଡକୁ ସର୍ବୋଚ୍ଚ ମାପଦଣ୍ଡ ଭାବେ ସରକାର ଧରି ନେଇଥିବାରୁ ୧ ଲକ୍ଷ ୮୪ ହଜାର ୯୫୦ ପରିବାରର ୧୮ଲକ୍ଷ ୬୭ ହଜାର ୮୦୩ ହିତାଧିକାରୀ ରାଶନ ପାଇବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। କାରଣ ସେମାନେ ରାଶନ କାର୍ଡ ସହ ଆଧାର ସଂଯୋଗ କରିନାହାନ୍ତି। ଅଦ୍ୟାବଧି ଅନେକ ଲୋକଙ୍କ ଆଧାର କାର୍ଡ ହୋଇପାରି ନାହିଁ। ଯାନ୍ତ୍ରିକ କିମ୍ବା ବ୍ୟବସ୍ଥାରେ ତ୍ରୁଟି ହେଉ କି ଅଙ୍ଗୁଳି ଛାପ ଠିକ୍ ହୋଇ ନ ପାରିବା ଭଳି ସମସ୍ୟା ହେଉ, ଲୋକେ ନିଜର ଆଧାର କାର୍ଡ କରିପାରୁନାହାନ୍ତି। ଏଭଳିସ୍ଥଳେ ରାଶନ ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯିବା ଯୋଗୁ ପ୍ରାୟ ୧୯ ଲକ୍ଷ ଲୋକ ଏନ୍‌ଏଫ୍‌ଏସ୍‌ଏରୁ ବାଦ୍ ପଡ଼ିପାରନ୍ତି।



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ସୋମବାର ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୮୮ ଲକ୍ଷ ୨୮ ହଜାର ୪୧୯ ପରିବାରର ୩ କୋଟି ୭ ଲକ୍ଷ ୩୦ ହଜାର ୧୯୭ ବ୍ୟକ୍ତିଙ୍କୁ ଆଧାର ସହ ଯୋଡ଼ାଯାଇଛି। ଅର୍ଥାତ୍ ସେପ୍ଟେମ୍ବର ୧୬ ତାରିଖ ସୁଦ୍ଧା ୯୭.୯ ପ୍ରତିଶତ ପରିବାର ଏବଂ ୯୪.୩ ପ୍ରତିଶତ ବ୍ୟକ୍ତିଙ୍କର ଏନ୍‌ଏଫ୍‌ଏସ୍‌ଏ ସହ ଆଧାର ଲିଙ୍କ୍ ହୋଇଛି।

ଗାଇଡ୍‌ଲାଇନ୍ ଅନୁଯାୟୀ ୬ଟି ମାନଦଣ୍ଡ ଆଧାରରେ ଗରିବ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଏନ୍‌ଏଫ୍‌ଏସ୍‌ଏରେ ସାମିଲ କରାଯାଉଥିବା ବେଳେ ୯ଟି ମାନଦଣ୍ଡ ଆଧାରରେ ସ୍ୱଚ୍ଛଳ ବର୍ଗଙ୍କୁ ଏଥିରୁ ବାଦ୍ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ତଥ୍ୟ ଗୋପନ ରଖି ଲକ୍ଷ ଲକ୍ଷ ଅସାଧୁ ବ୍ୟକ୍ତି ଏହି ଯୋଜନାରେ ସାମିଲ ହୋଇ ଭରପୂର ଫାଇଦା ଉଠାଉଥିଲେ। ଏ ନେଇ ବିଭିନ୍ନ ମହଲରୁ ଅଭିଯୋଗ ଆସିବା ପରେ ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଧରପଗଡ଼ ମଧ୍ୟ ଜୋର୍‌ଦାର ହୋଇଥିଲା। ଅଯୋଗ୍ୟ ବ୍ୟକ୍ତିଙ୍କ ନାମରେ ଫୌଜଦାରି ମାମଲା ରୁଜୁ ହୋଇଥିଲା। ବେଆଇନ ଭାବେ ନେଇଥିବା ଖାଦ୍ୟ ଶସ୍ୟ ବାବଦରେ ବଜାର ଦର ଅନୁଯାୟୀ ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତନାଘନା ଯୋଗୁ ଲକ୍ଷଲକ୍ଷ ସଂଖ୍ୟାରେ ବେଆଇନ ରାଶନ କାର୍ଡଧାରୀ ଭୟରେ ଫେରାଇ ଦେଇଥିଲେ। ଖାଦ୍ୟଶସ୍ୟ ବାବଦରେ ବେଆଇନ ରାଶନ କାର୍ଡଧାରୀଙ୍କଠାରୁ ୪୨ କୋଟି ୧୩ ଲକ୍ଷ ୯୦ ହଜାର ଟଙ୍କା ଜରିମାନା ଆକାରରେ ଆଦାୟ କରାଯାଇଥିଲା। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବେଆଇନ ରାଶନ କାର୍ଡଧାରୀଙ୍କଠାରୁ ଆଦାୟ କରିଥିବା ଜରିମାନା ବାବଦ ୩୬ କୋଟି ୨୭ ଲକ୍ଷ ୫୫ ହଜାର ୭୮୫ ଟଙ୍କା ଫେରାଯିବା ସହ ମକଦ୍ଦମା ଉଠାଇ ଦେଇଥିଲେ। ଏହାର ସୁଯୋଗ ନେଇ ପୁଣି ବେଆଇନ ଏବଂ ଅସାଧୁ ଲୋକମାନେ ଏନ୍‌ଏଫ୍‌ଏସ୍‌ଏ କାର୍ଡ ହାତେଇବାରେ ସଫଳ ହୋଇଥିବା ଅଭିଯୋଗ ଉଠିଲା। ତେଣୁ ବେଆଇନ କାର୍ଯ୍ୟକୁ ରୋକିବା ପାଇଁ କେନ୍ଦ୍ର ସରକାର ଆଧାରକୁ ରାଶନ କାର୍ଡ ସହ ଶତପ୍ରତିଶତ ସଂଯୋଗ କରିବାକୁ ରାଜ୍ୟକୁ ନିର୍ଦ୍ଦେଶ ଦେଲେ। ଆଧାର ସଂଯୋଗ ନ ହେଲେ ରାଶନ ଯୋଗାଇ ଦିଆଯିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ହେଲେ ବିଭିନ୍ନ ସମସ୍ୟାରୁ ଆଧାର କାର୍ଡ ପାଇପାରି ନ ଥିବା ଲକ୍ଷ ଲକ୍ଷ ହିତାଧିକାରୀ ଯେ ବେଆଇନ ଭାବେ ଏନ୍‌ଏଫ୍‌ଏସ୍‌ଏ କାର୍ଡ ପାଇଛନ୍ତି ତାହା ସରକାର କିଭଳି କହିପାରିବେ ବୋଲି ପ୍ରଶ୍ନ ଉଠୁଛି। ଏଭଳି ସ୍ଥଳେ ସେମାନଙ୍କୁ ରାଶନ ପାଇବାରୁ ବଞ୍ଚିତ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଆଲୋଚନା ହେଉଛି।

ଯୋଗାଣ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ, ଆଧାର ସଂଯୋଗ ପାଇଁ ୩ ମାସିଆ ଡେଡ୍‌ଲାଇନ ଦିଆଯାଇଥିଲା। ସେପ୍ଟେମ୍ବର ୧୫ରେ ଏହି ଅବଧି ଶେଷ ହୋଇଛି। ଶତ ପ୍ରତିଶତ ଆଧାର ଲିଙ୍କ୍ ହେବା ପରେ ଆହୁରି ଅଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିବେ ବୋଲି ସେ କହିଛନ୍ତି। ଭାଜପା ବରିଷ୍ଠ ନେତା ପ୍ରଦୀପ ପୁରୋହିତ କହିଛନ୍ତି ଯେ, ରାଜ୍ୟ ସରକାର ଜାଣି ଶୁଣି ବେଆଇନ ହିତାଧିକାରୀଙ୍କ ଜରିଆରେ କେନ୍ଦ୍ର ସରକାର ଦେଉଥିବା ରାଶନକୁ ଲୁଟ୍ କରୁଥିଲେ।

■ ୩୭୦ ଉଚ୍ଛେଦ ବିରୋଧରେ ଆବେଦନର ଶୁଣାଣି

# କଶ୍ମୀରରେ ସ୍ୱାଭାବିକ ଅବସ୍ଥା ଫେରାଇଆଣିବାକୁ ପରାମର୍ଶ



ନୂଆଦିଲ୍ଲୀ,୧୬।୯(ପି.ଟି.)

କଶ୍ମୀର ଉପତ୍ୟକାରେ ଯଥାଶୀଘ୍ର ସମ୍ଭବ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ସମସ୍ତ ଉଦ୍ୟମ କରାଯାଉ ବୋଲି ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ତେବେ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପ୍ରକ୍ରିୟା ଚୟନାତ୍ମକ ଆଧାରରେ ହେବା ଆବଶ୍ୟକ ବୋଲି ମଧ୍ୟ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆର୍ଟର୍ନି ଜେନେରାଲ କେ.କେ.

☞ପୃଷ୍ଠା-୪

## ଆଜାଦଙ୍କୁ କଶ୍ମୀର ଯିବାକୁ ଅନୁମତି

ନୂଆଦିଲ୍ଲୀ,୧୬।୯(ପି.ଟି.)

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦଙ୍କୁ ଜମ୍ମୁ-କଶ୍ମୀର ଯିବା ଲାଗି ସୁପ୍ରିମକୋର୍ଟ ସୋମବାର ଅନୁମତି ପ୍ରଦାନ କରିଛନ୍ତି। ତେବେ ସେ କୌଣସି ରାଜନୈତିକ ସଭା କରିପାରିବେ ନାହିଁ ବୋଲି ଅଦାଲତ ସର୍ତ୍ତ ରଖିଛନ୍ତି। ଆଜାଦଙ୍କୁ ଶ୍ରୀନଗର, ଜମ୍ମୁ, ବାରମୁଲ୍ଲା ଓ ଅନନ୍ତନାଗ ଜିଲା ଯାଇ ଲୋକଙ୍କୁ ଭେଟିବା ପାଇଁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଖଣ୍ଡପୀଠ ଅନୁମତି ଦେଇଛନ୍ତି। ୩୭୦ ଉଚ୍ଛେଦ ପରେ ଆଜାଦ ତିନି ଥର କଶ୍ମୀର ଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କୁ ବିମାନ ବନ୍ଦରରୁ ଫେରାଇ ଦିଆଯାଇଥିଲା ବୋଲି ବରିଷ୍ଠ ଓକିଲ ଏ.ଏମ୍. ସିଂଘ୍‌ଭି କହିଥିଲେ। ଆଜାଦ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ଭେଟିବା ସମେତ କଟକଣା ଜାରି ପରେ ରାଜ୍ୟର ସାମାଜିକ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ କୋର୍ଟଙ୍କ ଅନୁମତି ଲୋଡିଥିଲେ।

**ବଢୁଛି ଭାରତୀୟଙ୍କ ଋଣ ବୋଝ**

**ଆଧାର ଲିଙ୍କ୍ ସତ୍ତ୍ୱେ ମିଳୁନି ଗ୍ୟାସ୍ ସବ୍‌ସିଡି**

........୩........

୨୬ ପୂର୍ବତନ ବିଧାୟକଙ୍କୁ ବାଚସ୍ପତିଙ୍କ ନୋଟିସ

# ତୁରନ୍ତ କ୍ୱାର୍ଟର୍ସ ଛାଡ଼, ନଚେତ୍ ବିଦ୍ୟୁତ୍, ପାଣି ବନ୍ଦ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ସରକାରୀ କ୍ୱାର୍ଟର୍ସଗୁଡ଼ିକୁ ତୁରନ୍ତ ଛାଡିବା ପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୋମବାର ୨୬ ଜଣ ପୂର୍ବତନ ବିଧାୟକଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହିତ ପାଣି ଓ ବିଦ୍ୟୁତ୍ ଯୋଗାଉଥିବା ବିଭାଗଗୁଡ଼ିକୁ ମଧ୍ୟ ନୋଟିସ ଜାରି କରାଯାଇଛି। ଯେଉଁ ପୂର୍ବତନ ବିଧାୟକମାନେ ଗତ ନିର୍ବାଚନରେ ପରାଜିତ ହୋଇ କ୍ୱାର୍ଟର୍ସ ଛାଡୁ ନାହାନ୍ତି ସେମାନେ ତୁରନ୍ତ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ ସେହି କ୍ୱାର୍ଟର୍ସକୁ ପାଣି ଓ ବିଦ୍ୟୁତ୍ ଯୋଗାଣ ବନ୍ଦ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବାଚସ୍ପତି ଗଣମାଧ୍ୟମକୁ କହିଛନ୍ତି। ସେହି କ୍ୱାର୍ଟର୍ସଗୁଡ଼ିକୁ ନୂତନ ବିଧାୟକମାନଙ୍କୁ ଆଲଟ୍ କରାଯାଇଛି। କ୍ୱାର୍ଟର୍ସ ଛାଡି ନ ଥିବାରୁ ନୂତନ ବିଧାୟକଙ୍କୁ ଯୋଗାଇ ଦିଆଯାଇ ପାରୁ ନାହିଁ। କ୍ୱାର୍ଟର୍ସ ଛାଡିବାକୁ ଯେଉଁମାନଙ୍କୁ ନୋଟିସ କରାଯାଇଛି ସେମାନେ ହେଲେ ପୂର୍ବତନ ବିଧାୟକ ବସନ୍ତ କୁମାର ପଣ୍ଡା, ବେଦ ପ୍ରକାଶ ଅଗ୍ରୱାଲ, ଭୁଜବଳ ମାଝି, ବିଭୂତି ଭୂଷଣ ହରିଚନ୍ଦନ, ବିଜୟଶ୍ରୀ ରାଉତରାୟ, ଦାମୋଦର ରାଉତ, ଦେବାଶିଷ ନାୟକ, ଧନେଶ୍ୱର ମାଝି, ଗୋଲକ ବିହାରୀ ନାଏକ, ଯୁଗଳ କିଶୋର ପଟ୍ଟନାୟକ, କିଶୋର ଚନ୍ଦ୍ର ତରାଇ, ମହେଶ ସାହୁ, ନନ୍ଦିନୀ ଦେବୀ, ନୀତେଶ ଗଙ୍ଗଦେବ, ପ୍ରଭାତ କୁମାର ତ୍ରିପାଠୀ, ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୁଷ୍ପେନ୍ଦ୍ର ସିଂଦେଓ, ରବି ନାରାୟଣ ନାଏକ, ରମେଶ ଚନ୍ଦ୍ର ମାଝି, ସାନନ୍ଦ ମାରାଣ୍ଡି, ସଞ୍ଜୟ କୁମାର ଦାସବର୍ମା, ସଞ୍ଜୀବ କୁମାର ସାହୁ, ସରୋଜ କୁମାର ସାମଲ, ସୁବଳ ସାହୁ, ସରୋଜିନୀ ହେମ୍ବ୍ରମ ଏବଂ ଝିନ୍ନ ହିକ୍କା। ଏଠାରେ ସୂଚନା ଯୋଗ୍ୟ ଯେ ଭୁଜବଳ ମାଝି ଏବଂ ରବି ନାରାୟଣ ନାୟକ ଦୁଇଟି ଲେଖାଏ

☞ପୃଷ୍ଠା-୪

**ରାଜ୍ୟର ବିଭିନ୍ନ ସ୍ଥାନରେ ଯାଞ୍ଚ**

# ଗୋଟିଏ ଦିନରେ ୧୪୧ ମଦ୍ୟପ ଗାଡ଼ିଚାଳକ ଗିରଫ

କଟକ ଅଫିସ, ୧୬।୯

ରାଜ୍ୟରେ ମଦ୍ୟପ ଗାଡି ଚାଳକଙ୍କୁ ନିସ୍ତାର ନାହିଁ। ସେମାନଙ୍କ ପ୍ରତି କଠୋର ଆଭିମୁଖ୍ୟ ଆପଣାଇଛି ପୋଲିସ। ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ଗିରଫ କରିବାକୁ ଡିଜିପି ବିଜୟ କୁମାର ଶର୍ମା କଡା ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ରବିବାର ରାତିରେ ବିଭିନ୍ନ ଜିଲାର ଜାତୀୟ ଓ ରାଜ୍ୟ ରାଜପଥରେ ପାଖାପାଖି ୫୫୦୦ ଗାଡି ଚାଳକଙ୍କୁ ପୋଲିସ ଯାଞ୍ଚ କରିଥିଲା। ସେଥିମଧ୍ୟରୁ ୧୪୧ଜଣ ମଦ୍ୟପ ଗାଡି ଚାଳକଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଗଞ୍ଜାମରେ ୨୬, ଯାଜପୁରରେ ୨୦, ସମ୍ବଲପୁରରେ ୧୮, ରାଉରକେଲାରେ ୧୬, ବ୍ରହ୍ମପୁରରେ ୧୨, ଜଗତ୍‌ସିଂହପୁରରେ ୧୨, ଗଜପତିରେ ୯, ଅନୁଗୋଳରେ ୬, ନବରଙ୍ଗପୁରରେ ୬, କୋରାପୁଟରେ ୫, ମୟୂରଭଞ୍ଜରେ ୪, କେନ୍ଦ୍ରାପଡାରେ ୨, ବାଲେଶ୍ୱର, ଖୋର୍ଦ୍ଧା, କନ୍ଧମାଳ, ସୁନ୍ଦରଗଡ, ସୋନପୁରର ଜଣେ ଲେଖାଏଁ ବ୍ୟକ୍ତି ରହିଛନ୍ତି। ସୂଚନାଯୋଗ୍ୟ, ଗତ ୬ରୁ ଏପର୍ଯ୍ୟନ୍ତ ପ୍ରାୟ ୪୨୬ ଜଣ ମଦ୍ୟପ ଗାଡିଚାଳକଙ୍କୁ ଗିରଫ କରାଯାଇଛି।





NECC NATIONAL EGG CO-ORDINATION COMMITTEE 16.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 69 | 118 | 128 |
| BDK | 69 | 118 | 128 |
| BLS | 68 | 116 | 126 |
| ANG | 69 | 118 | 128 |
| BHM | 65 | 113 | 123 |

*Conditions Apply

Eggs Retail Price- 47/-Dozen

Issued in the Interest of Consumers





**ଆଜିର ସମ୍ପାଦକୀୟ**

ଯୋଜନାର ପୁନଃ ସମୀକ୍ଷା

**ଆଜିର ମନ୍ତବ୍ୟ**

"ଏନ୍‌ଡିଏ ସରକାରରେ ଦେଶବ୍ୟାପୀ ହିଂସା, ଭୟ ଓ ଚିନ୍ତାର ବାତାବରଣ ଲାଗିରହିଛି।

-ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଅଗଷ୍ଟରେ ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ ଦ୍ୱାରା ମ୍ୟୁଚୁଆଲ୍ ଫଣ୍ଡ ସଂଗ୍ରହ ୭.୫% ବଢି ୮,୨୩୧ କୋଟି ଛୁଇଁଛି।

- ଷ୍ଟକ ବଜାର ଡିପୋଜିଟୋରୀ ଡାଟା





ANGUL: Authorised Main Dealers: ANGUL: Shree Durga TVS, Ph: 9861222572. DHENKANAL: Orissa TVS, Ph.: 8260250728.

Authorised Dealers: Pallahara, Phalguni Motors, Ph.: 06765279020; Kamakhyanagar, Priya Motors, Ph.: 9437332936; Talcher, Shree Durga Motors, Ph: 06760-241799; Gondia : Mohapatra Motors, Ph : 7008092305 ; Rasol: S.B.Motors, Ph : 9437663780; Jiral, Subham Automobiles, Ph : 7894884668, 9437549916; Parjang, Devi Motors, Ph : 9777112004; Mahaveer Motors, Banarpal, Ph : 9040267959; Mahidharpur, Urmila Motors, Ph : 9777930551; Bhuban, Vicky Auto, Ph : 06769-272720, 9937707823; Pallahara, Falguni Motors, Ph : 9437663970.



“ ନିଜ ଆତଙ୍କବାଦରୂପୀ ରାକ୍ଷସ କବଳରେ ପଡ଼ି ପାକିସ୍ତାନ ଧ୍ୱଂସ ପାଇଯିବ।
- ମୁକ୍ତାର ଆବାସ୍ ନକ୍‌ଭି, କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ



# ଭାରତ ମହାସାଗରରେ ଚାଇନାର ୭ ଯୁଦ୍ଧଜାହାଜ

ନୂଆଦିଲ୍ଲୀ, ୧୬।୯

- ପ୍ରଭାବ ବିସ୍ତାର ପିପୁଲ୍ସ ଲିବରେଶନ ଆର୍ମିର ମୁଖ୍ୟ ଲକ୍ଷ୍ୟ
- ଜିବୌଟିରେ ନୌସେନା ବେସ୍ ନିର୍ମାଣ କରୁଛି ଚାଇନା



ଭାରତ ମହାସାଗର ଅଞ୍ଚଳ ମଧ୍ୟରେ ଚାଇନାର ୭ଟି ଯୁଦ୍ଧଜାହାଜ ମୁତୟନ ହୋଇଥିବା ଜଣାପଡ଼ିଛି। ଉଭୟ ସ୍ଥଳ ଓ ନୌସେନାକୁ ସହାୟତା କରିବା ପାଇଁ ଉଦ୍ଦିଷ୍ଟ ୨୭୦୦୦ ଟନ୍‌ରୁ ଅଧିକ ଓଜନ ବିଶିଷ୍ଟ ଜାହାଜ ମଧ୍ୟ ସେଥିରେ ସାମିଲ ଥିବା ଭାରତୀୟ ନୌସେନା ଜାଣିବାକୁ ପାଇଛି। ଆମେରିକା ନିର୍ମିତ ପି-୮ଆଇ ଆଣ୍ଟିସବ୍‌ମେରିନ୍ ୱାରଫେୟାର ସ୍ୱାଏ ବିମାନ ଓ ଅନ୍ୟାନ୍ୟ ଗୋଇନ୍ଦା ଉପକରଣ ବ୍ୟବହାର କରି ନୌସେନା ଏହି ସୂଚନା ପାଇଛି। ଭାରତ ମହାସାଗର ଅଞ୍ଚଳରେ ଶକ୍ତି ପ୍ରଦର୍ଶନ କରିବା ଚାଇନା ପିପୁଲ୍ସ ଲିବରେଶନ ଆର୍ମି ନୌସେନାର ମୁଖ୍ୟ ଲକ୍ଷ୍ୟ। ଚାଇନାର ଅଧିକାଂଶ ବାଣିଜ୍ୟ କାରବାର ଭାରତ ମହାସାଗର ଅଞ୍ଚଳ ଦେଇ ହେଉଥିବାରୁ ସେମାନେ ଉକ୍ତ ଅଞ୍ଚଳରେ ପ୍ରଭାବ ବିସ୍ତାର କରିବାକୁ ଚାହାନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ଚଳିତ ମାସ ଆରମ୍ଭରେ ଚାଇନାର ଲ୍ୟାଣ୍ଡିଂ ପ୍ଲାଟଫର୍ମ ଡକ୍ (ଏଲ୍‌ପିଡି) ଜିଆନ୍-୩୨ ଶ୍ରୀଲଙ୍କା ଜଳରାଶିରେ ପ୍ରବେଶ କରିବା ପୂର୍ବରୁ ଭାରତ ମହାସାଗରର ଦକ୍ଷିଣ ଅଞ୍ଚଳ ଦେଇ ଅତିକ୍ରମ କରୁଥିବା ଦେଖାଯାଇଥିଲା। ପି-୮ଆଇ ଓ ଅନ୍ୟ ଗୋଇନ୍ଦା ବିମାନ ତାହାର ଫଟୋ ଉଠାଇଛନ୍ତି। ଚାଇନା ଜାହାଜଗୁଡ଼ିକର ଗତିବିଧି ଉପରେ କ୍ରମାଗତ ନଜର ରଖାଯାଇଛି। କେବଳ ଏଲ୍‌ପିଡି ନୁହେଁ ଜଳଦସ୍ୟୁ କବଳରୁ ଅନ୍ୟ ଜାହାଜକୁ ସୁରକ୍ଷା ଦେଉଥିବା ଏସ୍କର୍ଟ ଟାସ୍କଫୋର୍ସ ୩୨ ଓ ୩୩ର ତିନୋଟି ଲେଖାଏଁ ଜାହାଜ ମଧ୍ୟ ଭାରତ ମହାସାଗର ଅଞ୍ଚଳରେ ରହିଥିଲା। ସେଗୁଡ଼ିକ ଆଡେନ ଉପସାଗରରେ ମୁତୟନ ହେବାକୁ ଯାଉଛନ୍ତି। ଭାରତ ମହାସାଗରରେ ସେମାନେ ଭାରତୀୟ ଆର୍ଥିକ ଜୋନ୍ ଓ ଜଳରାଶି ମଧ୍ୟରେ ପ୍ରବେଶ କରିଥିବା ଦେଖାଯାଇଥିଲା। ଆଡେନ ଉପସାଗରରେ ଜଳଦସ୍ୟୁ ବିରୋଧୀ ସମରାଭ୍ୟାସ ପାଇଁ ଚାଇନା ନୌସେନା ୬ରୁ ୭ଟି ଯୁଦ୍ଧଜାହାଜ ମୁତୟନ କରିଥିବା କୁହାଯାଉଛି।

ଚାଇନା ନିଜର ଉପସ୍ଥିତିକୁ ଅଧିକ ସୁଦୃଢ଼ କରିବା ପାଇଁ ତୃତୀୟ ବିମାନବାହୀ ଯୁଦ୍ଧଜାହାଜ ନିର୍ମାଣ କରୁଛି। ଏହାକୁ ଖୁବ୍‌ଶୀଘ୍ର ଭାରତୀୟ ମହାସାଗର ଅଞ୍ଚଳରେ ମୁତୟନ କରିବାକୁ ଚାଇନା ନୌସେନା ଲକ୍ଷ୍ୟ ରଖିଛି। ଉକ୍ତ ଅଞ୍ଚଳକୁ କବ୍‌ଜାରେ ରଖିବାକୁ ବେଜିଂ ସବୁପ୍ରକାର ଉଦ୍ୟମ ଚଳାଇଛି। ଖାଲି ସେତିକି ନୁହେଁ ଏହାର ସାମରିକ ଅଭିଯାନକୁ ସହାୟତା କରିବା ଲାଗି ଜିବୌଟିରେ ନୌସେନା ବେସ୍ ନିର୍ମାଣ କରିଛି ଚାଇନା। ଜଳଦସ୍ୟୁ କବଳରୁ ଅନ୍ୟ ଜାହାଜମାନଙ୍କୁ ସୁରକ୍ଷା ଦେବା ନାଁରେ ୨୦୦୮ରୁ ଚାଇନା ନୌସେନା ଭାରତ ମହାସାଗର ଅଞ୍ଚଳରେ ସ୍ଥାୟୀ ଭାବେ ନିଜର ଅବସ୍ଥିତି ଜାହିର କରିଆସୁଛି।

ଭାରତୀୟ ନୌସେନା ଏବେ ଭାରତ ମହାସାଗରରେ ଏହାର ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବିକ୍ରମାଦିତ୍ୟ ମୁତୟନ କରିଥିବାବେଳେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦ୍ୱିତୀୟ ବିମାନବାହୀ ଯୁଦ୍ଧଜାହାଜ କୋଚି ସିପ୍‌ୟାର୍ଡରେ ନିର୍ମାଣାଧୀନ ଅଛି। ଏହାବ୍ୟତୀତ ଅନ୍ୟ ଏକ ୬୦ ହଜାର ଟନ୍ ଓଜନର ରଣତରୀ ନିର୍ମାଣ ପାଇଁ ନୌସେନା ଚାହୁଁଛି।

## ମୋଦିଙ୍କ ହ୍ୟୁଷ୍ଟନ ସମାବେଶରେ ଯୋଗଦେବେ ଆମେରିକା ରାଷ୍ଟ୍ରପତି

ୱାଶିଂଟନ/ନୂଆଦିଲ୍ଲୀ, ୧୬।୯




ଭାରତ-ଆମେରିକା ସମ୍ପର୍କ ବୃଦ୍ଧି ଲାଗି ଆସନ୍ତା ରବିବାର ହ୍ୟୁଷ୍ଟନ୍ ସହରରେ ଅନୁଷ୍ଠିତ ହେବାକୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିନନ୍ଦନ ସମାବେଶରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୋଗଦେବେ ବୋଲି ଜଣାପଡ଼ିଛି। ହ୍ୱାଇଟ ହାଉସ୍ ପକ୍ଷରୁ ଏହା ଘୋଷଣା କରାଯାଇଛି। ଭାରତୀୟ ଆମେରିକୀୟମାନଙ୍କ ପକ୍ଷରୁ ସେପ୍ଟେମ୍ବର ୨୨ରେ ଆୟୋଜିତ ଏହି ସମିଟ୍ ଅବସରରେ ମୋଦି ଓ ଟ୍ରମ୍ପ ଏକାଠି ହେବେ। ଏହା ବ୍ୟତୀତ ଆମେରିକା କଂଗ୍ରେସର ବହୁ ସଦସ୍ୟ, ବିଶିଷ୍ଟ ଶିଳ୍ପପତି, ବ୍ୟବସାୟୀ ଓ ଅନ୍ୟ ପ୍ରମୁଖ ବ୍ୟକ୍ତିମାନେ ସମିଟ୍‌ରେ ଯୋଗଦେବେ। ଏହି ଅବସରରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ମଧ୍ୟ ଘୋଷଣା ହେବା କାର୍ଯ୍ୟକ୍ରମ ରହିଛି। ଏକ ମିଳିତ ରାଲିରେ ଦୁଇ ବୃହତ୍ତ ଗଣତନ୍ତ୍ରର ପ୍ରମୁଖ ନେତା ଉଦ୍‌ବୋଧନ ଦେବା ପ୍ରଥମ ଘଟଣା ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ମେଗା ଅଭିନନ୍ଦନ ର୍‍ୟାଲିରେ ଆମେରିକାରେ ରହୁଥିବା ୫୦ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ସାମିଲ ହେବେ। ଦୁଇ ଦେଶର ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କକୁ ମଜଭୂତ କରିବାରେ ଏହା ବଡ଼ ସୁଯୋଗ ବୋଲି ହ୍ୱାଇଟ୍‌ହାଉସ ପ୍ରେସ୍ ସଚିବ ଷ୍ଟିଫେନି ଗ୍ରିଶାମ କହିଛନ୍ତି। ପ୍ରବାସୀ ଭାରତୀୟଙ୍କ ଗହଣରେ ସେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ସ୍ୱାଗତ କରିବେ ବୋଲି ମୋଦି ଟୁଇଟ୍ କରିଛନ୍ତି।

## ■ ଫାରୁକ୍ ଅବଦୁଲ୍ଲା ଅଟକ ଘଟଣା

# କେନ୍ଦ୍ର ଓ ଜମ୍ମୁ-କଶ୍ମୀରକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ/ଶ୍ରୀନଗର, ୧୬।୯ (ପି.ଟି.)



**ଅଟକକୁ ପିଏସ୍‌ଏରେ ଚ୍ୟାଲେଞ୍ଜ କରିବ ଏନ୍‌ସି**

ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲାଙ୍କୁ ଅଟକ ରଖାଯିବା ନେଇ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାର ଓ ରାଜ୍ୟ ପ୍ରଶାସନକୁ ଜବାବ ମାଗିଛନ୍ତି। ରାଜ୍ୟ ସଭା ସଦସ୍ୟ ତଥା ଏମ୍‌ଡିଏମ୍‌କେ ନେତା ଭାଇକୋଙ୍କ ଏ ସମ୍ପର୍କିତ ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୩୦କୁ ଧାର୍ଯ୍ୟ କରାଯାଇଛି। ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ନେତା ଫାରୁକଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିବା ଭାଇକୋ ତାଙ୍କ ପିଟିଶନ୍‌ରେ ଅଭିଯୋଗ କରିଥିଲେ। କେନ୍ଦ୍ର ଓ ରାଜ୍ୟ ପ୍ରଶାସନର କାର୍ଯ୍ୟ ସମ୍ପୂର୍ଣ୍ଣ ବେଆଇନ, ମନମାନି ଓ ଜୀବନ ସୁରକ୍ଷା ତଥା ବ୍ୟକ୍ତି ସ୍ୱାଧୀନତା ଅଧିକାରର ଉଲ୍ଲଂଘନ ବୋଲି ଭାଇକୋ କହିଛନ୍ତି।

ଅନ୍ୟପକ୍ଷରେ ଫାରୁକ୍‌ଙ୍କ ଅଟକକୁ ତାଙ୍କ ଦଳ ଜମ୍ମୁ-କଶ୍ମୀରର ଜନସୁରକ୍ଷା ଆଇନ (ପିଏସ୍‌ଏ)ରେ ଚ୍ୟାଲେଞ୍ଜ କରିବ ବୋଲି କହିଛି। ଏନ୍‌ସି ଅଧ୍ୟକ୍ଷଙ୍କୁ ଅଟକ ରଖିବାର କୌଣସି ଯଥାର୍ଥତା ନାହିଁ। ଯଦି ସେମାନେ ତାଙ୍କୁ ପିଏସ୍‌ଏରେ ଅଟକ ରଖିଥାନ୍ତି ତେବେ ଏହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କୋର୍ଟକୁ ଯିବେ ବୋଲି ବରିଷ୍ଠ ନେତା ମହମ୍ମଦ ଆକବର ଲୋନ୍ ଖବରଦାତାଙ୍କୁ କହିଛନ୍ତି।

## ନଭେମ୍ବର ୯ରୁ ଭାରତୀୟ ଶିଖ୍‌ଙ୍କ ପାଇଁ ଖୋଲିବ କର୍‌ତାରପୁର କରିଡର

ଲାହୋର, ୧୬।୯ (ପି.ଟି.)

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ନଭେମ୍ବର ମାସରେ କର୍‌ତାରପୁର କରିଡର ଭାରତୀୟ ଶିଖ୍ ତୀର୍ଥଯାତ୍ରୀମାନଙ୍କ ଲାଗି ଖୋଲିବାକୁ ଯାଉଛି। ଏହି ବହୁପ୍ରତୀକ୍ଷିତ ପ୍ରକଳ୍ପ ନଭେମ୍ବର ୯ରୁ ଖୋଲିବ ବୋଲି ପାକିସ୍ତାନ ସୋମବାର ଘୋଷଣା କରିଥିବାରୁ ଭାରତୀୟ ଶିଖ୍‌ମାନେ କର୍‌ତାରପୁର ସାହିବ୍‌ଙ୍କୁ ଦର୍ଶନ କରିବା ସୁଯୋଗ ପାଇବେ। ନରୋୱାଲସ୍ଥିତ ଏହି ପ୍ରସ୍ତାବିତ କରିଡର ଅଞ୍ଚଳକୁ ପାକିସ୍ତାନୀ ଓ ବିଦେଶୀ ଖବରଦାତାମାନଙ୍କ ଗସ୍ତ ବେଳେ ପ୍ରକଳ୍ପ ନିର୍ଦ୍ଦେଶକ ଅତିଫ୍ ମଜିଦ୍ ଏହି ଘୋଷଣା କରିଛନ୍ତି। ବର୍ତ୍ତମାନ ସୁଦ୍ଧା କରିଡରର ୮୬ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଏହା କର୍‌ତାରପୁରର ଦରବାର ସାହିବ ସହ ପଞ୍ଜାବର ଗୁର୍‌ଦାସପୁର ଜିଲାରେ ଥିବା ଡେରା ବାବା ନାନକ ପୀଠକୁ ସଂଯୋଗ କରିବ। ଭାରତୀୟ ତୀର୍ଥଯାତ୍ରୀ ବିନା ଭିସାରେ ସେଠାକୁ ଯାଇପାରିବେ।



ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସୋମବାର ରାଜସ୍ଥାନର କୋଟା ବନ୍ୟାଞ୍ଚଳ ବୁଲି ଦେଖୁଛନ୍ତି।

## ମହାରାଷ୍ଟ୍ରରେ କଂଗ୍ରେସ, ଏନ୍‌ସିପି ଆସନ ବୁଝାମଣା

ମୁମ୍ବାଇ, ୧୬।୯ (ପି.ଟି.)

ଆସନ୍ତା ମାସରେ ହେବାକୁ ଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲାଗି କଂଗ୍ରେସ ଓ ଏନ୍‌ସିପି ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ଉଭୟ ଦଳ ୧୨୫ ଆସନରେ ନିଜ ନିଜର ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ହୋଇଥିବା ଏନ୍‌ସିପି ମୁଖ୍ୟ ଶରଦ ପାୱାର ପ୍ରକାଶ କରିଛନ୍ତି। ମୋଟ ୨୮୮ ଆସନ ମଧ୍ୟରୁ ସହଯୋଗୀଙ୍କ ଲାଗି ୩୮ ଆସନ ଛଡ଼ାଯାଇଥିବା ସେ କହିଛନ୍ତି। ଏନ୍‌ସିପି ନୂଆ ଯୁବ ପ୍ରାର୍ଥୀଙ୍କୁ ଏଥର ଅଗ୍ରାଧିକାର ଦେବ ଓ କଂଗ୍ରେସ ସହ କେତେକ ଆସନ ଅଦଳବଦଳ ହେବାର ସମ୍ଭାବନା ରହିଛି ବୋଲି ସେ ମତ ଦେଇଛନ୍ତି।

## ‘ଆବଶ୍ୟକ ହେଲେ କଶ୍ମୀର ଯିବି’

ନୂଆଦିଲ୍ଲୀ, ୧୬।୯ (ଆଇଏଏନ୍‌ଏସ୍)



ଜଷ୍ଟିସ୍ ରଞ୍ଜନ ଗୋଗୋଇ

ଯଦି ଆବଶ୍ୟକ ପଡେ ସେ ନିଜେ ଜମ୍ମୁ-କଶ୍ମୀର ଯାଇ ସ୍ଥିତି ଅନୁଧ୍ୟାନ କରିବେ ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ସୋମବାର କହିଛନ୍ତି। ୩୭୦ ଉଚ୍ଛେଦ ପରବର୍ତ୍ତୀ କଟକଣା ଯୋଗୁ ଲୋକେ ସେମାନଙ୍କ ଅଭିଯୋଗର ସମାଧାନ ଲାଗି କୋର୍ଟ କଚେରି ଯାଇପାରୁନାହାନ୍ତି ବୋଲି ଜଣେ ଆବେଦନକାରୀ କହିବା ପରେ ସିଜେଆଇ ଉପରୋକ୍ତ ମତ ଦେଇଥିଲେ। ରାଜ୍ୟର ନ୍ୟାୟିକ ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ଜମ୍ମୁ-କଶ୍ମୀର ହାଇକୋର୍ଟଙ୍କୁ କହିଛନ୍ତି। ଉଚ୍ଚ ଅଦାଲତରେ ପହଞ୍ଚିବା ଅତ୍ୟନ୍ତ କଷ୍ଟକର ହେଉଛି ବୋଲି ବରିଷ୍ଠ ଆଇନଜୀବୀ ହୁଜେଫା ଅହମଦି କହିବା ପରେ ଆବଶ୍ୟକ ପଡିଲେ ନିଜେ ସେଠାକୁ ଯିବେ ବୋଲି ଜଷ୍ଟିସ୍ ଗୋଗୋଇ କହିଥିଲେ।

## ୟୁପିରେ ଅନର କିଲିଂ

## ଦଳିତ ଯୁବକଙ୍କୁ ଜିଅନ୍ତା ଜାଳିଦେଲେ

ହର୍ଦୋଇ, ୧୬।୯ (ପି.ଟି.)

ଅନ୍ୟ ଜାତିର ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ଜଣେ ଦଳିତ ଯୁବକଙ୍କୁ ଜିଅନ୍ତା ଜାଳି ଦିଆଯାଇଛି। ଉତ୍ତରପ୍ରଦେଶ(ୟୁପି)ର ହର୍ଦୋଇ ଜିଲା ଅନ୍ତର୍ଗତ ଭଦେଶାରେ ଏଭଳି ଘଟଣା ଘଟିଥିବା ପୋଲିସ କହିଛି। ଅଭିଷେକ ଓରଫ୍ ମୋନୁ(୨୦)ଙ୍କୁ ଏକ ଘରେ ବାନ୍ଧିଦିଆଯାଇ ଶେଷରେ ଜିଅନ୍ତା ଜାଳିଦିଆଯାଇଥିବା ଏସ୍‌ପି ଆଲୋକ ପ୍ରିୟଦର୍ଶୀ ପ୍ରକାଶ କରିଛନ୍ତି। ଏହି ଖବର ଶୁଣି ମୃତ ଯୁବକଙ୍କ ମା’ ହୃଦ୍‌ଘାତରେ ଆଖି ବୁଜିଦେଇଥିବା ଜଣାପଡ଼ିଛି। ମା’ଙ୍କ ଚିକିତ୍ସା ଲାଗି ମୋନୁ ୨୫ ହଜାର ଟଙ୍କା ଯୋଗାଡ଼ କରି ଫେରୁଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମାମୁ ରାଜୁ ପୋଲିସକୁ କହିଛନ୍ତି। ଏନେଇ ପୋଲିସ ମାମଲା ରୁଜୁ କରିଥିବାବେଳେ ତଦନ୍ତ ଜାରିରହିଥିବା ପ୍ରକାଶ।

## ଭାରତ, ସିଙ୍ଗାପୁର, ଥାଇଲାଣ୍ଡ ମିଳିତ ନୌସମରାଭ୍ୟାସ

ନୂଆଦିଲ୍ଲୀ, ୧୬।୯ (ପି.ଟି.)

ପୋର୍ଟ ବ୍ଲେୟାରରେ ସୋମବାରଠାରୁ ଭାରତ, ସିଙ୍ଗାପୁର ଓ ଥାଇଲାଣ୍ଡ ନୌସେନା ପକ୍ଷରୁ ତ୍ରିପାକ୍ଷିକ ସମରାଭ୍ୟାସ ଆରମ୍ଭ ହୋଇଛି। ଏହାବ୍ୟତୀତ ମୈତ୍ରୀ ନାମରେ ଭାରତ ଓ ଥାଇଲାଣ୍ଡ ସେନା ମଧ୍ୟରେ ଦ୍ୱିପାକ୍ଷିକ ସମରାଭ୍ୟାସ ମେଘାଳୟର ଉମ୍ରୋଇସ୍ଥିତ ଫରେନ୍ ଟ୍ରେନିଂ ନୋଡ୍ (ଏଫ୍‌ଟିଏନ୍)ରେ ଆରମ୍ଭ ହୋଇଥିବା ପ୍ରତିରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି। ୫ ଦିନିଆ ତ୍ରିପାକ୍ଷିକ ନୌସମରାଭ୍ୟାସରେ ଭାରତୀୟ ଯୁଦ୍ଧଜାହାଜ ରଣବୀର ସହିତ ସିଙ୍ଗାପୁରର ଆର୍‌ଏସ୍‌ଏନ୍ ଟେନାସିଅସ୍ ଏବଂ ଥାଇଲାଣ୍ଡର କ୍ରବୁରୀ ସାମିଲ ହୋଇଛି। ଏହାବ୍ୟତୀତ ଅନ୍ୟାନ୍ୟ ଯୁଦ୍ଧ ସରଞ୍ଜାମ ମଧ୍ୟ ଏଥିରେ ସ୍ଥାନ ପାଇଛି। ଏବେ ପୋର୍ଟ ବ୍ଲେୟାର ବନ୍ଦର ଅଞ୍ଚଳରେ ସମରାଭ୍ୟାସ ଆରମ୍ଭ ହୋଇଥିବାବେଳେ ୧୮ରୁ ୨୦ ପର୍ଯ୍ୟନ୍ତ ସମୁଦ୍ର ପର୍ଯ୍ୟାୟ ସମରାଭ୍ୟାସ ଚାଲିବ। ତିନି ଦେଶ ମଧ୍ୟରେ ସାମୁଦ୍ରିକ ସମ୍ପର୍କ ବୃଦ୍ଧି କରିବା ଏହି ସମରାଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ।

## ସେଲ୍‌ଟର ହୋମ୍ ଅନ୍ତେବାସୀଙ୍କୁ ଗଣବଳାତ୍କାର

ପାଟନା, ୧୬।୯ (ପି.ଟି.)

ମୁଜାଫରପୁର ସେଲ୍‌ଟର ହୋମରେ ବଳାତ୍କାରର ଶିକାର ହୋଇ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପରିବାର ସହ ଏକାଠି ହୋଇଥିବା ଯୁବତୀଙ୍କୁ ଚଳନ୍ତା କାର୍‌ରେ ପୁଣି ଗଣବଳାତ୍କାର କରାଯାଇଛି। ପଶ୍ଚିମ ଚମ୍ପାରନ୍ ଜିଲାର ବେଟିଆ-ପଖ୍‌ନାହା ରାସ୍ତାରେ ୪ ଯୁବକ ତାଙ୍କୁ ଉଠାଇନେଇ ବଳାତ୍କାର କରିଥିବା ଜଣାପଡ଼ିଛି। ଅପରାଧୀଙ୍କୁ ଧରିବା ଲାଗି ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି। ଯୁବତୀ ଜଣକ ଭଉଣୀ ଘରକୁ ଯାଉଥିଲାବେଳେ ଏଭଳି ଅଘଟଣର ସମ୍ମୁଖୀନ ହୋଇଥିଲେ। ବଳାତ୍କାର ପରେ ଯୁବତୀଙ୍କୁ ରାସ୍ତା ମଝିରେ ଫିଙ୍ଗିଦେଇ ସେମାନେ ଚାଲିଯାଇଥିଲେ।

# ଥାଇ ମନ୍ଦିରରୁ ନିଆଯାଇଥିବା ୮୦ ବାଘ ମୃତ

ବ୍ୟାଙ୍କକ୍, ୧୬।୯ (ଏଏଫପି)



ଥାଇଲାଣ୍ଡର ଏକ ବିବାଦୀୟ ମନ୍ଦିରରୁ ଉଦ୍ଧାର କରାଯାଇ ଅନ୍ୟତ୍ର ନିଆଯାଇଥିବା ୧୪୭ ବାଘ ମଧ୍ୟରୁ ପାଖାପାଖି ୮୦ଟିର ମୃତ୍ୟୁ ଘଟିଛି। ଜିନ୍‌ଗତ ସମସ୍ୟା ଯୋଗୁ ସେମାନଙ୍କ ମୃତ୍ୟୁ ହୋଇଥିବା ଅଭୟାରଣ୍ୟ କର୍ତ୍ତୃପକ୍ଷ କହିଛନ୍ତି। ଥାଇଲାଣ୍ଡର କାଞ୍ଚନବୁରୀ ପ୍ରଦେଶର ୱାଟ ଫା ଲୁଆଙ୍ଗ ଟା ବୁଆ ମନ୍ଦିରରେ ଶତାଧିକ ବାଘ ରହିଥିଲେ। ପର୍ଯ୍ୟଟକମାନେ ସେଠାକୁ ଯାଇ ଟଙ୍କା ଦେଇ ବାଘ ସହ ଫଟୋ ଉଠାଉଥିଲେ। ଉପଯୁକ୍ତ ପରିଚାଳନା ଓ ରକ୍ଷଣାବେକ୍ଷଣ ଅଭାବ ଅଭିଯୋଗ ହୋଇଥିଲା। ବାଘ କଙ୍କାଳ ବହୁମୂଲ୍ୟରେ ମନ୍ଦିର କର୍ତ୍ତୃପକ୍ଷ ବିକ୍ରି କରୁଥିବା ମଧ୍ୟ ଗୁଜବ ପ୍ରଚାର ହୋଇଥିଲା। ଫଳରେ ୨୦୧୬ରେ ଅଭୟାରଣ୍ୟ କର୍ତ୍ତୃପକ୍ଷ ବାଘଗୁଡ଼ିକୁ ଉଦ୍ଧାର କରି ଅନ୍ୟତ୍ର ନେବା ଆରମ୍ଭ କଲେ। ସେମାନଙ୍କୁ ରାତଚାବୁରି ପ୍ରଦେଶ ନିକଟବର୍ତ୍ତୀ ଦୁଇଟି ପ୍ରଜନନ କେନ୍ଦ୍ରରେ ରଖାଯାଇଥିଲେ ହେଁ ୧୪୭ ବାଘରୁ ବର୍ତ୍ତମାନ ମାତ୍ର ୬୧ଟି ବଞ୍ଚି ରହିଛନ୍ତି।

## ଆନ୍ଧ୍ରପ୍ରଦେଶର ପୂର୍ବତନ ବାଚସ୍ପତିଙ୍କ ଆତ୍ମହତ୍ୟା

ହାଇଦ୍ରାବାଦ, ୧୬।୯ (ପି.ଟି.)



କୋଡେଲା ଶିବପ୍ରସାଦ ରାଓ

ଆନ୍ଧ୍ରପ୍ରଦେଶର ପୂର୍ବତନ ବାଚସ୍ପତି ତଥା ଟିଡିପି ନେତା କୋଡେଲା ଶିବପ୍ରସାଦ ରାଓ (୭୨) ସୋମବାର ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲାବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଛି। ଆତ୍ମହତ୍ୟାର ପ୍ରକୃତ କାରଣ କ’ଣ, ତାହା ଅଦ୍ୟାବଧି ଜଣାପଡ଼ିନାହିଁ। ଏନେଇ ତଦନ୍ତ କରାଯାଉଥିବା ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି। ଟିଡିପି ପଲିଟ୍‌ବ୍ୟୁରୋ ସଦସ୍ୟ ଆର୍. ଚନ୍ଦ୍ରଶେଖର ରେଡ୍ଡୀ କହିଛନ୍ତି, ରାଓଙ୍କ ଝିଅ ମଧ୍ୟ ତାଙ୍କ ମୃତ୍ୟୁର କାରଣ ଜାଣି ନ ଥିବା କହିଛନ୍ତି। ଚଳିତବର୍ଷ ମେ’ରେ ହୋଇଥିବା ବିଧାନସଭା ନିର୍ବାଚନରେ ରାଓ ପରାଜୟବରଣ କରିଥିଲେ। ୨୦୧୪-୧୯ରେ ସେ ଗୁଣ୍ଟୁର ଆସନରୁ ଜିଣି ବିଧାନସଭା ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ୬ ଥର ସେ ଏହି ଆସନରୁ ବିଜୟୀ ହୋଇଥିଲେ। ପୂର୍ବରୁ ସେ ରାଜ୍ୟର ଏକାଧିକ ମନ୍ତ୍ରଣାଳୟ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପରଲୋକରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ଭାଜପା ମୁଖ୍ୟ କେ. ଲକ୍ଷ୍ମଣ ଓ ଅନ୍ୟମାନେ ଶୋକବ୍ୟକ୍ତ କରିଛନ୍ତି।

# ହଂକଂରେ ବିକ୍ଷୋଭ ବେଳେ ପୁଣି ହିଂସା

ହଂକଂ, ୧୬।୯ (ଏଏଫ୍‌ପି)

ଦୀର୍ଘଦିନ ଧରି ହଂକଂରେ ଚାଲିଥିବା ସରକାର ବିରୋଧୀ ବିକ୍ଷୋଭ ରବିବାର ପୁଣିଥରେ ହିଂସାତ୍ମକ ରୂପ ନେଇଛି। ଗଣତନ୍ତ୍ର ସପକ୍ଷବାଦୀ ବିକ୍ଷୋଭକାରୀଙ୍କୁ ତଡ଼ିବା ପାଇଁ ହଂକଂର ଦଙ୍ଗା ନିୟନ୍ତ୍ରଣ ପୋଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ସହ ପାଣିମାଡ଼ କରିଛି। ଅନ୍ୟପକ୍ଷରେ ବିକ୍ଷୋଭକାରୀମାନେ ମଧ୍ୟ ପୋଲିସ ଉପରକୁ ଟେକାମାଡ଼ କରିବା ସହ ପେଟ୍ରୋଲ ବୋମା ଫିଙ୍ଗିଥିଲେ। ପ୍ରଶାସନର ବିରୋଧ ସତ୍ତ୍ୱେ ହଜାର ହଜାର ବିକ୍ଷୋଭକାରୀ ଶୋଭାଯାତ୍ରାରେ ବାହାରିଥିଲେ। ତେବେ ଆନ୍ଦୋଳନକାରୀଙ୍କ ମଧ୍ୟରେ ଥିବା ଚରମପନ୍ଥୀ ଗୋଷ୍ଠୀର ସଦସ୍ୟମାନେ ସହରର କେତେକ ସରକାରୀ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବାରୁ ବିକ୍ଷୋଭ ହିଂସାତ୍ମକ ହୋଇଥିଲା। ବିକ୍ଷୋଭକାରୀମାନେ କମ୍ୟୁନିଷ୍ଟ ଚାଇନା ପ୍ରତିଷ୍ଠାର ୭୦ତମ ବାର୍ଷିକୀ ପାଳନ ପାଇଁ ଲଗାଯାଇଥିବା ବ୍ୟାନର ପୋଡିବା ସହ ଚାଇନା ପତାକା ଜାଳୁଥିବା ସ୍ଥାନୀୟ ଟେଲିଭିଜନରେ ପ୍ରସାରିତ ହୋଇଛି। କେତେକ ସ୍ଥାନରେ ବିକ୍ଷୋଭକାରୀ ଭଙ୍ଗାରୁଜା କରିଥିଲେ। ହଂକଂ କର୍ତ୍ତୃପକ୍ଷ ପ୍ରତ୍ୟର୍ପଣ ବିଲ୍ ପ୍ରତ୍ୟାହାର କରିନେଇଥିଲେ ହେଁ ଅଧିକ ଗଣତାନ୍ତ୍ରିକ ସ୍ୱାଧୀନତା ଦାବିରେ ବିକ୍ଷୋଭ ଜାରି ରହିଛି।

## ■ ଶ୍ରୀନଗରରେ ୨ ଡଜନ ଆତଙ୍କବାଦୀ

# ଦୋକାନୀଙ୍କୁ ଦେଉଛନ୍ତି ଖୋଲା ଧମକ

ଶ୍ରୀନଗର, ୧୬।୯ (ପି.ଟି.)



ଶ୍ରୀନଗରରେ ଏବେ ଦୁଇ ଡଜନ ଆତଙ୍କବାଦୀ ସକ୍ରିୟ ରହିଛନ୍ତି। ସେମାନେ ସହର ଓ ଏହାର ଆଖପାଖରେ ଅବାଧରେ ବୁଲୁଛନ୍ତି ଏବଂ ବ୍ୟବସାୟୀମାନଙ୍କୁ ଦୋକାନ ନ ଖୋଲିବା ପାଇଁ ଖୋଲା ଧମକ ଦେଉଛନ୍ତି। ଏହା ସୁରକ୍ଷା ବଳ ପାଇଁ ଚିନ୍ତାର କାରଣ ସାଜିଛି। ପୂର୍ବରୁ ଆତଙ୍କବାଦ ନିରୋଧୀ ଅପରେଶନଗୁଡ଼ିକରେ ଟେକାମାଡ଼ ପାଇଁ ଆତଙ୍କବାଦୀମାନେ ଉସୁକାଇ ସ୍ଥିତିକୁ ଅଧିକ ସଙ୍ଗିନ କରିଦେଇଥିଲେ। ତେଣୁ ଯେପରି ଏହାର ପୁନରାବୃତ୍ତି ନ ଘଟିବ, ତାହା ସୁନିଶ୍ଚିତ କରିବା ଲାଗି ଯବାନମାନେ ସବୁ ପ୍ରକାର ପ୍ରତିଷେଧମୂଳକ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି।

ଶ୍ରୀନଗରରେ ଆତଙ୍କବାଦୀମାନେ ମୁକୁଳା ବୁଲୁଛନ୍ତି। ଆତଙ୍କବାଦୀମାନେ ଲୋକଙ୍କୁ ସେମାନଙ୍କ ଅନୁସାରେ ଚଳିବା ପାଇଁ କହୁଛନ୍ତି। ଆନ୍‌ଚର ଲେକ୍ ଓ ସୌରା ଅଞ୍ଚଳକୁ ସେମାନେ ବନ୍ଦକରି ରଖିଛନ୍ତି। ଦୋକାନ ବଜାର ନ ଖୋଲିବା ପାଇଁ ବ୍ୟବସାୟୀଙ୍କୁ ଧମକ ଦେଉଛନ୍ତି। ଏହି ବିଷୟକୁ ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲବାଗ୍ ସିଂ ମଧ୍ୟ ସ୍ୱୀକାର କରିଛନ୍ତି।

## ସଂକ୍ଷେପରେ

### ଡ୍ରଗ୍ସ ଡିଲର ଏସ୍.କେ. ରାଜା ଗିରଫ

**୧୩୦ ଗ୍ରାମର ବ୍ରାଉନ୍‌ସୁଗାର, ୧ ଲକ୍ଷ ଟଙ୍କା, ବନ୍ଧୁକ ଜବତ**

**ଭୁବନେଶ୍ୱର,୧୬।୯(ବ୍ୟୁରୋ):** ବ୍ରାଉନ୍‌ସୁଗାର ବ୍ୟବସାୟର କିଙ୍ଗପିନ୍ ତଥା ଓଡ଼ିଶା ପୋଲିସ୍‌ର ମୋଷ୍ଟ ୱାଣ୍ଟେଡ୍ ଡ୍ରଗ୍ସ ଡିଲର ଏସ୍.କେ ରାଜା(୨୯)ଙ୍କୁ ଏସ୍‌ଟିଏଫ୍ ଖୋର୍ଦ୍ଧାରୁ ଗିରଫ କରିଛି। ତାଙ୍କ ନିକଟରୁ ୧୩୦ ଗ୍ରାମର ବ୍ରାଉନସୁଗାର, ଗୋଟିଏ ବନ୍ଧୁକ, ଗୁଳି, ୧ ଲକ୍ଷ ଟଙ୍କା, ଗୋଟିଏ କାର ଓ ୬ ମୋବାଇଲ୍ ଫୋନ୍‌କୁ ଜବତ କରିଛି। ତାଙ୍କ ନାମରେ ଏସ୍‌ଟିଏଫ୍ ଦଫା ୨୫/୨୭ ଆର୍ମସ ଆକ୍ଟ ସହ ଏନ୍‌ଡିପିଏସ୍‌ରେ ମାମଲା (ନଂ.୧୨/୧୯) ରୁଜୁ କରି କୋର୍ଟ ଚାଲାଣ କରିଛି। ତେବେ ତାଙ୍କୁ ପଚରାଉଚରା ସମୟରେ ବହୁ ତଥ୍ୟ ମିଳିଛି। ସେ ବାଂଲାଦେଶରୁ ଜଳପଥରେ ବ୍ରାଉନସୁଗାର ଓ ଅନ୍ୟ ନିଶାଦ୍ରବ୍ୟ ଓଡ଼ିଶା ଏବଂ ଅନ୍ୟ ରାଜ୍ୟକୁ ଚୋରା ଚାଲାଣ କରୁଥିବା ଜଣାପଡିଛି। ତାଙ୍କ ନିଶା ସାମ୍ରାଜ୍ୟର ଖୋଳତାଡ଼ ପାଇଁ ରାଜାଙ୍କୁ ୭ଦିନ ରିମାଣ୍ଡରେ ଆଣିବାକୁ ଏସ୍‌ଟିଏଫ୍ ଆବେଦନ କରିଛି। ସୂଚନାଯୋଗ୍ୟ, ମାସକ ତଳେ ରାଜାଙ୍କ ସହଯୋଗୀ ଏସ୍.କେ. ଆଜବାହର, ଏସ୍.କେ. ଆଜାଦ ଓ ରମାକାନ୍ତ ସାହୁ ଗିରଫ ହୋଇଥିଲେ। ସେହିଭଳି ଜେଲ୍‌ରେ ଥିବା ଖୋର୍ଦ୍ଧାର ବ୍ରାଉନ୍‌ସୁଗାର ବେପାରି ଛୋଟା ଓ ସହଯୋଗୀଙ୍କଠାରୁ ରାଜାଙ୍କ ସମ୍ପର୍କରେ ଏସ୍‌ଟିଏଫ୍ ସୂଚନା ପାଇବା ପରେ ଧରିବାକୁ ଯୋଜନା ହୋଇଥିଲା। ଗତ କିଛିଦିନ ତଳେ ମାଛ ପେଟରେ ବ୍ରାଉନସୁଗାର ଭର୍ତ୍ତି କରାଯାଇ ବାଂଲାଦେଶରୁ ବୋଟରେ ଓଡ଼ିଶା ଆସୁଥିବାବେଳେ ବାଲେଶ୍ୱର ପୋଲିସ ଜବତ କରିଥିଲା। ଏହି ଘଟଣାରେ ରାଜା ମୁଖ୍ୟ କାର୍ପେଟଦାର ଥିବା ଜଣାପଡିଥିଲା।

### ବାପାଙ୍କ ମୃତଦେହକୁ ବାଇକ୍‌ରେ ନେଲେ ପୁଅ

ନବରଙ୍ଗପୁର/ଉମରକୋଟ,୧୬।୯(ବି.ପ୍ର./ଡି.ଏନ.ଏ)-ଦେଶୀ ଚିକିତ୍ସା ପାଇଁ ବାପାଙ୍କୁ ଆଣିଥିବା ବେଳେ ମୃତ୍ୟୁ ଘଟିଥିଲା। ବାପାର ମୃତଦେହକୁ ଏକ କାଠପଟାରେ ବାନ୍ଧି ବାଇକରେ ପୁଅ ଘରକୁ ଆଣୁଥିଲେ। ଦୀର୍ଘ ୨୨ କି.ମି ପର୍ଯ୍ୟନ୍ତ ମୃତଦେହକୁ ରବିବାର ରାତିରେ ଏପରି ଧରି ଆସିବା ପରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଡିଏନକେ ଗୋପବନ୍ଧୁ ଛକ ନିକଟରେ ଲୋକମାନଙ୍କ ନଜର ପଡିଥିଲା। ଲୋକମାନେ ବାଇକକୁ ଅଟକାଇ ସ୍ଥାନୀୟ ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ଶବବାହକ ଗାଡିରେ ମୃତଦେହ ପଠାଯାଇଥିଲା।

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁଡୁମଧରା ଗାଁର ବଳି ସାନ୍ତା ଝରିଗାଁ ବ୍ଲକ ବଂଶିବନ୍ଧା ଗାଁକୁ ଦେଶୀ ଚିକିତ୍ସା ପାଇଁ ପୁଅ ଲକି ସାନ୍ତା ସହ ଆସିଥିଲେ। ସେଠାରେ ବଳିଙ୍କ ଅବସ୍ଥା ଗୁରୁତର ହେବାରୁ ଲକି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସି ନ ଥିଲା। ଇତି ମଧ୍ୟରେ ବଳିଙ୍କ ମୃତ୍ୟୁ ଘଟିଥିଲା। ବଳିଙ୍କ ମୃତଦେହକୁ ଏକ କାଠ ପଟା ଉପରେ ବାନ୍ଧି ଅନ୍ୟ ଜଣଙ୍କ ସହାୟତାରେ ବାଇକ ପଛରେ ରଖି ଲକି କୁଡମଧରା ଗାଁକୁ ନେଉଥିଲେ। ଉମରକୋଟ ଡିଏନକେ ଗୋପବନ୍ଧୁ ଛକ ନିକଟରେ ଲୋକମାନେ ଏହା ଦେଖି ମୃତଦେହକୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ପରାମର୍ଶ ଦେଇଥିଲେ।

### କନ୍ଦଳକୁ ନେଇ ଚର୍ଚ୍ଚାରେ କଂଗ୍ରେସ

**ଭୁବନେଶ୍ୱର,୧୬।୯(ବ୍ୟୁରୋ):** କିଛିଦିନ ହେବା ନିଷ୍କ୍ରିୟ ହୋଇପଡିଥିବା କଂଗ୍ରେସ ପୁଣିଥରେ ଦଳୀୟ କନ୍ଦଳକୁ ନେଇ ଚର୍ଚ୍ଚାକୁ ଆସିଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ମନ୍ତବ୍ୟ ରଖିବା ଯୋଗୁ ରବିବାର ଇତିଶ ପ୍ରଧାନଙ୍କୁ ଏନ୍‌ଏସ୍‌ୟୁଆଇ ଓଡିଶା ଇନ୍‌ଚାର୍ଜ ମୋଥା ରୋହିତ ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରିଛନ୍ତି। ଅନ୍ୟପଟେ ନିଲମ୍ବନ ଆଦେଶ ମିଳିବାପରେ ଇତିଶ ପୁଣିଥରେ ନିରଞ୍ଜନଙ୍କ ଉପରେ ବର୍ଷିଛନ୍ତି। ସେ ଯୁଆଡେ ଯିବେ ତାଙ୍କୁ ଅଣ୍ଡା ମାଡ଼ କରାଯିବ ବୋଲି ଇତିଶ କହିଛନ୍ତି। ଅନ୍ୟପଟେ ଏଆଇସିସି ସଦସ୍ୟ ମନୀଷା ତ୍ରିପାଠୀ ସୋମବାର ରାଜ୍ୟ କାର୍ଯ୍ୟାଳୟ ଠାରେ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଦଳୀୟ ବିଶୃଙ୍ଖଳାକୁ ଆଧାର କରି ନିଖିଳ ଭାରତ ଛାତ୍ର କଂଗ୍ରେସ ଓଡ଼ିଶା ପ୍ରଭାରୀ ଇତିଶଙ୍କୁ ନିଲମ୍ବନ କରିଛନ୍ତି। ଇତିଶ ନିରଞ୍ଜନଙ୍କ ଚରିତ୍ର ଉପରେ କଟୁ ସମାଲୋଚନା ଓ ବିଭିନ୍ନ ଅଭଦ୍ରୋଚିତ ଭାଷା ପ୍ରୟୋଗ କରିଥିଲେ। ଏନେଇ ଏଆଇସିସି ନିକଟରେ ଅଭିଯୋଗ କରାଯିବ। ଇତିଶଙ୍କୁ ୬ବର୍ଷ ପାଇଁ ବହିଷ୍କାର କରିବାକୁ ଦାବି କରିବୁ। ଏହାସହ ସେମାନେ କ୍ୟାପିଟାଲ ଥାନାରେ ଇତିଶଙ୍କୁ ଗିରଫ କରିବା ଦାବି କରିଛନ୍ତି।




# ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ଫୁଲବାଣୀ ଅଫିସ, ୧୬।୯**

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ରେଡ ଫ୍ଲାଗ ତାଲିକାଭୁକ୍ତ ଏହି ମାମଲାର ବିଚାର କରି ଫୁଲବାଣୀ ଅତିରିକ୍ତ ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟ ବିଚାରପତି ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୬ ମାସ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାଇକିଆ ଥାନା ଅଞ୍ଚଳର ମନେନ୍ଦ୍ର ଦିଗାଲ।

୨୦୧୬ ନଭେମ୍ବର ୧୬ ତାରିଖରେ ରାଇକିଆ ଥାନା ଅଞ୍ଚଳର ନାବାଳିକା (୭ ବର୍ଷ) ଜଣକ ସ୍କୁଲରୁ ଫେରି ପାଖ ଘରକୁ ଟିଭି ଦେଖିବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଝିଅ ନ ଫେରିବାରୁ ମା' ସେଠାକୁ ଯାଇଥିଲେ। ଝିଅକୁ ନ ପାଇ ସେଠାରୁ ନଦୀ ଆଡ଼େ ଖୋଜିବାକୁ ଯାଇଥିଲେ। ବାଟରେ ମନେନ୍ଦ୍ରକୁ ଦେଖି ଝିଅ ସମ୍ପର୍କରେ ପଚାରିବାରୁ ଆମେ କାଠ ଗୋଟାଇବାକୁ ଯାଇଥିଲୁ ବୋଲି ସେ କହିଥିଲେ। ମା'ଙ୍କ ପାଟି ଶୁଣି ନାବାଳିକା ଜଣକ କାନ୍ଦି କାନ୍ଦି ସେଠାରେ ପହଞ୍ଚିଥିଲେ। ମନେନ୍ଦ୍ର ତାଙ୍କୁ ନଦୀ ଆଡ଼େ ଡାକି ନେଇ ବଳାତ୍କାର କରିଥିବା ଓ ଏ ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରି ଦେବେ ବୋଲି ଧମକ ଦେଇଥିବା ନାବାଳିକା ଜଣକ ଘରକୁ ଆସିବା ପରେ ମା'ଙ୍କୁ କହିଥିଲେ। ଘଟଣା ପରଦିନ ଏ ନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୧/୧୬ରେ ଏକ ମାମଲା ରୁଜୁ କରି ମନେନ୍ଦ୍ରଙ୍କୁ କୋର୍ଟଚାଲାଣ କରିଥିଲା। ଉପଯୁକ୍ତ ସାକ୍ଷ୍ୟପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ କୁମାର ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ଆଧାର ଲିଙ୍କ୍ ସତ୍ତ୍ୱେ ଗ୍ୟାସ୍ ସବ୍‌ସିଡି ନାହିଁ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

୨୦୧୪ରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆସିବା ପରେ ପ୍ରତ୍ୟେକ ଘରେ ଗ୍ୟାସ୍ ସଂଯୋଗ କରାଇବା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲା। ସବୁଘରେ ସ୍ୱଚ୍ଛ ଇନ୍ଧନ ପହଞ୍ଚାଇବା ଲକ୍ଷ୍ୟ ରଖି କେନ୍ଦ୍ର ସରକାର ୨୦୧୬ ମେ ୧ରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା(ପିଏମ୍‌ୟୁୱାଇ)ଆରମ୍ଭ କରିଥିଲେ। ଏହା ପରଠାରୁ ୨୦୧୯ ସେପ୍ଟେମ୍ବର ୭ ସୁଦ୍ଧା କେନ୍ଦ୍ର ସରକାର ୮କୋଟି ଉଜ୍ଜ୍ୱଳା ସଂଯୋଗ କରିବାକୁ ରଖିଥିବା ଲକ୍ଷ୍ୟ ପୂରଣ କରିପାରିଥିବା ସୂଚନା ଦିଆଯାଇଛି। ଓଡ଼ିଶାରେ ୮୭ଲକ୍ଷ ୫୭ ହଜାର ଲୋକ ଗ୍ୟାସ୍ ସଂଯୋଗ ନେଇଛନ୍ତି। ସେଥିମଧ୍ୟରୁ ଉଜ୍ଜ୍ୱଳା ଯୋଜନାରେ ଓଡ଼ିଶାରେ ବର୍ତ୍ତମାନ ପର୍ଯ୍ୟନ୍ତ ୪୭ଲକ୍ଷ ୪୦ ହଜାର ଲୋକ ଗ୍ୟାସ ସଂଯୋଗ ନେଇଥିବା ଜଣାପଡିଛି। ଉପଭୋକ୍ତାମାନଙ୍କ ପାଇଁ କେନ୍ଦ୍ର ସରକାର ସବ୍‌ସିଡି ବ୍ୟବସ୍ଥା କରିଛନ୍ତି। ଏନେଇ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ସମ୍ପୂର୍ଣ୍ଣ ଗ୍ୟାସ୍ ମୂଲ୍ୟ ଉପଭୋକ୍ତାଙ୍କ ପାଖରୁ ନିଆଯାଇ ପରବର୍ତ୍ତୀ ସମୟରେ ସେମାନଙ୍କ ଆକାଉଣ୍ଟକୁ ସବ୍‌ସିଡି ବାବଦ ଅର୍ଥ ଫେରସ୍ତ ଦିଆଯାଏ। ହେଲେ ଏହି ବ୍ୟବସ୍ଥା ଆରମ୍ଭ ଦିନଠାରୁ ଅନେକ ଲୋକ ଗୋଟିଏ ଅଭିଯୋଗ କରି ଆସୁଛନ୍ତି ଯେ, ସେମାନଙ୍କ ଆକାଉଣ୍ଟକୁ ସବ୍‌ସିଡି ଅର୍ଥ ଆସୁନାହିଁ। କେବଳ ସେତିକି ନୁହେଁ, ଅନେକ ଗ୍ରାହକଙ୍କୁ ସବ୍‌ସିଡି ଅର୍ଥ ନିର୍ଦ୍ଦିଷ୍ଟ କୌଣସି ସମୟରେ ଫେରାଯାଉନାହିଁ ବୋଲି ଅଭିଯୋଗ ହେଉଛି।

ଜଣେ ଗ୍ୟାସ୍ ଡିଲରଙ୍କ ସୂଚନା ମୁତାବକ, ବର୍ତ୍ତମାନ ଲୋକେ ୬୭୭ଟଙ୍କା ୪୯ ପଇସାରେ ଗ୍ୟାସ୍ କିଣୁଛନ୍ତି। ସେଥିରୁ ସବ୍‌ସିଡି ବାବଦକୁ ୭୪ଟଙ୍କା ୮୦ପଇସା ହିତାଧିକାରୀଙ୍କ ଆକାଉଣ୍ଟକୁ ଆସୁଛି। ସୂଚନାଥାଉକି ଗ୍ୟାସ୍ ମୂଲ୍ୟ ବିଭିନ୍ନ ସମୟରେ ପରିବର୍ତ୍ତନ ହୋଇଥାଏ।

କୋଣାର୍କ ଅଞ୍ଚଳର ରୋଜାଲିନ ସାହୁଙ୍କ କହିବାନୁଯାୟୀ, ୨ ବର୍ଷ ହୋଇଗଲା ସବ୍‌ସିଡି ଅର୍ଥ ପାଇବା ପାଇଁ ବ୍ୟାଙ୍କ ଏବଂ ଗ୍ୟାସ୍ ଡିଲରଙ୍କ ପାଖକୁ ଦୌଡ଼ିବା ପରେ ମଧ୍ୟ କିଛି ଲାଭ ହେଉନାହିଁ। ୨ ବର୍ଷ ମଧ୍ୟରେ ବହୁ ଟଙ୍କା ତାଙ୍କର ସବ୍‌ସିଡି ବାବଦକୁ ରହିଲାଣି। ନିୟମାନୁଯାୟୀ ବ୍ୟାଙ୍କ ଖାତା ସହ ଆଧାର କାର୍ଡ ମଧ୍ୟ ଲିଙ୍କ୍ କରାଯାଇଛି। ତା'ପରେ ମଧ୍ୟ ଆମ ଟଙ୍କାକୁ କମ୍ପାନୀ ଚୋରାଇ ନେଇଛି ବୋଲି



ରୋଜାଲିନ କହିଛନ୍ତି। ଯାଜପୁର ଜିଲା କୋରେଇ ବ୍ଲକର କବିତା ବାରିକଙ୍କ ମଧ୍ୟ ସମଦଶା। ୨ ବର୍ଷ ହୋଇଗଲା ଗ୍ୟାସ୍ ସଂଯୋଗ ନେଇଛନ୍ତି। କିନ୍ତୁ ସବ୍‌ସିଡି ଅର୍ଥ ପାଉନାହାନ୍ତି। ଏଥିପାଇଁ ବାରମ୍ବାର ବ୍ୟାଙ୍କ ଏବଂ ଡିଲର ପାଖକୁ ଦୌଡ଼ିବା ପରେ ସୁଦ୍ଧା ଫଳ ଶୂନ। ଏତେଦିନର ଯେଉଁ ସବ୍‌ସିଡି ଅର୍ଥ ରଖାଯାଇଛି ତା'ର ସୁଧ କିଏ ଦେବ ବୋଲି କବିତା ପ୍ରଶ୍ନ ଉଠାଇଛନ୍ତି। ସେହିପରି ଉତ୍ତରା ଶାସନର ତ୍ରିଲୋଚନ ବାରିକଙ୍କ କହିବା କଥା ହେଉଛି, ଆଧାର କାର୍ଡ ଦେଇ ନ ଥିବାରୁ ଏ ପର୍ଯ୍ୟନ୍ତ ସବ୍‌ସିଡି ଅର୍ଥ ମିଳିନାହିଁ। ଆମକୁ ସବ୍‌ସିଡି ଅର୍ଥ ନ ମିଳିବା ପଛରେ ସମସ୍ତଙ୍କ ଭୁଲ୍ ରହିଛି। ଯଦି ବ୍ୟାଙ୍କ ସହିତ ଆଧାର କାର୍ଡ ଲିଙ୍କ୍ ହେବା ନିତାନ୍ତ ଆବଶ୍ୟକ, ଏକଥା ଜଣେ ଗ୍ରାହକକୁ କିଏ ଜଣାଇବ। ଦୀର୍ଘଦିନ ଧରି ବ୍ୟାଙ୍କରେ ଖାତା ଆମର ରହିଛି, ଆଧାର ସଂଯୋଗ ସମ୍ପର୍କରେ ବ୍ୟାଙ୍କ ଜାଣିଥିଲେ ମଧ୍ୟ ଜଣାଉନାହିଁ। ଏପରି କି ବ୍ୟାଙ୍କରେ ଆମର ଫୋନ ନମ୍ବର ଥିବା ସତ୍ତ୍ୱେ ଏସ୍‌ଏମ୍‌ଏସ ମିଳୁନାହିଁ। ଯଦି ବ୍ୟାଙ୍କ ନ ଦେଲା ତେବେ ଆମେ ଯେଉଁ ଗ୍ୟାସ୍ କମ୍ପାନୀର ଗ୍ରାହକ ହୋଇଛୁ, ସେମାନେ କାହିଁକି ଏସ୍‌ଏମ୍‌ଏସ୍ ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ନିୟମାନୁଯାୟୀ ଆଧାର ଲିଙ୍କ୍ କରା ନ ଗଲେ ବ୍ୟାଙ୍କରେ ଆକାଉଣ୍ଟ ଚାଲିବା କଥାନୁହେଁ, ତେବେ ଏହାକୁ କାହିଁକି ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ।

ସବ୍‌ସିଡି ଅର୍ଥ ପାଇବା ପାଇଁ କେନ୍ଦ୍ର ସରକାର ଆଧାର କାର୍ଡକୁ ବାଧ୍ୟତାମୂଳକ କରିଛନ୍ତି। ରିହାତି ଅର୍ଥ ପାଇବାକୁ ହେଲେ ଗ୍ରାହକଙ୍କୁ ନିଜ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର କାର୍ଡ ସଂଯୋଗ କରିବାକୁ ପଡୁଛି। ମାତ୍ର କେନ୍ଦ୍ର ସରକାରଙ୍କ ଏହି ବାଧ୍ୟତାମୂଳକ ବ୍ୟବସ୍ଥାକୁ ସାଧାରଣ ଲୋକମାନେ ଗ୍ରହଣ କରିବାପରେ ମଧ୍ୟ ନିଜ ଅର୍ଥ ପାଇବାରେ ବହୁ ଗ୍ରାହକ ସକ୍ଷମ ହୋଇପାରୁ ନ ଥିବା ଜଣାପଡିଛି। କେବଳ ସେତିକି ନୁହେଁ ବରଂ ଗ୍ୟାସ୍ ଚୋରି ରୋକିବା ଲାଗି ଆଧାର କାର୍ଡ ବ୍ୟବସ୍ଥାକୁ କେନ୍ଦ୍ର ବିଶେଷ ଗୁରୁତ୍ୱ ଦେଇଥିବା କହିଛି। ତେବେ ଉଜ୍ଜ୍ୱଳା ଯୋଜନାରେ କେନ୍ଦ୍ର ସରକାର ସାମାଜିକ, ଅର୍ଥନୈତିକେ ଜାତିଭିତ୍ତିକ ଜନଗଣନା (ଏସଇସିସି) ତାଲିକାରେ ଥିବା ଲୋକଙ୍କୁ ପ୍ରଥମେ ସାମିଲ କରାଯାଇଥିଲା। ଏହାପରେ ଏସ୍‌ସି,ଏସ୍‌ଟି ଲୋକଙ୍କୁ ଏହା ମଧ୍ୟକୁ ଅଣାଗଲା। ଏହି ବର୍ଗର ସମସ୍ତ ଲୋକଙ୍କୁ ସରକାରଙ୍କ ପକ୍ଷରୁ ୧୪ଶହ ଟଙ୍କାରେ ଚୁଲା ସହିତ ଗ୍ୟାସ ଟାଙ୍କି ଯୋଗାଇ ଦିଆଯାଉଛି। ଅର୍ଥାତ୍ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ନେଉଥିବା ଲୋକମାନେ କେଉଁ ବର୍ଗର ତାହା ସ୍ପଷ୍ଟ। ଯଦି ଏମାନଙ୍କୁ ନିଜ ଆକାଉଣ୍ଟ ସହ ଆଧାର ଲିଙ୍କ୍ କରିବାକୁ ବାଧ୍ୟ କରାଯାଏ ଏବଂ ନିୟମକାନୁନ ମାନିବା ପରେ ମଧ୍ୟ ସବ୍‌ସିଡି ଅର୍ଥ ନ ଆସେ, ସେମାନେ କ'ଣ କରିବେ ସେନେଇ ପ୍ରଶ୍ନ ଉଠିଲାଣି।

ଏଲ୍‌ପିଜି ଡିଜିଏମ୍ ଧର୍ମେନ୍ଦ୍ର ବେହୁରା କହିଛନ୍ତି ଯେ, ଆଧାର ଲିଙ୍କ୍ କରୁ ନ ଥିବା କ୍ଷେତ୍ରରେ ସବ୍‌ସିଡି ଆସିପାରୁନାହିଁ। କିଛିଟା ସ୍ଥାନରେ କୌଣସି କାରଣ ଯୋଗୁ ସବ୍‌ସିଡି ଆସିପାରୁ ନାହିଁ। ବହୁ ଲୋକଙ୍କ କ୍ଷେତ୍ରରେ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହେଇଯାଉଛି ମାତ୍ର ସେମାନେ ଜାଣିପାରୁ ନାହାନ୍ତି। କେବଳ ସବ୍‌ସିଡି ଆସୁନାହିଁ ବୋଲି ଅଭିଯୋଗ କରୁଛନ୍ତି। ଏହାପରେ ଆମେମାନେ ଘଟଣାର ଠିକ୍‌ଅନୁଧ୍ୟାନ କରିବାପରେ କାରଣ ଜଣାପଡୁଛି। ଅଳ୍ପକିଛି ଜାଗାରେ ଆଧାର ଲିଙ୍କ୍ କରାଇବା ସତ୍ତ୍ୱେ ଲୋକଙ୍କ ଟଙ୍କା ଆସିପାରୁ ନାହିଁ ବୋଲି ବେହୁରା କହିଛନ୍ତି।

# ୨୦ ଯାଏ ହାଲୁକା ବର୍ଷା

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ଏଥିଯୋଗୁ ଆସନ୍ତା ୨୦ ତାରିଖ ଯାଏ ରାଜ୍ୟରେ ହାଲକା ବର୍ଷା ରହିବ। କେତେକ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ଏବଂ ଉପକୂଳବର୍ତ୍ତୀ ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବଲାଙ୍ଗୀର, ସୋନପୁର, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, କଳାହାଣ୍ଡି, ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ନିଂ ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝରରେ ସର୍ବାଧିକ ୮୪ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ବାରିପଦା ୪୦, ତାଳଚେରେ ୭ ଏବଂ ଦାରିଙ୍ଗବାଡିରେ ସର୍ବାଧିକ ୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଭିଜିଲାନ୍ସ ଜାଲରେ କୋଟିପତି ଯନ୍ତ୍ରୀ

**ପୁରୀ ଅଫିସ/ନିମାପଡ଼ା, (ଡି.ଏନ.ଏ)୧୬।୯**

ନିମାପଡ଼ା ଜଳସମ୍ପଦ ବିଭାଗର କୋଟିପତି ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀଧର ବିଶ୍ୱାଳ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସୋମବାର ତାଙ୍କ ସରକାରୀ କାର୍ଯ୍ୟାଳୟ, ବାସଭବନ ସମେତ ଏକକାଳୀନ ୭ଟି ସ୍ଥାନରେ ଚଢାଉ କରାଯାଇଛି। ଏହି ସମୟରେ ୧୦ଟି ପ୍ଲଟ, ୨ଟି ଚାରି ମହଲା କୋଠା, ଏକ ଆଜବେଷ୍ଟସ ଘର, ୩୪ ଲକ୍ଷ ଟଙ୍କାର ଦୁଇଟି କାର୍, ୩ଟି ବାଇକ୍, ୧୪ ଲକ୍ଷ ଟଙ୍କାର ସୁନାଗହଣା, ଏଲ୍‌ଆଇସି ଏବଂ ଅନ୍ୟାନ୍ୟ କମ୍ପାନୀରେ ରହିଥିବା ୭ ଲକ୍ଷ ଟଙ୍କାର ବୀମା, ବିଭିନ୍ନ ବ୍ୟାଙ୍କରେ ଥିବା ଏକାଧିକ ଜମାଖାତା ଜବତ କରାଯାଇଛି। ଜବତ ହୋଇଥିବା ଯନ୍ତ୍ରୀ ବିଶ୍ୱାଳଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଦେଢ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଚଢାଉ ଜାରି ରହିଥିବା ପୁରୀ ଭିଜିଲାନ୍ସ ଡିଏସ୍‌ପି ହର ନାରାୟଣ ପତି କହିଛନ୍ତି।

ସୂଚନା ଅନୁଯାୟୀ, ଭୋର ସମୟରେ ପୁରୀ ଓ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ ହୋଇଥିଲା।



ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନିମାପଡ଼ାସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚଢାଉ ବେଳେ ଭିଜିଲାନ୍ସ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

ନିମାପଡ଼ାସ୍ଥିତ ଯନ୍ତ୍ରୀ ବିଶ୍ୱାଳଙ୍କ କାର୍ଯ୍ୟାଳୟ ଓ କ୍ୱାର୍ଟର୍ସ, ନିମାପଡ଼ା ଏନ୍‌ଏସି ଅଧୀନ ଭୁବନପୁରସ୍ଥିତ ଘର, ପୁରୀ ସହରର ମଧୁବନ ୫ମ ଲେନ୍ ଏବଂ ସେନାପତି ବଗିଚାରେ ଥିବା କୋଠା, ବଳଙ୍ଗା ଥାନା ଅନ୍ତର୍ଗତ ବ୍ରାହ୍ମଣଖଣ୍ଡିସ୍ଥିତ ପୈତୃକ ଘର ଏବଂ ଦୀପ୍ତିଦେଉଳିସ୍ଥିତ ଶ୍ୱଶୁର ଘରେ ଏକସଙ୍ଗେ ଚଢାଉ କରାଯାଇଥିଲା। ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ପାଣିଗ୍ରାହୀ, ଆଇଆଇସି ସରିତା ତ୍ରିପାଠୀ, ଏ.କେ. ବିରୁଆଙ୍କ ସମେତ ପୁରୀ ଡିଏସ୍‌ପି ପତି, ଆଇଆଇସି ମଦନ ମୋହନ ପ୍ରଧାନ, ଖୋର୍ଦ୍ଧା ଭିଜିଲାନ୍ସର ଆଇଆଇସି ଚନ୍ଦ୍ରକଳା ଜେନା ଏବଂ ମନୋରଞ୍ଜନ ପାଇକରାୟ ପ୍ରମୁଖ ଚଢାଉରେ ସାମିଲ ଥିଲେ।


# ପଥର ବ୍ଲାଷ୍ଟିଂରେ ଶ୍ରମିକଙ୍କ ମୃତ୍ୟୁ

**କୋଟପାଡ଼/ଜୟପୁର, ୧୬।୯(ଡି.ଏନ.ଏ/ନି.ପ୍ର):**

କୋରାପୁଟ ଜିଲା କୋଟପାଡ ଥାନା କୁସୁମି ଗ୍ରାମ ନିକଟ ଏକ ପଥର କୁଆଁରିର ବ୍ଲାଷ୍ଟିଂରେ ଜଣେ ଶ୍ରମିକଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ କୋଟପାଡ ବ୍ଲକ ଚିତ୍ରା ପଞ୍ଚାୟତ ଖଟୁଗୁଡା ଗ୍ରାମର ନରିସଂହ ନାୟକଙ୍କ ପୁଅ ନିରଞ୍ଜନ ନାୟକ (୧୮)। ଉକ୍ତ ପଥର କୁଆଁରିରେ ପୂର୍ବାହ୍ନ ସାଢେ ୧୦ଟାରେ ବେଆଇନ ଭାବେ ବ୍ଲାଷ୍ଟିଂ କରାଯାଇଥିଲା। ଏଥିରେ ନିରଞ୍ଜନଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ପଥର କୁଆଁରିଠାରୁ ୧୦୦ ମିଟର ଦୂରରେ ତାଙ୍କର କ୍ଷତାକ୍ତ ଶରୀର ପଡିଥିବା ଗ୍ରାମବାସୀ ଦେଖି ତାଙ୍କ ପରିବାରଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ପ୍ରଥମେ କୁସୁମି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ କୁଆଁରିର ପଥର ବ୍ଲାଷ୍ଟିଂ ନିମନ୍ତେ ଅନୁମତି ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସନ୍ଧ୍ୟା ସୁଦ୍ଧା କୋଟପାଡ ପୋଲିସ ଜୟପୁର ଚିକିତ୍ସାଳୟରେ ପହଞ୍ଚି ନ ଥିବା ଯୋଗୁଁ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି। ନିରଞ୍ଜନ ଦୈନିକ ୨ଶହ ଟଙ୍କା ପାରିଶ୍ରମିକରେ ତାଙ୍କ ପରିବାର ଭରଣପୋଷଣ କରୁଥିଲେ।

# ବିପର୍ଯ୍ୟୟ ବେଳେ ଭରସା 'ଆଞ୍ଚଳିକ ପ୍ରଶମନ କେନ୍ଦ୍ର'

**ବାଲେଶ୍ୱର ଅଫିସ,୧୬।୯**




ଏନ୍‌ଡିଆର୍‌ଏଫ୍ ଡିଜି ସତ୍ୟନାରାୟଣ ପ୍ରଧାନ ଆର୍‌ଆର୍‌ସି ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

- ବାଲେଶ୍ୱରରେ ଭିତ୍ତିପ୍ରସ୍ତର ସ୍ଥାପନ
- ବ୍ୟୟ ହେବ ୬କୋଟି ୩୧ଲକ୍ଷ
- ୭ ଦେଶର ପ୍ରତିନିଧିଙ୍କୁ ନେଇ ହେବ ମିଳିତ ଅଭ୍ୟାସ

ପ୍ରାକୃତିକ ବିପର୍ଯ୍ୟୟର ତତ୍କାଳ ମୁକାବିଲା ଲାଗି ବାଲେଶ୍ୱରଠାରୁ ୧୨କି.ମି. ଦୂର ଚାନ୍ଦିପୁର ନିକଟବର୍ତ୍ତୀ ହିଡିଙ୍ଗା ଅଞ୍ଚଳରେ ସୋମବାର ରିଜିଓନାଲ ରେସପନ୍ସ ସେଣ୍ଟର (ଆର୍‌ଆର୍‌ସି) ବା ଆଞ୍ଚଳିକ ପ୍ରଶମନ କେନ୍ଦ୍ର ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କେନ୍ଦ୍ର ଜରିଆରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଅବିଳମ୍ବେ ସହାୟତା ପହଞ୍ଚାଇ ଦିଆଯିବ। କଟକ ମୁଣ୍ଡଳି ପରେ ଦ୍ୱିତୀୟ ସ୍ଥାନ ଭାବେ ବାଲେଶ୍ୱରରେ ଆର୍‌ଆର୍‌ସି ପ୍ରତିଷ୍ଠା ହେଉଛି। ଏହାକୁ ମିଶାଇ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ୪ଟି ସ୍ଥାନରେ ଏଭଳି କେନ୍ଦ୍ର ପ୍ରତିଷ୍ଠା କରାଯିବ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନଡିଆର୍‌ଏଫ୍) ପକ୍ଷରୁ ହିଡିଙ୍ଗାଠାରେ ନିର୍ମାଣ ହେବାକୁ ଥିବା ଏହି କେନ୍ଦ୍ର ସକାଶେ ୬କୋଟି ୩୧ଲକ୍ଷ ଟଙ୍କା ବ୍ୟୟ ହେବ। ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏନ୍‌ଡ଼ିଆର୍‌ଏଫ୍ ଡିଜି ସତ୍ୟନାରାୟଣ ପ୍ରଧାନ ଏହି ସୂଚନା ପ୍ରଦାନ କରିଛନ୍ତି। ଉତ୍ସବରେ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାରଙ୍କ ସମେତ ଏନ୍‌ଡିଆର୍‌ଏଫ୍‌ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ପ୍ରାକୃତିକ ବିପର୍ଯ୍ୟୟ ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ଓଡ଼ିଶାବାସୀଙ୍କ ଚିର ସହଚର ପାଲଟିଛି। ଯେକୌଣସି ବିପର୍ଯ୍ୟୟର ମୁକାବିଲା ଲାଗି ଉକ୍ତ କେନ୍ଦ୍ରରେ ୪ଟି ଟିମ୍ ସର୍ବଦା ଜଣେ କମାଣ୍ଡରଙ୍କ ନେତୃତ୍ୱରେ ପ୍ରସ୍ତୁତ ରହିବେ। ହିଡ଼ିଙ୍ଗାରେ ୩.୫୮ଏକର ଜମିରେ ଆର୍‌ଆର୍‌ସି ନିର୍ମାଣ କରାଯିବ। ଏହି କେନ୍ଦ୍ର ଉତ୍ତରଓଡ଼ିଶାର ବିଭିନ୍ନ ଜିଲା ପାଇଁ ସହାୟକ ହେବ। ରାଜ୍ୟସରକାର ଆବଶ୍ୟକ ଜମି ଯୋଗାଇଦେଲେ ରାଜ୍ୟର ଅନ୍ୟ ସ୍ଥାନରେ ଏଭଳି କେନ୍ଦ୍ର ଶୀଘ୍ର ନିର୍ମାଣ କରାଯିବ। ଏହାଛଡା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ଓଡ଼ିଶାରେ ମିଳିତ ଅଭ୍ୟାସ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିରେ ୭ଟି ପଡୋଶୀ ଦେଶୀ ଯୋଗ ଦେବେ ବୋଲି ଡିଜି ପ୍ରଧାନ କହିଛନ୍ତି। ଭାରତ ପାଖରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ୩୧୦ଟି ଯନ୍ତ୍ରାଂଶ ରହିଛି। ଏହା ସବୁପ୍ରକାର ବିପର୍ଯ୍ୟୟର ମୁକାବିଲା କରିବାକୁ ସକ୍ଷମ। ବିପର୍ଯ୍ୟୟ ସମୟରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଥିବାରୁ ଏହି ବାଧାକୁ ଅତିକ୍ରମ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିପର୍ଯ୍ୟୟ ପରେ ଯେଉଁ ପରିସ୍ଥିତି ସୃଷ୍ଟି ହୁଏ ତାକୁ ମୁକାବିଲା କରିବାରେ ଯୋଗାଯୋଗ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଣୁ ଗ୍ରୀଡ୍ ସିଷ୍ଟମ୍‌ରେ କଣ୍ଟ୍ରୋଲ ରୁମ୍‌ଗୁଡ଼ିକ ରାଜ୍ୟ, ଜିଲା ଏବଂ ବ୍ଲକ ପାଇଁ ଯେଭଳି ଏକତ୍ର କାର୍ଯ୍ୟ କରିବେ ସେଥିଲାଗି ଚେଷ୍ଟା କରାଯାଉଛି। ନଭେମ୍ବରରେ ପ୍ରଥମ ଏବଂ ୨୦୨୦ ଫେବୃୟାରୀରେ ଶେଷ ଆଡକୁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ। ୪ଶହରୁ ଅଧିକ ପ୍ରଶିକ୍ଷକ ଯୋଗଦେବେ। ଏଭଳି କାର୍ଯ୍ୟକ୍ରମ ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି ପ୍ରଧାନ କହିଛନ୍ତି।

ଓଡ଼ିଶାରେ ବନ୍ୟା, ବାତ୍ୟା ପ୍ରଭାବିତ ଅଞ୍ଚଳ ସମେତ ଓ ପ୍ରତ୍ନତାତ୍ତ୍ୱିକ ଇଲାକା ଉପରେ ସର୍ଭେ କରାଯାଇ ଏକ ମଡେଲ ପ୍ରସ୍ତୁତ କରାଯାଇଛି। ଏହା ଉପରେ ପ୍ରଶମନ ବଳଙ୍କୁ ପ୍ରଶିକ୍ଷଣ ଦିଆଯିବ। ବାଲେଶ୍ୱର ସଦର ବ୍ଲକ ଅଧୀନ ହିଡିଙ୍ଗାଠାରେ ହେବାକୁ ଥିବା କେନ୍ଦ୍ର ଲୋକମାନଙ୍କ ଭରସାର ଆଧାର ହେବ ବୋଲି ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଧରିତ୍ରୀକୁ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର ଦେଇ ଏନ୍‌ଡିଆର୍‌ଏଫ୍ ଡିଜି ପ୍ରଧାନ କହିଥିଲେ।

# ବଢୁଛି ଭାରତୀୟଙ୍କ ଋଣ ବୋଝ

- ୫ବର୍ଷରେ ୫୮% ବଢ଼ି ୭.୪ଲକ୍ଷ କୋଟିରେ ପହଞ୍ଚିଛି
- ଦେଶର ମୋଟ ସଞ୍ଚୟ ପରିମାଣ ୪.୧% ହ୍ରାସ ପାଇଛି
- ସଞ୍ଚୟ ହାର ଜାତୀୟ ସ୍ତରରେ ୧୭.୨%
- ଗ୍ରାମାଞ୍ଚଳରେ ଖର୍ଚ୍ଚ ବଢ଼ାଇବା ଉପରେ ଜୋର୍
- ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟ

**ନୂଆଦିଲ୍ଲୀ,୧୬।୯:** ଭାରତୀୟ ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ସଞ୍ଚୟ କମିବାରେ ଲାଗିଛି। ଫଳରେ ୨୦୧୮ ସୁଦ୍ଧା ୫ ବର୍ଷରେ ଲୋକଙ୍କ ଉପରେ ଋଣ ବୋଝ ୫୮% ବୃଦ୍ଧିପାଇ ୭.୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଗଲାଣି। ଅନ୍ୟପକ୍ଷରେ ୨୦୧୭ରେ ଏହା ମାତ୍ର ୨୨ ପ୍ରତିଶତ ବଢ଼ିଥିଲା ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ରିସର୍ଚ୍ଚରୁ ଜଣାପଡିଛି।

ରିପୋର୍ଟରେ କୁହାଯାଇଛି ଯେ, ଗତ ୫ ବର୍ଷ ଭିତରେ ଭାରତୀୟ ପରିବାରଙ୍କ ଉପରେ ଋଣବୋଝ ଦୁଇଗୁଣା ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଏହି ଅବଧିରେ ଖର୍ଚ୍ଚ ହେବାକୁ ଥିବା ଆୟ(ଡିସ୍‌ପୋଜେବଲ୍ ଇନ୍‌କମ୍) ମାତ୍ର ଦେଢ଼ଗୁଣା ବଢ଼ିଛି। ଫଳସ୍ୱରୂପ ଦେଶର ମୋଟ ସଞ୍ଚୟ ପରିମାଣ ୪.୧% ହ୍ରାସ ପାଇ ୩୪.୬ରୁ ୩୦.୫%କୁ ହ୍ରାସ ପାଇଛି। ଘରୋଇସ୍ତରରେ ସଞ୍ଚୟ ହ୍ରାସ ପାଇଥିବାରୁ ଜାତୀୟସ୍ତରରେ ଏହା କମିବାର ମୁଖ୍ୟ କାରଣ ହୋଇଛି। ଏହି ୫ ବର୍ଷରେ ପ୍ରତ୍ୟେକ ପରିବାରର ସଞ୍ଚୟ ପ୍ରାୟ ଜିଡିପି ହିସାବରେ ୬.୪% କମିଛି। ଆର୍ଥିକ ବର୍ଷ ୨୦୧୨ରେ ଘରୋଇ ସଞ୍ଚୟ ହାର ୨୩.୬% ରହିଥିବା ବେଳେ ୨୦୧୮ରେ ଏହା ହ୍ରାସ ପାଇ ୧୭.୨% ହୋଇଛି। ସଞ୍ଚୟ ହ୍ରାସର ପ୍ରଭାବ ଅର୍ଥନୀତି ଉପରେ ପଡୁଥିବା ସ୍ପଷ୍ଟ ଦେଖାଯାଉଛି।

ଏସ୍‌ବିଆଇ ରିପୋର୍ଟରେ କୁହାଯାଇଛି ଯେ, କେବଳ ସୁଧ ହାର ହ୍ରାସ କରିବା ଦ୍ୱାରା ଅର୍ଥନୀତିରେ ଦେଖାଦେଇଥିବା ସମସ୍ୟାର ସମାଧାନ ହେବ ନାହିଁ। ସରକାରଙ୍କ ପକ୍ଷରୁ ଆହୁରି କେତେକ ଅନ୍ୟ ପଦକ୍ଷେପ ନେବାକୁ ହେବ। ବ୍ୟାଙ୍କ ପକ୍ଷରୁ ରିପୋର୍ଟରେ କୁହାଯାଇଛି ଯେ, କ୍ୟାପିଟାଲ ଗେନ୍ ଟ୍ୟାକ୍ସ ହଟାଇ ଦେବା ପରେ ୨୦୧୮ରେ ଅର୍ଥ ସଞ୍ଚୟ ଉପରେ କିଛି ମାତ୍ରାରେ ସକାରାତ୍ମକ ପ୍ରଭାବ ପଡିଥିବା ଦେଖାଯାଇଥିଲା। କିନ୍ତୁ ଚଳିତ ବର୍ଷ ଏହା ପୁଣି କମିଯାଇଛି। ବ୍ୟାଙ୍କ ପକ୍ଷରୁ ଆହୁରି କୁହାଯାଇଛି ଯେ, ସେକ୍ଟର ଭିତ୍ତିରେ ସହାୟତା ପ୍ୟାକେଜ ଘୋଷଣା କରିଦେଲେ ଚଳିବ ନାହିଁ। ଏହା ସ୍ଥାନରେ ଖର୍ଚ୍ଚ ବଢ଼ାଇବାକୁ ହେବ। ବିଶେଷ କରି ଗ୍ରାମାଞ୍ଚଳରେ ଖର୍ଚ୍ଚ ବଢ଼ାଇବା ଉପରେ ଜୋର୍ ଦେବାକୁ ପଡିବ। କୃଷକଙ୍କୁ ଆର୍ଥିକ ସହାୟତା ଦେବା ଲାଗି ସରକାରଙ୍କ ପକ୍ଷରୁ ଯୋଜନା ଘୋଷଣା କରାଯାଇଛି ସତ, ଲକ୍ଷ୍ୟଠାରୁ ଅନେକ କମ୍ ଚାଷୀଙ୍କୁ ଅର୍ଥ ଆବଣ୍ଟନ କରାଯାଇଛି। ପିଏମ୍ କିଷାନ ପୋର୍ଟାଲରୁ ଜଣାପଡୁଛି ଯେ, ଲକ୍ଷ୍ୟଠାରୁ ପ୍ରାୟ ଅଧା ଚାଷୀ ପଞ୍ଜୀକରଣ କରିଛନ୍ତି। ଚଳିତବର୍ଷ ଜୁନ୍ ସୁଦ୍ଧା ୬.୮୯ କୋଟି ଚାଷୀଙ୍କର ପଞ୍ଜୀକରଣ ଯାଞ୍ଚ ଶେଷ ହୋଇଛି। ଅନ୍ୟପକ୍ଷରେ ସରକାର ୧୪.୬ କୋଟି ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ସେହିପରି ବଜେଟରେ ଆବଣ୍ଟିତ ପୁଞ୍ଜିଗତ ଖର୍ଚ୍ଚ ହ୍ରାସ ପାଇଛି ବୋଲି ଉଲ୍ଲେଖ କରି ରିପୋର୍ଟରେ କୁହାଯାଇଛି ଯେ, ଅଦ୍ୟାବଧି ସରକାର କେବଳ ୩୨ ପ୍ରତିଶତ ଅର୍ଥ ଖର୍ଚ୍ଚ କରିପାରିଛନ୍ତି। ଗତବର୍ଷ ଏହି ସମୟରେ ଏହା ୩୭.୧ ପ୍ରତିଶତ ଥିଲା। ଅନ୍ୟପକ୍ଷରେ ନିବେଶ ଭାରିମାତ୍ରାରେ ହ୍ରାସ ପାଇଛି। ୨୦୦୭ରୁ ୨୦୧୪ ମଧ୍ୟରେ ୫୦% ନିବେଶ ହୋଇଥିବା ବେଳେ ୨୦୧୪ରୁ ୨୦୧୯ ମଧ୍ୟରେ ଏହା ୩୦%କୁ ହ୍ରାସ ପାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଅର୍ଥନୀତିରେ ସୃଷ୍ଟି ହୋଇଥିବା ସଙ୍କଟ ଅତ୍ୟନ୍ତ ଗଭୀର। ଏହାର ଚେର ବହୁଦୂରକୁ ଲମ୍ବିଛି। ସରକାରଙ୍କ ପକ୍ଷରୁ ବିଭିନ୍ନ ସେକ୍ଟର ପାଇଁ ଘୋଷଣା କରାଯାଇଥିବା ପ୍ୟାକେଜର ପ୍ରଭାବ କେତେ ପଡୁଛି, ତାହା ଦେଖିବାକୁ ହେବ ବୋଲି ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଦେବାଶିଷ
ପରିବାରବର୍ଗ


ଧୃବ୍
ପରିବାରବର୍ଗ


ଜିଜ୍ଞାଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନିଖୋଜଙ୍କୁ ଖୋଜୁଛି ବାୟୁସେନା, ନୌସେନା

ମାଲକାନଗିରି,୧୬।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ଆନ୍ଧ୍ର ପ୍ରଦେଶରେ ପୂର୍ବ ଗୋଦାବରୀ ନଦୀରେ ରବିବାର ଲଞ୍ଚ ବୁଡି ୫୦ ଜଣ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସୋମବାର ଅନ୍ୟ ନିଖୋଜମାନଙ୍କୁ ଖୋଜିବା ଲାଗି ବାୟୁସେନା ଓ ନୌସେନାର ହେଲିକେପ୍ଟର ଓ ଓଡ୍ରାଫ୍ ଟିମ୍ ନିୟୋଜିତ ହୋଇଛନ୍ତି। ତଲାସି ଅଭିଯାନ ଜାରି ରହିଛି। ଗୋଦାବରୀ ନଦୀରେ ଉକ୍ତ ଲଞ୍ଚ ପ୍ରାୟ ୩ଶହ ଫୁଟ ପାଣି ତଳେ ବୁଡି ଯାଇଥିଲା। ଏହାକୁ ନୌସେନା ପକ୍ଷରୁ ସୋମବାର ସକାଳେ ଠାବ କରାଯାଇଛି। ଦେବୀପଟଣା ପୋଲାଭରମ୍-୩ଠାରେ ତିନୋଟି ହେଲିକେପ୍ଟର ନିୟୋଜିତ ହୋଇଛି। ୬ଟି ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ୮ଟି ଏୟାର ବୋଟ୍, ୧୨ଟି ଆସ୍କା ଲାଇଟ୍, ଦୁଇ କମ୍ପାନୀ ଏନ୍‌ଡିଆର୍‌ଏଫ୍, ୩ କମ୍ପାନୀ ଏସ୍‌ଡିଆର୍‌ଏଫ୍, ଭାରତୀୟ ନୌସେନାର ଗଭୀର ବୁଡାଳି ଦଳ, ଦୁଇଟି ନୌସେନା ହେଲିକେପ୍ଟର,ଗୋଟିଏ ଓଏନ୍‌ଜିସିର ହେଲିକେପ୍ଟର ଏବଂ ଉତ୍ତରାଖଣ୍ଡରୁ ୬ଜଣ ସ୍ୱତନ୍ତ୍ର ଏସ୍‌ଡିଆର୍‌ଏଫ୍ ଦଳମଧ୍ୟ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଲଞ୍ଚ ମଧ୍ୟରେ ମୃତଦେହ ଥିବା ଆଶଙ୍କା କରାଯାଉଛି। ସୋମବାର ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡି ହେଲିକେପ୍ଟର ଯୋଗେ ଘଟଣା ସ୍ଥଳକୁ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି। ତେଲେଙ୍ଗାନା ମନ୍ତ୍ରୀ ଟି. ଦୟାକର ରାଓ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ଆନ୍ଧ୍ର ଡିଜି ଘଟଣାର ତଦନ୍ତ କରୁଛନ୍ତି। ବୋଟ ମାଲିକଙ୍କ ନାମରେ ମକଦ୍ଦମା ରୁଜୁ କରାଯାଇଛି। ନିଖୋଜମାନଙ୍କ ମଧ୍ୟରୁ ଅଧିକାଂଶ ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟର ବୋଲି ଜଣାପଡିଛି। ତେବେ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟଟକମାନଙ୍କ ସଠିକ୍ ଠିକଣା ମିଳିଇନାହିଁ। ସୂଚନାଯୋଗ୍ୟ ଯେ, ରବିବାର ଏକ ଲଞ୍ଚ ଦେବିପଟ୍ଟମଠାରୁ ୬୦ଜଣ ପର୍ଯ୍ୟଟକଙ୍କୁ ନେଇ ଗୋଦାବରୀ ନଦୀରେ ଥିବା ପାପିକୋଣ୍ଡାଲୁ ପର୍ଯ୍ୟଟନ ସ୍ଥଳକୁ ଯାଉଥିଲା। କାଚୁଲୁରୁ ନିକଟରେ ଘୂର୍ଣ୍ଣିଝଡ ଯୋଗୁ ଲଞ୍ଚ ଭାରସାମ୍ୟ ହରାଇ ବୁଡି ଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ୧୧ଟି ମୃତଦେହ ଉଦ୍ଧାର କରାଯାଇଛି। ତେବେ ସରକାରୀ ଭାବେ ୨୪ ଜଣ ନିଖୋଜ ଥିବା କୁହାଯାଉଛି। ଏ ସମ୍ପର୍କରେ ଆନ୍ଧ୍ରପ୍ରଦେଶ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ନିର୍ବାହୀ ନିର୍ଦ୍ଦେଶକ ଶାନ୍ତିସ୍ୱରୂପ କହିଛନ୍ତି ଯେ, କେନ୍ଦ୍ରରୁ ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସମସ୍ତ ପର୍ଯ୍ୟଟକ ଆନ୍ଧ୍ର ପ୍ରଦେଶ ରାଜଧାନୀ ଅମରାବତୀ ଅଞ୍ଚଳର ବୋଲି ଜଣାପଡିଛି।


ଡଙ୍ଗାବୁଡ଼ିର ଦ୍ୱିତୀୟ ଦିନରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

**ଗୋଦାବରୀ ନଦୀରେ ଲଞ୍ଚ ବୁଡି ଘଟଣା**
- ବୋଟ୍ ମାଲିକଙ୍କ ନାମରେ ରୁଜୁ ହେଲା ମାମଲା
- ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଧାରକାର୍ଯ୍ୟ ତଦାରଖ

## ବିନା ପଞ୍ଜୀକରଣରେ ସ୍କୁଟି ବିକ୍ରି
# ଡିଲରଙ୍କ ଉପରେ ୧ ଲକ୍ଷ ଜରିମାନା

କଟକ ଅଫିସ,୧୬।୯

କଟକ ଜିଲା ବାରଙ୍ଗ ଥାନା ସମ୍ମୁଖରେ ଗତ ୧୨ରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡି ଚେକିଂ ଚାଲିଥିବାବେଳେ ଜବତ ହୋଇଥିବା ସ୍କୁଟିକୁ ନେଇ କଟକ ଆର୍‌ଟିଓ ଭୁବନେଶ୍ୱରର ଏକ ଗାଡ଼ି ଡିଲରଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଉକ୍ତ ଡିଲର ବିନା ପଞ୍ଜୀକରଣରେ ଖୋର୍ଦ୍ଧା ଜିଲା ଶିଖରଚଣ୍ଡୀ ଅଞ୍ଚଳର ଅରୁଣ କୁମାର ପଣ୍ଡାଙ୍କୁ ଅଗଷ୍ଟ ଶେଷ ସପ୍ତାହରେ ଗାଡ଼ିଟି ବିକ୍ରି କରିଥିଲେ। ଗତ ୧୨ରେ ବାରଙ୍ଗ ଥାନା ସମ୍ମୁଖରେ ଗାଡି ଯାଞ୍ଚ କରାଯାଉଥିଲା। ଅରୁଣଙ୍କ ଜଣେ ସମ୍ପର୍କୀୟ ମହିଳା ଉକ୍ତ ସ୍କୁଟି ନେଇ ଆସୁଥିବାବେଳେ ଯାଞ୍ଚ ସମୟରେ ଧରାପଡିଥିଲେ। ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା କରାଯିବାରୁ ଗାଡିଟି ପଞ୍ଜୀକରଣ ହୋଇ ନ ଥିବା ଜଣାପଡିଥିଲା। ବିନା ପଞ୍ଜୀକରଣରେ ଗାଡ଼ି ବିକ୍ରି ଅବୈଧ। ଡିଲର ପକ୍ଷରୁ ବେନିୟମ ଭାବେ ଗାଡ଼ି ବିକ୍ରି କରାଯାଇଛି ବୋଲି କଟକ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ସାଧାରଣରେ ଏହି ଜରିମାନା ଗାଡ଼ି ଚାଳକଙ୍କ ଉପରେ କରାଯାଇଛି ବୋଲି ଗୁଜବ ସୃଷ୍ଟି ହେଉଛି। ଜରିମାନା ଗାଡ଼ି ବିକ୍ରି କରିଥିବା ସମ୍ପୃକ୍ତ ଡିଲର ଦେବେ ବୋଲି ଆର୍‌ଟିଓ ପାତ୍ର କହିଛନ୍ତି। ଏ ଦିଗରେ ଗାଡ଼ି କ୍ରେତାମାନେ ସତର୍କ ହେବାକୁ ମଧ୍ୟ ସେ କହିଛନ୍ତି।

**ଆର୍‌ଟିଓଙ୍କ ନାଁରେ ଥାନାରେ ଅଭିଯୋଗ**

ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳା ଇନ୍‌ଫୋସିଟି ଥାନାରେ ଆର୍‌ଟିଓଙ୍କ ନାଁରେ ଅଭିଯୋଗ କରିଛନ୍ତି। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମୋ ଗାଡିକୁ ଜବତ କରାଯାଇଛି। ତୁରନ୍ତ ଗାଡିକୁ ଫେରାଇ ଦିଆଯାଉ ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ଥାନାଧିକାରୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ଉକ୍ତ ଅଭିଯୋଗର କୌଣସି ସତ୍ୟତା ନାହିଁ। ଏ ସମ୍ପର୍କରେ ଆମେ ଆର୍‌ଟିଓଙ୍କ ସହିତ କଥା ହୋଇଥିଲୁ। ସେ କହିଥିଲେ ନିୟମ ଅନୁଯାୟୀ ସମ୍ପୃକ୍ତ ଡିଲରଙ୍କ ଉପରେ ଜରିମାନା କରାଯାଇଛି। ସେ ଟଙ୍କା ପଇଠ କରିବା ପରେ ଗାଡି ନେଇ ସମ୍ପୃକ୍ତ ମହିଳାଙ୍କୁ ଦିଆଯିବ।

ପ୍ରଥମ ପୃଷ୍ଠାରୁ...

## କଶ୍ମୀରରେ...

ବେଣୁଗୋପାଳ ଅଦାଲତଙ୍କୁ ଅବଗତ କରାଇଥିଲେ। ତେବେ ଏହା ଉପରେ ଏକ ସତ୍ୟପାଠ ଦାଖଲ କରିବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ବେଣୁଗୋପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ତତ୍‌ପରବର୍ତ୍ତୀ କଟକଣା ବିରୋଧରେ ସୁପ୍ରିମକୋର୍ଟରେ ଦାଏର ଏକାଧିକ ଆବେଦନର ଶୁଣାଣି ସୋମବାର ଅନୁଷ୍ଠିତ ହୋଇଥିଲା। ଉପତ୍ୟକାରେ ମୋବାଇଲ ଫୋନ ଓ ଇଣ୍ଟରନେଟ ସେବା ବନ୍ଦ ରହିଥିବା ସମ୍ପର୍କରେ ଖଣ୍ଡପୀଠ କହିଥିଲେ, ଏହି ମାମଲା ଜମ୍ମୁ-କଶ୍ମୀର ହାଇକୋର୍ଟରେ ବିଚାର କରାଯାଇପାରିବ। ସ୍ଥାନୀୟ ସମସ୍ୟାକୁ ସୁପ୍ରିମକୋର୍ଟଙ୍କ ଅପେକ୍ଷା ହାଇକୋର୍ଟ ଭଲ ଭାବେ ଜାଣନ୍ତି ବୋଲି ଖଣ୍ଡପୀଠ କହିଥିଲେ। ରାଜ୍ୟରେ ମୋବାଇଲ, ଇଣ୍ଟରନେଟ ସେବା ଓ ସାଧାରଣ ପରିବହନ ବ୍ୟବସ୍ଥା କାମ କରୁ ନ ଥିବାରୁ ହାଇକୋର୍ଟରେ ପହଞ୍ଚିବା କଷ୍ଟ ହୋଇପଡୁଛି ବୋଲି ଆବେଦନକାରୀ 'କଶ୍ମୀର ଟାଇମ୍ସ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ଅନୁରାଧା ଭାସିନ୍‌ଙ୍କ ଓକିଲ ବ୍ରିନ୍ଦା ଗ୍ରୋଭର ଅଦାଲତଙ୍କୁ କହିଥିଲେ।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହିତ ଖବରଦାତାମାନଙ୍କ ଉପରେ ଲଗାଯାଇଥିବା କଟକଣା ଉଠାଇଦେବାକୁ ଭାସିନ୍ କୋର୍ଟଙ୍କୁ ଅନୁରୋଧ କରିଥିଲେ। ପରିବହନ ସେବା ବନ୍ଦ ଯୋଗୁ ଲୋକେ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଅନ୍ୟ କେତେଜଣ ପିଟିଶନରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ସତ୍ୟ ନୁହେଁ ବୋଲି ବେଣୁଗୋପାଳ ଖଣ୍ଡପୀଠଙ୍କୁ ଜଣାଇଥିଲେ। ରାଜ୍ୟରେ ଖବରକାଗଜ ପ୍ରକାଶ ପାଉଛି ଓ ସରକାର ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି ବୋଲି ସେ କହିଥିଲେ। ଶ୍ରୀନଗରରେ ମିଡିଆ ସେଣ୍ଟର ସ୍ଥାପନ ହୋଇଛି ଯେଉଁଠି ସକାଳ ୮ରୁ ରାତି ୧୧ ପର୍ଯ୍ୟନ୍ତ ଇଣ୍ଟରନେଟ ଓ ଟେଲିଫୋନ ସେବା ଉପଲବ୍ଧ ହେଉଛି। ଖବରଦାତାମାନଙ୍କୁ କାର୍ଯ୍ୟ କରିବା ପାଇଁ ଯାତାୟାତ ଓ ଯାନ ପାସ୍ ଯୋଗାଇ ଦିଆଯାଇଛି। ଅଗଷ୍ଟ ୫ ତାରିଖ ପରେ ରାଜ୍ୟରେ ଗୋଟିଏ ହେଲେ ଗୁଳି ଫୁଟିନାହିଁ ବୋଲି ରାଜ୍ୟ ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ।

ପୂର୍ବରୁ ଜମ୍ମୁ-କଶ୍ମୀର ପ୍ରଶାସନ ତିନିଆଡୁ ଆକ୍ରମଣର ସମ୍ମୁଖୀନ ହେଉଥିଲେ। ତାହା ହେଲା ବିଚ୍ଛିନ୍ନତାବାଦୀ, ସୀମାପାର ଆତଙ୍କବାଦୀ ଏବଂ ବିଦେଶରୁ ଆର୍ଥିକ ସହାୟତା ପାଉଥିବା ସ୍ଥାନୀୟ ଆତଙ୍କବାଦୀ। ୧୯୯୦ରୁ ୨୦୧୯ ଅଗଷ୍ଟ ୫ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀରରେ ୭୧,୦୩୮ ଆତଙ୍କବାଦୀ ହିଂସାରେ ୪୧,୮୬୬ ବ୍ୟକ୍ତି ପ୍ରାଣ ହରାଇଥିଲେ। ୫୨୯୨ ଜଣ ଯବାନ ମଧ୍ୟ ଶହୀଦ ହୋଇଥିଲେ ବୋଲି ବେଣୁଗୋପାଳ ସୂଚନା ଦେଇଥିଲେ। ଚିକିତ୍ସା ସୁବିଧା ମିଳୁ ନ ଥିବା ଅଭିଯୋଗ ସମ୍ପର୍କରେ ବେଣୁଗୋପାଳ କହିଥିଲେ, ଅଗଷ୍ଟ ୫ରୁ ସେପ୍ଟେମ୍ବର ୧୫ ମଧ୍ୟରେ ରାଜ୍ୟରେ ୧୦ ଲକ୍ଷ ୫୨ ହଜାର ରୋଗୀ ଆଉଟଡୋର ଚିକିତ୍ସା ପାଇଛନ୍ତି। କଶ୍ମୀର ଡିଭିଜନର ୧୦୫ଟି ଥାନା ଅଞ୍ଚଳ ମଧ୍ୟରୁ ୯୩ଟିରୁ କଟକଣା ହଟାଇଦିଆଗଲାଣି। ଜମ୍ମୁ ଓ ଲଦାଖରୁ ଶତ ପ୍ରତିଶତ କଟକଣା ହଟିଥିବା ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ। ଉଭୟ ପକ୍ଷଙ୍କୁ ଶୁଣିବା ପରେ ଖଣ୍ଡପୀଠ କୌଣସି ନିର୍ଦ୍ଦେଶ ନ ଦେଇ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚୟନାତ୍ମକ ଆଧାରରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ପରାମର୍ଶ ଦେଇଥିଲେ।

## ତୁରନ୍ତ କ୍ୱାର୍ଟର୍ସ...

ସରକାରୀ କ୍ୱାର୍ଟର୍ସକୁ ନିଜ ଅକ୍ତିଆରରେ ରଖିଛନ୍ତି। ଗତ ମାସ ମଧ୍ୟରେ ୨ଥର କ୍ୱାର୍ଟର୍ସ ଛାଡିବାକୁ ବିଧାନସଭା ସଚିବାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୫ଜଣ ଏମ୍‌ପି ହୋଇଥିଲେ ମଧ୍ୟ କ୍ୱାର୍ଟର୍ସକୁ ମାଡି ବସି ରଖିଛନ୍ତି। ତେବେ ଦାମୋଦର ରାଉତ, ବିଜୟଶ୍ରୀ ରାଉତରାୟ, ପ୍ରଭାତ ତ୍ରିପାଠୀଙ୍କ ପୁତ୍ର ବିଧାୟକ ଥିବାରୁ ବାପାଙ୍କ କ୍ୱାର୍ଟର୍ସକୁ ନିଜ ନାମରେ କରିବାକୁ ଉଦ୍ୟମ କରୁଛନ୍ତି। ସେହିପରି ସ୍ୱର୍ଗତ ପୂର୍ବତନ ବିଧାୟକ ବେଦ ପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲ ବିଧାୟକ ଥିବାରୁ ନିଜ ନାମରେ ତାଙ୍କ ସ୍ୱାମୀଙ୍କ କ୍ୱାର୍ଟର୍ସକୁ ରଖିବାକୁ ଚାହୁଁଛନ୍ତି। ସେହିପରି ବିଜେପୁର ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ନାମରେ ଥିବା କ୍ୱାର୍ଟର୍ସକୁ ତାଙ୍କ ସ୍ତ୍ରୀ ତଥା ପୂର୍ବତନ ବିଧାୟିକା ରୀତା ସାହୁଙ୍କ ଦଖଲରେ ରହିଛି। ବିଜେଡି ତାଙ୍କୁ ଆଗାମୀ ବିଜେପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ କରିବା ସମ୍ଭାବନା ଥିବାରୁ ସେ କ୍ୱାର୍ଟର୍ସ ଛାଡି ନ ପାରନ୍ତି ବୋଲି କୁହାଯାଇଛି। ଥରେ ବିଧାନସଭାକୁ ନିର୍ବାଚିତ ହେଲେ ସରକାରଙ୍କ ତରଫରୁ ମିଳିଥିବା କ୍ୱାର୍ଟର୍ସକୁ ଆଉ ବିଧାୟକମାନେ ଛାଡିବାକୁ ନାରାଜ। ଭୁବନେଶ୍ୱରରେ ଏତେ ଶସ୍ତାରେ ଘର ମିଳିବା କଷ୍ଟ। ନିଜର ବିଭିନ୍ନ କାର୍ଯ୍ୟ ପାଇଁ ରାଜଧାନୀରେ ପୂର୍ବତନ ବିଧାୟକ, ମନ୍ତ୍ରୀଙ୍କ ନାମରେ ଥିବା କ୍ୱାର୍ଟର୍ସ ବର୍ଷ ବର୍ଷ ଧରି ନିଜ ଅକ୍ତିଆରରେ ରଖାଯାଇଛି। ନବ ନିର୍ବାଚିତ ବିଧାୟକମାନେ କ୍ୱାର୍ଟର୍ସ ନ ପାଇ ଏଣେ ତେଣେ ରହୁଛନ୍ତି। ଗତ ବିଧାନସଭା ଚାଲିଥିବା ବେଳେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏ ନେଇ ବିଧାନସଭାରେ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏପରିକି ତାଙ୍କୁ ରାଜ୍ୟ ସରକାରଙ୍କ ଅତିଥି ଭବନ ବାରଣ୍ଡାରେ ରାତି କାଟିବାକୁ ପଡୁଛି ବୋଲି କହିଥିଲେ।

ତେବେ ବାଚସ୍ପତିଙ୍କ ଏଭଳି ନୋଟିସ୍ ଜାରିକୁ ଖୋଦ୍ ପୂର୍ବତନ ବିଧାୟକ ଦେବାଶିଷ ନାୟକ ନାପସନ୍ଦ କରିଛନ୍ତି। ଏହା ଠିକ୍ ହୋଇନାହିଁ ବୋଲି କହିବା ସହ ଆମ ଦଳ ସରକାରରେ ରହିଛି, ଏଥିପାଇଁ ବାଚସ୍ପତି ଚାହିଁଥିଲେ ଗୋଟିଏ ଫୋନ୍ କରିପାରି ଥାଆନ୍ତେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦଳ ତିଆରି ସମୟରୁ ରହିଆସିଛୁ ବୋଲି ଦେବାଶିଷ କହିଛନ୍ତି। ପୂର୍ବତନ ବିଧାୟକ ରବି ନାଏକ କହିଛନ୍ତି, ତାଙ୍କ ନାମରେ ୨ଟି କ୍ୱାର୍ଟର୍ସ ଥିଲା। ସେଥିରୁ ଗୋଟିଏ ଛାଡି ଦେଇଛି। ଅନ୍ୟଟି ଛାଡିଦେବି ବୋଲି ବିଧାନସଭା ସଚିବଙ୍କୁ ମଧ୍ୟ ଜଣାଇଥିଲି। ହେଲେ ନୋଟିସ ନ ହେବା ପର୍ଯ୍ୟନ୍ତ ଛାଡି ହେବନି ବୋଲି ସଚିବ କହିଥିଲେ। ବର୍ତ୍ତମାନ ପାରିବାରିକ ସମସ୍ୟାଥିବା ଯୋଗୁ ଏବଂ କେତେଗୁଡିଏ ବିଭାଗର ଏନ୍‌ଓସି ନେଇପାରି ନ ଥିବାରୁ ଆସନ୍ତା ୧ ବର୍ଷ ପର୍ଯ୍ୟନ୍ତ ସମୟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛି ବୋଲି ସେ କହିଛନ୍ତି।

# ଓଡ଼ିଶା ବିଧାନସଭାର ହେବ ନବକଳେବର

ଭୁବନେଶ୍ୱର,୧୬।୯(ବ୍ୟୁରୋ)

- ଦେଶର ଆଦର୍ଶ ବିଧାନସଭା କରିବାକୁ ଗଢା ହେଲା ବିଲ୍ଡିଂ କମିଟି
- କାଗଜ ମୁକ୍ତ, ୱାଇଫାଇ ହେବ
- ବିଧାୟକ ଧରିବେ ଟାବ୍‌ଲେଟ

ଓଡ଼ିଶା ବିଧାନସଭା ହେବ ଦେଶର ମଡେଲ ବିଧାନ ସଭା। ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ସୋମବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏକ ବିଲ୍ଡିଂ କମିଟି ଗଠନ କରିଛନ୍ତି। ପୂର୍ତ୍ତ ବିଭାଗର ସଚିବ ଏହି କମିଟିର ଅଧ୍ୟକ୍ଷ ରହିବେ। ଏହି କମିଟି ଦେଶର ବିଭିନ୍ନ ରାଜ୍ୟରେ ଥିବା ବିଧାନସଭା ବୁଲି ଦେଖିବେ। ସେଠାକାର ବିଧାନସଭା କେଉଁ ଢାଞ୍ଚାରେ ନିର୍ମାଣ ହୋଇଛି, କି କି ସୁବିଧା ରହିଛି, ସେ ସବୁ ବୁଲି ଦେଖିବା ପରେ କମିଟି ମଡେଲ ବିଧାନସଭା ପାଇଁ ଏକ ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରିବ। ଅର୍ଥ ବିଭାଗର ଅନୁମତି ପାଇବା ପରେ ଏହି କମିଟି ବିଭିନ୍ନ ରାଜ୍ୟର ବିଧାନସଭା ଅନୁଧ୍ୟାନ କରିବାକୁ ଯିବ। ଗଣ ମାଧ୍ୟମକୁ ସୂଚନା ଦେଇ ବାଚସ୍ପତି ପାତ୍ର କହିଛନ୍ତି ଯେ, ପୂର୍ତ୍ତ ବିଭାଗ, ଅର୍ଥ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଏବଂ ଅନ୍ୟାନ୍ୟ ବିଭାଗ ସଚିବମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ତ୍ତ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବିଲ୍ଡିଂ କମିଟି ଗଠନ କରାଯାଇଛି। କମିଟି ବିଭିନ୍ନ ରାଜ୍ୟ ବୁଲିବା ପରେ ବିଧାନସଭାର ନବୀକରଣ ପାଇଁ କିଭଳି ଡିଜାଇନ ପ୍ରସ୍ତୁତ କରାଯିବ ସେ ସେ ନେଇ କମିଟି ରିପୋର୍ଟ ଦେବ। କମିଟିର ରିପୋର୍ଟକୁ ସରକାରଙ୍କ ଅନୁମୋଦନ ପରେ ଏହି କାର୍ଯ୍ୟ ଆରମ୍ଭ ହେବ । ମଡେଲ ବିଧାନସଭାକୁ କାଗଜପତ୍ର ମୁକ୍ତ କରାଯିବ। ବିଧାନସଭା ପରିସରକୁ ସମ୍ପୂର୍ଣ୍ଣ ୱାଇଫାଇ କରାଯିବ। ବିଧାୟକମାନେ ଟାବଲେଟରେ ସମସ୍ତ କାର୍ଯ୍ୟ କରିବେ। ପ୍ରତ୍ୟେକ ବିଧାୟକଙ୍କୁ କମ୍ପ୍ୟୁଟର ଟାବଲେଟ କ୍ରୟ କରିବାକୁ ସର୍ବାଧିକ ୧ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ। ଅର୍ଥ ବିଭାଗର ଅନୁମୋଦନ ପରେ ଟାବଲେଟ କିଣିବା ପାଇଁ ବିଧାୟକମାନଙ୍କୁ ଜଣାଇ ଦିଆଯିବ ବୋଲି ବାଚସ୍ପତି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ନୂତନ କର୍ମାରମ୍ଭ ସକାଶେ ସାହାଯ୍ୟ, ସହଯୋଗ ସହ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆନୁଷ୍ଠାନିକ, ସଭାସମିତି, ବନ୍ଧୁମିଳନ ପାଇଁ ଭଲ ଦିନଟିଏ କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ଛୋଟ ଛୋଟ କଥାକୁ କେନ୍ଦ୍ରକରି ମତାନ୍ତର କିମ୍ବା ମନାନ୍ତର ଜନିତ ମାନସିକ ଅଶାନ୍ତିର ଆଶଙ୍କା ମଧ୍ୟ ରହିଛି।

**ବୃଷ** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ପ୍ରତିବନ୍ଧକ ରହିବ ନାହିଁ । ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। କିନ୍ତୁ ଆର୍ଥିକ ଅନଟନ ମଧ୍ୟରେ ହାତକୁ ନେଇଥିବା କାମଟି ଅଧାରେ ଅଟକିଯିବ। ନୂତନ ଯାନବାହନ, ଜମିଜମା, କ୍ରୟ ବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ** ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇଲେ ମଧ୍ୟ ପରିସ୍ଥିତିବିଶତଃ ତାହାକୁ ଅସ୍ୱୀକାର କରିଦେଇପାରନ୍ତି। ସଭାସମିତି, ଜମିଜମା ଏବଂ ଚୁକ୍ତିପତ୍ର, ଆଇନ, ଅଦାଲତ କ୍ଷେତ୍ରରେ ସୁଫଳ ପାଇବେ।

**କର୍କଟ** କର୍ମଜଞ୍ଜାଳର ଗୁରୁତ୍ୱ ଦୃଷ୍ଟିକୋଣରୁ ଆଜି ଆପଣ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଦକ୍ଷତା ଓ ସଙ୍କୋଚତା କାରଣରୁ କର୍ମକ୍ଷେତ୍ରରେ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ପଡୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇପାରିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇପାରେ।

**କନ୍ୟା** ଆଜିଦିନରେ ସବୁ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହୋଇପାରିବ ନାହିଁ। ଗଠନମୂଳକ କିମ୍ବା ସାମୂହିକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ସାମାଜିକ ସ୍ତରରେ ଉନ୍ନତ ଚିନ୍ତା ତଥା ସେବା ଓ ପରୋପକାର ମନୋଭାବରୁ ପ୍ରଶଂସିତ ହେବେ। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା** ନିକଟ ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇ ଅନର୍ଥ ସୃଷ୍ଟି କରିପାରନ୍ତି। ପରିବାରର ଆବଶ୍ୟକତା ପୂରଣ ସକାଶେ ଅର୍ଥ ଯୋଗାଡ଼ କରିବା ଦିଗରେ ମନୋନିବେଶ କରିପାରନ୍ତି। ନୂତନ କର୍ମାରମ୍ଭ, ବାଣିଜ୍ୟ, ବ୍ୟବସାୟ, ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ।

**ବିଛା** ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବାକୁ ମନସ୍ଥ କରିପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ। ଶାରୀରିକ କ୍ଳାନ୍ତି ଅନୁଭବ କରିପାରନ୍ତି । ମାଲି ମକଦ୍ଦମା ଫଇସଲା ହେବାର ସମ୍ଭାବନା ରହିଛି।

**ଧନୁ** ଆଜିର କର୍ମକ୍ଷେତ୍ରରେ ସମସ୍ୟା ଯଦିଓ ଆସିବ ତଥାପି ବେଶି ସମୟ ତିଷ୍ଠି ରହିବ ନାହିଁ ଓ ପରକ୍ଷଣରେ ସବୁକିଛି ଠିକ୍ ହୋଇଯିବ। ସାମାଜିକ ସ୍ତରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଶାରୀରିକ ସୁସ୍ଥତା ଫେରି ଆସିପାରେ। ଅଫିସରେ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ।

**ମକର** ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ପରିବାର ଭିତରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ଜନିତ ଅଶାନ୍ତ ବାତାବରଣ ହୋଇପାରେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯିବ। ପରିବାର ସକାଶେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେନି।

**କୁମ୍ଭ** ପାରିବାରିକ ଅଭାବବୋଧ ଲାଗି ରହିବା କାରଣରୁ ବ୍ୟସ୍ତତା ବଢ଼ି ବଢ଼ି ଯିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ । ରାଜନୀତି, ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟାର ସମାଧାନର ରାସ୍ତା ଖୋଲିଯିବ। ଆର୍ଥିକ ଅନଟନ ଲାଗି ରହିବା ସହ ବାକି ପଡ଼ିଥିବା ଟଙ୍କା ଫେରି ନ ପାଇବାରୁ ଚିନ୍ତିତ ରହିପାରନ୍ତି।

**ମୀନ** ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ମଧ୍ୟ ହୋଇପାରିବେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କିମ୍ବା ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

ଆଜି କନ୍ୟା ସଂକ୍ରାନ୍ତି ଓ ବିଶ୍ୱକର୍ମା ପୂଜା, ଆଶ୍ୱିନ କୃଷ୍ଣ ତୃତୀୟା ମଙ୍ଗଳବାର, ସେପ୍ଟେମ୍ବର ୧୭ ତାରିଖ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ଦିବା ଘ୧୦।୧୦ମି. ମଧ୍ୟେ ଘ୧୧।୪୦ମି. ଗତେ, ଘ୧।୧୦ମି. ମଧ୍ୟେ ଅମୃତ ବେଳା । ଦିବା ଘ୧୦।୧୦ମି. ଗତେ ଘ୧୧।୪୦ମି. ମଧ୍ୟେ, ଘ୨।୪୦ମି. ଗତେ ଘ୪।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୪୩ମି. ଗତେ ଘ୪।୧୪ମି. ମଧ୍ୟେ ରାହୁକାଳ ।

**classifieds Everyday 0674-2580101, 2549302**

real estate

**SALE**

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

**Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619.** D-66781

2BHK flat near Kedargouri Temple, Lewis Road, Bhubaneswar. Mobile: 8328890345. D-65691

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

to-let

One Bedroom Flat with garage for rent at Reetavally near Krupajal Engineering. Contact: 9439084778. D-61062

**BUSINESS**

ମାସକୁ ୧୦,୦୦୦/- ରୁ ୨୫,୦୦୦/- ରୋଜଗାର ନିଜଘରେ ରହି ସ୍ୱଳ୍ପ ବିନିଯୋଗ କରି ପାଆନ୍ତୁ। Mob: 9937426857, 9861820550. D-68003

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66961

Refresh your mind and soul with best therapy at Orchid Salon/ Spa. 9937287222. D-66963

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

**AFFIDAVIT**

Affidavit before Executive Magistrate, Dhenkanal, 21.08.2019, my name has changed from Diptikrishna Maharana to Krishna Maharana. Henceforth I shall be known as Krishna Maharana, S/o. Gunanidhi Maharana, At-Godidihi, PO-Balaramprasad, PS-Motanga, Dist-Dhenkanal for all legal purposes. D-66820

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



## ଜିଲ୍ଲା ଚିଠି ଦେବଗଡ଼

# ସହରମୁହାଁ ମାଙ୍କଡ଼

ଦେବଗଡ଼ ସହରରେ ମାଙ୍କଡ଼ ଉପଦ୍ରବ ଦିନକୁ ଦିନ ବଢ଼ି ଚାଲିଛି। ସହରବାସୀ ଭୟ ଓ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ସହରଠାରୁ ମାତ୍ର ଦେଢ କିଲୋମିଟର ଦୂର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ରହୁଥିବା ମାଙ୍କଡ଼ମାନେ ଖାଦ୍ୟାଭାବ ଯୋଗୁ ସହରମୁହାଁ ହେଉଛନ୍ତି। ସେମାନେ ସଂଘବଦ୍ଧ ଭାବେ ସହର ଭିତରେ ପଶି ଖାଦ୍ୟ ସଂଗ୍ରହ ସହ, ଜନସାଧାରଣଙ୍କୁ ଅତର୍କିତ ଆକ୍ରମଣ କରୁଛନ୍ତି। ଯାହା ଏବେ ନିତିଦିନିଆ କଥାରେ ପରିଣତ ହୋଇଛି। ମାଙ୍କଡ ଆକ୍ରମଣ ଭୟରେ ପ୍ରାତଃ ଏବଂ ସାନ୍ଧ୍ୟ ଭ୍ରମଣ ପାଇଁ ଲୋକେ ଆଉ ପ୍ରଧାନପାଟର ମୁକ୍ତ ପରିବେଶକୁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଘରଦ୍ୱାର, ଦୋକାନ ବଜାରରେ ପଶି ମାଙ୍କଡମାନେ ବିଭିନ୍ନ ସାମଗ୍ରୀ ନଷ୍ଟ କରିଦେଉଛନ୍ତି। ଦଳଦଳ ହୋଇ ଛପର ଘର, ଟିଣ, ଆଜ୍‌ବେଷ୍ଟସ ଛାତ ଉପରେ ଧାଁଦୌଡ କରି ନଷ୍ଟଭ୍ରଷ୍ଟ କରୁଥିବା ଲୋକେ ଅଭିଯୋଗ କରୁଛନ୍ତି। ଏପରି କି ଗାଡି ମୋଟରଗୁଡିକରେ ଲାଗିଥିବା ହେଡ୍‌ଲାଇଟ, ଭାଇଜର, ମିରର୍ ଭାଙ୍ଗି ପକାଉଛନ୍ତି। ସେମାନେ ରାତିରେ ପ୍ରଧାନପାଟ ଜଙ୍ଗଲକୁ ନ ଫେରି ଜିଲାପାଳଙ୍କ କାର୍ଯ୍ୟାଳୟ ଛାତରେ ରହି ଯାଉଛନ୍ତି। ସକାଳୁ ସକାଳୁ ଲୋକଙ୍କ ବାଡିରେ ପଶି ବିଭିନ୍ନ ଫଳ ଓ ପନିପରିବା ଖାଉଛନ୍ତି। ଇତିମଧ୍ୟରେ ମାଙ୍କଡ ଆକ୍ରମଣରେ ସହର ଓ ଏହାର ଆଖପାଖ ଅଞ୍ଚଳରେ ୩ଶହରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇ ସାରିଲେଣି। ବିଶେଷ କରି ସହରର ଖପରସାହି, ବାବୁସାହି, ଗୁରୁସାହି, ବଣିଆସାହି, ମଠସାହି, ତଅଁଳାସାହି, ଲାଲୁସାହି, ଭୂୟାଁସାହି, ଶାସନସାହି, ମ୍ୟୁନିସିପାଲିଟି ସାହି, ପ୍ରାଇଭେଟ ବସଷ୍ଟାଣ୍ଡ, ଗୋପବନ୍ଧୁ ଛକ, ଭିଡିରିଆସାହି, ଡେଲି ମାର୍କେଟ ଅଞ୍ଚଳ ସେମାନଙ୍କ ଚରାଭୂଇଁ ପାଲଟିଛି। ମାଙ୍କଡ଼ ଦମନ ପାଇଁ ପ୍ରଶାସନ ତରଫରୁ ଯେତେ ବ୍ୟବସ୍ଥା ହେଲେ ମଧ୍ୟ ଫେଲ ମାରୁଛି। ୫ବର୍ଷ ତଳେ ପ୍ରଶାସନ ତରଫରୁ ରାଉରକେଲାର 'ଆର୍ମୀ' ନାମକ ଏକ ସାମାଜିକ ସଂସ୍ଥାକୁ ମାଙ୍କଡ଼ ଧରିବା ପାଇଁ ନିଯୋଜିତ କରାଯାଇଥିଲା। ମାତ୍ର ସେମାନେ ଏ ଦିଗରେ ନିରାଶ ହୋଇଥିଲେ। ପରେ ବନବିଭାଗ ତରଫରୁ ମାଙ୍କଡ଼ପଲଙ୍କୁ ନିୟନ୍ତ୍ରଣ କରିବା ପାଇଁ ବନ୍ଧୁକଧାରୀ ଗାର୍ଡ ନିୟୋଜିତ କରାଯାଇଛି। ତଥାପି ମାଙ୍କଡ଼ ଉପଦ୍ରବରୁ ଲୋକେ ତ୍ରାହି ପାଇ ପାରୁ ନାହାନ୍ତି। ଏହି ସମସ୍ୟାରୁ ମୁକୁଳିବା ପାଇଁ ଜିଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ ଜିଲାପାଳଙ୍କଠାରୁ ଆରମ୍ଭ କରି ସିସିଏଫ୍, ପିସିସିଏଫ୍‌ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ କୌଣସି ଉଦ୍ୟମ ଫଳପ୍ରଦ ହେଉନାହିଁ। ଜିଲା ପ୍ରଶାସନ ଏବଂ ବନ ବିଭାଗ ଯୋଜନା ମୁତାବକ ଏ ଦିଗରେ ଠୋସ୍ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

– ଶଶାଙ୍କ ଶେଖର ଝାଙ୍କର

# ୭୫ ମିଟର ଉଚ୍ଛେଦ ପାଇଁ ମାପଚୁପ ଆରମ୍ଭ



୭୫ ମିଟର ଉଚ୍ଛେଦ ପାଇଁ ଶ୍ରୀମନ୍ଦିର ପୂର୍ବପାର୍ଶ୍ୱରେ ମାପଚୁପ କରାଯାଉଛି।

**ପୁରୀ ଅଫିସ, ୧୬।୯**

ଶ୍ରୀମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରିଠାରୁ ୭୫ ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ ଖାଲି କରାଯିବ। ଏହି ପରିସୀମା ଭିତରେ ଥିବା ମଠ, ଧର୍ମଶାଳା, ବାସଗୃହ, ଦୋକାନ, ହୋଟେଲ, ଲଜ୍ଜ ସବୁ ଭଙ୍ଗାଯିବ। ଏଥିପାଇଁ ପ୍ରଥମେ ସିଂହଦ୍ୱାରକୁ ଲାଗିରହିଥିବା ସରକାରୀ ଏବଂ ବେସରକାରୀ ନିର୍ମାଣକୁ ପ୍ରଶାସନ ଉଚ୍ଛେଦ କରିଦେଇଛି। ଲଙ୍ଗୁଳି, ଏମାର ଏବଂ ବଡ଼ ଆଖଡା ମଠକୁ ମଧ୍ୟ ଭାଙ୍ଗିସାରିଛି। ଏବେ ୭୫ ମିଟରକୁ ଟାର୍ଗେଟ କରି ଆଗକୁ ବଢିଛି ପ୍ରଶାସନ। ଏଥିଲାଗି ମାପଚୁପ ଆରମ୍ଭ ହୋଇଛି।

ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଏଥିପାଇଁ ଏକାଧିକ ପ୍ରକଳ୍ପ ପରିକଳ୍ପନା କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ମେଘନାଦ ପାଚେରି ପାର୍ଶ୍ୱସ୍ଥ ସରକାରୀ ଓ ବେସରକାରୀ ନିର୍ମାଣ ଉଚ୍ଛେଦ ପରେ ବିପଦସଙ୍କୁଳ କୋଠା ଭଙ୍ଗାଯାଇଛି। ଲଙ୍ଗୁଳି ମଠ, ଏମାର ଏବଂ ବଡ଼ ଆଖଡା ମଠ ମାଟିରେ ମିଶିଛି। ରାସ୍ତା ନ ଥିବାରୁ ଉଚ୍ଛେଦ ମଠରେ ଉପାସିତ ଠାକୁରଙ୍କ ଦର୍ଶନ ପାଇଁ ଭକ୍ତମାନେ ଯାଇପାରୁ ନ ଥିଲେ। ତେଣୁ ଉଚ୍ଛେଦ ସ୍ଥଳକୁ ସମତୁଲ କରି ଟାଇଲ ବିଛାଇଛି ପ୍ରଶାସନ। ଏହାପରେ ୭୫ ମିଟର ଉଚ୍ଛେଦ ପାଇଁ ସୋମବାର ପୁରୀ ଉପଜିଲାପାଳ ଭବତାରଣ ସାହୁଙ୍କ ଉପସ୍ଥିତିରେ ଆର୍‌ଆଇ, ତହସିଲ ଅଫିସ କର୍ମଚାରୀମାନେ ଶ୍ରୀମନ୍ଦିର ପୂର୍ବ ପାର୍ଶ୍ୱ ଅର୍ଥାତ୍ ବଡ଼ ଆଖଡା ମଠ ପଛପଟୁ ବଡ଼ଦାଣ୍ଡ ଆଡ଼କୁ ମାପଚୁପ କରିଛନ୍ତି। ଏହି ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ୫ଜଣ ଶିକ୍ଷାନବିସ ଆଇଏଏସ୍ ଅଫିସର ଉପସ୍ଥିତ ରହି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏ ନେଇ ଉପଜିଲାପାଳ ସାହୁ କହିଛନ୍ତି, ପୂର୍ବରୁ ଉଚ୍ଛେଦ ସ୍ଥଳର ସୌନ୍ଦର୍ଯ୍ୟକରଣ ଉପରେ ପ୍ରାଥମିକତା ଦିଆଯାଇ କାମ ସରିଛି। ଏହାଦ୍ୱାରା ଭକ୍ତମାନେ ସୁରୁଖୁରୁରେ ବୁଲି ଦର୍ଶନ କରିପାରିବେ। ୭୫ ମିଟର ଉଚ୍ଛେଦ ପାଇଁ ଶ୍ରୀମନ୍ଦିର ପୂର୍ବପାର୍ଶ୍ୱ ମାପ କରାଯାଇଛି। ପର୍ଯ୍ୟାୟକ୍ରମେ ଚତୁଃପାର୍ଶ୍ୱ ମାପଚୁପ କରାଯିବ।






କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ସୋମବାର 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି।

# କଲରାପତରିଆ ବାଘୁଣୀର ମୃତଦେହ ଉଦ୍ଧାର

**ଟିଗିରିଆ, ୧୬।୯(ଡି.ଏନ୍.ଏ.)**

ଆଠଗଡ଼ ବନାଖଣ୍ଡ ଅନ୍ତର୍ଗତ ଟିଗିରିଆ ବନାଞ୍ଚଳ ଅଧୀନ ନିଜିଗଡ଼ ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ଦ୍ୱାରା ଏକ କଲରାପତରିଆ ବାଘୁଣୀର ମୃତଦେହ ଉଦ୍ଧାର ହୋଇଛି। ମୃତ ବାଘୁଣୀର ବୟସ ୧୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଓଜନ ୫୦ କିଲୋ ଓ ୨ଫୁଟ ଉଚ୍ଚ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଏହି ସଂରକ୍ଷିତ ଜଙ୍ଗଲର ହରିଡ଼ାପଶି ନିକଟବର୍ତ୍ତୀ ଅଞ୍ଚଳର ଏକ ପାହାଡ଼ିଆ ସ୍ଥାନରୁ ରବିବାର ବାଘୁଣୀର ମୃତଦେହ ଠାବ କରାଯାଇ ଟିଗିରିଆ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସୋମବାର ସକାଳେ ବନ୍ୟପ୍ରାଣୀ ଓ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଟିଗିରିଆ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଧର୍ମାନନ୍ଦ ମହାନ୍ତି ବାଘୁଣୀର ମୃତଦେହ ବ୍ୟବଚ୍ଛେଦ କରାଇଥିଲେ।



ମୃତ କଲରାପତରିଆ ବାଘୁଣୀ।

ମୃତ ବାଘୁଣୀ ଦେହରେ କୌଣସି କ୍ଷତଚିହ୍ନ ନ ଥିବା ବେଳେ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଆଠଗଡ଼ ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କା କହିଛନ୍ତି। ବ୍ୟବଚ୍ଛେଦ ପରେ ବିଭାଗୀୟ ନୀତି ଅନୁଯାୟୀ ବାଘୁଣୀର ମୃତଦେହକୁ କାର୍ଯ୍ୟାଳୟ ପରିସରରେ ଦାହ କରିଦିଆଯାଇଛି।

ଅପରପକ୍ଷେ ଟିଗିରିଆ ବନାଞ୍ଚଳରେ କୌଣସି ବାଘଙ୍କ ଚଳାଚଳ ସ୍ଥାନୀୟ ଲୋକେ ଦେଖି ନ ଥିବା ବେଳେ ହଠାତ୍ ଏକ ବାଘୁଣୀର ଅସ୍ୱାଭାବିକ ମୃତ୍ୟୁକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ତଦନ୍ତ ଜାରି ରହିଛି ବୋଲି ଡିଏଫ୍‌ଓ କହିଛନ୍ତି। ଖବରପାଇ ସାତକୋଶିଆ ବନ୍ୟଜନ୍ତୁ ବିଶେଷଜ୍ଞ ଡ. କିଶୋର ଚନ୍ଦ୍ର ସାହୁ, ପ୍ରାକୃତିକ ପରିବେଶ ଓ ବନ୍ୟପ୍ରାଣୀ ସମାଜର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ପ୍ରସନ୍ନ କୁମାର ବେହେରା, ସହକାରୀ ବନ୍ୟ ସଂରକ୍ଷକ ରାଜେନ୍ଦ୍ର କୁମାର ଦାସ, କଟକ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆଠଗଡ଼ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କେଶବ ଚନ୍ଦ୍ର ସାମନ୍ତରାୟ, ଆଠଗଡ଼ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ବେହେରା ବାଘୁଣୀର ମୃତଦେହ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିଲେ।

# ୨ ବିଶ୍ୱବିଦ୍ୟାଳୟ ହେବ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ

- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବ ୬୫ ମହାବିଦ୍ୟାଳୟ
- ଭବାନୀପାଟଣା ବିଶ୍ୱବିଦ୍ୟାଳୟ ଅଧୀନରେ ରହିବ ୫୦ ମହାବିଦ୍ୟାଳୟ

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

ବଲାଙ୍ଗୀରର ରାଜେନ୍ଦ୍ର ଏକକ ବିଶ୍ୱବିଦ୍ୟାଳୟ ଏବଂ ଭବାନୀପାଟଣା ଏକକ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ(ଆଫିଲିଏଟେଡ୍) ବିଶ୍ୱବିଦ୍ୟାଳୟ ହେବ। ରାଜ୍ୟରେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ଦୁଇଟି ବିଶ୍ୱବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗର ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ପୂର୍ବରୁ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଗତ ମାର୍ଚ୍ଚ ୬ରେ ଓ ବଲାଙ୍ଗୀର ରାଜେନ୍ଦ୍ର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଗତ ମାର୍ଚ୍ଚ ୨ରେ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଥିଲା। କିନ୍ତୁ ଏହାକୁ ପରିବର୍ତ୍ତନ କରାଯାଇ ଉଭୟ ବିଶ୍ୱବିଦ୍ୟାଳୟକୁ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ କରାଯିବ। ଏଣିକି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ପ୍ରାୟ ୬୫ଟି ମହାବିଦ୍ୟାଳୟ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବା ସହ ଅନୁବନ୍ଧିତ ହୋଇଯିବ। ସେହିପରି କଳାହାଣ୍ଡି ଏବଂ ନୂଆପଡ଼ା ଜିଲାର ପ୍ରାୟ ୫୦ଟି ମହାବିଦ୍ୟାଳୟ ଭବାନୀପାଟଣା ଏକକ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହେବ। ଏହି ମହାବିଦ୍ୟାଳୟଗୁଡ଼ିକ ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଅଛି। ତେବେ ଏହି ଦୁଇଟି ଏକକ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ହେଲେ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ବିଶ୍ୱବିଦ୍ୟାଳୟ ସହ ଯୋଗାଯୋଗ ନିମନ୍ତେ ଦୂର ସ୍ଥାନକୁ ଯିବାକୁ ପଡ଼ିବ ନାହିଁ ଏବଂ ପ୍ରଶାସନିକ ପ୍ରକ୍ରିୟାରେ ପାରଦର୍ଶିତା ଆସିପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଉପରୋକ୍ତ ଚାରି ଜିଲାର ୧୧୫ଟି ମହାବିଦ୍ୟାଳୟ ବାଦ୍ ପଡ଼ିଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କାର୍ଯ୍ୟଭାର ଅନେକ ମାତ୍ରାରେ ଲାଘବ ହେବାସହ ଏହାର କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି ପାଇବ। ଏହାସହ ପରୀକ୍ଷା ପରିଚାଳନା, ପରୀକ୍ଷା ଫଳ ପ୍ରକାଶନ, ଆଡ୍‌ମିଶନ୍ ପ୍ରକ୍ରିୟା ଆଦି ତ୍ୱରାନ୍ୱିତ ହୋଇପାରିବା ସହ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ମଧ୍ୟ ସହଜରେ ହୋଇପାରିବ। ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରାୟ ୨୪୦ଟି ମହାବିଦ୍ୟାଳୟ ରହିଛି। ସୂଚନାଯୋଗ୍ୟ, ବଲାଙ୍ଗୀରର ରାଜେନ୍ଦ୍ର ମହାବିଦ୍ୟାଳୟ ୧୯୪୪ରେ ଓ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୬୦ରେ ପ୍ରତିଷ୍ଠା କରାଯାଇଥିଲା।

# ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା

**ଖପ୍ରାଖୋଲ, ୧୬।୯ (ଡି.ଏନ.ଏ.)**

ମଧ୍ୟଯୁଗୀୟ ଅନ୍ଧବିଶ୍ୱାସ, ଗୁଣିଗାରେଡି ସନ୍ଦେହ କିଭଳି ଭୟାନକ ରୂପ ନେଇପାରେ ସେଭଳି ଏକ ବୀଭତ୍ସ ଘଟଣା ଘଟିଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତଥା ଲରମ୍ବା ଥାନା ଅନ୍ତର୍ଗତ ଚିଟିକାମାଲ ଗାଁରେ । ସୋମବାର ସକାଳୁ ଏହି ଗାଁ ନିକଟ ପାହାଡରେ ସେହି ଗାଁର ଏକ ଦମ୍ପତିଙ୍କୁ ଗୁଣିଗାରେଡି ସନ୍ଦେହରେ ହତ୍ୟା କରି ଫିଙ୍ଗି ଦେଇଥିବା ଜଣାପଡିବା ପରେ ଜିଲାବ୍ୟାପୀ ଚାଞ୍ଚଲ୍ୟ ଖେଳିଯାଇଛି । ମୃତ ଦମ୍ପତି ହେଲେ ଚିଟିକାମାଲ ଗାଁର ଚିନ୍ତାମଣି ବରିହା (୫୫) ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀ (୫୦) । ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍, ପାଟଣାଗଡ଼ ଏସ୍‌ଡିପିଓ ସୁରେଶ ନାଏକ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ସରଜମିନ୍ ତଦନ୍ତ ଆରମ୍ଭ କରିଛନ୍ତି । ୪ଜଣ ସନ୍ଦିଗ୍ଧଙ୍କୁ ଲରମ୍ବା ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି । ପୋଲିସ ଘଟଣାସ୍ଥଳରୁ ଦୁଇ ମୃତଦେହକୁ ଉଦ୍ଧାର କରି ପଞ୍ଚନାମା କରିଛି ।

ଚିଟିକାମାଲ ଗାଁରେ ପ୍ରାୟ ଦେଢ଼ମାସ ତଳେ ଜଣେ ବ୍ୟକ୍ତିଙ୍କ ଦେଢ଼ବର୍ଷର ଏକ ଶିଶୁପତ୍ରଙ୍କ ମୃତ୍ୟୁ ହୋଇଥିଲା । ଗତ ଶୁକ୍ରବାର ସେହି ମୃତ ଶିଶୁପୁତ୍ର ପୋତା ଯାଇଥିବା ସ୍ଥାନରେ କେହି ଫୁଲ, ସିନ୍ଦୂର ପକାଇ ପୂଜାର୍ଚ୍ଚନା କରିଥିବା ଦେଖାଯାଇଥିଲା । ଏହି ଘଟଣା ପରେ ଗାଁରେ ଗୁଣିଗାରେଡି, ଡାହାଣୀ ଚର୍ଚ୍ଚା ଆରମ୍ଭ ହୋଇଥିଲା । ଏଭଳି ଚର୍ଚ୍ଚା ପରେ ସେହିଦିନ ଚିନ୍ତାମଣି ବରିହା ଲରମ୍ବା ଥାନାକୁ ଯାଇ ତାଙ୍କୁ ଗାଁରେ ଅଯଥା ଗୁଣିଗାରେଡି, ଡାହାଣୀ ସନ୍ଦେହ କରୁଥିବା ଅଭିଯୋଗ କରି ସୁରକ୍ଷା ଲୋଡିଥିଲେ । ଏହି ଘଟଣା ପରେ ଲରମ୍ବା ପୋଲିସ ଗାଁର କେତେଜଣ ଲୋକ ଓ ଚିନ୍ତାମଣିଙ୍କୁ ଡାକି ମିଳାମିଶା ଉଦ୍ୟମ ମଧ୍ୟ କରିଥିଲେ । ତେବେ ସୋମବାର ସକାଳୁ ଚିନ୍ତାମଣି ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀଙ୍କ ହତ୍ୟା ଘଟଣା ଜଣାପଡିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା । ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ଗାଁରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଅଖାବସ୍ତାରେ ବାନ୍ଧି ନିକଟସ୍ଥ ପାହାଡରେ ଫିଙ୍ଗାଯାଇଥିବା ପୋଲିସ ଅନୁମାନ କରିଛି । ଘଟଣାସ୍ଥଳରେ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତଛିଟା ସଂଗ୍ରହ, ପାରିପାର୍ଶ୍ୱିକ ସ୍ଥିତି ଆକଳନ କରିଛି ।

# ରେଙ୍ଗାଲି ଡ୍ୟାମ୍ ଗେଟ୍ ବନ୍ଦ

**କଣିହାଁ, ୧୬।୯(ଡି.ଏନ୍.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ରେଙ୍ଗାଲି ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ପାଇଁ ରବିବାର ଖୋଲାଯାଇଥିବା ଗୋଟିଏ ଗେଟ୍‌କୁ ସୋମବାର ପୂର୍ବାହ୍ନ ୯ଟାରେ ବନ୍ଦ କରି ଦିଆଯାଇଛି। ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନା କହିଛନ୍ତି, ଜଳସ୍ତର ବୃଦ୍ଧି ଯୋଗୁ ଗେଟ୍ ଖୋଲାଯାଇଥିଲା। ଗେଟ୍ ବନ୍ଦ ପରେ ସନ୍ଧ୍ୟା ସୁଦ୍ଧା ଡ୍ୟାମ୍‌ର ଜଳସ୍ତର ୧୨୩.୧୭ ମିଟର ରହିଛି। ପ୍ରତି ସେକେଣ୍ଡରେ ଡ୍ୟାମକୁ ୮୨୨ ଘନ ମିଟର ଜଳ ପ୍ରବେଶ କରୁଛି। ଜଳ ବିଦ୍ୟୁତ ପ୍ରକଳ୍ପକୁ ନେଇ ୫ଟି ୟୁନିଟ୍ ରହିଥିବାବେଳେ ୪ଟି ୟୁନିଟ କାର୍ଯ୍ୟକ୍ଷମ ପାଇଁ ପାୱାର ଚ୍ୟାନେଲ ଦ୍ୱାରା ୫୨୭ ଘନମିଟର ଜଳ ନିଷ୍କାସିତ ହେଉଛି। ଜଳସ୍ତର ବୃଦ୍ଧି ପାଇଲେ ପୁନଃ ଗେଟ୍ ଖୋଲାଯିବ।

# ଧାରଣାରେ ବସିଲେ ନାମଲେଖାରୁ ବଞ୍ଚିତ ଛାତ୍ର



ଅନୁଗୋଳ ଅଫିସ, ୧୬।୯– ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପିଜି ଫର୍ମରେ ତ୍ରୁଟି ଥିବା ଅଭିଯୋଗ ପରେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବାରୁ ନାମଲେଖାରୁ ବଞ୍ଚିତ ଦୁଇ ଛାତ୍ର ସୋମବାର ଧାରଣାରେ ବସିଛନ୍ତି। ସେମାନେ ମହାବିଦ୍ୟାଳୟ କାର୍ଯ୍ୟାଳୟରେ ତାଲା ପକାଇବା ସହ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏ ନେଇ ମହାବିଦ୍ୟାଳୟ ପକ୍ଷରୁ ପୋଲିସକୁ ଅବଗତ କରାଯାଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଛାତ୍ରମାନେ ଆନ୍ଦୋଳନରୁ ଓହରିଥିଲେ।

ଦୁଇ ଛାତ୍ର ଅଭିଯୋଗ କରିଛନ୍ତି ଯେ, ଆସନ୍ତା ୧୯ ତାରିଖରେ ମହାବିଦ୍ୟାଳୟରେ ଥିବା ସ୍ନାତୋକତ୍ତର ବିଭାଗର ପ୍ରଥମ ସେମିଷ୍ଟାର ଅନୁଷ୍ଠିତ ହେବ। କିନ୍ତୁ ନାମ ଲେଖା ବିବାଦର ଅଦ୍ୟାବଧି ସମାଧାନ ହେଲା ନାହିଁ। ସଂରକ୍ଷଣ ପ୍ରତିଶତରେ ତ୍ରୁଟି ଥିବାବେଳେ ଏନ୍‌ସିସି ପିଲାଙ୍କ ପାଇଁ କୌଣସି ସଂରକ୍ଷଣ ରଖାଯାଇ ନାହିଁ। ଏହାକୁ ନେଇ ବିବାଦ ଦେଖାଦେଇଛି। ଅନ୍ୟ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ୍ସ ସର୍ଭିସମ୍ୟାନଙ୍କ ପାଇଁ ୧ ପ୍ରତିଶତ ସଂରକ୍ଷଣ ରହୁଥିବାବେଳେ ଏଠାରେ ବ୍ୟତିକ୍ରମ ହୋଇଥିବାରୁ ବହୁ ଛାତ୍ରୀଛାତ୍ର ନାମଲେଖାରୁ ବାଦ୍ ପଡ଼ିଛନ୍ତି। ଏ ନେଇ ମାନସ ରଞ୍ଜନ ସାହୁ ଓ ଅବିନାଶ ସାହୁ ଅଗଷ୍ଟ ମାସରେ ପ୍ରଶାସନର ଦ୍ୱାରସ୍ଥ ହେବା ପରେ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ପଠାଇବା ପାଇଁ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ କହିଥିଲେ। କିନ୍ତୁ ଏଯାଏ କୌଣସି ସୂଚନା ନ ଆସିବାରୁ ଦୁଇ ଛାତ୍ର ଧାରଣାରେ ବସିଥିଲେ।

ଆଲ୍ଲାହାବାଦ ବ୍ୟାଙ୍କ ALLAHABAD BANK
ବିଶ୍ୱାସର ଏକ ପରମ୍ପରା A tradition of trust
ମୁଖ୍ୟ କାର୍ଯ୍ୟାଳୟ: 2, ନେତାଜୀ ସୁଭାଷ ରୋଡ୍, କୋଲକାତା - 700001

**ବିଜ୍ଞପ୍ତି**

**ଆଲ୍ଲାହାବାଦ ବ୍ୟାଙ୍କ ₹୪୦.୦୦ ଲକ୍ଷରୁ ଊର୍ଦ୍ଧ୍ୱ ସଞ୍ଚୟ ବ୍ୟାଙ୍କ ଜମା ଉପରେ ସୁଧକୁ ଆର୍‌ବିଆଇ ରେପୋ ରେଟ୍ ସହ ସଂଯୋଗ କରାଯାଉଅଛି**

ଆଲ୍ଲାହାବାଦ ବ୍ୟାଙ୍କର ସମସ୍ତ ସଞ୍ଚୟ ବ୍ୟାଙ୍କ ଜମା ଖାତାଧାରୀଙ୍କୁ ଏତଦ୍ଦ୍ୱାରା ସୂଚିତ କରାଯାଉଛି ଯେ ₹୪୦ ଲକ୍ଷରୁ ଊର୍ଦ୍ଧ୍ୱ ଥିବା ସଞ୍ଚୟ ବ୍ୟାଙ୍କ ଜମା ଖାତାଗୁଡ଼ିକ ଉପରେ ସୁଧ ହାରକୁ ୧ ଅକ୍ଟୋବର, ୨୦୧୯ଠାରୁ ଆର୍‌ବିଆଇ ରେପୋ ରେଟ୍ ସହ ସଂଯୋଗ କରାଯାଉଅଛି ଏବଂ ସେହି ଅନୁଯାୟୀ ପ୍ରଭାବୀ ସୁଧ ହାର ପ୍ରଚଳିତ ରେପୋ ରେଟ୍ ସହ ସମତୁଲ୍ୟ ହେବ ଅର୍ଥାତ୍ ବାର୍ଷିକ ୩.୬୫%।

ସଞ୍ଚୟ ବ୍ୟାଙ୍କ ଜମା ଖାତା ପାଇଁ ଅନ୍ୟାନ୍ୟ ନିୟମାବଳୀ ଅପରିବର୍ତ୍ତିତ ରହିବ।

ମୁଖ୍ୟ କାର୍ଯ୍ୟାଳୟ, କୋଲକାତା
ତାରିଖ: ୧୩ ସେପ୍ଟେମ୍ବର, ୨୦୧୯
ସାଧାରଣ ପରିଚାଳକ
ଯୋଜନା ବିଭାଗ

CLASSIFIED DISPLAY












ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ

# ଯୋଜନାର ପୁନଃ ସମୀକ୍ଷା

ଓଡ଼ିଶାରେ ପିଲାବିକ୍ରି କଥା ଉଠିଲେ ଗତ ଶତାବ୍ଦୀର ୮୦ ଦଶକ କଥା ମନେପଡ଼େ। ଦାରିଦ୍ର୍ୟ ଯୋଗୁ କଳାହାଣ୍ଡି ଜିଲାରେ ଲୋକେ ପିଲାଙ୍କୁ ବିକ୍ରି କରିଦେଉଥିଲେ। ସେଥିପାଇଁ ସେତେବେଳେ ବାହାରେ ଓଡ଼ିଶା ଏକ ଗରିବ ରାଜ୍ୟ ଭାବେ କୁଖ୍ୟାତି ଅର୍ଜନ କରିଥିଲା। ଏବେ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଯୋଜନା କରାଯାଇଛି। ଶିଶୁଟିଏ ଜନ୍ମହେବାଠାରୁ ବୟସ୍କଙ୍କ ମୃତ୍ୟୁ ଯାଏ ଅନେକ କାର୍ଯ୍ୟକ୍ରମ ମେଲାଇ ଦିଆଯାଇଛି। ବିଭିନ୍ନ ଯୋଜନା ମାଧ୍ୟମରେ ସରକାରୀ ସାହାଯ୍ୟ ପହଞ୍ଚୁଥିବାରୁ ବିଗତ ଦଶନ୍ଧିଠାରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଏଭଳି ପିଲାବିକ୍ରି ଖବର ଶୁଣାଯାଉ ନ ଥିଲା। ବିଶେଷକରି ଟଙ୍କିକିଆ ଚାଉଳ ଏହାର ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି କୁହାଯାଇପାରେ। ଅବଶ୍ୟ ସେହି ଯୋଜନାର ଅନେକ ସମାଲୋଚକ ସୃଷ୍ଟି ହୋଇଛନ୍ତି। ସେମାନଙ୍କର ମୁଖ୍ୟ ବିରୋଧୀ ଯୁକ୍ତି ହେଉଛି ଯେ, ଟଙ୍କିକିଆ ଚାଉଳ ଯୋଗୁ କର୍ମକୋଢ଼ ସୃଷ୍ଟି ହୋଇଯାଉଛନ୍ତି। ଅପରପକ୍ଷରେ ଏକ ଜନମଙ୍ଗଳକାରୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସର୍ବନିମ୍ନ ସ୍ତରର ସ୍ୱାର୍ଥକୁ ଜଗିବା ସରକାରଙ୍କ ମୁଖ୍ୟ ଦାୟିତ୍ୱ ହୋଇଥାଏ। ବିବାଦ ମଧ୍ୟରେ ଥିବା ସତ୍ତ୍ୱେ ଏହି ଯୋଜନାକୁ କେହି ବି ସକ୍ରିୟ ଭାବେ ବିରୋଧ କରିନାହାନ୍ତି। ଏବେ ହଠାତ୍ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସୁଛି। ଗତ ୧୫ ଦିନ ମଧ୍ୟରେ ବାଲେଶ୍ୱର ପରି ଉପକୂଳ ଜିଲାରେ ଦୁଇଟି ଘଟଣା ଘଟିଯାଇଛି। ଅଗଷ୍ଟ ୨୭ରେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପିଠାହତା ଅଞ୍ଚଳରେ ଦାରିଦ୍ର୍ୟର ତାଡ଼ନା ସହି ନ ପାରି ଜଣେ ମହିଳା ତାଙ୍କର ୫ ଦିନର ଶିଶୁକନ୍ୟାଙ୍କୁ ଲାଳନପାଳନ କରିବାରେ ଅସମର୍ଥ ହୋଇ ଶେଷରେ ତାହାକୁ ଦାନ କରିଦେଇଥିଲେ। ସେହିପରି ୧୩ ସେପ୍ଟେମ୍ବରରେ ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ଦରଘାପଡ଼ିଆ ଅଞ୍ଚଳରେ ଦମ୍ପତି ସେମାନଙ୍କ ୭ ଦିନର ପୁଅକୁ ମାତ୍ର ୨୦ ହଜାର ଟଙ୍କାରେ ବିକ୍ରି କରି ଦେଇଥିଲେ। ଦୁଇ ମାସ ତଳେ ସୋନପୁର ଜିଲା ବିନିକା ଥାନା ଅନ୍ତର୍ଗତ ବିଶାଳପାଲରେ ଆଈ ତାଙ୍କ ନାତିକୁ ବିକ୍ରି କରିଦେବା ଘଟଣା ରାଜ୍ୟରେ ଚହଳ ପକାଇଥିଲା।

ଏହିଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ପିଲାବିକ୍ରି ହେଉଥିବା ଗଣମାଧ୍ୟମରୁ ଶୁଣିବାକୁ ମିଳୁଛି। ପ୍ରଶାସନ ଏହିସବୁ ଘଟଣାକୁ କେତେ ଗୁରୁତ୍ୱ ଦେଉଛି, ତାହା ପଦାରେ ଜଣାପଡୁନାହିଁ। କିନ୍ତୁ ଏହିଭଳି ଖବର ମିଳିବା ଏକ ସତର୍କଘଣ୍ଟି ବୋଲି ପ୍ରଶାସନ ବୁଝିବା ଦରକାର। ମନେହେଉଛି ଯେପରି ସବୁ ଉତ୍ତମ ଉଦ୍ଦେଶ୍ୟ ଥିବା ସତ୍ତ୍ୱେ ଆଭ୍ୟନ୍ତରୀଣ କାର୍ଯ୍ୟରେ ଉଇ ଲାଗିଗଲାଣି। ଗରିବ ଓ ଅସହାୟ ଜନସାଧାରଣଙ୍କ ପାଖରେ ପହଞ୍ଚୁଥିବା ସରକାରୀ ଯୋଜନା ପାଇଁ ଓଡ଼ିଶା ଅନେକ ଥର ପ୍ରଶଂସିତ ହୋଇଥିଲା। ଏବେକାର ଏହିଭଳି ଘଟଣାର ଖବର ଧାରଣା ସୃଷ୍ଟି କରିପାରେ ଯେ ପାଇବାକୁ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବା ପରିବର୍ତ୍ତେ ସେହିସବୁ ଯୋଜନାର ସାମଗ୍ରୀ ଓ ଅର୍ଥ ଅଯୋଗ୍ୟଙ୍କ ପାଖକୁ ପଳାଇଯାଉଛି। ଦୁର୍ନୀତି ହୋଇଛି ବୋଲି କହିବା କଷ୍ଟକର, କାରଣ ତା'ର ପ୍ରମାଣ ଯୋଗାଡ଼ କରିବା ଅସମ୍ଭବ।

ଯଦି ଗୋଟିଏ ପଟେ ଅତ୍ୟନ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଅତ୍ୟାବଶ୍ୟକ ଯୋଜନା ଠିକ୍‌ରେ ପହଞ୍ଚି ପାରୁନାହିଁ, ସରକାରଙ୍କ ଦ୍ୱାରା ଘୋଷିତ ହେଉଥିବା ଭିନ୍ନ ଧରଣର ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବା ନେଇ ସନ୍ଦେହ ସୃଷ୍ଟି ହେଉଛି। ନିକଟରେ ରାଜ୍ୟ ଭିନ୍ନକ୍ଷମ ଓ ସାମାଜିକ ସଶକ୍ତୀକରଣ ବିଭାଗ ପକ୍ଷରୁ କୁହାଯାଇଛି ଯେ, ବିବାହ ବିଚ୍ଛେଦ ପାଇଁ ସ୍ତ୍ରୀ ଓ ସ୍ୱାମୀ କୋର୍ଟରେ ଆବେଦନ କରୁଛନ୍ତି। କିନ୍ତୁ ଏହି ଆବେଦନର ଫଇସଲା ହେବାକୁ ଦୀର୍ଘ ବର୍ଷ ଲାଗିଯାଇଥାଏ। ଏହି ସମୟରେ ଖର୍ଚ୍ଚ ତୁଲାଇବା ସକାଶେ ସମ୍ପୃକ୍ତ ମହିଳାଙ୍କ ନିକଟରେ କୌଣସି ସମ୍ବଳ ନ ଥାଏ ବୋଲି କୁହାଯାଉଛି। ତେଣୁ ସେଭଳି ସ୍ଥଳେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ପେନ୍‌ସନ ଯୋଗାଇ ଦେବାକୁ ସରକାର ବିଚାର କରୁଛନ୍ତି। ଏମିତି ଦେଖିଲେ ମଧୁବାବୁ ପେନ୍‌ସନ ଯୋଜନାରେ ପରିତ୍ୟକ୍ତ ବୟସ୍କ ଓ ପରିତ୍ୟକ୍ତ ତଥା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ଦିଆଯିବାର ବ୍ୟବସ୍ଥା ରହିଛି। ହେଲେ ଅନେକ ସମୟରେ ଅଭିଯୋଗ ଆସିଥାଏ ଯେ, ବୟସ୍କ ବ୍ୟକ୍ତିମାନେ ଯୋଜନାର ସୁଫଳ ପାଇପାରୁନାହାନ୍ତି। ତେଣୁ ସବୁବେଳେ ଯେ ଆର୍ଥିକ ସ୍ୱଚ୍ଛଳ ଅବସ୍ଥାରେ ସ୍ୱାମୀ ରହିଥାଏ ଏବଂ ସ୍ତ୍ରୀ ଅନଟନର ଶିକାର ହେଉଥାଏ, ଭାବିବା ମଧ୍ୟ ବାସ୍ତବ ହୋଇ ନ ପାରେ। ଅନେକ ଘଟଣାରେ ବିଭିନ୍ନ କାରଣରୁ ଛାଡ଼ପତ୍ର ପରିସ୍ଥିତି ଉପୁଜେ, ଯେଉଁଥିରେ କେବଳ ସ୍ୱାମୀ କିମ୍ବା ସ୍ତ୍ରୀ ଦାୟୀ ବୋଲି ସ୍ପଷ୍ଟ ଜଣାପଡ଼େନାହିଁ। ଏଭଳି ପରିସ୍ଥିତିରେ ସରକାରଙ୍କ ଅଭିନବ ଯୋଜନା ମହିଳାଙ୍କ ପାଇଁ ସ୍ୱାଗତଯୋଗ୍ୟ ହୋଇଥିଲେ ମଧ୍ୟ ବାଟମାରଣା ହେବାର ସୁଯୋଗ ସୃଷ୍ଟି କରୁଛି। ତେବେ ୧୬ ସେପ୍ଟେମ୍ବରରେ ମିଳିଥିବା ତଥ୍ୟ ଅନୁଯାୟୀ ଓଡ଼ିଶାରେ ଏବେ ଆଧାର ସଂଯୋଗ ନ ଥିବା ଯୋଗୁ ୧ ଲକ୍ଷ ୮୪ ହଜାର ୯୫୦ ପରିବାରର ୧୮ ଲକ୍ଷ ୬୭ ହଜାର ୮୦୩ ବ୍ୟକ୍ତି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରୁ ବାଦ୍ ପଡ଼ିପାରନ୍ତି। ଫଳରେ ସେମାନେ ଯୋଗ୍ୟ ହିତାଧିକାରୀ ହୋଇ ମଧ୍ୟ ଅଯୋଗ୍ୟ ସାବ୍ୟସ୍ତ ହେବେ। ଫଳରେ ଆଗକୁ ସ୍ଥିତି ଅସମ୍ଭାଳ ହୋଇପଡ଼ିବ। ସେଥିପାଇଁ ନୂଆ ଯୋଜନା କରିବା ପରିବର୍ତ୍ତେ କ୍ରମଶଃ ବିଫଳ ହେବାର ସଙ୍କେତ ମିଳୁଥିବା ଯୋଜନା ବା କାର୍ଯ୍ୟକ୍ରମଗୁଡ଼ିକର ପୁନଃ ମୂଲ୍ୟାୟନ ଏବଂ ସମୀକ୍ଷା କରାଯାଇ ସେଗୁଡ଼ିକର ନୂତନ ଭାବେ କାର୍ଯ୍ୟକାରିତା ଦିଗକୁ ଦୃଷ୍ଟି ଦିଆଯିବା ଉଚିତ।

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | 8 | | | | | | D | | | | | | |
| | | | A | 3 | | 0 | 5 | | D | | | | | |
| 4 | 0 | | | | 9 | | 7 | | 1 | 2 | | | | |
| C | | | E | | | | | | 6 | | | | B | 8 |
| 1 | | D | | | 4 | 2 | C | | 3 | | 5 | | | |
| | 4 | 1 | | 7 | B | | | A | | | 6 | | | |
| | | 5 | | 1 | | 6 | | | 2 | 3 | | | | |
| | | | 3 | | | | 8 | B | | A | | | | E |
| | | | 6 | | 8 | 5 | E | | | C | | B | | |
| | B | | | | | 3 | D | | 8 | | | | | 2 |
| B | | | 4 | E | | | 3 | 2 | C | | | | D | 0 |
| | 2 | | | | | | | | | 7 | | | 9 | |
| | C | | 1 | 2 | 5 | 8 | B | | | | A | | | |
| 7 | D | 0 | | | | | | | | E | 8 | | C | |
| | | | D | B | | | | E | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 2 | D | 9 | 5 | 4 | 3 | 0 | 7 | B | C | 6 | E | 8 | A |
| E | A | C | B | 7 | 8 | 1 | 6 | 4 | 2 | D | 9 | 0 | 5 | 3 |
| 0 | 7 | 4 | 3 | 1 | A | C | 2 | 9 | E | 5 | 8 | D | B | 6 |
| 8 | 6 | 9 | 2 | 0 | E | D | 5 | B | A | 3 | 1 | 7 | 4 | C |
| B | 5 | 3 | 6 | D | C | 8 | E | A | 0 | 7 | 4 | 1 | 2 | 9 |
| 6 | B | 7 | C | 8 | 1 | 9 | 3 | 2 | D | A | 5 | 4 | 0 | E |
| C | E | 5 | 4 | 3 | 0 | A | D | 6 | 9 | 8 | B | 2 | 1 | 7 |
| D | 0 | 8 | A | 6 | 9 | B | 1 | E | 4 | 2 | 7 | 3 | C | 5 |
| 2 | 4 | 1 | 7 | E | B | 5 | C | 8 | 3 | 6 | 0 | 9 | A | D |
| 9 | 3 | A | D | 2 | 5 | 7 | 4 | 0 | C | 1 | E | B | 6 | 8 |
| 5 | 1 | 2 | 0 | 9 | D | 6 | 7 | 3 | 8 | 4 | A | C | E | B |
| 4 | 8 | 0 | 5 | B | 3 | E | A | D | 1 | 9 | C | 6 | 7 | 2 |
| A | D | E | 8 | 4 | 6 | 2 | B | C | 7 | 0 | 3 | 5 | 9 | 1 |
| 7 | C | B | 1 | A | 2 | 4 | 9 | 5 | 6 | E | D | 8 | 3 | 0 |
| 3 | 9 | 6 | E | C | 7 | 0 | 8 | 1 | 5 | B | 2 | A | D | 4 |

ଗତକାଲିର ଉତ୍ତର

# ଅତୁଳନୀୟ ନେତା



ପ୍ରକାଶ ଜାଭଡେକର

ସବୁ ନେତା ସମାନ ସ୍ତରର ନୁହନ୍ତି। ପଞ୍ଚମ ସ୍ତରର ନେତୃତ୍ୱ (ଲିଭେଲ ୫ ଲିଡରଶିପ୍) ଭିତରେ ରହିଛି: ସାଧୁତା ଓ ନୀତିନିଷ୍ଠତା, ପ୍ରତିବଦ୍ଧତା ଓ ଉତ୍ସାହ, ନିଷ୍ପତ୍ତି ନେବାର କ୍ଷମତା ଓ ଉତ୍ତରଦାୟିତ୍ୱ। ସର୍ବୋପରି ସେ ହେବା ଦରକାର ଉତ୍ତମ ଯୋଗାଯୋଗ ରକ୍ଷାକାରୀ (କମ୍ୟୁନିକେଟର), ସର୍ଜନଶୀଳ, ନବୋଭାବନଶୀଳ ଏବଂ ଜଣେ ପ୍ରେରଣାଦାୟୀ ନେତା। ଏହି ସମସ୍ତ ଗୁଣ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରେ ରହିଛି। ତାଙ୍କର ସାଧୁତା ଓ ସଚ୍ଚୋଟତା ଅତୁଳନୀୟ। ତାଙ୍କ ପାଇଁ ବ୍ୟକ୍ତିଗତ ସ୍ୱାର୍ଥ ବୋଲି କିଛି ନାହିଁ, ଦେଶର ସ୍ୱାର୍ଥ ହିଁ ତାଙ୍କର ସ୍ୱାର୍ଥ। ସେ ୧୨ ବର୍ଷ ଧରି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ହିଁ ତାଙ୍କର ଏହି ଭାବମୂର୍ତ୍ତିକୁ ଲୋକମାନେ ବ୍ୟାପକଭାବେ ଗ୍ରହଣ କରିନେଇଥିଲେ। ତା'ପରେ ୨୦୦୪ରୁ ୨୦୧୪ ଭିତରେ ଦେଶରେ ଦେଖାଗଲା ବ୍ୟାପକ ଦୁର୍ନୀତି, ଉପଯୁକ୍ତ ନେତୃତ୍ୱର ଅଭାବ ଏବଂ ନୀତିଗତ ସ୍ଥାଣୁତା। ତେଣୁ ସେ ଲୋକମାନଙ୍କ ନଜରକୁ ଆସିଲେ। ଦରିଦ୍ରରୁ ଦରିଦ୍ରତମ ବ୍ୟକ୍ତି ମଧ୍ୟ ତାଙ୍କର ସାଧୁତା ଓ ସଚ୍ଚୋଟତା ନେଇ ନିସଂଶୟ ଥିଲେ। ଏହା ଜଣାଶୁଣା ଯେ, ଦକ୍ଷତାହୀନ ପାଠୁଆଠାରୁ ଦକ୍ଷ ଓ ବୁଦ୍ଧିଆ ନିରକ୍ଷର ହେଉଛି ଢେର ଅଧିକ ପ୍ରଭାବଶାଳୀ। ଗତ ପାଞ୍ଚବର୍ଷ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ବିରୋଧରେ ଗୋଟିଏ ବି ଦୁର୍ନୀତି ଅଭିଯୋଗ ଆସିନାହିଁ। ଯେତେବେଳେ ଶେଷ ମୁହୂର୍ତ୍ତରେ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା, ସେତେବେଳେ ଇସ୍ରୋ ବୈଜ୍ଞାନିକମାନଙ୍କୁ ମୋଦି ପ୍ରବୋଧନା ଦେଇଥିଲେ। ସେତେବେଳେ ତାଙ୍କର ଦରଦୀ ବଦନ ସ୍ପଷ୍ଟ ଦେଖାଯାଉଥିଲା। ଶ୍ରୀହରିକୋଟା ଛାଡ଼ିବା ପୂର୍ବରୁ ସେ ଇସ୍ରୋର ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କୁ ଅତ୍ୟନ୍ତ ପ୍ରେରଣାପ୍ରଦ ଭାଷଣ ଦେଇଥିଲେ।

୨୦୧୪ରେ ନିର୍ବାଚନରେ ବିଜୟପ୍ରାପ୍ତ ହୋଇ କ୍ଷମତାସୀନ ହେବା ପରେ ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ଗଣତନ୍ତ୍ରର ମନ୍ଦିର ପାର୍ଲାମେଣ୍ଟ ଭବନର ପାହାଚ ଉପରେ ମୁଣ୍ଡିଆ ମାରିଥିଲେ ଏବଂ ତା'ପରେ ସମ୍ବିଧାନକୁ ପ୍ରଣାମ କରିବା ସହ ଘୋଷଣା କରିଥିଲେ ଯେ ତାଙ୍କ ସରକାର ଗରିବ, ଅନୁସୂଚିତ ଜାତି ଓ ଉପଜାତି, ଦଳିତ, ଉତ୍ପୀଡ଼ିତ ଓ ଅବହେଳିତ ଲୋକମାନଙ୍କ ପାଇଁ ଉତ୍ସର୍ଗୀକୃତ। ସେ ଏକ ସ୍ଲୋଗାନ ଦେଇଥିଲେ: 'ସବ୍‌କା ସାଥ୍, ସବ୍‌କା ବିକାଶ'। ଏ ବର୍ଷ ସେ ଉକ୍ତ ସ୍ଲୋଗାନରେ ଆଉ ଏକ ପଦ ଯୋଡ଼ିଛନ୍ତି 'ସବ୍‌କା ବିଶ୍ୱାସ', ଯେଉଁଥିରୁ ତାଙ୍କର ଉଦ୍ଦେଶ୍ୟ ସହଜରେ ବୁଝିହେଉଛି।

ମୋଦି ଭିନ୍ନ ଭାବରେ ଚିନ୍ତା କରନ୍ତି ଏବଂ ତାଙ୍କର କାର୍ଯ୍ୟଶୈଳୀ ମଧ୍ୟ ଭିନ୍ନ ପ୍ରକାରର। ଅନୁପ୍ରେରିତ କରିବା ଓ ଅମଲାତନ୍ତ୍ରର ପୂର୍ଣ୍ଣ ସହଯୋଗ ପାଇବା ପାଇଁ ସେ ସରକାରଙ୍କ ୧୦ଟି ବିଭିନ୍ନ କ୍ଷେତ୍ର ଲାଗି ରୋଡ୍-ମ୍ୟାପ୍ ପ୍ରସ୍ତୁତ କରିବା ନିମନ୍ତେ ସଚିବମାନଙ୍କ ୧୦ଟି ଗ୍ରୁପ୍‌କୁ ନିଯୁକ୍ତି ଦେଇଥିଲେ। ସମସ୍ତ ଗ୍ରୁପ୍ ନିଜ ନିଜର ପ୍ରସ୍ତୁତ ପ୍ରସ୍ତାବ ଉପସ୍ଥାପନ କରିଥିଲେ ଏବଂ ସେସବୁକୁ ପରୀକ୍ଷା ନିରୀକ୍ଷା କରିବା ପରେ ସେ ସେମାନଙ୍କୁ ତ୍ୱରିତ୍ୟର ସହ କାର୍ଯ୍ୟ କରି ଲକ୍ଷ୍ୟ ହାସଲ କରିବା ପାଇଁ ପରାମର୍ଶ ଦେଇଥିଲେ। ତା' ପରବର୍ଷ ସେ ସେମାନଙ୍କୁ ନିଜ ନିଜର ଅଗ୍ରଗତି ବିଷୟରେ ଜଣାଇବା ପାଇଁ କହିଥିଲେ। ସମ୍ଭବତଃ ସେ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ ପରୀକ୍ଷାରେ କିପରି ସଫଳତା ଅର୍ଜନ କରିହେବ ଏବଂ ଜୀବନର ବିଭିନ୍ନ ଆହ୍ୱାନକୁ କିପରି ମୁକାବିଲା କରାଯାଇପାରିବ ସେ ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରାଇବା ଓ ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ଜାଗ୍ରତ କରାଇବା ପାଇଁ ଏକ ପୁସ୍ତକ ଲେଖିଛନ୍ତି। ସେ ଏହି ପୁସ୍ତକର ନାମ ଦେଇଛନ୍ତି 'ଏକ୍‌ଜାମ ୱାରିୟର୍ସ' (ପରୀକ୍ଷାର ଯୋଦ୍ଧା)। ପ୍ରଥମ ଦୁଇବର୍ଷ ଭିତରେ ସେ ୧୦୦ ନିୟୁତରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ସହ ଭାବର ଆଦାନପ୍ରଦାନ ସମୟରେ ସେ ପବ୍-ଜିର ସୂଚନା ଦେଇଛନ୍ତି, ଯେଉଁଥିରୁ ବୁଝାପଡୁଛି ସେ ସବୁକିଛି ବିଷୟରେ ସଚେତନ ଅଛନ୍ତି। ସେ ଛାତ୍ରୀଛାତ୍ର ଓ ଯୁବବର୍ଗଙ୍କ ସହ ତୁରନ୍ତ ଯୋଗାଯୋଗର ବ୍ୟବସ୍ଥା କରିଛନ୍ତି। ସେ ସମ୍ଭବତଃ ପ୍ରଥମ ଭାରତୀୟ ରାଜନୀତିଜ୍ଞ ଯିଏ ସାମାଜିକ ଗଣମାଧ୍ୟମର ମହତ୍ତ୍ୱ ବୁଝିଛନ୍ତି ଏବଂ ଯୁବବର୍ଗ ସହ ଯୋଗାଯୋଗ କରିବା ପାଇଁ ଏହାକୁ ସଫଳତାର ସହ ବ୍ୟବହାର କରୁଛନ୍ତି। ସେ ଜଣେ ଅତି ଉତ୍ତମ ଯୋଗଯୋଗକାରୀ। ସେ ସିଧାସଳଖ ଲୋକଙ୍କ ସହ କଥାବାର୍ତ୍ତା କରନ୍ତି ଏବଂ ସେମାନଙ୍କ ସହ ଏକ ବନ୍ଧନ ଯୋଡ଼ିବା ସହ ସେମାନଙ୍କ ଭିତରେ ବିଶ୍ୱାସ ସ୍ଥାପନ କରନ୍ତି। ଗ୍ୟାସ୍ ସବ୍‌ସିଡି ବା ଯାତ୍ରାକାଳୀନ ରିହାତି ଛାଡ଼ିବା ଲାଗି ତାଙ୍କର ଆବେଦନକୁ ଲୋକମାନେ ବହୁସଂଖ୍ୟାରେ ଗ୍ରହଣ କରିଛନ୍ତି। ଯୋଗାଯୋଗ ମାଧ୍ୟମରେ ସେ ଲୋକମାନଙ୍କୁ ଅନୁପ୍ରେରିତ କରନ୍ତି। ଜିଏସ୍‌ଟି, ବିମୁଦ୍ରୀକରଣ, ସର୍ଜିକାଲ ଷ୍ଟ୍ରାଇକ୍, ବାଲାକୋଟ ଏୟାର୍ ଷ୍ଟ୍ରାଇକ୍, ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନ, ଧାରା ୩୭୦ ଉଚ୍ଛେଦ, ତିନି ତଲାକ ନିଷେଧ ଆଇନ ଇତ୍ୟାଦି ହେଉଛି ତାଙ୍କ ନିର୍ଣ୍ଣାୟକ ନେତୃତ୍ୱର ଗୋଟିଏ ଗୋଟିଏ ଉଦାହରଣ।

୧୦ ପ୍ରତିଶତ ଇବିସି ସଂରକ୍ଷଣ, ଉଜ୍ଜ୍ୱଳା ଗ୍ୟାସ୍ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ, ଉଜାଲା ଏଲ୍‌ଇଡି ବଲ୍‌ବ ପ୍ରଦାନ, ମୁଦ୍ରା, ସ୍କିଲ୍ ଇଣ୍ଡିଆ, ଆୟୁଷ୍ମାନ୍ ଭାରତ, କିଷାନ ସମ୍ମାନ, ଅସଂଗଠିତ ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ, କୃଷକଙ୍କୁ ପେନସନ ଯୋଜନା, କୃଷକଙ୍କୁ ତାଙ୍କ ଉତ୍ପାଦନର ଉପଯୁକ୍ତ ମୂଲ୍ୟ ପ୍ରଦାନ, ୯୫ ନିୟୁତ ପାଇଖାନା ନିର୍ମାଣ ପ୍ରଭୃତି ହେଉଛି ଗରିବ ସଶକ୍ତୀକରଣର କେତୋଟି ନମୁନା। ଜିଏସ୍‌ଟି ହେଉଛି ସମବାୟ ସଂଘବାଦ ପ୍ରତି ତାଙ୍କ ବିଶ୍ୱାସର ଏକ ଜୀବନ୍ତ ଉଦାହରଣ। ଭୋଟ ମାଧ୍ୟମରେ ନିଷ୍ପତ୍ତି ନେବାର ବ୍ୟବସ୍ଥା ଥିଲେ ମଧ୍ୟ ଜିଏସ୍‌ଟି ଆଇନର ପ୍ରତ୍ୟେକଟି ଶବ୍ଦ, ନିୟମ ଓ ରେଟ୍ ବିଷୟରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ରାଷ୍ଟ୍ର ସମ୍ପଦରୁ ରାଜ୍ୟଗୁଡ଼ିକୁ ଦିଆଯିବା ଅଂଶକୁ ୩୨ ପ୍ରତିଶତରୁ ୪୧.୫ ପ୍ରତିଶତକୁ ବୃଦ୍ଧି କରିବା ତାଙ୍କର ସଂଘବାଦ ଉପରେ ବିଶ୍ୱାସକୁ ଦୃଢ଼ୀଭୂତ କରେ।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଦ୍ୱିତୀୟ ପାଳି ସରକାରରେ କେତେକ ନୂଆ ଲକ୍ଷ୍ୟ ସମ୍ପର୍କରେ ଘୋଷଣା କରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ୫ ଟ୍ରିଲିୟନ ଡଲାର ଇକୋନୋମି, ପ୍ରତ୍ୟେକ ଗୃହକୁ ଜଳଯୋଗାଣ, ସବୁ ବର୍ଗକୁ ସାମାଜିକ ନିରାପତ୍ତା ପ୍ରଦାନ ଏବଂ ସର୍ବୋପରି ସବ୍‌କା ବିଶ୍ୱାସ। ସେ ହେଉଛନ୍ତି ସର୍ଜନଶୀଳ ଓ ନବୋଭାବନଶୀଳ। ସେ ଜାଣିଛନ୍ତି ଯେ ଭାରତ ନବୋଭାବନରେ ପଛୁଆ ଏବଂ କେବଳ ଗବେଷଣା ଓ ନବୋଭାବନ ମାଧ୍ୟମରେ ଭାରତକୁ ଏକ ବିକଶିତ ଦେଶରେ ପରିଣତ କରାଯାଇପାରିବ। ସେଥିପାଇଁ ସେ ପ୍ରାୟ ୩୦୦୦ ସ୍କୁଲରେ ଅଟଳ ଟେକ୍ନୋଲୋଜି ଲ୍ୟାବ୍ ଆରମ୍ଭ କରିଛନ୍ତି, ଯେଉଁଠି ରୋବୋଟିକ୍ସ, ୩ଡି ପ୍ରିଣ୍ଟିଂ ଓ ଅନ୍ୟାନ୍ୟ ଅତ୍ୟାଧୁନିକ ଉପକରଣ ଉପଲବ୍ଧ ହେବ। ଏହିସବୁ ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଛାତ୍ରୀଛାତ୍ରମାନେ ଗବେଷଣା କରିବେ ଏବଂ ଉତ୍ସାହପ୍ରଦ ଚିନ୍ତାଧାରାର ବିକାଶ କରିବେ। ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ନିମନ୍ତେ ସେ 'ସ୍ମାର୍ଟ ଇଣ୍ଡିଆ ହାକାଥନ୍'ର ବିକାଶ କରିଛନ୍ତି, ଯେଉଁଥିରେ ବିଭିନ୍ନ ଛାତ୍ରଦଳ କେତେକ ସମସ୍ୟା ଉପରେ କାର୍ଯ୍ୟ କରିବେ ଓ ତା'ର ଡିଜିଟାଲ/ହାର୍ଡୱାର ସମାଧାନ ବାହାର କରିବେ। ଏହାର ଅନ୍ତିମ ପର୍ଯ୍ୟାୟ ୨୫ଟି କେନ୍ଦ୍ରରେ ଆୟୋଜନ କରାଯାଇଛି, ଯେଉଁଠି ୧୦୦୦୦ ଛାତ୍ର ନିରବଚ୍ଛିନ୍ନ ଭାବେ ୩୬ ଘଣ୍ଟା କାର୍ଯ୍ୟ କରିବେ। ପ୍ରତିବର୍ଷ ସେ ଏହି ଛାତ୍ରମାନଙ୍କ ସହ ମଧ୍ୟରାତ୍ରରେ ଯୋଗାଯୋଗ କରୁଛନ୍ତି ଓ ସେମାନଙ୍କୁ ପ୍ରେରଣା ଦେଉଛନ୍ତି। ବିଭିନ୍ନ ଆଇଆଇଟି/ଏନ୍‌ଆଇଟିରେ ସେ ଅଟଳ ଇନ୍‌କ୍ୟୁବେଶନ ସେଣ୍ଟର ସ୍ଥାପନ କରିଛନ୍ତି। ଚଳିତ ବଜେଟରେ ସେ ଜାତୀୟ ଗବେଷଣା ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ବାସ୍ତବରେ ଆଗେଇ ଚାଲିଥିବା ଗବେଷଣାକୁ ଉତ୍ସାହିତ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ ସ୍କଲାର୍‌ଶିପ୍ ମଞ୍ଜୁର କରିଛନ୍ତି। ବିଭିନ୍ନ ଷ୍ଟାର୍ଟ-ଅପ୍ କମ୍ପାନୀ ସହ ସେ ନିୟମିତଭାବେ ଯୋଗାଯୋଗ କରିବା ସହ ନୂତନ ଚିନ୍ତାଧାରା ପୋଷଣ କରୁଥିବା ଯୁବବର୍ଗଙ୍କୁ ସାକ୍ଷାତ୍ କରୁଛନ୍ତି।

(ଲେଖକ କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ)

# କିଙ୍ଗ୍-ମେକରଙ୍କ ଭୂମିକା



ବୈକୁଣ୍ଠନାଥ ମିଶ୍ର

ଅନେକ ସମୟରେ ଦେଖାଯାଏ ଯେ, କୌଣସି ଶାସନର ସର୍ବୋଚ୍ଚ ସ୍ତରରେ ଏପରି ଜଣେ ଜଣେ ବିଦ୍ୱାନ୍ ବ୍ୟକ୍ତିଙ୍କର ଆବିର୍ଭାବ ଘଟିଥାଏ, ଯାହାଙ୍କର ଅନନ୍ୟ ପ୍ରତିଭା ଯୋଗୁ ଶାସନ ମୁଖ୍ୟ ତାଙ୍କ ଉପରେ ବେଶ୍ ନିର୍ଭରଶୀଳ ହୋଇଥାନ୍ତି। ସେମାନେ ନିଜେ କିଙ୍ଗ୍ ନ ହୋଇ କିଙ୍ଗ୍‌ମେକରର ଭୂମିକା ନିର୍ବାହ କରନ୍ତି। ସେହି କିଙ୍ଗ୍‌ମେକରମାନେ ପ୍ରଚ୍ଛଦପଟ ନାୟକ ହିସାବରେ ତାଙ୍କ ବିଚକ୍ଷଣତାର ପ୍ରୟୋଗ କରି ମୁଖ୍ୟଙ୍କୁ ସଦା ବିପଦମୁକ୍ତ କରିବା ସହ ତାଙ୍କ ସଫଳତାର ମାର୍ଗ ଉନ୍ମୁକ୍ତ କରନ୍ତି। ବିରୋଧୀ ଏପରିକି ଆପଣା ଲୋକଙ୍କ ପକ୍ଷରୁ ବାରମ୍ବାର ଆପତ୍ତି ଅଭିଯୋଗ କରାଯାଉଥିଲେ ମଧ୍ୟ ଶାସନମୁଖ୍ୟ ସେଥିପ୍ରତି ଉଦାସୀନ ରହନ୍ତି। ଶାସନ ପରିଚାଳନାରେ ସେମାନଙ୍କ ଦକ୍ଷତା, ନିଷ୍ଠା, ମୂଲ୍ୟବାନ ଉପଦେଶ ତଥା ପରାମର୍ଶ ସେମାନଙ୍କୁ ମୁଖ୍ୟଙ୍କର ଅତି ବିଶ୍ୱସ୍ତ ଓ ନିର୍ଭରଶୀଳ କରିଥାଏ।

ଇତିହାସ ପୃଷ୍ଠା ଏପରି କିଙ୍ଗ୍‌ମେକରଙ୍କ ବିରଳ କୃତିତ୍ୱରେ ଚିର ଭାସ୍ୱର। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଆଚାର୍ଯ୍ୟ ଚାଣକ୍ୟ ତିନିପୁରୁଷ ଧରି ଯେଉଁ ଦିଗ୍‌ଦର୍ଶନ ଦେଇ ଆସୁଥିଲେ ତା'ର ପରିଣାମସ୍ୱରୂପ ମୌର୍ଯ୍ୟ ସମ୍ରାଟମାନେ କେବଳ ଦିଗନ୍ତବିସ୍ତୃତ ସାମ୍ରାଜ୍ୟର ଅଧିପତି ହୋଇ ନ ଥିଲେ ବରଂ ଯଶ ଓ କ୍ଷମତାର ପ୍ରାଚୁର୍ଯ୍ୟ ମଧ୍ୟରେ ସୁଶାସକର ଗୌରବ ଅର୍ଜନ କରିଥିଲେ। ଚନ୍ଦ୍ରଗୁପ୍ତ ପରି ଏକ ଗ୍ରାମୀଣ ଯୁବକଙ୍କୁ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟରେ ପରିଣତ କରିବା ମୂଳରେ ନିହିତ ଥିଲା ଚାଣକ୍ୟଙ୍କ ବୁଦ୍ଧି। ସମ୍ରାଟ ବିନ୍ଦୁସାର ଓ ଅଶୋକ ମଧ୍ୟ ଆଚାର୍ଯ୍ୟ ଚାଣକ୍ୟଙ୍କର ପ୍ରାଜ୍ଞ ଅନୁଶାସନର ଏକ ଏକ ସଫଳ ରୂପାୟନ। ଗଭୀର ପ୍ରଜ୍ଞା ଓ ପ୍ରଗାଢ଼ କୂଟନୀତି ସହ ପ୍ରତ୍ୟୁତ୍ପନ୍ନମତିତାର ବିରଳ ସମ୍ମିଶ୍ରଣ ଆଚାର୍ଯ୍ୟଙ୍କୁ ଅନନ୍ୟ କରି ଗଢ଼ିତୋଳିଥିଲା। ବିନ୍ଦୁସାରଙ୍କ ସ୍ୱପତ୍ନୀସମ୍ଭୂତ ତିନି ପୁତ୍ର ଥିଲେ ମଧ୍ୟ ଦାସୀପୁତ୍ର ଅଶୋକଙ୍କଠାରେ ସେ ଦେଖିଥିଲେ ତାଙ୍କ ଈପ୍‌ସିତ ଶାସକର ପ୍ରତିଚ୍ଛବି। ମଗଧ ସମ୍ରାଟଙ୍କ ପକ୍ଷେ କ'ଣ ଉଚିତ ବା ଅନୁଚିତ ତା'ର ସମ୍ଭାବ୍ୟ ନକ୍ସା ଆଙ୍କୁଥିଲେ ଏହି ସ୍ଥିତପ୍ରଜ୍ଞ ଆଚାର୍ଯ୍ୟ। ନିଜେ ନିରାଡମ୍ବର ଜୀବନ ବିତାଇ ଶାସକଙ୍କ ହିତ ଚିନ୍ତନ କରିବା ଥିଲା ଚାଣକ୍ୟଙ୍କର ସର୍ବଶ୍ରେଷ୍ଠ ଆଦର୍ଶ। ଶ୍ରେଷ୍ଠ କୂଟନୀତିଜ୍ଞ କୌଟିଲ୍ୟଙ୍କୁ ଶେଷରେ କୂଟନୀତି ଦ୍ୱାରା ଅଗ୍ନିଦଗ୍ଧ କରି ହତ୍ୟା କରାଗଲା। ଶାସ୍ତ୍ର କହେ ବିଦ୍ୱାନ୍ ଧନୀ ନୁହନ୍ତି କି ନୃପତି ଦୀର୍ଘଜୀବୀ ନୁହନ୍ତି। ତେଣୁ ତ ମୌର୍ଯ୍ୟ ସାମ୍ରାଜ୍ୟର ତିନିପୁରୁଷ ଧରି ସେ ଆରାଧ୍ୟ ଗୁରୁଙ୍କର ସ୍ଥାନ ଅଧିକାର କରିଥିଲେ। ଆଚାର୍ଯ୍ୟ ଚାଣକ୍ୟଙ୍କ ମତରେ- ''ଗନ୍ଧଂ ସୁବର୍ଣ୍ଣେ ଫଳମିକ୍ଷୁଦଣ୍ଡେ ନାକାରି ପୁଷ୍ପଂ ଖଲୁ ଚନ୍ଦନସ୍ୟ, ବିଦ୍ୱାନ୍ ଧନୀ ଭୂପତି ଦୀର୍ଘଜୀବୀ ଧାତୁଃ ପୁରା କୋଽପି ନ ବୁଦ୍ଧିଦୋଽଭୂତ୍।'' ଅର୍ଥାତ୍ ମୂଲ୍ୟବାନ ଧାତୁ ସୁବର୍ଣ୍ଣରେ ଗନ୍ଧ ନାହିଁ, ଆଖୁଗଛ ମିଠା କିନ୍ତୁ ଏହାର ଫଳ ନାହିଁ। ସୁଗନ୍ଧିତ ଚନ୍ଦନ ବୃକ୍ଷରେ ଫୁଲ ନାହିଁ। ବିଦ୍ୱାନ୍, ଗୁଣୀ କିନ୍ତୁ ଧନୀ ନୁହନ୍ତି। କ୍ଷମତା ଓ ପରାକ୍ରମର ଉତ୍କର୍ଷ ଥିଲେ ମଧ୍ୟ ରାଜାମାନେ ଦୀର୍ଘଜୀବୀ ନୁହନ୍ତି। ବୋଧହୁଏ ବିଧାତାଙ୍କର କେହି ପରାମର୍ଶଦାତା ନ ଥିଲେ।

ମୋଗଲ ସମ୍ରାଟ ଆକବରଙ୍କ ସମୟର ଏକ କାହାଣୀ, ଯେଉଁଥିରେ କିଙ୍ଗ୍‌ମେକରଙ୍କ ଭୂମିକା ପ୍ରଦର୍ଶିତ ହୋଇଛି। ସମ୍ରାଟଙ୍କ ରାଜସଭାରେ ଅନେକ ଜ୍ଞାନୀ, ଗୁଣୀ ପଣ୍ଡିତ ଥିଲେ ବି ତାଙ୍କ ପାଇଁ ନିର୍ଭରଯୋଗ୍ୟ ଥିଲେ ପଣ୍ଡିତ ବୀରବଲ, ଯାହାଙ୍କର ଅନନ୍ୟ ପ୍ରତିଭା ସମ୍ରାଟଙ୍କୁ ଯେ କୌଣସି ସମସ୍ୟା ଓ ବିପତ୍ତିରୁ ରକ୍ଷା କରୁଥିଲା। ଦ୍ୱିତୀୟତଃ ସଙ୍ଗୀତଜ୍ଞ ତାନ୍‌ସେନ ଥିଲେ ଅତି ପ୍ରିୟ। କୁହାଯାଏ ତାନ୍‌ସେନଙ୍କ ମେଘମହ୍ଲାର ମୂର୍ଚ୍ଛନାରେ ମେଘମୁକ୍ତ ଆକାଶ ଜଳପ୍ରସୂ ହୋଇ ଝରିପଡୁଥିଲା ସ୍ନିଗ୍ଧ ବାରିଧାରା। ସମ୍ରାଟଙ୍କ ରାଜସଭାର ଉଭୟ ହିନ୍ଦୁ ଓ ମୁସଲମାନ ପାରିଷଦ ମଣ୍ଡଳୀ ଈର୍ଷାନ୍ୱିତ ହୋଇ ଉଭୟଙ୍କ ବିରୋଧରେ ସମ୍ରାଟଙ୍କ ନିକଟରେ ଗୁପ୍ତ ଅଭିଯୋଗ ବାଢୁଥିଲେ। ବାରମ୍ବାର ଏପରି ଅଭିଯୋଗରେ ଅତିଷ୍ଠ ସମ୍ରାଟ ଏକ କୌଶଳର ଆଶ୍ରୟ ନେଲେ।

ଦିନେ ଏକାନ୍ତରେ ସମ୍ରାଟ ବୀରବଲ ଓ ତାନ୍‌ସେନଙ୍କୁ ଡକାଇ ଏକ ପତ୍ର ଦେଇ ବର୍ମା ରାଜଦରବାରକୁ ପ୍ରେରଣ କଲେ। ଅଭିଯୋଗ କରୁଥିବା ଜଣେ ବରିଷ୍ଠ ମନ୍ତ୍ରୀଙ୍କୁ ସମ୍ରାଟ ଏ ଗୁପ୍ତ ଚିଠିଟି ପଢ଼ାଇ ନୀରବ ରହିବାକୁ ଆଦେଶ ଦେଲେ। ବୀରବଲ ଓ ତାନ୍‌ସେନ ବର୍ମା ରାଜାଙ୍କୁ ପତ୍ରଟି ହସ୍ତାନ୍ତର କଲେ। ବନ୍ଧୁ ଆକବରଙ୍କ ଦ୍ୱାରା ପ୍ରେରିତ ରାଜଦୂତଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇ ଅତିଥି ଭବନରେ ରଖାଗଲା। କିନ୍ତୁ ଚିଠିଟି ପାଠକଲା ପରେ ରାଜାଙ୍କ ମୁଖମଣ୍ଡଳ ବିଷଣ୍ଣ ହୋଇଗଲା। ଚିଠିରେ ଉଲ୍ଲେଖ ଥିଲା ବନ୍ଧୁ! ପତ୍ରବାହକ ଦୁହେଁ ମୋର ପରମ ହିତୈଷୀ। କିନ୍ତୁ ସେମାନଙ୍କର ଏକ ଗୁରୁତର ଅପରାଧ ପାଇଁ ମୁଁ ସେମାନଙ୍କୁ ମୃତ୍ୟୁଦଣ୍ଡ ଦେଇ ନ ପାରି ତୁମ ପାଖକୁ ପଠାଇଲି। ଆଶାକରେ ମୋର ଅନୁରୋଧ ରକ୍ଷାକରି ସାତଦିନ ମଧ୍ୟରେ ଏମାନଙ୍କୁ ମୃତ୍ୟୁଦଣ୍ଡ ଦେବ। ଅତିଥିଶାଳାରୁ ଆଣି ଏ ଦୁହିଙ୍କୁ କାରାରୁଦ୍ଧ କରାଗଲା। ଘୋଷଣା କରାଗଲା ସପ୍ତମ ଦିନ ସେମାନଙ୍କୁ ଫାଶୀ ଦିଆଯିବ। କାରାଗାରରେ ତାନ୍‌ସେନ ବୀରବଲଙ୍କୁ କହିଲେ ସମ୍ରାଟ ଆକବରଙ୍କର ଏ କି ବିଚାର! ଏହା କ'ଣ ଆମ୍ଭଙ୍କୁ ଭଲପାଇବାର ନମୁନା? ସ୍ଥିତପ୍ରଜ୍ଞ ବୀରବଲ କିନ୍ତୁ ନୀରବ। ନା ତାଙ୍କଠାରେ ଥିଲା ଭୟ ଅବା ବିଚଳିତ ଭାବନା। ଷଷ୍ଠ ରାତ୍ରିରେ ବୀରବଲ ତାନ୍‌ସେନଙ୍କୁ କିଛି ପରାମର୍ଶ ଦେଇ ନିଶ୍ଚିନ୍ତ ନିଦ୍ରା ଯିବାକୁ କହିଲେ। ରାତି ପାହିଲା। ଫାଶୀ ସମୟ ନିକଟତର ହେଲା। ଦୁଇଜଣ ପରସ୍ପର ମଧ୍ୟରେ ଝଗଡ଼ା ଆରମ୍ଭ କରିଦେଲେ। ଉଭୟ ପ୍ରଥମେ ଫାଶୀଖୁଣ୍ଟରେ ଝୁଲିବା ପାଇଁ ଘାତକକୁ ନିବେଦନ କଲେ। ଫାଶୀ ପାଇବାର ଏ ବ୍ୟାକୁଳତାକୁ ଦେଖି ରାଜା, ଘାତକ ଓ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ଏକ ଅସ୍ୱାଭାବିକ ଉତ୍କଣ୍ଠା ଜାତ ହେଲା। ରାଜା ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ଜାଣିବାକୁ ଚାହିଁବାରୁ ବୀରବଲ କହିଲେ, ମଣିମା! ଆପଣ କାହୁଁ ବୁଝିବେ ସମ୍ରାଟ ଆକବରଙ୍କ କ୍ରୂର ଷଡ଼ଯନ୍ତ୍ର। ସେ ନିଜେ ଆମ ଫାଶୀଦଣ୍ଡର ବ୍ୟବସ୍ଥା ନ କରି ଆପଣଙ୍କ ନିକଟକୁ କାହିଁକି ପଠାଇଲେ? କଥା ହେଲା- ସମ୍ରାଟଙ୍କୁ ତାଙ୍କ ରାଜଜ୍ୟୋତିଷ ସ୍ପଷ୍ଟ ଭାବେ ଜଣାଇଛନ୍ତି ଯେ ବର୍ମା ରାଜାଙ୍କର ଖୁବ୍‌ଶୀଘ୍ର ମୃତ୍ୟୁ ହେବ। ଆମ ଦୁହିଁଙ୍କ ମଧ୍ୟରୁ ଯେ ପ୍ରଥମେ ମୃତ୍ୟୁବରଣ କରିବ, ସେ ତତ୍‌କ୍ଷଣାତ୍ ପୁନର୍ଜନ୍ମ ପାଇବ ଓ ଖୁବ୍‌ଶୀଘ୍ର ବର୍ମାର ରାଜା ହେବ ଏବଂ ପରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ତାଙ୍କର ମନ୍ତ୍ରୀ ହେବ। କିନ୍ତୁ ସେମାନଙ୍କର ବର୍ମାରେ ମୃତ୍ୟୁ ହେବା ଆବଶ୍ୟକ। ଏହାଦ୍ୱାରା ବର୍ମା ସହଜରେ ମୋଗଲ ସାମ୍ରାଜ୍ୟ ସହ ମିଶିଯିବ। କାରଣ ଆମେ ଦୁହେଁ ସମ୍ରାଟଙ୍କର ପ୍ରିୟ ହୋଇଥିବାରୁ ତାଙ୍କର ବଶ୍ୟତା ସ୍ୱୀକାର କରିବୁ। ବର୍ମା ରାଜା ଏ କଥା ଶୁଣି କହିଲେ, ମିତ୍ର ଆକବରଙ୍କ ଏ ମନ୍ଦ ଅଭିଳାଷକୁ ପୂର୍ଣ୍ଣ ହେବାକୁ ଦିଆଯିବ ନାହିଁ। ତୁମ ଦୁହିଙ୍କ ମଧ୍ୟରୁ କାହାରିକୁ ମୃତ୍ୟୁଦଣ୍ଡ ଦିଆଯିବ ନାହିଁ। ତୁମେ ଏବେ ମୁକ୍ତ।

ମୋ-୯୯୩୭୪୫୦୫୪୦

## ଏଇ ଭାରତରେ

ଟ୍ରାଫିକ୍ ନିୟମ କଡାକଡି କରାଯାଇ ନିୟମ ଖିଲାପକାରୀଙ୍କ ବିରୋଧରେ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଥିବାବେଳେ ଜଣେ ମୃତକଙ୍କ ନାମରେ ଟ୍ରାଫିକ୍ ନିୟମ ଭଙ୍ଗ ଅଭିଯୋଗ ଅଣାଯିବା ଘଟଣା ସାମ୍ନାକୁ ଆସିଛି। ରାଜସ୍ଥାନ ଝାଲାୱାଡ଼ ଜିଲା ପରିବହନ ବିଭାଗ ୮ ବର୍ଷ ପୂର୍ବେ ମୃତ୍ୟୁ ବରଣ କରିଥିବା ରାଜେନ୍ଦ୍ର କସେରାଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ତାଙ୍କ ଘରକୁ ନୋଟିସ ପଠାଇଛି। ୨୦୧୧ ସେପ୍ଟେମ୍ବରରେ ରାଜେନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା। ସିଟ୍ ବେଲ୍ଟ ନ ବାନ୍ଧି ସେ ଦ୍ରୁତ ବେଗରେ ଗାଡି ଚଳାଉଥିବାବେଳେ ଧରାପଡିଥିଲେ ବୋଲି ସେଥିରେ ଉଲ୍ଲେଖ କରାଯାଇଛି। ରାଜେନ୍ଦ୍ରଙ୍କ ପରିବାରକୁ ସେପ୍ଟେମ୍ବର ୧୧ରେ ପରିବହନ ବିଭାଗର ଏହି ନୋଟିସ୍ ମିଳିଛି ଓ ସେଥିରେ ତାଙ୍କୁ ବିଭାଗ ନିକଟରେ ଉପସ୍ଥିତ ହେବାକୁ କୁହାଯାଇଛି। ନୂତନ ମୋଟର ଯାନ ଅଧିନିୟମ ଅନୁସାରେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା ପ୍ରକ୍ରିୟା ଶେଷ କରିବା ପାଇଁ ମୃତକଙ୍କୁ ପରିବହନ ବିଭାଗ କାର୍ଯ୍ୟାଳୟକୁ ଡ଼କାଯାଇଛି ବୋଲି କୁହନ୍ତି ତାଙ୍କ ପୁତ୍ର ମନୋଜ କସେରା। ଚିଠିରେ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ନମ୍ବର ମଧ୍ୟ ଉଲ୍ଲେଖ କରାଯାଇଛି ଓ ତାହା ପୁଣି ଚାରି ଚକିଆ ଯାନର। କିନ୍ତୁ ରାଜେନ୍ଦ୍ରଙ୍କ ପାଖରେ କେବେ ବି ଚାରି ଚକିଆ ଯାନ ନଥିଲା। ସେ ବାଇକ୍‌ରେ ଝାଲାୱାଡ଼ରେ ବାସନ ବିକୁଥିଲେ। ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ପରିବହନ ବିଭାଗ ମୃତକଙ୍କ ପାଖକୁ ନୋଟିସ ପଠାଇ ବିଭଗର ଖାମଖିଆଲି ଭାବକୁ ପଦାରେ ପକାଇଦେଇଛି।

## ଚିରନ୍ତନୀ

ଅନନ୍ତ ଜୀବନ ସ୍ରୋତେ ବହିଯାଏ ସୀମାହୀନ ଦେଶେ,
ଅସୀମ ଜୀବନ ଉତ୍ସେ ଛନ୍ଦି ତା'ର ମିଶେ ଅବଶେଷେ।
ବିରାଟ ସେ ଚେତନାର ଉଦ୍ଦାମ ପ୍ଲାବନ
ବହି ଆଣେ ଅନନ୍ତ ଜୀବନ।

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୭ ସେପ୍ଟେମ୍ବର ୧୯୯୪

- ଲେବାନନ୍‌ର ଦକ୍ଷିଣାଞ୍ଚଳରେ ଥିବା ନାବଟିଆ ସହରାଞ୍ଚଳରେ ୬ ହଜାର ପାଲେଷ୍ଟାଇନ ପରିବାରକୁ ବାସଗୃହ ଯୋଗାଇଦେବା ପାଇଁ ଏକ ଅନ୍ତର୍ଜାତୀୟ ପ୍ରକଳ୍ପ ହାତକୁ ନିଆଯିବ ବୋଲି ଲେବାନନ୍ ପକ୍ଷରୁ ସୂଚନା।
- ରାଧାକୃଷ୍ଣ ପାତ୍ର ଆଜି ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ତନଖି ବ୍ୟବସ୍ଥା ନିୟମିତ ହେଉ

ମହାଶୟ,

ଓଜନ ମାପରେ ଠକେଇ ହେଉ କିମ୍ବା ପେଟ୍ରୋଲ ପମ୍ପରେ ଠକେଇକୁ ନେଇ ଗଣ୍ଡଗୋଳ ଉପୁଜିଲେ କିଛିଦିନ ହୋହଲ୍ଲା ଚାଲେ। ତତ୍ପର ହୋଇଉଠନ୍ତି ବିଭାଗୀୟ କର୍ତ୍ତୃପକ୍ଷ। ଚାରିଆଡ଼େ ଖୁବ୍ ଜୋରସୋରରେ ତନଖି ମଧ୍ୟ କରାଯାଇଥାଏ। ମାତ୍ର ଏହା ସୀମିତ ସମୟ ପାଇଁ। ତା'ପରେ ଅସାଧୁ ବ୍ୟବସାୟୀମାନେ ପୂର୍ବପରି ସେମାନଙ୍କ ବ୍ୟବସାୟ ଚଳାଇଥାନ୍ତି। ତେଣୁ ବିଭାଗୀୟ ଅଧିକାରୀମାନେ ପ୍ରତି ୭ ବା ୧୫ ଦିନ ବ୍ୟବଧାନରେ ତନଖି କରି ଅସାଧୁ ବ୍ୟବସାୟୀମାନଙ୍କୁ ଦଣ୍ଡବିଧାନ କରିବା ଉଚିତ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ମଣିଷ ବନାମ ମଣିମା

ରାଜତନ୍ତ୍ରର ବିଲୋପ ଘଟି ବର୍ତ୍ତମାନ ଚାଲିଛି ଗଣତନ୍ତ୍ର ଶାସନ। ଜନତନ୍ତ୍ରର ଜୟଧ୍ୱନି ମଧ୍ୟରେ ରାଜତନ୍ତ୍ରର ସେହି ମଣିମା ଶବ୍ଦଟି ହଜିଗଲାଣି ବହୁଦିନରୁ। ମଣିମା ଓ ମଣିଷ ଭିତରେ ପାର୍ଥକ୍ୟ ଏବେ ସଙ୍କୁଚିତ ବୋଲି ଆମେ ଗଣତନ୍ତ୍ରର ମଣିଷମାନେ ଡିଣ୍ଡିମ ପିଟୁଛେ। କିନ୍ତୁ ପ୍ରକୃତ ସତ୍ୟ ହେଲା ଗଣତନ୍ତ୍ରର ଗରିମାରେ ଗୌରବାନ୍ୱିତ ସାଧାରଣ ମଣିଷଟିର ମୋହ ଭଙ୍ଗ ଘଟିସାରିଲାଣି, ଯେଉଁ ଦିନରୁ ସେ କାଳର ରାଜା ଓ ଏ କାଳର ରାଜାଙ୍କ ମଧ୍ୟରେ କିଛି ଫରକ ନାହିଁ ବୋଲି ଜାଣିଲାଣି। ଏ କାଳର ରାଜା ହେଉଛନ୍ତି ମନ୍ତ୍ରୀ। ମନ୍ତ୍ରୀବର ମୁକୁଟ ପିନ୍ଧିବା ଆଗରୁ ନିର୍ବାଚନ ସମୟରେ ଭୋଟଦାତାଙ୍କ ଘରେ ପଖାଳ ଶାଗ ଖାଇବା ଓ ସେହି ପରିବାରର ଲଙ୍ଗଳା ପିଲାଙ୍କୁ କୋଳକୁ ନେଇ ଗେଲ କରିବା ଆଦି ଘଟଣାମାନ ଘଟିବାର ୩/୪ ମାସ ପରେ ତାଙ୍କ ଆଚରଣରେ ମଣିମାତ୍ୱ ଫୁଟି ଉଠୁଛି। ଭୋଟଦାତାଙ୍କୁ ନ ଚିହ୍ନିବାର ଅଭିନୟ ତାଙ୍କୁ ଭେଟୁଥିବା ମଣିଷମାନଙ୍କୁ ଅତି କଷ୍ଟ ଦେଉଛି। ଏହି ପରିପ୍ରେକ୍ଷୀରେ ଧରିତ୍ରୀରେ ପ୍ରକାଶିତ ନିରଞ୍ଜନ ପାଢ଼ୀଙ୍କର 'ମଣିମା ଓ ମଣିଷ' ଆଲେଖ୍ୟଟି ଖୁବ୍ ଉଚ୍ଚକୋଟୀର ଓ ସତ୍ୟ ଉପରେ ଆଧାରିତ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୂଜା ପାଇଁ ଝଲସୁଛି ଆଲୁମିନିୟମ ନଗରୀ

ବଣ୍ଟରପାଳ, ୧୬।୯ (ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲା ନାଲ୍‌କୋ ନଗରର ଗଣପର୍ବ ଭାବେ ପରିଚିତ ବିଶ୍ୱକର୍ମା ପୂଜା ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ଏଥିପାଇଁ କଲୋନିବାସୀଙ୍କ ସହ ସମଗ୍ର ନାଲ୍‌କୋ ନଗରରେ ଉତ୍ସାହ ଦେଖାଦେଇଛି। ଚଳିତ ବର୍ଷ ପ୍ରଭୁ ବିଶ୍ୱ ନିର୍ମାତାଙ୍କୁ ଆବାହନ ନିମନ୍ତେ ୨୩ଟି ମଣ୍ଡପ କରାଯାଇଛି। ପାରମ୍ପରିକ ବାଦ୍ୟ ବାଜଣା ସହକାରେ କଳସ ଯାତ୍ରା ପରେ ଠାକୁରଙ୍କ ପୂଜାର୍ଚ୍ଚନା କରାଯିବ।

ଚଳିତ ବର୍ଷ ପଟ୍ ଲାଇନ୍ସ, କାଷ୍ଟହାଉସ୍-ଏ, କାଷ୍ଟହାଉସ୍-ବି, ରୋଡିଂ ଶପ୍, ସିପିପି ମେକାନିକାଲ, ସିଏଚ୍‌ପି, ସେଣ୍ଟ୍ରାଲ ଷ୍ଟୋର, ସିଏଣ୍ଡଆଇ, ସିପିପି ଇଲେକ୍ଟ୍ରିକାଲ, ବ୍ୟାଙ୍କି ଫରନେସ୍, ରୋଡିଂଶପ୍-୨, ନାଲ୍‌କୋ ସିଭିଲ୍, ଟୁ-୨୦ କେଭି, ଠିକାଦାର ସଂଘ, ଟ୍ରକ୍ ମାଲିକ ସଂଘ ସମେତ ୨୩ଟି ମଣ୍ଡପକୁ ଆଲୋକମାଳାରେ ସାଜସଜ୍ଜା କରାଯାଇଛି। ରଙ୍ଗବେରଙ୍ଗ ତୋରଣରେ ସମଗ୍ର ଆଲୁମିନିୟମ୍ ନଗରୀ ନବବଧୂ ପରି ସଜେଇ ହୋଇଛି। ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀମାନେ ସେମାନଙ୍କ ପସରା ପକାଇ ସାରିଲେଣି। ବିଶେଷକରି ପଲ୍ଲିଶ୍ରୀ ମେଳା, ବିଭିନ୍ନ ଦୋଳି, ମୀନା ବଜାର ପୂଜାର ଅନ୍ୟତମ ଆକର୍ଷଣ ହୋଇଥିବା ବେଳେ ଗୁପଚୁପ୍, ଦହିବରା, ଫାଷ୍ଟଫୁଡ୍ ଆଦି ଭଳିକି ଭଳି ଖାଦ୍ୟ ଦୋକାନ ବିଭିନ୍ନ ସ୍ଥାନରେ ଖୋଲି ସାରିଲାଣି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏହି ସପ୍ତାହେ ବ୍ୟାପୀ ପୂଜା ଦେଖିବାକୁ ଅନୁଗୋଳ, ଢେଙ୍କାନାଳ ଜିଲା ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେବ। ଏହାକୁ ଲକ୍ଷ୍ୟ ରଖି ଅନୁଗୋଳ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଟ୍ରାଫିକ୍ ନିୟନ୍ତ୍ରଣ ସହ ଆଇନଶୃଙ୍ଖଳା ରକ୍ଷା ପାଇଁ ୨ ଜଣ ଡିଏସ୍‌ପି, ୪ ଜଣ ଇନ୍ସପେକ୍ଟର, ୧୪ଜଣ ସବ୍‌ଇନ୍ସପେକ୍ଟର, ୨୯ଜଣ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଓ ୨୦ ସେକ୍ସନ ଫୋର୍ସ ମୁତୟନ କରାଯାଇଛି। ସେହିପରି ୪ଟି ଅସ୍ଥାୟୀ ଫାଣ୍ଡି ସହ ଗୋଟିଏ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଡିଏସ୍‌ପି ଅଶ୍ୱିନୀ ସାହୁ ଓ ନାଲ୍‌କୋ ଥାନା ଅଧିକାରୀ ଗୀତାଞ୍ଜଳି ସାହୁ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ନଜର ରଖିଥିବା ସୂଚନା ମିଳିଛି।



**୨୩ ମଣ୍ଡପରେ ବିଶ୍ୱ ନିର୍ମାତାଙ୍କୁ ଆବାହନ**

## ପୂଜାକୁ ସମସ୍ତେ ଉପଭୋଗ କରନ୍ତୁ

ନାଲ୍‌କୋ ପ୍ରତିଷ୍ଠା ହେବା ପରଠାରୁ ପ୍ରତିବର୍ଷ ଅଞ୍ଚଳବାସୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଆରାଧନା କରିଆସୁଛନ୍ତି। ନାଲ୍‌କୋ ଠାରେ ଏହାକୁ ଏକ ଗଣପର୍ବ ଭାବେ ପାଳନ କରାଯାଉଛି। କେବଳ ଅନୁଗୋଳ କିମ୍ବା ନାଲ୍‌କୋ ପାରିପାର୍ଶ୍ୱିକ ଅଞ୍ଚଳବାସୀ ନୁହନ୍ତି, ଓଡ଼ିଶାର ଦୂରପଲ୍ଲୀରୁ ଦର୍ଶକମାନେ ଏଠାକୁ ଆସି ପୂଜାର ଆନନ୍ଦ ନେଇଥାନ୍ତି। ସପ୍ତାହ ବ୍ୟାପୀ ଚାଲିବାକୁ ଥିବା ପ୍ରଭୁ ବିଶ୍ୱ ନିର୍ମାତାଙ୍କ ଏହି ପୂଜାକୁ ନାଲ୍‌କୋ ଓ ଆଖପାଖ ଅଞ୍ଚଳବାସୀ ଭରପୂର ଉପଭୋଗ କରିବା ପାଇଁ ନିବେଦନ।

-ମନ୍‌ସା ପ୍ରସାଦ ମିଶ୍ର
ଇଡି, ନାଲ୍‌କୋ

## ଲକ୍ଷାଧିକ ଦର୍ଶକଙ୍କ ସମାଗମ ହେବ

ବିଶ୍ୱ ନିର୍ମାତାଙ୍କ ପୂଜା ପାଇଁ ନାଲ୍‌କୋ ନଗରଠାରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଲକ୍ଷାଧିକ ଦର୍ଶକ ଏଥିରେ ଯୋଗଦେବେ ବୋଲି ଆଶା ରଖାଯାଇଛି। ଏଥିପାଇଁ ଜିଲା ପ୍ରଶାସନ ସହଯୋଗରେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ କରାଯାଇଛି।

-ଏସ୍.ଏନ୍. ସାହୁ
ମହାପ୍ରବନ୍ଧକ, ମାନବ ସମ୍ବଳ

## ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି

ଚଳିତବର୍ଷ ପୂଜା ପାଇଁ ନାଲ୍‌କୋ କଲୋନୀ ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପୋଲିସ ଫୋର୍ସ ସହ ସିଆଇଏସ୍ଏଫ୍, କଲୋନୀ ସିକ୍ୟୁରିଟି ଫୋର୍ସଙ୍କୁ ନିୟୋଜିତ କରାଯାଇଛି। ବିଭିନ୍ନ ସ୍ଥାନରେ ସିସି ଟିଭି କ୍ୟାମେରା ଲଗାଯାଇଛି। ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ ସୁବନ୍ଦୋବସ୍ତ କରାଯାଇଛି। ଲୋକମାନେ କିପରି ସୁବିଧାରେ ପୂଜା ଉପଭୋଗ କରିପାରିବେ ସେ ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଇଛି।

-ରାଜାରାମ୍ ମିଶ୍ର
ବରିଷ୍ଠ ଅଧିକାରୀ, ନାଲ୍‌କୋ

## ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି

ପୂଜା ଅବସରରେ ୪ ଶହରୁ ଊର୍ଦ୍ଧ୍ୱ ଷ୍ଟଲ ପଡ଼ିଛି। ବିଶେଷକରି ଖାଦ୍ୟ ଉପରେ କଟକଣା କରାଯାଇଛି। ଲୋକମାନେ କିଭଳି ପରିଷ୍କାର ପରିବେଶରେ ତାଜା ଖାଦ୍ୟ ଖାଇପାରିବେ ସେଥିପ୍ରତି ଧ୍ୟାନ ଦିଆଯାଇଛି। ପରିମଳ ବ୍ୟବସ୍ଥା କିପରି ସୁଧାର କରାଯିବ ସେଥିପ୍ରତି ମଧ୍ୟ ଦୃଷ୍ଟି ରଖାଯାଇଛି।

-ମଣିରଞ୍ଜନ ପଟ୍ଟନାୟକ, ଇଷ୍ଟେଟ ଅଧିକାରୀ

## ନାଲ୍‌କୋ ଅଞ୍ଚଳର ଶ୍ରେଷ୍ଠ ପୂଜା

ନାଲ୍‌କୋ ଅଞ୍ଚଳରେ ଯେତେ ପୂଜା ପାଳନ କରାଯାଏ ସେଥିମଧ୍ୟରୁ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ହେଉଛି ଶ୍ରେଷ୍ଠ। ଚଳିତବର୍ଷ ଏହି ପୂଜାକୁ ଆହୁରି ସୁନ୍ଦର କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ବିଶେଷକରି ଅଞ୍ଚଳବାସୀ ଯେପରି ପୂଜାକୁ ଭରପୁର ଉପଭୋଗ କରିପାରିବେ ତାହାକୁ ଆଖି ଆଗରେ ରଖି ବିଭିନ୍ନ ବ୍ୟବସ୍ଥା କରାଯାଇଛି।

-ପରେଶ ଚନ୍ଦ୍ର ଜେନା,ସାଧାରଣ ସମ୍ପାଦକ, ଏସ୍ଏସ୍‌ସିୟୁ

## ଧୁମ୍‌ଧାମରେ ହୁଏ ଭସାଣି

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ୭ ଦିନ ଧରି ପୂଜା ପାଳିତ ହେବ। ସେହିପରି ଭସାଣି ଉତ୍ସବ ମଧ ଧୁମ୍‌ଧାମରେ କରାଯିବ। ଏଥିପାଇଁ ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ବେଶ୍ ପ୍ରସ୍ତୁତି କରାଯାଇଛି। ତେବେ ପ୍ରଥମେ ପୂଜା ପାଳନ ଉପରେ ଗୁରୁତ୍ୱ ଦିଆଯାଉଛି। ଦର୍ଶକମାନେ କିପରି ଅଧିକରୁ ଅଧିକ ମଜା ଉଠାଇ ପାରିବେ ସେଥିପାଇଁ ପ୍ରସ୍ତୁତି କରାଯାଇଛି।

-ପ୍ରକାଶ ଚନ୍ଦ୍ର ବେହେରା, ଯୁବ ଶ୍ରମିକ ନେତା


## ସାଜସଜ୍ଜାରେ ଥାଏ ପ୍ରତିଦ୍ୱନ୍ଦ୍ୱିତା

ଚଳିତ ବର୍ଷ ୨୩ଟି ମଣ୍ଡପରେ ପ୍ରଭୁଙ୍କ ପୂଜା ଅନୁଷ୍ଠିତ ହେଉଛି। ବିଭିନ୍ନ କମିଟି ପକ୍ଷରୁ ଭିନ୍ନ ଭିନ୍ନ ପ୍ରକାର ସାଜସଜ୍ଜା କରାଯାଇଛି। ମୂର୍ତ୍ତି ନିର୍ମାଣଠାରୁ ଆରମ୍ଭ କରି ତୋରଣ, ଲାଇଟ୍ ଆଦିରେ ପ୍ରତିଦ୍ୱନ୍ଦ୍ୱିତା ବଢୁଥିବାରୁ ଚଳିତବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କମିଟିଗୁଡ଼ିକ ପକ୍ଷରୁ ଉଦ୍ୟମ କରାଯାଇଛି।

-ମୁନା ସାମଲ, ସଭାପତି, ନାଲ୍‌କୋ ସମବାୟ ସମିତି

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ସମସ୍ତ ପଞ୍ଚାୟତବାସୀ ଓ ଚାଷୀ ଭାଇଭଉଣୀ ମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛୁ ।
ବିନୟ କୁମାର ସିଂହ, ସଭାପତି
ସୁଶାନ୍ତ କୁମାର ବେହେରା, ସମ୍ପାଦକ

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋର ସମସ୍ତ ଶ୍ରମିକ ଭାଇଭଉଣୀ ତଥା ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି ।
ରମେଶ ଚନ୍ଦ୍ର ବେହେରା
ସାଧାରଣ ସମ୍ପାଦକ,
ଆଲୁମିନିୟମ୍ ମଜଦୁର ସଂଘ, ନାଲ୍‌କୋ




MARUTI SUZUKI
ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ଅନୁଗୋଳ ଜିଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ।

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ଅନୁଗୋଳ ଜିଲ୍ଲାର ସମସ୍ତ ଭାଇ ଭଉଣୀ ଓ ଗୁରୁଜନମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ସଂଗ୍ରାମ ମିଶ୍ର
ଅନୁଗୋଳ




ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ନାଲ୍‌କୋନଗର ସମସ୍ତ କର୍ମଚାରୀ ତଥା ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ପ୍ରକାଶ ବେହେରା
ସମ୍ପାଦକ, କାଷ୍ଟହାଉସ୍ ବି ପୂଜା କମିଟି,
ଯୁବ ଶ୍ରମିକ ନେତା

ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ନାଲ୍‌କୋନଗର ସମସ୍ତ କର୍ମଚାରୀ ଭାଇ ଓ ଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ବିଜନ କୁମାର ଦଳବେହେରା
କାର୍ଯ୍ୟକାରୀ ସଭାପତି, ନେସ୍

ପବିତ୍ର ବିଶ୍ୱକର୍ମା ଜୟନ୍ତୀ ତଥା ରାଷ୍ଟ୍ରୀୟ ଶ୍ରମଦିବସ ଉପଲକ୍ଷେ ନାଲ୍‌କୋନଗର ତଥା ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଗୋକୁଳାନନ୍ଦ ଜେନା
ସମ୍ପାଦକ, ଭାରତୀୟ ମଜଦୁର ସଂଘ

ANGUL UNITED CENTRAL CO-OPERATIVE BANK
ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ଅନୁଗୋଳ ଅଞ୍ଚଳବାସୀଙ୍କ ସମେତ କୁଲାଡ଼ ଅଞ୍ଚଳର ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ।

ପ୍ରସନ୍ନ ସାହୁ, ସଭାପତି, ବିଦ୍ୟୁତ୍ ମଜଦୁର ସଂଘ, ନାଲ୍‌କୋ
ମନୋଜ ଅମାନ୍ତ, ସମ୍ପାଦକ, ବିଦ୍ୟୁତ୍ ମଜଦୁର ସଂଘ, ନାଲ୍‌କୋ
ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋର ସମସ୍ତ ଶ୍ରମିକ ଭାଇଭଉଣୀ ତଥା ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛୁ ।

ପବିତ୍ର ବିଶ୍ୱକର୍ମା ଜୟନ୍ତୀ ତଥା ରାଷ୍ଟ୍ରୀୟ ଶ୍ରମଦିବସ ଉପଲକ୍ଷେ ନାଲ୍‌କୋନଗର ତଥା ପାରିପାର୍ଶ୍ୱିକ ଅଞ୍ଚଳର ହିନ୍ଦୁ ଭାଇ ଓ ଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ବିଜୟ କୁମାର ସାହୁ
ଜିଲ୍ଲା ସଂଘଚାଳକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଅନୁଗୋଳ ଜିଲ୍ଲା

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋ ପ୍ଲାଣ୍ଟର ସମସ୍ତ ଭାଇ ଭଉଣୀ ଓ ପାରିପାର୍ଶ୍ୱିକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛୁ ।
ଦିବ୍ୟରଞ୍ଜନ ଦାସ (ସଭାପତି)
ଶଶାଙ୍କଶେଖର ସାମଲ (ସମ୍ପାଦକ)
ନାଲକୋ ସ୍ପୋନ୍‌ସର୍ଡ଼ ଆଇ.ଟି.ଆଇ. (ଏଲ୍.ଏ.ପି.)
କ୍ଷତିଗ୍ରସ୍ତ ପ୍ରଜାସଂଘ, ତାଳଚେର-ଅନୁଗୋଳ

My Dentist ଦନ୍ତ ଚିକିତ୍ସାଳୟ
ORTHODONTIC & COSMETIC DENTAL CARE
Infront of Nalco Main Gate, N.H.-55, Nalco, Angul
Dr. Sambit Satyabrat Samal
BDS (Hons)
(Dental and Oral Surgeon)
S.C.B. Dental College & Hospital, Cuttack
Contact : 9437550009 / 9437646362
Regd. No. 1373(A)

ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ନାଲ୍‌କୋନଗର ସମସ୍ତ କର୍ମଚାରୀ ଭାଇ ଓ ଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ବିଜୟ କୁମାର ସାହୁ
ସମ୍ପାଦକ, ପଟ୍‌ଲାଇନ ପୂଜା କମିଟି, ନାଲ୍‌କୋ

ମୁନା ସାମଲ, ସଭାପତି, ବହୁମୁଖୀ ସମବାୟ ସମିତି ଲିଃ, ବରିଷ୍ଠ ଯୁବ ଶ୍ରମିକନେତା, ନାଲ୍‌କୋ
ମାନସ ରଞ୍ଜନ ମହାନ୍ତି, ସମ୍ପାଦକ, ବହୁମୁଖୀ ସମବାୟ ସମିତି ଲିଃ
ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋର ସମସ୍ତ ଶ୍ରମିକ ଭାଇଭଉଣୀ ତଥା ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛୁ ।

ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋ ସିପିପିର ଶ୍ରମିକ ଭାଇ ଭଉଣୀ ଓ ପାରିପାର୍ଶ୍ୱିକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି ।
ବିଭବ ଜେନା
କାର୍ଯ୍ୟକାରୀ ସଭାପତି
ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ (ଏନଏସସିୟୁ)
ଉପସଭାପତି ରାଜ୍ୟ ଯୁବ ଆଇଏନ୍‌ଟିୟୁସି

Best Compliments From:
DIVINE FLY ASH BRICKS
AT/PO: GOTAMARA, BANARAPAL, ANGUL

## ସଂକ୍ଷେପରେ

### ଘର କରିବାକୁ ପୈତୃକ ଜମିରୁ ଭାଗ ଦେଲେନି
# ବିଷ ପିଇ ଜୀବନ ହାରିଲେ

**କାମାକ୍ଷାନଗର/ଭୁବନ, ୧୬।୯(ଡି.ଏନ.ଏ.):** ଇନ୍ଦିରା ଆବାସ ଯୋଜନାରେ ଘର କରିବାକୁ ମିଳିଥିଲା କାର୍ଯ୍ୟାଦେଶ। ହେଲେ ଅନୁରୋଧ କରିବା ସତ୍ତ୍ୱେ ପୈତୃକ ଜମିରୁ ଜାଗା ମିଳିଲାନି। ଏଥିରେ ମର୍ମାହତ ହୋଇ କୀଟନାଶକ ପିଇ ଜୀବନ ହାରିଦେଲେ ଗୃହକର୍ତ୍ତା। ଢେଙ୍କାନାଳ ଜିଲା ଭୁବନ ଥାନା ଆଦିପୁରା ଗ୍ରାମରେ ସୋମବାର ଏପରି ଏକ ସ୍ପର୍ଶକାତର ଘଟଣା ଘଟିଛି। ମୃତକ ହେଲେ ରବିନାରାୟଣ ସାହୁ (୫୭)। ଗୁରୁତର ଅବସ୍ଥାରେ ରବିନାରାୟଣଙ୍କୁ ପ୍ରଥମେ ମଠକରଗୋଳା ଏବଂ ପରେ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏ ନେଇ ଶାଶୁଘର ଲୋକଙ୍କ ନାମରେ ଅଭିଯୋଗ କରିଛନ୍ତି ମୃତକଙ୍କ ସ୍ତ୍ରୀ ଅମୁଲି ସାହୁ। ତାଙ୍କ କହିବା କଥା, ସରକାରଙ୍କ ତରଫରୁ ସ୍ୱାମୀଙ୍କ ନାମରେ ଇନ୍ଦିରା ଆବାସ ଗୃହ ମଞ୍ଜୁର ହୋଇଥିଲା। ଶାଶୁଘରୁ ସ୍ୱାମୀ ଅଲଗା ହୋଇଯାଇଥିବାରୁ ଅନ୍ୟ ଭାଇମାନେ ପୈତୃକ ସମ୍ପତ୍ତିରୁ ଭାଗ ଦେଇ ନ ଥିଲେ। ଘର ତିଆରି କରିବାକୁ ରବିନାରାୟଣ ତାଙ୍କ ବାପା ନଟବର ସାହୁଙ୍କୁ କହିଥିଲେ। ହେଲେ ଅନ୍ୟ ଭାଇମାନେ ଏଥିରେ ରାଜି ହୋଇ ନ ଥିଲେ। ଏହାର ସମାଧାନ କରିବାକୁ ସେ ଭଦ୍ରଲୋକଙ୍କୁ ଗୁହାରି କରିଥିଲେ। ହେଲେ ସେମାନଙ୍କ କଥା ବି କେହି ଶୁଣି ନ ଥିଲେ। ସବୁଆଡୁ ନିରାଶ ହେବାପରେ ଶେଷରେ ସ୍ୱାମୀ ଆତ୍ମହତ୍ୟାର ବାଟ ବାଛି ନେଇଥିବା ଅମୁଲି କହିଛନ୍ତି। ଭୁବନ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨୧/୧୯) ରୁଜୁ ହୋଇଛି।

### ■ବ୍ଲକସ୍ତରୀୟ ଫୁଟ୍‌ବଲ, ଭଲିବଲ ପ୍ରତିଯୋଗିତା
# ଜିଲାସ୍ତରକୁ ଗଲେ ୪ଟିମ୍

**କାମାକ୍ଷାନଗର, ୧୬।୯(ଡି.ଏନ.ଏ.)**

କାମାକ୍ଷାନଗର ବ୍ଲକ ଆଲୁଅଝରଣ ସ୍କୁଲରେ ବ୍ଲକସ୍ତରୀୟ ବିଦ୍ୟାଳୟସମୂହ ୨ଦିନିଆ ଫୁଟ୍‌ବଲ ଏବଂ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମଗ୍ର ବ୍ଲକକୁ ୪ଟି ଜୋନ୍ (ଅଁଳାବେରେଣୀ, କନ୍ତିଓପୁଟସାହି, ମହୁଲପାଳ, କାମାକ୍ଷାନଗର)ରେ ବିଭକ୍ତ କରାଯାଇଥିଲା। ଏଥିରେ ୩୦ ସ୍କୁଲର ବାଳିକା ଏବଂ ବାଳକ ବିଭାଗର ପ୍ରତିଯୋଗୀ ଭାଗ ନେଇଥିଲେ। ଉଭୟ ବିଭାଗରୁ ୪ଟି ଦଳ ଜିଲାସ୍ତରକୁ ଚୟନ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଏବିଇଓ କୃଷ୍ଣଚନ୍ଦ୍ର ଭୋଇ, ଗ୍ରାମ ସଭାପତି ଭଜମନ ସାହୁ, ସମ୍ପାଦକ ରୋହିତ ପାତ୍ର, ଶିକ୍ଷୟିତ୍ରୀ ଅମିତା ପଣ୍ଡା, ମନୋଜ ବିଶ୍ୱାଳ, ଛବିନାରାୟଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡ଼ା ଶିକ୍ଷକ ରାମକୃଷ୍ଣ ବେହେରା, ସୁଶାନ୍ତ ନାଥ, ଦେବଦତ୍ତ ସାହୁ, ଅଶୋକ ଭୂତିଆ, ପ୍ରତାପ ସାମନ୍ତ, ବାନାର୍ଜୀ ମହାନ୍ତି, ଶିଶିର ସାହୁ କ୍ରୀଡ଼ା ପରିଚାଳନା କରିଥିଲେ।


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପେଟକୁ ଭାତ, ପିଠିକୁ ନାତ ।**

ପେଟପାଟଣା କଥା ବୁଝି ସାରି ପରେ କଷ୍ଟ ଦେଇ, ଗାଳିଗୁଲଜ କରି ଯେତେ କାମ ଆଦାୟ କଲେ ଦେହକୁ ସେତେ ବାଧି ନ ଥାଏ । ପରନ୍ତୁ ଲୋକର ଭଲମନ୍ଦ ନ ବୁଝି, ବାଧ କରି ଖଟେଇଲେ, ଜୋର କରି କାମ ଆଦାୟ କଲେ ଭାରି ବାଧିଥାଏ । ପେଟକୁ ମୁଠେ ଦାନା ଦେଇ ଗଧ ଖଟଣି ଖଟାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପୋଥି ବାଇଗଣ ନା ବାଡ଼ି ବାଇଗଣ ।**

ପୋଥି ବାଇଗଣ ବା ଚିତ୍ର ବାଇଗଣରେ ପେଟ ପୂରି ନ ଥାଏ । ବହିରୁ ବାଇଗଣ ଚାଷ ଶିଖି କାମରେ ନ ଲଗାଇଲେ ଲାଭ ମିଳି ନ ଥାଏ । ବାଇଗଣ ଚାଷପ୍ରଣାଳୀ କୌଶଳ ବହିରୁ ଶିଖି ବିଲବାଡ଼ିରେ ପ୍ରୟୋଗକରି ସେପରି ଅମଳ ଦେଖେଇଲେ ଜ୍ଞାନ କାମରେ ଲାଗିଲା ବୋଲି ଜଣାପଡ଼େ । ଅନ୍ୟଥା ସେସବୁ ମୂଲ୍ୟହୀନ ହୋଇଯାଇଥାଏ । ଅଭିଜ୍ଞତା ନ ଥିଲେ ଫଳ ମିଳି ନ ଥାଏ । ଚିତ୍ରଠାରୁ ବାସ୍ତବର ମୂଲ୍ୟ ଢେର୍ ଅଧିକ ବା ଶ୍ରେୟସ୍କର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଓଡ଼ିଶା ସର୍କଲ ଡାକ କୁସ୍ତି ପ୍ରତିଯୋଗିତା ପାଇଁ ଖେଳାଳି ଚୟନ


ଚୟନ ହୋଇଥିବା ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୧୬।୯**

ଢେଙ୍କାନାଳ ଇନ୍‌ଡୋର ଷ୍ଟାଡିୟମ ପରିସରରେ ସୋମବାର ଓଡ଼ିଶା ସର୍କଲ ଡାକ କୁସ୍ତି ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯାଇଛି। ଆରତି ବିଜୟ ମିଶ୍ର, ଶ୍ୟାମସୁନ୍ଦର ମହାପାତ୍ର, ତୁଳସୀରାମ ମାଝି, ରାଜକିଶୋର ସଅର, ପ୍ରଦୀପ କୁମାର ମହାନ୍ତି ଏଥିଲାଗି ଚୟନ ହୋଇଛନ୍ତି। ଢେଙ୍କାନାଳ ଡିଭିଜନର ଡାକମଣ୍ଡଳ ଅଧୀକ୍ଷକ ବିପିନ ବିହାରୀ ମହାନ୍ତି, ଚୟନ କର୍ତ୍ତା ରାଜେଶ କୁମାର, ବିଜନେସ୍ ଏକଜିକ୍ୟୁଟିଭ୍ ଦୀପ୍ତିରଞ୍ଜନ ସାମନ୍ତ, ପିଏଲ୍‌ଆଇ ଗ୍ରୁପ୍ ଲିଡର ଚନ୍ଦ୍ରଶେଖର ସିଂ, ପିଆରଆଇପି ଚନ୍ଦ୍ରମଣି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଉପସ୍ଥାନ ବୃଦ୍ଧି ଉପରେ ଗୁରୁତ୍ୱ

**ସାତମାଇଲ, ୧୬।୯(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା କଲେଜରେ ରବିବାର ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପସ୍ଥାନ ବୃଦ୍ଧି, ନୂତନ ପାଠ୍ୟଖସଡ଼ା ବିଷୟରେ ଆଲୋଚନା କରାଯାଇଥିଲା। ପ୍ରାଧ୍ୟାପକ ମହେଶ୍ୱର ପଟ୍ଟନାୟକ ଅଭିଭାବକଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ବର୍ଷଠାରୁ ଲାଗୁ କରାଯାଇଥିବା ନୂତନ ନିୟମ ବିଷୟରେ ଅବଗତ କରାଇଥିଲେ। ଏହି ନିୟମ ଅନୁଯାୟୀ, ଛାତ୍ରୀଛାତ୍ରଙ୍କ ୭୫% ଉପସ୍ଥାନ ଜରୁରୀ। ଏଥିରୁ କମ୍ ହେଲେ ପିଲାମାନେ ପରୀକ୍ଷାରୁ ବଞ୍ଚିତ ହେବେ। ସେମିଷ୍ଟର ପରୀକ୍ଷା ବେଳେ ସିସିଟିଭି କ୍ୟାମେରା ଲଗାଯିବ। କଲେଜରେ ସ୍ମାର୍ଟଫୋନ୍‌ର ଅବାଧ ବ୍ୟବହାର ଉପରେ କଟକଣା ଜାରି କରାଯିବ। ଶ୍ରେଣୀଗୃହରେ ପାଠପଢ଼ାଇବା ବେଳେ ଅବୁଝା ରହୁଥିବା ବିଷୟଗୁଡ଼ିକୁ ସ୍ୱତନ୍ତ୍ର କ୍ଲାସ ମାଧ୍ୟମରେ ସମାଧାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଅଧ୍ୟାପିକା ସନ୍ଧ୍ୟାରାଣୀ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ।

ସେହିପରି ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଅଧ୍ୟାପକ ଜୟନ୍ତ ବର୍ମା, ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଅଧ୍ୟାପିକା ସ୍ନିଗ୍ଧାରାଣୀ ପାଳଙ୍କ ପୌରୋହିତ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ । କମ୍ ସୁଧ ଏବଂ ସହଜ କିସ୍ତି । କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି ।
Office No. 2b/44, Indra Complex, Main Market Road, Ranchi, Jarkhand, 834001
9582606103
9654417419

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାସ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୪୦%ଛାଡ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi. We also offered Course
(OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka-Pin Code 570008

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ଫ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ ୨୦ ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହଲଚଲ ହେଉଛି ଶବ

**କାନ୍‌ବେରା:** ମୃତ୍ୟୁ ପରେ ମଣିଷ ଶରୀର ପାଖାପାଖି ବର୍ଷେ ଯାଏ ହଲଚଲ ହୁଏ ଅର୍ଥାତ ତା' ମୂଳ ଅବସ୍ଥାରେ କିଛି ଏପାଖ ସେପାଖ ହୁଏ ବୋଲି ଜାଣିବା ପରେ ଆଶ୍ଚର୍ଯ୍ୟ ଲାଗୁଛି, କିନ୍ତୁ ଏହା ସତ। ଅଷ୍ଟ୍ରେଲିଆର ବୈଜ୍ଞାନିକ ଏଲିଶନ ୱିଲ୍‌ସନ ଗବେଷଣା କରି ଏହା ଜାଣି ପାରିଛନ୍ତି। ସେ ୧୭ ମାସ ଯାଏ ଶବ ଉପରେ ନଜର ରଖି ଏବଂ ତା'ର ପ୍ରତ୍ୟେକ ମୁଭମେଣ୍ଟର ଫଟୋ ସଂଗ୍ରହ କରୁଥିଲେ। ଏଲିଶନ କହନ୍ତି, ମୃତ୍ୟୁ ପରେ ବି ମଣିଷ ଶରୀରର କିଛି ମୁଭ୍‌ମେଣ୍ଟ ହୋଇଥାଏ। ଏହି କାରଣରୁ ଅନେକ ସମୟରେ ଶବ ବଞ୍ଚିଥିବା ଭଳି ମନେହୁଏ। ଏଲିଶନଙ୍କ ଅନୁସାରେ ଗବେଷଣା ଆରମ୍ଭରୁ ଶବ ହାତ ଓ ଶରୀରକୁ ଚାପି ରଖାଯାଇଥିଲା। ସମୟ କ୍ରମେ ହାତ ଧୀରେ ଧୀରେ ବାହାରକୁ ଖସିଯାଇଥିଲା। ଏହା ଡିକମ୍ପୋଜିଶନ ବା ବିଘଟନ କାରଣରୁ ହେଉଛି ବୋଲି ସେ କହିଛନ୍ତି। ସମୟକ୍ରମେ ଯେତିକି ଯେତିକି ଶରୀର ଶୁଖିବାରେ ଲାଗେ ଶବର ଗତି ସେତିକି ବଢିଯାଏ। ଏଲିସନ କୁହନ୍ତି,ଏହି ଗବେଷଣା ହତ୍ୟାର କାରଣ ଜାଣିବାରେ ସାହାଯ୍ୟ କରିବ।



ଶବ ଉପରେ ଗବେଷଣା କରିବା ପାଇଁ ଏଲିଶନ ପ୍ରତି ମାସରେ ତିନି ଘଣ୍ଟା ପାଇଁ ବିମାନରେ କେନ୍ସରୁ ସିଡ୍‌ନୀ ଯାଉଥିଲେ। ଶବର ଗତିକୁ ଅନୁଧାନ କରିବା ଲାଗି ଟାଇମ ଲ୍ୟାପ୍ସ କ୍ୟାମେରା ଖଞ୍ଜାଯାଇଥିଲା। ଏହା ପ୍ରତି ୩୦ ମିନିଟରେ ଶବର ଫଟୋ ନେଉଥିଲା। ମୃତ୍ୟୁ ପରେ ଶରୀରର କ'ଣ ହୁଏ ତାହା ଜାଣିବାରେ ଏଲିଶନଙ୍କର ପିଲାଦିନରୁ ଇଚ୍ଛା ରହିଥିଲା, ଯାହା ସେ ଏବେ ଜାରି ରଖିଛନ୍ତି। ଫରେନ୍‌ସିକ ସାଇନ୍ସ ଇଣ୍ଟରନ୍ୟାଶନାଲ ସିନର୍ଜି ମୁତାବକ, ଏହି ଗବେଷଣା ମୃତ୍ୟୁ ପରେ ଶରୀରର କ'ଣ ପରିବର୍ତ୍ତନ ହୁଏ ତାହା ଅଧିକ ଜାଣିବାରେ ସହାୟକ ହେବ। ଗବେଷଣାରେ ଏକ ପ୍ରକାର ସଫଳତା ପାଇଥିବାରୁ ଏଲିଶନ ଖୁସି ହୋଇଛନ୍ତି ଓ ଶବରେ କିଛି ଗତି ଲକ୍ଷ୍ୟ କରିବା ଘଟଣାକୁ ସାମ୍ନାକୁ ଆଣିଛନ୍ତି ଯାହା ଏଯାବତ କେହି ବି ବୁଝିପାରି ନାହାନ୍ତି। ଆଉ ଅଧିକ ତଥ୍ୟ ହାସଲ କରିବା ପାଇଁ ଏଲିଶନ ଚେଷ୍ଟା ଜାରି ରଖିଛନ୍ତି।

# କିସିଂ ସିନ୍ ଅଭ୍ୟାସ କରିବାକୁ କହିଥିଲେ ନିର୍ଦ୍ଦେଶକ

**ଜରିନ୍‌ଙ୍କ କାଷ୍ଟିଂ କାଉଚ୍ ଅନୁଭୂତି**



**ମୁମ୍ବାଇ:** ଗତ କିଛିବର୍ଷ ମଧ୍ୟରେ ରାଧିକା ଆପ୍ଟେ, କଲ୍‌କୀ କୋଚଲିନ୍ ଓ ବିଦ୍ୟା ବଲାନଙ୍କ ଭଳି ବଲିଉଡ୍ ଅଭିନେତ୍ରୀ ନିଜର କାଷ୍ଟିଂ କାଉଚ୍ ଅନୁଭବ ସମ୍ପର୍କରେ ପ୍ରକାଶ କରିଥିବା ବେଳେ ଏବେ ଏହି ତାଲିକାରେ ଆଉ ଏକ ନାଁ ଯୋଡି ହୋଇଛି। ହେଟ୍‌ଷ୍ଟୋରି-୨ ଷ୍ଟାର ଜରିନ୍ ଖାନ୍ ଏକ ଇଣ୍ଟରଭ୍ୟୁରେ କହିଛନ୍ତି, ବଲିଉଡ୍ ଜଗତରେ ନୂଆ ନୂଆ ପାଦ ଥାପିଥିବା ବେଳେ ଦୁଇ ଥର କାଷ୍ଟିଂ କାଉଚ୍‌ର ଶିକାର ହୋଇଥିଲେ। ଏକ କିସିଂ ସିନ୍‌କୁ ଅଭ୍ୟାସ କରିବାକୁ ଫିଲ୍ମ ନିର୍ଦ୍ଦେଶକ ତାଙ୍କୁ କହିଥିଲେ। କିନ୍ତୁ ଜରିନ୍ ଏହି ସିନ୍ ଅଭ୍ୟାସ କରିବାକୁ ମନା କରିଦେଇଥିଲେ। ସେହିଭଳି ଇଣ୍ଡଷ୍ଟ୍ରିର ଅନ୍ୟ ଜଣେ ବ୍ୟକ୍ତି ତାଙ୍କୁ ବନ୍ଧୁତ୍ୱରୁ ଅଧିକ ପ୍ରିୟ ହେବା ଲାଗି ପ୍ରସ୍ତାବ ଦେଇଥିଲେ। ଯଦି ସେ ଏପରି କରନ୍ତି ତେବେ ତାଙ୍କୁ ଆଗାମୀ ଫିଲ୍ମ କିପରି ମିଳିବ ସେନେଇ ସେ ଧ୍ୟାନ ଦେବେ ବୋଲି ଅଫର୍ ମଧ୍ୟ ଦେଇଥିଲେ। ହେଲେ ଏହି ଅଫର୍‌କୁ ଜରିନ୍ ମନା କରିଦେଇଥିଲେ। ଏଥିସହ ସେ କହିଛନ୍ତି, ଇଣ୍ଡଷ୍ଟ୍ରିକୁ ସେ ନୂଆ ଆସିଥିବା ବେଳେ ଲୁକ୍‌ସ ଓ ଓଜନକୁ ନେଇ ତାଙ୍କୁ ବହୁତ କମେଣ୍ଟ ଶୁଣିବାକୁ ମିଳିଛି। ଜରିନ୍ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସିବା ପୂର୍ବରୁ ଏକ କଲ୍ ସେଣ୍ଟରରେ କାମ କରୁଥିଲେ। ଏୟାରହୋଷ୍ଟେସ୍ ହେବାକୁ ଇଚ୍ଛା ଥିବା ବେଳେ ଅଧିକ ଓଜନ ଯୋଗୁ ତାଙ୍କୁ ସେଥିରେ ଯିବାକୁ ସୁଯୋଗ ମିଳି ନ ଥିଲା ବୋଲି ଜରିନ୍ କହିଛନ୍ତି।

ମନେପକାଇ ଦିଆଯାଇପାରେ ଯେ, ପୂର୍ବରୁ ଲୋକପ୍ରିୟ ଅଭିନେତ୍ରୀ ବିଦ୍ୟା ବଲାନ ମଧ୍ୟ ଜଣେ ନିର୍ଦ୍ଦେଶକଙ୍କ ବିରୋଧରେ କାଷ୍ଟିଂ କାଉଚ୍ ଅଭିଯୋଗ ଆଣିଥିଲେ। ସେ ଚେନ୍ନାଇରେ ଥିବା ବେଳେ ନିର୍ଦ୍ଦେଶକ ଜଣକ ତାଙ୍କୁ ଦେଖା କରିବାକୁ କହିଥିଲେ। ହେଲେ ଏକ କଫି ଶପ୍‌ରେ ଦେଖାହେବାକୁ କହିବାରୁ ସେ ତାଙ୍କୁ ହୋଟେଲ ରୁମ୍‌ରେ ଦେଖା ହୋଇ କଥା ହେବାକୁ ବାଧ କରିଥିଲେ ବୋଲି ବିଦ୍ୟା ପ୍ରକାଶ କରିଥିଲେ।

# ଆକ୍ରମଣ କଲେଣି ପାକିସ୍ତାନୀ ଝିଣ୍ଟିକା

**ଜୟପୁର:** ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଯିବା ପରେ ଜମ୍ମୁ-କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ତୁହାକୁ ତୁହା ବର୍ଷୁଛନ୍ତି ଓ ପରମାଣୁ ଯୁଦ୍ଧର ଧମକ ବି ଦେଉଛନ୍ତି। ସେ ଯାହା ହେବା କଥା ହେବ, କିନ୍ତୁ ଯୁଦ୍ଧ ପୂର୍ବରୁ ପାକିସ୍ତାନୀ ଝିଣ୍ଟିକା ଭାରତ ବିରୋଧରେ ଯୁଦ୍ଧ ଘୋଷଣା କଲାଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାଜସ୍ଥାନର ଜୈସଲମେର, ବାଡମେର, ଶ୍ରୀଗଙ୍ଗାନଗର ଓ ବିକାନେର ଜିଲାକୁ ଝିଣ୍ଟିକା ଦଳ ପାକିସ୍ତାନରୁ ମାଡି ଆସୁଛନ୍ତି। ଫସଲ ଉପରେ ଆରମ୍ଭ କରିଦେଇଛନ୍ତି ଆକ୍ରମଣ। ରାଜସ୍ଥାନର ଏହି ୪ ଜିଲାର ୩୦ ହଜାର ହେକ୍ଟରରୁ ଅଧିକ ଚାଷ ଜମିକୁ ଅକ୍ତିଆର କରି ବ୍ୟାପକ କ୍ଷତି ବି କରିଚାଲିଛନ୍ତି। ଫସଲ ନଷ୍ଟ ହେବା ଯୋଗୁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଏମିତି ଅବସ୍ଥାରେ ରାଜ୍ୟ ସରକାର କ୍ଲୋରଫାଇରିଫସ୍ କେମିକାଲ କିଣିବା ଲାଗି କୃଷକଙ୍କୁ ୫୦ ପ୍ରତିଶତ ଅନୁଦାନ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅନୁଦାନ ରାଶି ସିଧା କୃଷକଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ଝିଣ୍ଟିକା ଦଳ ଜୈସଲମେର ଓ ବାଡମେରରେ ସବୁଠୁ ବେଶି ଫସଲ ନଷ୍ଟ କରିଛନ୍ତି। ୪ଟି ଜିଲାରେ ଝିଣ୍ଟିକା ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଦିନରାତି ସେଠାରେ ସରକାରୀ କର୍ମଚାରୀ ରହୁଛନ୍ତି। କିଛି ବାଟ ନ ପାଇ କୃଷକମାନେ ବାସନ ଓ ଲହା ପାଇପ୍ ବାଡେଇ ଝିଣ୍ଟିକା ତଡୁଛନ୍ତି। ଏମିତି ହେଉଛି ଯେ, କୃଷକ ପରିବାର ଲୋକେ ଜମି ପାଖରେ ବାସନ ଓ ଲୁହା ପାଇପ୍ ଧରି ବସୁଛନ୍ତି। ଦିନ ରାତି ଏହାକୁ ବଜାଉଛନ୍ତି, ହେଲେ ପାକିସ୍ତାନୀ ଝିଣ୍ଟିକା ସହଜରେ ଯାଉନାହାନ୍ତି।



# ବ୍ରାହ୍ମଣଙ୍କ ମୃତଦେହ ସଂସ୍କାର କଲେ ୩ ମୁସଲମାନ ଭାଇ



**ଅହମ୍ମଦାବାଦ:** ଗୁଜରାଟରେ ସାମ୍ପ୍ରଦାୟିକ ହିଂସାକୁ ନେଇ କଳା ଇତିହାସ ଥିବାବେଳେ ଏହି ରାଜ୍ୟର ଅମରେଲି ଜିଲା ସବରକୁଣ୍ଡଲା ସହରରେ ଦେଖିବାକୁ ମିଳିଛି ଭିନ୍ନ ଘଟଣା। ଏଠାରେ ମୁସଲମାନ ପରିବାରରେ ୩ ଭାଇ ତାଙ୍କ ବାପାଙ୍କର ଜଣେ ବ୍ରାହ୍ମଣ ବନ୍ଧୁଙ୍କ ମୃତଦେହକୁ ହିନ୍ଦୁ ରୀତିନୀତି ଅନୁଯାୟୀ ସଂସ୍କାର କରିଛନ୍ତି। ସୂଚନାଯୋଗ୍ୟ, ମୃତକ ହେଲେ ଭାନୁଶଙ୍କର ପାଣ୍ଡ୍ୟା। ତାଙ୍କର ପରିବାର ବୋଲି କେହି ନ ଥିଲେ। ସେ ଦୀର୍ଘଦିନ ହେବ ମୁସଲମାନ ପରିବାରରେ ରହି ଆସୁଥିଲେ। ଆଉ ତାଙ୍କ ମୃତ୍ୟୁ ପରେ ଅବୁ, ନଜିର ଓ ଜୁବେର ନାମକ ୩ ଭାଇ ତାଙ୍କର ମୃତଦେହକୁ ସଂସ୍କାର କରିଛନ୍ତି। ବାପାଙ୍କ ବନ୍ଧୁ ହୋଇଥିବାରୁ ଏହି ୩ ଭାଇ ତାଙ୍କୁ ଦାଦା ବୋଲି ସମ୍ବୋଧନ କରୁଥିଲେ।

# ଏଠି ସମସ୍ତଙ୍କର ଗୋଟିଏ କିଡ୍‌ନୀ



**କାଠମାଣ୍ଡୁ:** ଗାଁର ପ୍ରାୟ ସବୁ ଲୋକ ଗୋଟିଏ କିଡ୍‌ନୀରେ ବଞ୍ଚୁଛନ୍ତି। ଏହି ଗାଁଟି ପଡୋଶୀ ଦେଶ ନେପାଳରେ ରହିଛି। ଗାଁର ନାଁ ହୋକ୍ସେ। କୌଣସି ରୋଗ ପାଇଁ ନୁହେଁ ବରଂ ଆର୍ଥିକ ଅନଟନରୁ ଗାଁ ଲୋକମାନେ କିଡ୍‌ନୀ ବିକ୍ରି କରୁଛନ୍ତି। ନେପାଳରେ ଆସୁଥିବା ଭୂକମ୍ପ ଯୋଗୁ ଏମାନେ ଜୀବିକା ହରାଇବା ସହ ବାସଶୂନ୍ୟ ହୋଇଯାଆନ୍ତି। ତା'ପରେ ଅଣ୍ଟା ସଳଖି ଠିଆ ହେବା ଏମାନଙ୍କ ପାଇଁ କାଠିକର ପାଠ। ତେଣୁ ଏମାନେ କିଡ୍‌ନୀ ବିକ୍ରି କରି ଯାହାପାଆନ୍ତି ସେଥିରେ ପୁଣି ଥରେ ଘର ତିଆରି କରନ୍ତି ଓ ନିଜର ଗୁଜୁରାଣ ମେଣ୍ଟାନ୍ତି। ଏଠାରେ ଦିନକୁ ଦିନ କିଡ୍‌ନୀ ବିକ୍ରି ଘଟଣା ବଢ଼ିଯିବା ଫଳରେ ପଡୋଶୀ ଦେଶରୁ ଦଲାଲମାନେ ଯାଇ ସେମାନଙ୍କୁ ପ୍ରଲୋଭନ ଦେଖାଇ କିଡ୍‌ନୀ ସଂଗ୍ରହ କରୁଛନ୍ତି।

**OFFICE OF THE NOTIFIED AREA COUNCIL, ASKA, GANJAM**
Letter No. 1151/2019 Date: 16.09.2019
**Bid Identification No. - ASKA-NAC- 03/2019-20**
Bid document consisting of work, estimated cost, cost of Tender paper, EMD, Time of completion, Class of contractors and the set of terms and condition and condition of contract and other necessary documents can be seen in Govt. website i.e. **www.tendersorissa.gov.in**.
Total number of Civil works: **2 Nos.**, Estimated Cost for civil works: **Rs. 16,75,286/-**, Date & time of availability of Bid documents in the portal: **Dt.17.09.2019 of 11.00AM to dt.26.09.2019 of 5.00PM for online bidding**, Last date of receipt of Bid through online: **Dt.26.09.2019 upto 5.00PM**, Offline receipt of tender documents: **Dt.30.09.2019 upto 5.00PM through Registered Post / Speed Post only**, Date of opening of Bid: **Dt.01.10.2019 at 11.00AM.**
*Sd./- Executive Officer, Aska NAC*

**PARADIP PORT TRUST**
**CORRIGENDUM TO E-TENDER CALL NOTICE NO. EM/MM/P/PAINTS/05/2019/1908TDR172 DT.31.08.2019, FOR SUPPLY PAINTS.**
The Brand / Make of the Paints offered shall be Jotun / Sigmamarine / Hempel / Akzonoble International. Accordingly the technical specification containing bill of materials at Annexure-II of tender is amended.
All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.
**Sr. Dy. Materials Manager**
**PPT/PR/327/19-20 Dt.13.09.2019**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Lifeline of Odisha O/o the GM (Elect.) E.H.T. Construction Circle, Bhubaneswar-22. **CIN: U40102OR2004SGC007553**
Advt. No. GM-EHT(C)CIRCLE-BBSR-03/2019-20 Dated 16.09.2019
**NOTICE INVITING TENDER**
Sealed tenders are invited from registered goods transport agencies having valid transport license of at least One year experience in goods transportation work, GSTIN, PAN, Contract labour license, EPF & ESI registration to carry out the work "Loading and transportation of various transmission line materials from Bharatipur Store, Pipili and unloading the same with proper sorting and stacking at E.H.T (Constn.) Store, Mancheswar". **Cost of Tender Paper (Non-refundable) :** Rs.4,000/- +12% GST=Rs.4,480/- only. **EMD :** 1% of total estimated cost. **Sale of Tender Documents :** From 20.09.2019 to 10.10.2019 (11:00 AM to 03:00 PM). **Last Date of Submission of Tender :** 11.10.2019 up to 03.00 PM. **Date & Time of Opening of Tender :** 11.10.2019 at 04:00 PM. For details, please visit our website **www.optcl.co.in. Corrigendum, if any, will be published in the website or in the office notice board only.**
Sd/- **General Manager (Elect.)**
Please connect us: optcl.odisha optcl_odisha energyodisha

**PARADIP PORT TRUST**
**e-TENDER CALL NOTICE No.**
**AD/OE/GL-07/13(Vol.V)/3044, Dtd.12.09.2019**
Name of the work : **"Providing secretarial and other assistance for official works of Administrative Department for a period of one year"** Estimated cost put to tender **₹2,13,43,803/-**. The last date & time of submission of bid is **03.10.2019** upto **1700 Hrs**. For details please refer our website :**www.paradipport.gov.in/ https://eprocure.gov.in/eprocure/app**.
**Asst. Secretary (Admn.)**
**PPT/PR/330/19-20, DT.13.09.2019**

cmpdi
A Mini Ratna Company
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
**CENTRAL MINE PLANNING AND DESIGN INSTITUTE LIMITED**
**(A Subsidiary of Coal India Limited)**
**Regional Institute-VII, Plot No : E-4, Near Gandhi Park, Samantapuri, PO : RRL, Bhubaneswar-751013(Odisha)**
**NO. CMPDI/RI-VII/ENVT/BBSR/2019 Dated : 10-09-19**
Offers are invited for CMPDI, RI-VII, Near Mahatma Gandhi Park PO - RRL Bhubaneswar through e-Tendering (online bidding) only :
**Tender Notice No. & Date :** NIT NO. : CMPDI/RI-VII/BBSR/ENV/e-T/2019/E-362810 Dtd. : 10-09-2019. **Description : Baseline Data Collection/Generation and Analysis of Various samples of Group I (Air, Water, Noise and Soil) for Integrated Lakhnapur-Belpahar-Lilari OCP of MCL.**
The details of the tenders are available on following website www.cmpdi.co.in, www.eprocure.gov.in & https://coalindiatenders.nic.in. Important note to all prospective bidder : For ON-LINE bidding, the bidders should possess Class II/III Digital Signature Certificate (DSC) and enroll themselves at www.coalindiatenders.nic.in. For any query, contact HoD (Environment), CMPDI, RI-VII, Bhubaneswar Tel No.0674-2303482 Mobile No.9438881032, 9438881086.
**HoD (Environment)**

**PARADIP PORT TRUST**
**e-Tendering Notice**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers for supply of **Steel cord conveyor belt**. The last date and time of submission of the tender is **17.15 hrs. on 03.10.2019.** For details, log on to website : **https:// eprocure.gov.in/eprocure/app**
**Sr. Dy. Materials Manager,**
**PPT/PR/328/19-20 Dt : 13.09.2019**

# ସ୍ମୃତିର ଅବଧି ୨ ଘଣ୍ଟା



ରିଲେ ହାର୍ନର

**ଶିକାଗୋ:** ମିଷ୍ଟର ପରଫେକ୍ସୋନିଷ୍ଟ ଆମୀର ଖାନ୍‌ଙ୍କ ଅଭିନୀତ ବ୍ଲକବଷ୍ଟର ଫିଲ୍ମ 'ଗଜନୀ'। ଖଳନାୟକ ଗଜନୀଙ୍କ ମରଣାନ୍ତକ ଆକ୍ରମଣରେ ଚଳଚ୍ଚିତ୍ରର ନାୟକ ସଞ୍ଜୟ ସିଙ୍ଘାଣିଆ ଓରଫ୍ ଆମୀର ଶିକାର ହୁଅନ୍ତି ଜଟିଳ 'ଆଣ୍ଟେରୋଗ୍ରେଡ୍ ଆମ୍ନେସିଆ'ରେ। ନାୟକଙ୍କ ନିକଟରେ ଦେଖିବାକୁ ମିଳେ ଏକ ଅଜବ ବ୍ୟତିକ୍ରମ। ତାଙ୍କ ସ୍ମୃତିଶକ୍ତିର ଅବଧି ମାତ୍ର ୫ ମିନିଟ ହୋଇଯାଏ, ଯାହାକୁ ଇଂଲିଶରେ କୁହାଯାଏ 'ଶର୍ଟ ଟର୍ମ ମେମୋରି ଲସ୍'। ଏହା ପରର ଘଟଣା ହିଁ ଫିଲ୍ମଟିକୁ ଦେଶ ବିଦେଶରେ ଦେଇଥିଲା ଅଜସ୍ର ସଫଳତା। ଏପରିନିଆରା ଚଳଚ୍ଚିତ୍ରକୁ ବେଶ୍ ପସନ୍ଦ କରିଥିଲେ ଦର୍ଶକ।

ଏପରି ଏକ ଘଟଣାର ପୁନରାବୃତ୍ତି ହୋଇଛି ଆମେରିକାରେ। ମୁଣ୍ଡରେ ଆଘାତ ଲାଗିବା ଯୋଗୁ ବଦଳି ଯାଇଛି ୧୬ ବର୍ଷୀୟା କିଶୋରୀ ରିଲେ ହାର୍ନରଙ୍କ ଜୀବନ। ୨୦୧୯ ଜୁନ୍ ୨୧। ଫ୍ୟୁଚର ଫାର୍ମସ ଅଫ୍ ଆମେରିକା (ଏଫ୍‌ଏଫ୍‌ଏ) କନ୍‌ଭେନଶନରେ ଚାଲିଥିଲା ଡ୍ୟାନ୍ସ ପ୍ରୋଗ୍ରାମ। ଏହି ସମୟରେ ଘଟିଗଲା ଦୁର୍ଘଟଣା। ଅସାବଧାନତାରୁ ରିଲେଙ୍କ ମୁଣ୍ଡରେ ଲାଗିଲା ଗଭୀର ଆଘାତ। ଏହାପରେ ତାଙ୍କ ଜୀବନ ଆଉ ସ୍ୱାଭାବିକ ହୋଇ ରହିନାହିଁ। ପ୍ରତି ୨ ଘଣ୍ଟାରେ ତାଙ୍କ ସହ ଘଟିଥିବା ସମସ୍ତ ଘଟଣାକୁ ସେ ଭୁଲିଯାଉଛନ୍ତି। କାହା ସହିତ ମିଶିଛନ୍ତି, କ'ଣ କଥା ହୋଇଛନ୍ତି, କ'ଣ ଖାଇଛନ୍ତି, କ'ଣ ପିଇଛନ୍ତି ଏପରି ଛୋଟମୋଟ ଘଟଣା ବି ତାଙ୍କର ମନେରହୁନି। କହିବାକୁ ଗଲେ ତାଙ୍କ ଜୀବନ ମାତ୍ର ୨ ଘଣ୍ଟା ମଧ୍ୟରେ ସୀମିତ ହୋଇ ରହିଯାଇଛି। ଆଘାତପ୍ରାପ୍ତ ହେବାପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସା ମଧ୍ୟ କରାଗଲା। ହେଲେ ତାଙ୍କ ନିକଟରେ ଡାକ୍ତର ଖୋଜିପାଇଲେନି କୌଣସି ରୋଗର ଲକ୍ଷଣ। ଯେଉଁଠି ରୋଗ ହିଁ ଜଣାପଡୁନାହିଁ, ସେଠି ଚିକିତ୍ସା କିପରି କରାଯିବ ସେ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ବିଶେଷଜ୍ଞ। ନିଜର ଅନୁଭୂତି ବଖାଣି ରିଲେ କୁହନ୍ତି, କୌଣସି କଥା ତାଙ୍କର ମନେରହୁନି। ଏହା ତାଙ୍କ ଭିତରେ ଭୟ ସୃଷ୍ଟି କରୁଛି। ଏଥିପାଇଁ ତାଙ୍କ ମା' ବେଶ୍ ପରିଶ୍ରମ କରୁଛନ୍ତି। ଦୈନନ୍ଦିନ ଜୀବନଚର୍ଯ୍ୟା ସମ୍ପର୍କରେ ତାଙ୍କ ପ୍ରକୋଷ୍ଠରେ କ୍ୟାଲେଣ୍ଡର ରୁଟିନ୍ ଟଙ୍ଗାଯାଇଛି। କ୍ୟାଲେଣ୍ଡରରେ କୌଣସି ଏକ ପର୍ବପର୍ବାଣି ବିଷୟରେ ଲେଖା ହୋଇଥିବା ଦେଖିଲେ ମନ ଆପଣାଛାଏ ଖୁସି ହୋଇଯାଏ। ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ସବୁ କିଛି ପୁଣି ବଦଳିଯାଏ। ମୁଣ୍ଡରେ ଆଘାତ ଲାଗିବା ପରେ ଜୀବନ ଅଟକି ଯାଇଛି। ଯଦି କିଛି ମନେ ଅଛି ତାହା ହେଲା ଜୁନ୍ ୨୧।


ରିଲେଙ୍କ ମା' ସାରା କୁହନ୍ତି, ଡାକ୍ତର କହୁଛନ୍ତି ସମୟକ୍ରମେ ଝିଅ ସ୍ୱାଭାବିକ ଜୀବନ ଫେରିପାଇବ। ହେଲେ ଏଯାଏ ସେମିତି କିଛି ଘଟୁନାହିଁ। ବେଳେବେଳେ ଲାଗୁଛି, ରିଲେଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଆଉ କେବେ ସୁଧାର ଆସିବନି। ଝିଅର ଇଚ୍ଛା ଥିଲା ମେଡିକାଲରେ କ୍ୟାରିୟର କରିବା। ହେଲେ ଏବେ ତା'ର ଏମିତି ଅବସ୍ଥାରେ ଭଲ ଚାକିରି ଖଣ୍ଡେ ମିଳିବା ବି ମୁସ୍କିଲ। ରିଲେଙ୍କ ପରି ଆମେରିକାର କେଟାଲିନ୍ ଲିଟର ମଧ୍ୟ ସମାନ ଧରଣର ଜଟିଳ ବ୍ୟାଧିର ଶିକାର। ୨୦୧୭ରେ କେଟାଲିନ୍‌ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହା ପରେ ତାଙ୍କ ନିକଟରେ ମଧ୍ୟ ସ୍ମୃତିଶକ୍ତି ହରାଇବା ଲକ୍ଷଣ ଦେଖିବାକୁ ମିଳିଛି। ରିଲେଙ୍କ କ୍ଷେତ୍ରରେ ଯାହା ୨ ଘଣ୍ଟାରେ ଘଟୁଛି, ସମାନ ଘଟଣା ୧୨ ଘଣ୍ଟାରେ ଭୋଗୁଛନ୍ତି କେଟାଲିନ୍।

## ଇତିହାସର ଆଇନାରେ

### ସେପ୍ଟେମ୍ବର ୧୭ର ପ୍ରମୁଖ ଘଟଣା

୧୯୫୦ ସେପ୍ଟେମ୍ବର ୧୭ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନ୍ମଗ୍ରହଣ କରିଥିଲେ। ୨୦୦୧ରୁ ୨୦୧୪ ମଧ୍ୟରେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ପରେ ଦେଶର ୧୪ତମ ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ପ୍ରଚଣ୍ଡ ହିନ୍ଦୁବାଦୀ ନେତାଭାବେ ଭାଜପାର ଏହି ବାରାଣସୀ ସାଂସଦ ଲଗାତର ଦୁଇଥର ପ୍ରଧାନମନ୍ତ୍ରୀ ହେବା ଲାଗି ପୂର୍ଣ୍ଣ ବହୁମତ ହାସଲ କରିବାରେ ସଫଳ ହୋଇଥିଲେ।

୨୦୧୬ ସେପ୍ଟେମ୍ବର ୧୭ରେ ନ୍ୟୁୟର୍କ ମେଟ୍ରୋପଲିଟାନ୍ ଅଞ୍ଚଳରେ ସିରିଜ୍ ବୋମା ବିସ୍ଫୋରଣ ହେବା ଫଳରେ ୩୧ ଜଣ ଆହତ ହୋଇଥିଲେ। ନ୍ୟୁଜର୍ସିର ସିସାଇଡ୍ ପାର୍କ ନିକଟରେ ପାଇପ୍ ବୋମା ବିସ୍ଫୋରଣ, ଚେଲ୍‌ସିଆରେ ପ୍ରେସର୍ କୁକର ବୋମା ବିସ୍ଫୋରଣ କରାଯାଇଥିବାବେଳେ ନ୍ୟୁଜର୍ସିରେ ଅନେକ ବୋମା ଠାବ କରାଯାଇଥିଲା। ଏହାକୁ ନେଇ ଲୋକେ ଆତଙ୍କିତ ହୋଇପଡ଼ିଥିଲେ।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପାଗ ମେଘୁଆ ରହିବା ସହ ବର୍ଷା ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। **ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। କେତେକ ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୫ | ୨୪.୬ |
| ଚାନ୍ଦବାଲି | ୩୫.୦ | ୨୬.୮ |
| କଟକ | ୩୪.୮ | ୨୪.୪ |
| ପାରାଦ୍ୱୀପ | ୩୨.୦ | ୨୮.୦ |
| ଭୁବନେଶ୍ୱର | ୩୪.୯ | ୨୬.୫ |
| ଗୋପାଳପୁର | ୩୨.୮ | ୨୬.୯ |
| ପୁରୀ | ୩୩.୬ | ୨୭.୦ |
| ଅନୁଗୋଳ | ୩୬.୧ | ୨୨.୦ |
| ବାରିପଦା | ୩୩.୫ | ୨୫.୬ |
| ଝାରସୁଗୁଡ଼ା | ୩୩.୦ | ୨୬.୦ |
| କେନ୍ଦୁଝର | ୩୧.୮ | ୨୪.୦ |
| ସମ୍ବଲପୁର | ୩୫.୬ | ୨୫.୭ |
| ସୁନ୍ଦରଗଡ଼ | ୩୧.୦ | ୨୩.୦ |
| ହୀରାକୁଦ | ୩୩.୪ | ୨୬.୭ |
| ତାଳଚେର | ୩୩.୬ | ୨୫.୧ |
| ଭବାନୀପାଟଣା | ୩୩.୫ | ୨୫.୩ |
| ବଲାଙ୍ଗୀର | ୩୩.୩ | ୨୫.୫ |
| କୋରାପୁଟ | ୨୯.୬ | ୨୧.୦ |
| ଫୁଲବାଣୀ | ୩୨.୦ | -- |
| ଟିଟିଲାଗଡ଼ | ୩୩.୦ | ୨୧.୫ |
| ମାଲକାନଗିରି | ୩୦.୦ | -- |
| ସୋନପୁର | ୩୫.୮ | ୨୨.୦ |
| ଦାରିଙ୍ଗିବାଡ଼ି | ୩୦.୦ | ୧୭.୦ |

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
OPTCL Lifeline of Odisha
(A Government of Odisha Undertaking)
Regd. Office : Janpath, Bhubaneswar - 751022 **CIN: U40102OR2004SGC007553**
**e-TENDER NOTICE NO.: CPC-12/2019-20**
For & on behalf of ODISHA POWER TRANSMISSION CORPORATION LIMITED, Senior General Manager (C.P.C) invites Tenders from reputed manufacturers in two part bidding system for Supply of 33KV Vacum Circuit breakers. The interested bidders would be required to enroll themselves on the tender portal **www.tenderwizard.com/OPTCL**. Complete set of bidding documents are available at **www.tenderwizard.com/OPTCL** from **dt.17.09.2019 (10:00 AM)** to **dt.15.10.2019 (12:30 PM)**. Interested manufacturers may visit OPTCL's official website **http://www.optcl.co.in** and **www.tenderwizard.com/OPTCL** for detail specification.

| Tender Specification No. | Description of equipment / Materials | Quantity in Nos. | Delivery schedule | Earnest Money Deposit (in Rs.) | Cost of Tender Spec. document (in Rs.) | Last date of receipt & Opening of tender |
|---|---|---|---|---|---|---|
| Sr. G.M.-CPC-Tender-C.B-12/2019-20 | 36 KV Vacuum Circuit breakers. | 40 | (As per Appendix-I of technical specification) 4 months from the issue of P.O. | 85,250/- | 12,000/- (INR) + (GST) @ 12% = 13,440/- | 15.10.2019 (01:0 PM) & 15.10.2019 (03:00 PM) |

The bidders can view the tender documents from website free of cost.
**N.B:** All subsequent addendum / corrigendum to the tender shall be hosted in the OPTCL's official website **http://www.optcl.co.in** and **www.tenderwizard.com/OPTCL** only.
Sd/-
**CR Advt. No. 12/2019-20** **Senior General Manager (C.P.C.)**
Please connect us: optcl.odisha optcl_odisha energyodisha

## ସଂକ୍ଷେପରେ

### ୬ଫୁଟର ନାଗ ଉଦ୍ଧାର



**ଭୁବନ ୧୬।୯(ଡି.ଏନ.ଏ.)** ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଅନ୍ତର୍ଗତ ୩ନଂ. ୱାର୍ଡର ବିନୋଦ ନାୟକଙ୍କ ଘରୁ ସୋମବାର ୬ଫୁଟ ଲମ୍ବର ଏକ ନାଗସାପ ଉଦ୍ଧାର କରାଯାଇଛି। ଘରେ ସାପ ପଶିଥିବା ଦେଖି ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ସାପଧରାଳି କୃଷ୍ଣଚନ୍ଦ୍ର ବିନ୍ଧାଣୀଙ୍କ ସହାୟତାରେ ନାଗକୁ ଉଦ୍ଧାର କରାଯାଇଥିଲା। ଏହାପରେ ତାକୁ ଭାରତୀ ପାହାଡ଼ରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଛି।

### ବିଶ୍ୱ ଗଣତନ୍ତ୍ର ଦିବସ

**ଢେଙ୍କାନାଳ ଅଫିସ, ୧୬।୯:** ସ୍ଥାନୀୟ ରଥଗଡ଼ାସ୍ଥିତ ଉଫ୍ନା କାର୍ଯ୍ୟାଳୟରେ ରବିବାର ବିଶ୍ୱ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ଅଧକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଚାରପତି ଦୁର୍ଗାଚରଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକର ମୌଳିକ ଅଧିକାର କ୍ଷୁଣ୍ଣ କରିହେବନାହିଁ। ପାକିସ୍ତାନରେ ଗଣତନ୍ତ୍ର ନାମରେ ସାମରିକ ଏକଛତ୍ରବାଦ ଶାସନ ଚାଲିଛି। ଏଥିପ୍ରତି ବିଶ୍ୱ ସମୁଦାୟ ଦୃଷ୍ଟି ନ ଦେଲେ ଆଗକୁ ଆତଙ୍କବାଦ କାୟା ବିସ୍ତାର କରିବ ବୋଲି ସେ କହିଥିଲେ। ଶିକ୍ଷାବିତ୍ ଦୈତାରୀ ପରିଡ଼ା, ପ୍ରଫେସର ଦିଲୀପ ନନ୍ଦ, ଅକ୍ଷୟ ଶତପଥୀ, ଡମ୍ବରୁଧର ପଣ୍ଡା, ନିରଞ୍ଜନ ଦାସ, ଉପେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅଧାପିକା ମଞ୍ଜୁଶ୍ରୀ ମୁଖୀ ସ୍ୱାଗତ ଭାଷଣ ଓ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

**ବଦଳିଲା ଲକ୍ଷ୍ମୀପୂଜା ଭସାଣି ତାରିଖ**

### ଅକ୍ଟୋବର ୨୪ରେ ମେଲାଣି ନେବେ ଧନଦାତ୍ରୀ

**ଢେଙ୍କାନାଳ ଅଫିସ, ୧୬।୯:** ଦିପାବଳି ଏବଂ ଧନତେରାସ ପାଇଁ ଢେଙ୍କାନାଳ ଲକ୍ଷ୍ମୀପୂଜା ଭସାଣି ନିର୍ଦ୍ଧାରିତ ଦିନଠାରୁ ଗୋଟିଏ ଦିନ ପୂର୍ବରୁ ହେବ। ମିଳିତ ବଜାର ଲକ୍ଷ୍ମୀପୂଜା କମିଟିର ପ୍ରଥମ ବୈଠକରେ ଅକ୍ଟୋବର ୨୫ରେ ଭସାଣି ନିଷ୍ପତ୍ତି ହୋଇଥିଲା। ହେଲେ ଏଥିରେ ପରିବର୍ତ୍ତନ କରାଯାଇଛି। ଅକ୍ଟୋବର ୨୪ରେ ଧନଦାତ୍ରୀଙ୍କୁ ବିଦାୟ ଦେବାକୁ ସ୍ଥିର ହୋଇଛି। ଏ ନେଇ ସ୍ଥାନୀୟ ଦକ୍ଷିଣକାଳୀ ରୋଡ୍‌ସ୍ଥିତ ରତ୍ନମଣ୍ଡପରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୧୩ରେ ପାରମ୍ପରିକ ନୀତି ଅନୁଯାୟୀ ପୂଜା ଆରମ୍ଭ ହେବ। ୨୪ରେ ଭସାଣି କରିବାକୁ ସମସ୍ତ ପୂଜା କମିଟି ସହମତି ପ୍ରକାଶ କରିଛନ୍ତି। ପୂଜା ପୂର୍ବରୁ ସହରର ଉନ୍ନୟନମୂଳକ କାର୍ଯ୍ୟ ଶେଷ କରିବାକୁ ପ୍ରଶାସନ ସହିତ ଆଲୋଚନା କରାଯିବ। ଚଳିତବର୍ଷଠାରୁ ପ୍ରତି ପୂଜା କମିଟି ଲକ୍ଷ୍ମୀପୂଜାର ଆବଶ୍ୟକ ଖର୍ଚ୍ଚ ବାବଦକୁ ୧୦୦୦ ଟଙ୍କା ଲେଖାଏ ମୀନାବଜାର ପୂଜା ପ୍ରତିଷ୍ଠାନ ସଭାପତି ଓ ସମ୍ପାଦକଙ୍କୁ ପ୍ରଦାନ କରାଯିବ। ଏଥିଲାଗି ମୀନାବଜାର କମିଟି ପକ୍ଷରୁ ସ୍ୱତନ୍ତ୍ର ଆକାଉଣ୍ଟ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ସଭାପତି ବିଶ୍ୱନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୀନାବଜାର କମିଟି ସଭାପତି ପ୍ରଦୀପ ଚୌଧୁରୀ, ସମ୍ପାଦକ ପୀତବାସ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୁବିଲିଟାଉନ-୧ ପୂଜା କମିଟି ସମ୍ପାଦକ ବିନୋଦ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

### ସମୁଦ୍ରରେ ଭାସିଯାଇ ବାଳକ ମୃତ

**ଭୋଗରାଇ,୧୬।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ଦୀଘା ନିକଟସ୍ଥ ସମୁଦ୍ରରେ ଭାସିଯାଇ ଜଣେ ୭ ବର୍ଷର ବାଳକଙ୍କ ମୃତ୍ୟୁ ହୋଇଛି। ଉକ୍ତ ବାଳକ ରବିବାର ତାଙ୍କ ମା' ବାପାଙ୍କ ସହ ଗାଧୋଉଥିବା ବେଳେ ସମୁଦ୍ର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଦୀଘା ମେରାଇନ ଥାନା ପୋଲିସ ନିଖୋଜ ଥିବା ବାଳକଙ୍କୁ ଲଞ୍ଚ ଯୋଗେ ତଲାସୀ କରିଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ସୋମବାର ସକାଳେ ଦୀଘା ଉପକୂଳରେ ସ୍ଥାନୀୟ ଲୋକମାନେ ମୃତଦେହ ଭାସୁଥିବା ଦେଖି ଦୀଘା ମେରାଇନ୍ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶବକୁ ଚିହ୍ନଟ କରିବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

**■ଖେଳପଡ଼ିଆ ପାଇଁ ଅଣ୍ଟା ଭିଡ଼ିଲା ପରିଚାଳନା କମିଟି**

# ଜବରଦଖଲ ଉଚ୍ଛେଦ ଦାବି

**ଭୁବନ ୧୬।୯(ଡି.ଏନ.ଏ.)**

ଭୁବନ ଏନ୍ଏସି ଅଧୀନ ୩ନଂ. ୱାର୍ଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଖପାଖ ଅଞ୍ଚଳକୁ ଜବରଦଖଲ ମୁକ୍ତ କରିବାକୁ ଦାବି କରିଛି ପରିଚାଳନା କମିଟି। ଏ ନେଇ କମିଟି ସଦସ୍ୟମାନେ ସୋମବାର ତହସିଲଦାରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଶିକ୍ଷାର ପ୍ରାଣକେନ୍ଦ୍ର। ଏହି ପୁରାତନ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ଖେଳପଡ଼ିଆ ନାହିଁ। ସ୍କୁଲ ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ସରକାରୀ ଜମିକୁ ଜବରଦଖଲକାରୀ କବ୍‌ଜା କରି ରଖିଛନ୍ତି। ଜବରଦଖଲ ହଟିଲେ ଉକ୍ତ ଜମିକୁ ଖେଳପଡ଼ିଆ ଭାବେ ବ୍ୟବହାର କରାଯାଇପାରିବ। ଏ ନେଇ ସୋମବାର ସ୍କୁଲରେ ଏକ ବୈଠକ କରାଯାଇ ଆଲୋଚନା ହୋଇଥିଲା। ଏଥିସହ ଜବରଦଖଲକାରୀଙ୍କ ସହ କମିଟି ସଦସ୍ୟ ଆଲୋଚନା କରିଥିଲେ। ପିଲାମାନଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ଜମି ଛାଡ଼ିଦେବାକୁ ନିବେଦନ କରାଯାଇଥିଲା। ହେଲେ ଏହାକୁ ସେମାନେ ଭ୍ରୂକ୍ଷେପ କରି ନ ଥିଲେ। ଏହାପରେ କମିଟି କର୍ମକର୍ତ୍ତା ତହସିଲଦାର ଶକ୍ତିକାନ୍ତ ରାୟଙ୍କୁ ଫେରାଦ ହୋଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଭାପତି ସୁଧୀର କୁମାର ସାହୁ, ଚୈତନ୍ୟ ପୃଷ୍ଟି, ମଧୁସ୍ମିତା ସାହୁ, ସୁଧାକର ସାହୁ, ରାନୁଶ୍ରୀ ପାତ୍ର, ରବୀନ୍ଦ୍ର କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ ତହସିଲଦାର କୁହନ୍ତି, ଅଭିଯୋଗ ପାଇବାପରେ ଘଟଣାର ତଦନ୍ତ କରିବାକୁ ଆର୍ଆଇ ଶ୍ରୀକାନ୍ତ କୁମାର ପରିଡ଼ାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।



ତହସିଲଦାରଙ୍କୁ ଭେଟିବାକୁ ଆସିଥିବା ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ।

**■ମାଈ ହାତୀର ମୃତଦେହ ଠାବ**

# ବିଦ୍ୟୁତ୍ ଆଘାତରେ ମୃତ୍ୟୁ ସନ୍ଦେହ

**ଭାପୁର, ୧୬।୯(ଡି.ଏନ.ଏ.)**



ଢେଙ୍କାନାଳ ସଦର ରେଞ୍ଜ ଭାପୁର ବନାଞ୍ଚଳ ଅନ୍ତର୍ଗତ ମାଟିଆମୁଣ୍ଡିଆ ନିକଟରେ ଜଣେ ବ୍ୟକ୍ତିଙ୍କ କାଜୁ ବଗିଚାରୁ ସୋମବାର ବନ ବିଭାଗ ଏକ ମାଈହାତୀର ମୃତଦେହ ଠାବ କରିଛି। ପାଖାପାଖି ଦୁଇଦିନ ତଳେ ହାତୀଟିର ମୃତ୍ୟୁ ଘଟିଛି ଏବଂ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ବିଦ୍ୟୁତ୍ ଆଘାତଜନିତ ବୋଲି ଅନୁମାନ କରାଯାଉଛି।

ସୂଚନା ପାଇ ଡିଏଫ୍ଓ ବିମଳକୃଷ୍ଣ ଆଚାର୍ଯ୍ୟ, ରେଞ୍ଜର ମୁନାୱର ଖାଁ, ବନପାଳ ପ୍ରଭାକର ରଣ, ଯୁଗଳ କିଶୋର ମହାନ୍ତି ସଦଳବଳ ଘଟଣସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଛନ୍ତି। ବିଭିଓ ଲକ୍ଷ୍ମୀନାରାୟଣ ଜେନା, ଭାପୁର ପ୍ରାଣୀଧନ ଚିକିତ୍ସାଧିକାରୀ ପ୍ରଭାତ କୁମାର ଜେନାଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଥିଲା। ଏହାପରେ ନିକଟରେ ଗାତ ଖୋଳି ହାତୀ ମୃତଦେହକୁ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଡିଏଫ୍ଓ କହିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। କଟକ ଜିଲା ଟିଗରିଆ ଅଞ୍ଚଳର ଶିକାରୀମାନେ ୧୧ କେଭି ବିଦ୍ୟୁତ୍ ତାର ବିଛାଇ ଜନ୍ତୁ ଶିକାର କରୁଥିବାରୁ ନଜିର ରହିଛି। କଟକ-ଢେଙ୍କାନାଳ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଶିକାରୀମାନେ ଖସି ପଳାଇବାରେ ସଫଳ ହେଉଛନ୍ତି। ବନ ବିଭାଗ ପକ୍ଷରୁ ସୀମାନ୍ତରେ କଡ଼ା ପାଟ୍ରୋଲିଂ କରିବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

# ପୃଥିବୀର ସୁରକ୍ଷା କବଚ ଓଜୋନସ୍ତର





କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୬।୯**

ଢେଙ୍କାନାଳ ପୌରାଞ୍ଚଳ ଅଧୀନ ୨ନଂ. ୱାର୍ଡସ୍ଥିତ ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ସୋମବାର ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଥମ ସଭାପତି ପ୍ରଶାନ୍ତ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସରୋଜ ଶତପଥୀ ଯୋଗଦେଇ କହିଲେ, ପୃଥିବୀର ସୁରକ୍ଷା କବଚ ହେଉଛି ଓଜୋନସ୍ତର। ବାୟୁମଣ୍ଡଳରେ ମାତ୍ରାଧିକ କାର୍ବନ ଡାଇଅକ୍ସାଇଡ ଓଜୋନସ୍ତର କ୍ଷୟର ପ୍ରମୁଖ କାରଣ। ଏହାକୁ ନିୟନ୍ତ୍ରଣ କରା ନ ଗଲେ ପରିସ୍ଥିତି ଭୟାବହ ହେବ। ଏହାକୁ ରୋକିବାକୁ ହେଲେ ଅଧିକରୁ ଅଧିକ ଗଛ ଲଗାଇବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ର, ଶିକ୍ଷକ ଅଶୋକ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଅପପୁଷ୍ଟିରେ ଶିଶୁ ମୃତ୍ୟୁ ମାମଲା**

## ସିଡିପିଓଙ୍କୁ ରିପୋର୍ଟ ପ୍ରଦାନ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୧୬।୯**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ଗ୍ରାମର ଅପପୁଷ୍ଟିର ଶିକାର ଦୃଷ୍ଟିହୀନ ଶିଶୁ ସମିତ୍ ସେଠୀଙ୍କ ମୃତ୍ୟୁ ପରେ ଏହାକୁ ନେଇ ଅଡୁଆରେ ପଡ଼ିଛି ବ୍ଲକ ଶିଶୁ ସୁରକ୍ଷା ବିଭାଗ। ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ (ସିଡିପିଓ)ଙ୍କୁ ଘଟଣା ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ହସ୍ତଗତ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କାର୍ତ୍ତିକ ସେଠୀଙ୍କ ସାଢ଼େ ୩ବର୍ଷର ପୁଅ ସମିତ୍ ଅପପୁଷ୍ଟିର ଶିକାର ହୋଇଥିବା ଖବର ରବିବାର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏହା ପରେ ପ୍ରଶାସନିକ ଅଧିକାରୀ ତତ୍ପରତା ଦେଖାଇଥିଲେ। ଜିଲା ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ଏବଂ ଜିଲା ସମାଜ ମଙ୍ଗଳ ବିଭାଗ ଅଧିକାରୀମାନେ ନିହଲପ୍ରସାଦରେ ପହଞ୍ଚି ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥିସହ ତାଙ୍କୁ ତୁରନ୍ତ ୭୦୦ଟଙ୍କା ଦିବ୍ୟାଙ୍ଗ ଭତ୍ତା ମଞ୍ଜୁର କରାଯାଇଥିଲା। ଶିଶୁଟିର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକାରୀମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ୬ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖଣିଖାଦାନ ଭରା ଜିଲାରେ ସୁଷମ ଖାଦ୍ୟ ନ ପାଇ ଜଣେ ଶିଶୁଙ୍କ ଜୀବନ ଚାଲିଯିବାକୁ ସାମାଜିକ କର୍ମୀମାନେ ସହଜରେ ଗ୍ରହଣ କରିପାରିନାହାନ୍ତି। ପ୍ରଶାସନର ଅବହେଳା ହିଁ ଏଥିପାଇଁ ଦାୟୀ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଜିଲା ପ୍ରଶାସନ ନିନ୍ଦିତ ହୋଇଥିବାବେଳେ ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

**■୨୦ରୁ ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ପ୍ରତିଯୋଗିତା**

# ଭାଗନେବେ ୧୬ ଦଳ

**ଢେଙ୍କାନାଳ ଅଫିସ, ୧୬।୯**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୫ ଯାଏ ସ୍ଥାନୀୟ ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲାରେ ପ୍ରଥମ ଥର ହେଉଥିବା ଏହି ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବଛା ବଛା ୧୬ଟି ଦଳ ଭାଗନେବେ। ଏ ନେଇ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସୋମବାର ଅପରାହ୍ନ ୫ଟାରେ ସ୍ଥାନୀୟ ଷ୍ଟାଡିୟମ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସବିଶେଷ ସୂଚନା ଦିଆଯାଇଛି।

ସମ୍ପାଦକ ନଳିନୀ କୁମାର ଦାସ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇ କହିଲେ, ପ୍ରତ୍ୟହ ଅପରାହ୍ନ ୩ଟାରେ ମ୍ୟାଚ୍ ଖେଳାଯିବ। ଅକ୍ଟୋବର ୨ ଓ ୩ରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ୪ କିମ୍ବା ୫ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବାକୁ ଧାର୍ଯ୍ୟ ହୋଇଛି। ରାଜ୍ୟସ୍ତରୀୟ ରେଫରିମାନେ ମ୍ୟାଚ୍ ପରିଚାଳନା କରିବେ। ପ୍ରତିଯୋଗିତାରେ ଢେଙ୍କାନାଳ ନରଣପୁର ପପୁଲାର କ୍ଲବ, ବନମାଳୀ ପ୍ରସାଦର ମା' ମଙ୍ଗଳା କ୍ଲବ, ସମ୍ବଲପୁର, କଟକ, ବାରିପଦା, ନୟାଗଡ ସ୍ପୋର୍ଟସ ହଷ୍ଟେଲ, ଫୁଲବାଣୀ ଏକାଦଶ, ବ୍ରଜରାଜନଗର ଏ-ଗୁରୁୱା ଏକାଦଶ, କଟକ ରାଇଜିଂ ଷ୍ଟୁଡେଣ୍ଟ, ଆଠମଲ୍ଲିକ ପତାକା, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ଓଡ଼ିଶା ପୋଲିସ, ଅହମ୍ମଦିଆ ସ୍ପୋର୍ଟସ କ୍ଲବ ମୋସାବାନି ବିହାର, ମଙ୍ଗଳା କ୍ଲବ କଟକ, ୟୁନାଇଟେଡ୍ କ୍ଲବ ବରଗଡ, ଧାନବାଦ ଫୁଟବଲ ଏକାଡେମୀ ଝାଡ଼ଖଣ୍ଡ ଅଂଶଗ୍ରହଣ କରିବେ।

ଖବରଦାତା ସମ୍ମିଳନୀରେ କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ ଭଞ୍ଜ, କ୍ରୀଡ଼ାବିତ୍ ଶତ୍ରୁଘ୍ନ ମାଟି, ମାୟାଧର ସାହୁ, ସରୋଜ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ଫୁଟ୍‌ବଲ ପ୍ରତିଯୋଗିତା ପାଇଁ ଆୟୋଜିତ ଖବରଦାତା ସମ୍ମିଳନୀ।

# ଜାତୀୟ କିକ୍ ବକ୍ସିଂ: ଓଡ଼ିଶା ଦଳରେ ଢେଙ୍କାନାଳରୁ ୬



ମନୋନୀତ ହୋଇଥିବା ଖେଳାଳିମାନେ।

**ଢେଙ୍କାନାଳ ଅଫିସ, ୧୬।୯**

ତେଲେଙ୍ଗାନାର କରିମ୍‌ନଗରରେ ମଙ୍ଗଳବାରଠାରୁ ଆରମ୍ଭ ହେଉଛି ଜାତୀୟ କ୍ୟାଡେଟ୍ ଏବଂ କନିଷ୍ଠ ବିଭାଗ କିକ୍ ବକ୍ସିଂ ପ୍ରତିଯୋଗିତା। ଏହା ୨୦ ତାରିଖ ଯାଏ ଚାଲିବ। ଏଥିପାଇଁ ଚୟନ ହୋଇଥିବା ଓଡ଼ିଶା ଦଳରେ ଢେଙ୍କାନାଳ ଜିଲାରୁ ୬ଜଣ ଖେଳାଳି ସାମିଲ ହୋଇଛନ୍ତି। ବାଳିକା ବିଭାଗରେ ଲକି ବିଶ୍ୱାଳ, ବାବି ପ୍ରତିହାରୀ, ଲିପ୍ସା ସିଂ ଏବଂ ବାଳକ ବିଭାଗରେ ପୁନମ ହାଂସଦା, ରୂପେନ୍ଦ୍ର ମାରାଣ୍ଡି ଏବଂ ସୁଦାମ ମହନ୍ତ ଅଛନ୍ତି। ସମ୍ପୃକ୍ତ ଖେଳାଳିମାନେ ଢେଙ୍କାନାଳ ଜିଲା ଡାଇମଣ୍ଡ କିକ୍ ବକ୍ସିଂ ଦଳର ସଦସ୍ୟ। ଅନୁଷ୍ଠାନ ପକ୍ଷରୁ ପ୍ରତିଯୋଗୀଙ୍କ ସଫଳତା କାମନା କରାଯାଇଛି।

**■ବ୍ରାହ୍ମଣୀରୁ ମୃତଦେହ ଉଦ୍ଧାର ଘଟଣା**

# ମିଳିଲାନି ପ୍ରମାଣ, ପୋତିଲା ପ୍ରଶାସନ

**ଭୁବନ, ୧୬।୯(ଡି.ଏନ.ଏ.)**

ପୋଲିସ ଦେଇଥିବା ୭୨ ଘଣ୍ଟା ଅବଧି ବିତିଗଲା। ତଥାପି ଦୁଇ ଦାବିଦାରଙ୍କ ମଧ୍ୟରୁ କେହି ଦାଖଲ କରିପାରିଲେନି ଉପଯୁକ୍ତ ପ୍ରମାଣ। ଏହାପରେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବ୍ରାହ୍ମଣୀରୁ ଉଦ୍ଧାର କରାଯାଇଥିବା ଗଳିତ ମୃତଦେହକୁ ସୋମବାର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୋତି ଦିଆଯାଇଛି।

ସୂଚନାଯୋଗ୍ୟ, ଭୁବନ ଥାନା ଓଡ଼ଣା-ମାଳପୁରା ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ଶୁକ୍ରବାର ମିଳିଥିବା ଗଳିତ ମୃତଦେହକୁ ନେଇ ଅଡୁଆ ବଢ଼ିବାରେ ଲାଗିଥିଲା। ପରଜଙ୍ଗ ବ୍ଲକ କୁନ୍ଦନଦେଇପୁର ଡଙ୍ଗାବୁଡ଼ି ଘଟଣାରେ ନିଖୋଜ ରମେଶ ସାହୁଙ୍କ ପରିବାର ଏବଂ ରାମିଆଳ ନଦୀରେ ଭାସିଯାଇ ନିଖୋଜ ଥିବା କାମାକ୍ଷାନଗର ଥାନା ଦୁଇଗୋଡ଼ିଆ ସାହି କରୁଣାକର ମଲ୍ଲିକଙ୍କ ସମ୍ପର୍କୀୟ ମୃତଦେହର ଦାବିଦାର ରହିଥିଲେ। ହେଲେ କେହି ଠିକ୍ ପ୍ରମାଣ ଦେଇ ନ ପାରିବାରୁ ପୋଲିସ ୭୨ଘଣ୍ଟା ପାଇଁ ଶବ ସଂରକ୍ଷଣ କରି ନିଜ ହେପାଜତରେ ରଖିଥିଲା। ଏଥିସହ ମୃତଦେହର ନମୁନା ଡିଏନ୍ଏ ଟେଷ୍ଟ ପାଇଁ ପଠାଯାଇଥିଲା। କଷ୍ଟ ସମୟ ଅତିକ୍ରାନ୍ତ ସତ୍ତ୍ୱେ ଦୁଇ ପରିବାର ଆବଶ୍ୟକ ପ୍ରମାଣ ଦାଖଲ କରି ନ ଥିଲେ। ଏହାପରେ ଅତିରିକ୍ତ ତହସିଲଦାର ସସ୍ମିତା ବେହେରା, ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ତୁଷାରକାନ୍ତି ନାୟକ ଏବଂ ଡାକ୍ତରଖାନା କର୍ମଚାରୀଙ୍କ ଉପସ୍ଥିତରେ ମୃତଦେହକୁ ପୋତି ଦିଆଯାଇଛି। ଏ ନେଇ ଫାଣ୍ଡି ଅଧିକାରୀ କୁହନ୍ତି, ଆବଶ୍ୟକ ପଡ଼ିଲେ ପୋତାଯାଇଥିବା ମୃତଦେହ ବାହାର କରାଯିବ। ଡିଏନ୍ଏ ରିପୋର୍ଟ ଆସିବା ପରେ ଦାବିବାର ପରିବାରକୁ ଅବଗତ କରାଯିବ।

**■ମିଳିତ ଜନଶୁଣାଣି ଶିବିର**

# ୬୮ ଅଭିଯୋଗର ସମାଧାନ





ଜିଲାପାଳ ଜଣେ ହିତାଧିକାରୀଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୬।୯**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ଆବାସ ଯୋଜନା, ପୋଲିସ ସମ୍ପର୍କିତ ମୋଟ ୯୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୬୨ଟିର ସମାଧାନ କରାଯାଇଛି। ଜୀବନ ଜୀବିକା ଏବଂ ବ୍ୟକ୍ତିଗତ ଚିକିତ୍ସା ପାଇଁ ରେଡ୍‌କ୍ରସ୍ ସହାୟତା ପାଣ୍ଠିରୁ ୪ଜଣଙ୍କୁ ୮ହଜାର ଟଙ୍କା ପ୍ରଦାନ କରାଯାଇଛି।

ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ସିଡିଏମ୍ଓ ଡା. ନିରଞ୍ଜନ ମିଶ୍ର, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଆର୍‌ଡବ୍ଲ୍ୟୁଏସ୍ଏସ୍ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ଡିଇଓ ସୁଧାନନ୍ଦ ପରିଡ଼ା, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜରୁରୀ ଓ ଆପତ୍‌କାଳୀନ ସହକାରୀ ଜିଲାପାଳ ଶଶାଙ୍କ ଶେଖର ମିଶ୍ର, ପିଜି ସେଲ ସହକାରୀ ଜିଲାପାଳ ସୀତାଂଶୁ ଶେଖର ଦାସ, ଅଧିକାରୀ ଲଲାଟ କେଶରୀ ଦଳେଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

**■ପୂରଣ ହେଉନି ଉଦ୍ଦେଶ୍ୟ**

# ରାସ୍ତାକଡ଼ରେ ଗଡୁଛି ଚେକ୍‌ପୋଷ୍ଟ

**କାମାକ୍ଷାନଗର, ୧୬।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡରେ ଥିବା ବିଭିନ୍ନ ଥାନା, ଫାଣ୍ଡିକୁ ମିଳିଥିବା ପୋଲିସ ଚେକ୍‌ପୋଷ୍ଟ ବ୍ୟବହାରରେ ଆସୁନାହିଁ। ଚେକ୍‌ପୋଷ୍ଟଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ଲଟାବୁଦାରେ ପଡ଼ି ନଷ୍ଟ ହେଉଛି।

ଜିଲାର ଆଦର୍ଶ ଥାନାର ମାନ୍ୟତା ପାଇଛି କାମାକ୍ଷାନଗର। ଏଥିସହ ଉପଖଣ୍ଡ ଅଧୀନରେ ଭୁବନ, କଙ୍କଡ଼ାହାଡ଼, ତୁମୁସିଙ୍ଗା, ପରଜଙ୍ଗ ଥାନା ଆସୁଛି। ଏହାକୁ ବାଦ୍‌ଦେଲେ ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ସରାଙ୍ଗ, ଦଦରାଘାଟି, ସୁରପ୍ରତାପପୁର, ପଣ୍ଡୁଆ, ସାଆନ୍ଦା, ମହାବିରୋଡ଼ ଫାଣ୍ଡି କାର୍ଯ୍ୟ କରୁଛି। କଙ୍କଡ଼ାହାଡ଼, ତୁମୁସିଙ୍ଗା ବ୍ୟତୀତ ଅନ୍ୟସବୁ ଥାନା ୫୩ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ। ଦୁର୍ଘଟଣାପ୍ରବଣ ଅଞ୍ଚଳରେ ଗାଡ଼ିର ବେଗ କମାଇବା, ନିୟମିତ ତନଖି କାର୍ଯ୍ୟରେ ଚେକ୍‌ପୋଷ୍ଟଗୁଡ଼ିକ ବ୍ୟବହୃତ ହୋଇଥାଏ। ଉଭୟ ସରକାରୀ ଏବଂ ବେସରକାରୀ ସଂସ୍ଥା ସୌଜନ୍ୟରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଚେକ୍‌ପୋଷ୍ଟଗୁଡ଼ିକୁ ପୋଲିସକୁ ଦିଆଯାଇଛି। ହେଲେ ଏହାର ଉଦ୍ଦେଶ୍ୟ ପୂରଣ ହେଉନାହିଁ। ଉପଖଣ୍ଡର ଅଧିକାଂଶ ଥାନା ଫାଣ୍ଡିରେ ଏସବୁକୁ ବ୍ୟବହାର ନ କରି ଏତେତେଣେ ପକାଇ ଦିଆଯାଉଛି।

ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ପଣ୍ଡୁଆ କଲେଜ ନିକଟରେ। ପଣ୍ଡୁଆ ଫାଣ୍ଡିକୁ ପ୍ରଦାନ କରାଯାଇଥିବା ପୋଲିସ ଚେକ୍‌ପୋଷ୍ଟ ଦୟନୀୟ ଭାବେ ରାସ୍ତାକଡ଼ରେ ଗଡୁଛି। ସେହିପରି କାମାକ୍ଷାନଗର ଆଦର୍ଶ ଥାନା ସମ୍ମୁଖରେ ଗଦା ହୋଇ ରହିଛି ଟ୍ରାଫିକ୍ ନିୟନ୍ତ୍ରଣରେ ବ୍ୟବହୃତ ଏହି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ। ସରକାର ଆପରାଧିକ କାର୍ଯ୍ୟକଳାପ ରୋକିବା ଦିଗରେ ବିପୁଳ ଅର୍ଥ ବିନିଯୋଗ କରୁଥିଲେ ମଧ ଏହାକୁ ପୋଲିସ ହେୟଜ୍ଞାନ କରୁଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ କୁହନ୍ତି, ସରକାରୀସୂତ୍ରରେ ଏବଂ କେତେକ ବେସରକାରୀ ସଂସ୍ଥାର ସୌଜନ୍ୟରୁ ପୋଲିସ ଚେକ୍‌ପୋଷ୍ଟଗୁଡ଼ିକ ମିଳିଛି। ସେଗୁଡ଼ିକୁ ଆବଶ୍ୟକସ୍ଥଳେ ବ୍ୟବହାର କରାଯାଏ। କେତେକ ନଷ୍ଟ ହୋଇଯାଇଛି। ସେଗୁଡ଼ିକ ହୁଏତ ପଡ଼ିଥାଇପାରେ। ଆଗାମୀ ଦିନରେ ଏଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯିବ।



## ସଂକ୍ଷେପରେ

### ଛାତ୍ରୀଙ୍କୁ ଅସଦାଚରଣ, ଏସ୍‌ପିଙ୍କୁ ଅଭିଯୋଗ


ଅନୁଗୋଳ ଅଫିସ, ୧୬।୯- ପୁରୁଣାକୋଟ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗତ ୧୩ ତାରିଖରେ ଦୁଇ ଯୁବକ ଅସଦାଚରଣ କରିଥିବା ସୋମବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଛାତ୍ରୀଜଣକ ସ୍କୁଲରୁ ଫେରୁଥିବା ବେଳେ ଦୁଇ ଅଭିଯୁକ୍ତ ତାଙ୍କୁ ଅଟକାଇ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିଲେ। ସେହିବାଟ ଦେଇ ଆସୁଥିବା ଦୁଇ ଶିକ୍ଷକଙ୍କୁ ଦେଖି ଅଭିଯୁକ୍ତ ପଳାଇ ଯାଇଥିଲେ। ପରିବାର ଲୋକେ ଗ୍ରାମ କମିଟିକୁ ଜଣାଇବା ପରେ ଅଭିଯୁକ୍ତ ଦ୍ୱୟ ଅଭିଯୋଗକୁ ସ୍ୱୀକାର କରିଥିଲେ ବି କମିଟି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏ ନେଇ ନାବାଳିକାଙ୍କ ବାପା ପ୍ରଥମେ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ମାମଲା ରୁଜୁ ନ କରିବାରୁ ପୀଡ଼ିତାଙ୍କ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୧୫ ତାରିଖରେ ପୁରୁଣାକୋଟ ଥାନାରେ ନଂ. ୪୯/୧୯ରେ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

### ଭାଗବତ ଜନ୍ମ ଉତ୍ସବ ପାଳିତ

ବଇଣ୍ଡା/ମାଧପୁର୧୬।୯(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲ ରୋଡଠାରେ ଥିବା କୃଷ୍ଣଗୁରୁ ଭାଗବତ ଗାଦିରେ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଛି। ସଭାପତି ପ୍ରକାଶ ଚନ୍ଦ୍ର ମିଶ୍ର, ସମ୍ପାଦକ ରାଜେଶ କୁମାର ମିଶ୍ର, ଗୁଲ ନାଥ, ରେଣୁବାଳା ଦାସ, ରୀନା ମିଶ୍ର, ଛବି ପାତ୍ରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ଭଗାମୁଣ୍ଡା ଗ୍ରାମରେ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଛି। ପ୍ରଫୁଲ୍ଲ ପ୍ରଧାନ ଏବଂ ତାଙ୍କ ସହଧର୍ମିଣୀ ପର୍ଥବୀ ପ୍ରଧାନ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପୂଜକ ଭାବେ ଜାଗେଶର ପଣ୍ଡା ଯୋଗ ଦେଇଥିଲେ।

# ମିଳୁନି ଆବଶ୍ୟକ କୋଇଲା: ଟିଟିପିଏସ୍‌ର ୩ ୟୁନିଟ୍ ବନ୍ଦ

ତାଳଚେର, ୧୬।୯(ନି.ପ୍ର.)



ଆବଶ୍ୟକ କୋଇଲା ଅଭାବରୁ ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ (ଟିଟିପିଏସ୍)ର ୩ ଗୋଟି ୟୁନିଟ୍ ରବିବାର ସନ୍ଧ୍ୟାଠାରୁ ବନ୍ଦ ରହିଛି। ଫଳରେ ଉକ୍ତ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। ଆବଶ୍ୟକ ପରିମାଣର କୋଇଲା ନ ମିଳିଲେ ଆଗାମୀ ଦିନରେ ଆହୁରି ଅଧିକ ୟୁନିଟ୍ ବନ୍ଦ ହେବାର ଆଶଙ୍କା ଥିବାରୁ ଏହା ବିଭାଗୀୟ କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ଏମ୍‌ସିଏଲ୍‌ର ତାଳଚେରସ୍ଥିତ ଜଗନ୍ନାଥ ଖୋଲା ମୁହଁ କୋଇଲା ଖଣି (ଓସିପି)ରୁ ଉତ୍ପାଦନ ହ୍ରାସ ଯୋଗୁ ଟିଟିପିଏସ୍‌ରେ କୋଇଲା ଅଭାବ ଦେଖାଦେଇଥିବା କୁହାଯାଉଛି।

୪୬୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ବିଶିଷ୍ଟ ଟିଟିପିଏସ୍‌ରେ ୬ ଗୋଟି ୟୁନିଟ୍ ରହିଛି। ଏହା ଚାଲିବା ପାଇଁ ଦୈନିକ ୯ ହଜାର ମେଟ୍ରିକ ଟନ୍ କୋଇଲା ଆବଶ୍ୟକ। କିନ୍ତୁ ଏହି ପରିମାଣର କୋଇଲା ଯୋଗାଣ ହେଉ ନ ଥିବାରୁ ରବିବାରଠାରୁ ପ୍ଲାଣ୍ଟର ୧, ୩ ଓ ୫ ନମ୍ବର ୟୁନିଟ୍‌କୁ ବନ୍ଦ ରଖାଯାଇଛି। ଏଠାରୁ ଉତ୍ପାଦିତ ବିଦ୍ୟୁତ୍‌ର ସିଂହଭାଗ ଓଡ଼ିଶାକୁ ମିଳିଥାଏ। ଏମ୍‌ସିଏଲ୍ ଜଗନ୍ନାଥ କୋଇଲା ଖଣିରୁ ଦୈନିକ ୬ ହଜାର ମେଟ୍ରିକ ଟନ୍ କୋଇଲା ଟିଟିପିଏସ୍‌କୁ ଯୋଗାଣ ହୋଇଥାଏ। କିନ୍ତୁ ବର୍ତ୍ତମାନ ଜଗନ୍ନାଥ ଓସିପିରେ କୋଇଲା ଖନନ ନିମନ୍ତେ ଆବଶ୍ୟକ ଜାଗା ଉପଲବ୍ଧ ନ ଥିବାରୁ ଦୈନିକ ୩ ହଜାରରୁ ସାଢେ ୩ ହଜାର ମେଟ୍ରିକ ଟନ୍ କୋଇଲା ଉତ୍ପାଦନ ହେଉଛି। ଗତ ଶୁକ୍ରବାର ୨୪ଶହ ଟନ୍ କୋଇଲା ଉତ୍ପାଦନ ହୋଇଥିଲା। ଷ୍ଟକ୍ ୟାର୍ଡରେ କୋଇଲା ନ ଥିବା ବେଳେ ଏବେ ଦିନକୁ ମାତ୍ର ୩ ହଜାର ଟନ୍ କୋଇଲା ଟିଟିପିଏସ୍‌କୁ ଯୋଗାଣ ସମ୍ଭବ ହୋଇପାରୁଛି। ଜଗନ୍ନାଥ ଖଣି ପାଇଁ ରାକସ ଗ୍ରାମକୁ ଅଧିଗ୍ରହଣ କରାଯାଇ ସମସ୍ତ କ୍ଷତିପୂରଣ ପ୍ରଦାନ ସହ ନାଡ଼ିଡ଼ିଠାରେ ଗ୍ରାମବାସୀଙ୍କୁ ଥଇଥାନ ବ୍ୟବସ୍ଥା କରାଯାଇଛି। କିନ୍ତୁ ଗ୍ରାମବାସୀ ନାଲି ପତାକା ମାରି ଜାଗା ଛାଡୁନାହାନ୍ତି। ଫଳରେ ଖଣି କାର୍ଯ୍ୟ ଆଗେଇପାରୁ ନାହିଁ। ଆବଶ୍ୟକ ପରିମାଣର କୋଇଲା ମିଳୁନାହିଁ ଏବଂ ଷ୍ଟକ୍ ୟାର୍ଡରେ କୋଇଲା କମ୍ ରହିଥିବାରୁ ୩ ଗୋଟି ୟୁନିଟ୍ ବନ୍ଦ କରାଯାଇଛି ବୋଲି ଟିଟିପିଏସ୍‌ର ଜନୈକ ଅଧିକାରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଗନ୍ନାଥ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଏସ.କେ. ଚୌଧୁରୀ କହିଛନ୍ତି, ଜମି ଅଭାବରୁ ଏବେ ଦିନକୁ ୩ ହଜାରରୁ ସାଢେ ୩ ହଜାର ମେଟ୍ରିକ୍ ଟନ୍ କୋଇଲା ଉତ୍ପାଦନ ହେଉଛି। ଏହାକୁ ଟିଟିପିଏସ୍‌କୁ ଯୋଗାଇ ଦିଆଯାଉଛି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଥାନାରେ ଅଭିଯୋଗ

ଅନୁଗୋଳ ଅଫିସ, ୧୬।୯

**ଘରେ ରଖି ଛାତ୍ରୀଙ୍କୁ କରାଉଛନ୍ତି କାମ**

ଅନୁଗୋଳ ଥାନା ଅଞ୍ଚଳର ଏକ ଉପ୍ରା ନୋଡାଲ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ପ୍ରଧାନଶିକ୍ଷୟିତ୍ରୀ ସ୍କୁଲକୁ ନ ପଠାଇ ଘରେ ରଖି କାମ କରାଉଥିବା ସମ୍ପୃକ୍ତ ଛାତ୍ରୀଙ୍କ ମା' ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଏପରି ଅଭିଯୋଗ ପରେ ସମ୍ପୃକ୍ତ ଗ୍ରାମବାସୀ ଓ ବିଦ୍ୟାଳୟ କମିଟି ସଦସ୍ୟମାନେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଘେରିଛନ୍ତି।

ଅଭିଯୋଗରେ ଛାତ୍ରୀଙ୍କ ମା' ଦର୍ଶାଇଛନ୍ତି ଯେ, ଝିଅର ନାମ ସ୍କୁଲରେ ଗଢୁଥିବା ବେଳେ ଦେଢ଼ବର୍ଷ ହେଲା ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ ଘରେ ରଖି ବିଭିନ୍ନ କାର୍ଯ୍ୟ କରାଉଛନ୍ତି। ଏପରି କି ଘରକୁ ମଧ ଛାଡୁନାହାନ୍ତି। ଗତ ଅଗଷ୍ଟରେ ଝିଅ ଘରକୁ ଯାଇଥିବା ବେଳେ ଏ ନେଇ ଜଣାଇବା ସହ ଆଉ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରକୁ ଯିବ ନାହିଁ ବୋଲି କହିଥିଲେ। ତେବେ ପ୍ରଧାନଶିକ୍ଷୟିତ୍ରୀ ନାଲି ଆଖି ଦେଖାଇ ଝିଅକୁ ନେଇଯାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ସୋମବାର ଗ୍ରାମ କମିଟି ସଦସ୍ୟଙ୍କ ସହାୟତାରେ ଝିଅଙ୍କୁ ଉଦ୍ଧାର ପରେ ଥାନାର ଦ୍ୱାରସ୍ଥ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏପରି ଅଭିଯୋଗ ପରେ ବିଦ୍ୟାଳୟ କମିଟି ସଦସ୍ୟ ସୁଶାନ୍ତ କୁମାର ସାହୁ ଓ ରାକେଶ କୁମାର ସ୍ୱାଇଁ, ବୀରେନ୍ଦ୍ର କୁମାର ସ୍ୱାଇଁ, ସୁନୀଲ କୁମାର ସାହୁ ଓ ଗଇଲୋ ବେହେରା ପ୍ରମୁଖ ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ବଦଳି ପାଇଁ ଦାବି କରିଛନ୍ତି।

ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି, ଆସିଥିବା ଅଭିଯୋଗ ଭିତ୍ତିହୀନ। ଏଥିରେ କୌଣସି ସତ୍ୟତା ନାହିଁ। ଛାତ୍ରୀଙ୍କ ବାପା ଚାଲିଯିବା ପରେ ତାଙ୍କ ମା' ଆସି ଛାତ୍ରୀଙ୍କୁ ରଖି ପାଠ ପଢ଼ାଇବାକୁ କହିଥିଲେ। ଏବେ ଏପରି ଅଭିଯୋଗ କାହିଁକି ଆଣିଛନ୍ତି ଜାଣି ନାହିଁ। ଏ ନେଇ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଥାନାରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ।

# ପାଣି ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

ଅନୁଗୋଳ ଅଫିସ, ୧୬।୯

ଅନୁଗୋଳ ସହର ଉପକଣ୍ଠ ରନ୍ତଲେଇ ପଞ୍ଚାୟତର ଚନ୍ଦ୍ରବାହାଳ ଆଶ୍ରମସାହିବାସୀ ନୂତନ ପାଣି ପାଇପ୍ ସଂଯୋଗ ନେଇ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ଜଳ ମିଶନ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଘରକୁ ପାଇପ ପାଣି ଯୋଗାଯିବା କଥା। କିନ୍ତୁ ଜିଲା ପ୍ରଶାସନ ଏ ନେଇ ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ ହେଁ ଅଦ୍ୟାବଧି ପାଣି ପାଇପ୍ ସଂଯୋଗ ହୋଇପାରି ନାହିଁ। ପଡ଼ୋଶୀ ଗାଁ ଗୁଡ଼ିକରେ ଏହା ସମ୍ଭବ ହୋଇଥିବା ବେଳେ କିନ୍ତୁ ଆଶ୍ରମ ସାହି ଉପେକ୍ଷିତ ହୋଇଛି। ଗତ ୪ ତାରିଖରେ ବ୍ଲକର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ୩୦ରୁ ଊର୍ଦ୍ଧ୍ୱ ମହିଳା ଭେଟି ଏ ନେଇ ଦାବି ରଖିଥିଲେ। ସମ୍ପୃକ୍ତ ଅଧିକାରୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି କୌଣସି ସକାରାତ୍ମକ ଫଳ ମିଳିପାରି ନାହିଁ। ତେଣୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ସାହିର ସଙ୍ଗୀତା ଶର୍ମା, ଘଞ୍ଚ ପ୍ରଧାନ, ରିଙ୍କି ଦାସ, ରୁନୁ ଦାସ, ନିରୁପମା ରାଉତ, ସୂର୍ଯ୍ୟ ପ୍ରଧାନ, ବସନ୍ତ ସେଠୀ ପ୍ରମୁଖ ଜିଲା କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି।

# ସରକାରୀ ଜାଗାରେ ଘରୋଇ ସ୍କୁଲ ଉଦ୍ୟମକୁ ବିରୋଧ

ଅନୁଗୋଳ ଅଫିସ, ୧୬।୯

ଅନୁଗୋଳ ସହର ଉପକଣ୍ଠ ଶରଧାପୁର ଆମ୍ବୁଲି ନିକଟରେ ଥିବା ଏକ ଗୋଚର ଜାଗାକୁ ଘରୋଇ ସ୍କୁଲକୁ ଦେବାକୁ ଜିଲା ପ୍ରଶାସନ ଉଦ୍ୟମ ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ୧୨ ତାରିଖରେ ଜିଲାପାଳ, ଉପଜିଲାପାଳ ଓ ପ୍ରଶାସନର ଅନ୍ୟ ଅଧିକାରୀମାନେ ଉକ୍ତ ଗୋଚର ଜାଗାକୁ ପରିଦର୍ଶନରେ ଯାଇଥିଲେ। ଉକ୍ତ ସ୍ଥାନରେ କୌଣସି ଘରୋଇ ବିଦ୍ୟାଳୟ କରାଗଲେ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯିବ ବୋଲି ଶରଧାପୁର ଗ୍ରାମବାସୀ ଅଭିଯୋଗରେ ଜଣାଇ ଦେଇଛନ୍ତି। ତେବେ ବିଦ୍ୟାଳୟ ପାଇଁ ଜାଗା ଚୂଡ଼ାନ୍ତ ହୋଇନାହିଁ, ଏବେ ଜାଗା ଖୋଜା ଚାଲିଛି ବୋଲି ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରକାଶ କରିଛନ୍ତି।

ଜିଲାପାଳଙ୍କ କୋର୍ଟ ରୁମ୍‌ରେ ଚାଲିଥିବା ଜନଶୁଣାଣି କାର୍ଯ୍ୟକ୍ରମରେ ଗ୍ରାମର ହୃଦାନନ୍ଦ ସାହୁ, ଶେଷଦେବ ସାହୁ, ବିଶ୍ୱଜିତ ସ୍ୱାଇଁ, ଅବିନାଶ ସାହୁ, ରୂପେଶ ସାହୁ, ସୁନୀଲ ସାହୁ, ଯୁଧିଷ୍ଠିର ସାହୁ, ଶିବୁ ସାହୁ, ମହେଶ ସାହୁ, ସିଲୁ ସାହୁ, କୁମର ସ୍ୱାଇଁ, ଜନାର୍ଦ୍ଦନ ସାହୁ, ଗୋପୀନାଥ ସାହୁ, ରମାକାନ୍ତ ସାହୁ, ଲକ୍ଷ୍ମୀଧର ବେହେରା, ପୁରୁଷୋତ୍ତମ ସାହୁ, ଗୋକୁଳ ସାହୁ ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ସହ ଅତିରିକ୍ତ ଜିଲାପାଳଙ୍କୁ ଭେଟିଛନ୍ତି। ଉକ୍ତ ଗୋଚର ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ସହ ଘରୋଇ ଅନୁଷ୍ଠାନକୁ ଜାଗା ଟେକି ନ ଦେବା ପାଇଁ ଅନୁରୋଧ କରିଛନ୍ତି। ସେମାନେ କହିଛନ୍ତି ଯେ, ଉକ୍ତ ଜାଗାକୁ ସରକାରୀ କାର୍ଯ୍ୟରେ ବ୍ୟବହାର କରାଗଲେ ଏହାକୁ ସ୍ୱାଗତ କରାଯିବ। ନଚେତ ଦୁଇ ବର୍ଷ ତଳେ ଯେଉଁ ଭଳି ଭାବେ ବିରୋଧ କରାଯାଇଥିଲା ତାହା କରାଯିବ।

## OFFICE OF THE HINJILICUT MUNICIPAL COUNCIL

HINJILICUT (GM), PH : 06811-280025, e-mail id - hinjilicutmunicipality@gmail.com
Letter No.2204/2019 Date : 16.09.19

**Bid Identification No.HIN-MUN-04/2019-20**

Bid document consisting of work, estimated cost, cost of Tender paper, E.M.D., time of completion, class of contractors and the set of terms and conditon and condition of contract and other necessary documents can be seen in Govt. website i.e. **www.tendersorissa.gov.in**.

| | |
|---|---|
| Total Number of Civil works | 2 Nos. |
| Estimated Cost for Civil works | Rs.16,86,000/- (per each) |
| Date & time of availability of Bid Documents in the portal | Dt.17.09.2019 of 11.00 A.M. to Dt.26.09.2019 of 5.00 P.M. for online bidding |
| Last date of receipt of Bid through online | Dt.26.09.2019 upto 6.00 P.M. |
| Online receipt of tender Documents | Dt.26.09.2019 upto 6.00 P.M. |
| Submission of Original Bid Document | Dt.30.09.2019 through registered or speed post |
| Date of opening of Bid | Dt.01.10.2019 at 11.00 A.M. |

**Sd./- Executive Officer, Hinjilicut Municipality**

## STATE HEALTH ASSURANCE SOCIETY, HEALTH & FAMILY WELFARE DEPARTMENT GOVT. OF ODISHA

Bhubaneswar- 751012, District- Khorda (Odisha)
Phone No.- 0674-2560311, Email ID: snaodisha@gmail.com

### CORRIGENDUM NOTICE

No. 331-E: The heading of the Advertisement published on dt.14.09.2019 vide Advertisement No. 01/2019 dated 12.09.2019 may be read as "CONTRACTUAL APPOINTMENT" instead of "INVITATION FOR EXPRESSION OF INTEREST".

**Sd./- Chief Executive Officer**
10001/11/0006/1920 **State Health Assurance Society, Odisha**

## OFFICE OF THE MUNICIPAL COUNCIL, BELPAHAR

**"e" PROCUREMENT NOTICE**

06645-250458, FAX-06645-250236, Email-nacbelpahar@gmail.com
**BID REFERENCE NO.EO/BPHM/03/19-20, BID IDENTIFICATION NO.2019_ORULB_56287, TENDER CALL NOTICE NO.2530, DT.16.09.2019**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the govt. website i.e. **www.tendersorissa.gov.in**

| | | |
|---|---|---|
| Name of the Work | : | Construction of Material Recovery Facilities (MRF) Centre at Kadupada under Belpahar Municipality. |
| No. of Works | : | 01 Nos. |
| Estimated Cost | : | Rs.19,38,000.00 |
| Period of Completion | : | 2 (two) calendar Months |
| Date & Time of availability of the bid documents in the portal | : | From dt.17.09.2019 at 10.00 A.M. to dt.24.09.2019 up to 5.00 P.M. |
| Last Date/Time for receipt of bids in the portal | : | dt.24.09.2019 up to 05.00 P.M. |
| Submission of original Financial documents (Bid Cost & EMD) by Regd. Post/Speed Post | : | From dt.25.09.2019 to 30.09.2019 during office hours on working days. |
| Bids received online shall be opened on | : | 11.00 A.M. and onwards on dt.01.10.2019 |
| Name & address of the officer inviting Bid | : | Executive Officer, Belpahar Municipality. |

Further the details can be seen from the procurement portal: **www.tendersorissa.gov.in**. If any addendum corrigendum / cancellation of tender shall be publish in the above website only.

**Sd./- Executive Officer, Belpahar Municipality.**

## ODISHA HYDRO POWER CORPORATION LTD.,

OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in

No. CAD-390

**No. HHEP/Tech-W-56(2019-20)/ 6567 Date : 11.09.2019**

**e-TENDER NOTICE NO. HHEP-49/2019**

Unit Head, HHEP, Burla invites percentage rate e-tender in two parts from the eligible class of contractor, registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**. Only those bidders who successfully remit their cost of tender paper & EMD online would be able to eligible in the tender.

| Sl. No | Name of work | Approx. tender value of work (in Rs.) | Class of contractor | Cost of tender (Non-Refundable) | EMD in Rs. |
|---|---|---|---|---|---|
| 1 | AMC of residential building in HHEP, Burla (Old E, D, SD, DF, C, CF & A type quarters) | 1251692/- | D & C | Rs. 7080/- (Rs. 6000 /- + GST 18%) | 12550/- |

- Availability of bids online : **20.09.2019 (11.00AM) to 04.10.2019 (05.00 PM)**
- Last date and time of receipt of bid online : **04.10.2019 upto 05.00 PM**
- Date & time of opening of tender : **15.10.2019 at 11.30 AM**
- The bidders shall have to participate in online only in the portal **https://tendersodisha.gov.in**

Further details can be seen from the e-procurement portal **https://tendersodisha.gov.in** / **www.ohpcltd.com**

Sd/-
04007/11/0025/1920 Unit Head, HHEP, Burla

## PURI MUNICIPALITY

### e-Procurement Notice

**No. 7487 Dtd : 13.09.19**

### Bid Identification No. P.M-03/2019-20

1. Type of Work: Civil Work., 2. Total No. of Works: 08 nos. of Individual Works., 3. Estimate Cost: Rs.47,94,212/- to Rs.48,88,439/-, 4. Period of completion : 45 to 60 Days., 5. Date & time of availability of bid document in the Portal : From 03 P.M of 18.09.2019 to 05 P.M of 03.10.2019, 6. Last date/time for receipt of bid in the portal: up to 05 P.M of 03.10.2019, 7. Date of Opening of Technical bid : 11A.M. of dtd 04.10.2019, 8. Name & address of the Officer inviting Bid: Executive Officer Puri Municipality, Puri. Further detail can be seen from the e-procurement portal **www.tendersorissa.gov.in.**

**Sd./- Executive Officer**
**Puri Municipality, Puri**

## OFFICE OF THE REGULATED MARKET COMMITTEE, TALCHER

**At/Po : Talcher, Dist.-Angul, Pin-759100**
**"e" Procurement Notice**
**Bid Identification No.RMC Talcher-1/2018-2019**
**TCN No.153 Dated: 16.09.2019**

| | | | |
|---|---|---|---|
| 1. | Name of the Work | : | Construction of Infrastructures at Angarua Market Yard and renovation of Office Building of RMC, Talcher |
| 2. | Estimate Cost | : | Rs.39,77,370.00 |
| 3. | Period of Completion | : | 6 Months. |
| 4. | Date & Time of availability of bid documents in the portal | : | From 11.00 A.M. of dt. 18.09.2019 to 5.00 P.M. of dt.26.09.2019 |
| 5. | Last Date / Time of receipt of bids in the portal | : | 5.00 P.M. of dt.26.09.2019 |
| 6. | Date & Time of opening of Technical Bids | : | 11.00 A.M. of dt.27.09.2019 |
| 7. | Name and address of the Officer inviting Bid | : | Sub-Collector, Talcher-cum-Chairman, RMC, Talcher. |
| 8. | Further details can be seen from the e-Procurement portal https://tenderodisha.gov.in. Any addendum / Corridendum cancellation of tender can also be seen in the said website only. | | |

**Sd./- Sub-Collector, Talcher-cum-Chairman**
**RMC, Talcher**

## OFFICE OF THE EXECUTIVE ENGINEER, RWS&S DIVISION, BARIPADA.

Tel. No.06792-254029,Fax No.06792-259464, E-Mail : eerwss_bpd@rediffmail.com ,eerwss_bpd@ori.nic.in

### Govt. of Odisha e-procurement Notice.

**Bid Identification No.12 of 2019-20, Date: 13.09.2019.**

No. 352-O

1. **Nature of the work :** Execution of Rural Piped Water Supply Projects under different Programme **in Lump-sum rate contract . (09 packages) Double cover.**
2. Estimated Cost: **67.71 lakh to 125.21 lakh .**
3. Period of Completion : **240days to 360days.**
4. Date and time of availability of bid document in portal : **From 11 hour of 26.09.2019 to 09.10.2019 upto 17 hours.**
5. Last Date / Time for receipt of bids in the portal : **Upto 17 hours of 09.10.2019.**
6. Name and address of the O.I.T. : **Executive Engineer, RWS&S Division, Baripada.**
7. **Date & Time for Opening of Tender : 10.10.2019 at 11.00 A.M.**
8. Corrigendum and addendum if any shall only be published in the above website http://www.tenderodisha.gov.in

**Further details can be seen from the e-procurement portal: "https://tendersodisha.gov.in"**

13.9.19
Executive Engineer
RWS&S Division, Baripada
25014/11/0004/1920 13/9/19

## SADHAC

EMPOWERMENT TO EXCELLENCE

No. 17-PP:

## STATE AGENCY FOR DEVELOPMENT OF HANDLOOM CLUSTERS

(An autonomous organisation under Handlooms, Textiles & Handicrafts Department, Govt. of Odisha)

### NOTICE INVITING SHORT TENDER

### TENDER BID REFERENCE: SADHAC /Q.M /09/2019

State Agency For Development Of Handloom Clusters (SADHAC) invites sealed two Part Bids (Part-1: Technical Bid and Part-2: Financial Bid) for printing and supply of Books on Quality Dyeing Manual.

Scope of Work: Printing, binding, packaging and delivering of books, (approx) 54 no. of pages (including 8 page colour), Hard Board Binding books with Section sewing 500 books.

Estimated Cost: within 5.00 Lakhs.
**Last Date for Receiving Bids: 21.09.2019, 15:00 hrs.**
**Technical Bid Opening: 23.09.2019, 15:00 hrs.**

Tender documents and the instructions for submission of tenders can be downloaded from the websites: www.sadhacodisha.org.in

For any further details contact: State Agency for Development of Handloom Clusters (SADHAC) At: Directorate of Textiles, Po: Satyanagar, Opp. Kalimandir, Bhubaneswar, Odisha-751007, Email- sadhacorissa@gmail.com, Ph. 0674-2572256

31012/11/0001/1920 **Member Secretary**

See Career Appointment on every **Wednesday & Saturday**

## OFFICE OF THE DIRECTOR OF AGRICULTURE & FOOD PRODUCTION, ODISHA, BHUBANESWAR.

No. 52-L

### NOTICE NO - DE-AGR-2/19-1205, DT - 13.09.2019

### TENDER NOTICE

**Sealed tenders are invited in two bid system i.e. Technical bid & Financial bid from reputed manufacturers/MSME Units for supply of different Agricultural machinery/Implements as detailed in the following table:-**

| Sl. No. | Name of the Machinery/implements | Approximate value (in Rs.) | Cost of tender documents (in Rs.) Bank draft No./ Date |
|---|---|---|---|
| 1. | Power Paddy Cleaner cum Grader ( 336 nos.) | Rs. 348.77 lakhs | Rs.10000/- |
| 2. | Hand Winnower(672 nos.) | | |
| 3. | Pedal Thresher(672 nos.) | | |
| 4. | Parboiling Unit(672 nos.) | | |

**The tender documents may be downloaded from the website of Government of Odisha (www.odisha.gov.in) from 17.09.2019 to 16.10.2019. The appropriate tender paper cost of Rs.10000/- in shape of Bank Draft drawn in favour of "Development Engineer, OFMRDC, Bhubaneswar" payable at Bhubaneswar must be given while submitting the tender documents. The tender papers may be sent by registered post/ speed post addressed to the Development Engineer OFMRDC, Satyanagar, Bhubaneswar. The last date of receipt of the tender is 16.10.2019 up to 5.00 PM. The tenders shall be opened on next working day i.e. on 17.10.2019 at 3.30 PM in presence of the Bidders or their authorized representatives. Any clarification may be obtained from the Office of the Development Engineer (Phone/Fax: 0674-2571860) on working days only 17.09.2019 to 16.10.2019 during office hours between 11AM to 4 PM. The undersigned reserves the right to cancel any or all tenders without assigning any reason and without incurring any liabilities thereof. The undersigned also reserves the right to relax any clause as in technical & financial bids.**

01651/11/0004/1920 **Sd./- Director of Agriculture & Food Production**
**Odisha, Bhubaneswar**

## DETAIL TENDER CALL NOTICE

## ODISHA HYDRO POWER CORPORATION LIMITED

OHPC

**OFFICE OF THE SENIOR GENERAL MANAGER (ELECTRICAL: Balimela Hydro Elecric Project, Post: Balimela, Dist: Malkangiri (Odisha), Pin: 764051, Phones: 06861-232581 (O)/ 232641 (R), Fax: 06861-232541, E-mail: unit.head_balimela@yahoo.com**

**REGD. OFFICE: ODISHA HYDRO POWER CORPORATION LIMITED**
**Odisha State Police Housing & Welfare Corporation Building, Vanivihar Chouk, Janapath, Bhubaneswar-22, Tel: 91-0674-2542983, 2542802, 2545526, Fax: 2542102, GRAM: Hydropower, E-Mail: ohpc.co@gmail.com/ md@ohpcltd.com, Web: www.ohpcltd.com, CIN: U40101OR1995SGC003963**

**NOTICE INVITING TENDER NO:-T-154/ 34/ 2019-20/ DATED 12.09.2019**

**No.CAD-386:-** Sealed tenders are invited in two parts i.e. (I) Techno-Commercial Bid & (II) Price Bid from the Firms having valid Registration Certificate issued by Govt. Authority, IT PAN and GST Registration Certificate, valid HT/EHT License issued by ELBO and valid Contract Labour License for the following work at BHEP, Balimela.

| Sl. No. | Description of Materials | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|---|
| 1 | 2 | 3 | 4 |
| 1. | AMC Services for Maintenance of 4 x 60 MW + 2 x 75 MW Generators and its Auxiliaries, Turbine and its Auxiliaries, other Equipments with their Auxiliaries, Illumination System, Generator Transformers with auxiliaries, Oil Purifiers and all equipments of Valve House of Balimela Hydro Electric Project, Balimela for a period of One Year on Job Contract basis. | Rs. 11,800/- (Rs. 10000/- + GST @18%) | 88.000/- |

The sale of Tender paper will be from : 18.09.2019 to 10.10.2019 upto 12.00 Hrs.
The last date & time of receipt of tender : Upto 16.00 Hrs. of 10.10.2019
The date & time of opening of Technical Bid : At 16.30 Hrs. on 10.10.2019
The due date & time of opening of Price Bid will be intimated later on to the technically qualified bidders.

The detailed tender specification shall be obtained from the office of the undersigned during working hours on any day on payment of a non-refundable amount mentined above towards Cost of Tender Paper in shape of Demand Draft/ Banker's Cheque drawn in favour of Odisha Hydro Power Corporation Limited, from any Nationalized Bank / Schedule Bank payable at State Bank of India, Orkel Branch-4853. The tender documents can also be downloaded from our website **www.ohpcltd.com** and submitted in duplicate along with requisite amount of DD/BC drawn in favour of OHPC Limited, payable at State Bank of India, Orkel Branch-4853 towards tender paper cost as well as towards required EMD separately within the scheduled period. Tender without Tender paper cost and & EMD will be out rightly rejected. Interested bidders may obtain the tender specification by **REGD POST** against payment in shape of Demand Draft with an additional cost of Rs. 300/- for postal charges. The Authority will not be held responsible for any postal delay or loss of tender specification in postal transaction. The tender by fax, after due date and time, conditional tender and incomplete tender will be rejected.

The Tender shall be received in the office of the undersigned upto the above mentioned specified time and the Technical Bid will be opened in the office of the Undersigned in the presence of the Bidders (or) their Authorized Representatives if any on the specified date mentioned above. If any of the above date happens to be a holiday, the next working day will be the corresponding effective date.

**The tenderer should superscribe only the "Tender Call Notice No. & Date of Opening of the Tender on the body of the Sealed Envelope."** Tenderer should not write his name or any other information on the body of the sealed envelope.

No post tender correspondence by the participated firm/ Agency will be entertained. Tenderers are requested to go through the detail tender notice before purchasing the tender document. The Authority reserves the right to reject any, all or part of the Tender, alter/modify the quantity of the materials, delete any part of the tender without assigning any reason thereof.

Please visit us at **www.ohpcltd.com.**

**04019/11/0041/1920 Sd/- CH. GENERAL MANAGER (EL) BHEP, BALIMELA**

## GOVERNMENT OF ODISHA STEEL & MINES DEPARTMENT

No. 11-G:

## DIRECTORATE OF GEOLOGY, ODISHA

**BHU-BIGYAN BHAWAN, BHUBANESWAR-751001**

### TENDER CALL NOTICE

The Director of Geology, Odisha, Bhu-Bigyan Bhawan, Unit-V, Bhubaneswar-751001, invites separate Sealed Tenders on behalf of the Governor of Odisha in two bid system (Technical Bid and Price Bid) from financially capable National and International agencies, fulfilling the eligibility criteria for taking up required quantity of Diamond Core Drilling of Karabira Graphite Prospect, Dhenkanal district of Odisha during the year 2019-20, in conformity with the General Terms and Conditions as laid down in tender document.

The detail Tender Schedule, Term & Conditions, Cost of the Tender Document, EMD etc. shall be available in the departmental Website http://www.orissaminerals.gov.in. There will be no manual sale of tender document. Interested bidders are requested to download the tender schedule from the website. The last date of receipt of tenders in the Directorate of Geology, Odisha, Bhubaneswar is 16.10.2019 upto 4.00 PM which shall be opened on 18.10.2019 at 4.00 PM.

A Pre-bid Conference shall be held on 27th September 2019 at 11.00 AM in the Conference Hall of the Directorate of Geology, Odisha. All the prospective bidders / tenderers are rquested to kindly attend the Pre-Bid Conference. All the prospective bidders / tenderers are rquested to kindly submit their queries (with envelope bearing Tender No. and Date on top and marked "Queries for Pre-bid Conference" or by e-mail with subject "Queries for Pre-bid Conference" so as to reach the Directorate of Geology, Odisha latest by 26th September 2019 / 3.30 PM.

**E-mail address for raising the Queries:** directorgeology_odisha@yahoo.in


The Director shall answer the queries during the Pre-bid Conference.

Director of Geology, Odisha reserves the right to accept / reject all or a part of the Tenders without assigning any reason thereof.

***Sd./-***
***Director of Geology, Odisha***
30003/11/0001/1920

ସୌ | ନ୍ଦ | ର୍ଯ୍ୟ

# ଗ୍ରୀନ୍ ଟି ଫେସ୍ ପ୍ୟାକ୍



ସ୍ୱାସ୍ଥ୍ୟ ପାଇଁ ଗ୍ରୀନ୍ ଟି'ର ଉପକାରିତା ସମ୍ପର୍କରେ ପ୍ରାୟ ସମସ୍ତଙ୍କୁ ଜଣା। କେବଳ ଏତିକି ନୁହେଁ, ଏଥିରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟବର୍ଦ୍ଧକ ଗୁଣ। ଏହାକୁ ପିଇବା ଦ୍ୱାରା ତ୍ୱଚାର କୁଞ୍ଚନ, ଦାଗ, ବ୍ରଣ, ସନ୍‌ଟ୍ୟାନ୍ ଭଳି ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ହେଲେ ଆପଣ ଜାଣନ୍ତିକି ଏହାକୁ କେବଳ ପିଇବା ନୁହେଁ ଫେସ୍‌ପ୍ୟାକ୍ ଭାବେ ଲଗାଇବା ଦ୍ୱାରା ମଧ୍ୟ ତ୍ୱଚାର ଗ୍ଲୋ ବଢ଼ିବା ସହ ରଙ୍ଗ ଗୋରା ହୋଇଥାଏ। ଜାଣନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ...

**ଅମୃତଭଣ୍ଡା– ଗ୍ରୀନ୍ ଟି ପ୍ୟାକ୍:** ପାଚିଲା ଅମୃତଭଣ୍ଡା ସହିତ ଗ୍ରୀନ୍ ଟି ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ସଫା ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଟ୍ୟାନ୍ ସମସ୍ୟା ଦୂର ହୋଇଯିବ।

**ଅଦା– ଗ୍ରୀନ୍ ଟି ପ୍ୟାକ୍:** ୩ଟି ଗ୍ରୀନ୍ ଟି ପ୍ୟାକ୍ ସହ ଖଣ୍ଡେ ଅଦାକୁ ଭଲ ଭାବେ ଛେଚି ପାଣିରେ ଭଲ ଭାବେ ଫୁଟାଇ ଦିଅନ୍ତୁ। ପାଣି ଫୁଟି ଅଧା ହୋଇଗଲେ ଏହାକୁ କାଢ଼ି ଥଣ୍ଡା କରନ୍ତୁ। ଏହାକୁ ବ୍ରଣ ହୋଇଥିବା ସ୍ଥାନରେ ଲଗାନ୍ତୁ ଉପକୃତ ହେବେ।

**ଚାଉଳ ଗୁଣ୍ଡ– ଗ୍ରୀନ୍ ଟି ପ୍ୟାକ୍:** ଚାଉଳକୁ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ। ସେଥିରେ ୨ଟି ଗ୍ରୀନ୍ ଟି ବ୍ୟାଗ୍ ଖୋଲି ମିଶାନ୍ତୁ। ସେଥିରେ ଅଳ୍ପ ଲେମ୍ବୁରସ ଏବଂ ଆବଶ୍ୟକ ମାତ୍ରାରେ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ମିନିଟ୍ ରଖିବା ପରେ ଧୀରେ ଧୀରେ ସ୍କ୍ରବ୍ କରି ମୁହଁ ଧୋଇ ଦିଅନ୍ତୁ। ଏହାଦ୍ୱାରା ସ୍କିନ୍ ଅଧିକ ବ୍ରାଇଟ୍ ଲାଗିବା ସହ ଗ୍ଲୋ ମଧ୍ୟ ବଢ଼ିବ।

**ଷ୍ଟ୍ରବେରୀ– ଗ୍ରୀନ୍ ଟି ପ୍ୟାକ୍:** ୩ଟି ଷ୍ଟ୍ରବେରୀକୁ ଭଲ ଭାବେ ପେଷ୍ଟ କରି ସେଥିରେ ଅଧା ଚାମଚ ମହୁ ଏବଂ ୧ ପ୍ୟାକ୍ ଗ୍ରୀନ୍ ଟି ଖୋଲି ମିଶାଇ ଦିଅନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ତଳୁ ଉପରକୁ ଘଷନ୍ତୁ। ଅଧ ଘଣ୍ଟା ରଖିବା ପରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହି ପ୍ୟାକ୍ ଲଗାଇବା ଦ୍ୱାରା ରିଙ୍କଲ୍ ମାର୍କ ଦୂର ହେବା ସହ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ହୋଇଥାଏ।



# ଗର୍ଭବତୀ ନାରୀର ଯତ୍ନ



**ଡା. ସରୋଜିନୀ ଷଡ଼ଙ୍ଗୀ**

କିଛିଦିନ ହେବ କେବେ ଅଧିକ ଖରା ତ କେବେ ଦିନ ଦିନ ଲାଗି ରହୁଛି ପ୍ରବଳ ବର୍ଷା। ତେବେ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ବିଶେଷ କରି ଏଭଳି ବର୍ଷା ଅଧିକ ପ୍ରଭାବିତ କରୁଛି ଭାବୀ ମା' ମାନଙ୍କୁ। ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାରୁ ବିଭିନ୍ନ ରୋଗ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଉଛି। ତେଣୁ ଏ ସମୟରେ ଗର୍ଭବତୀ ନାରୀମାନଙ୍କୁ ଉଭୟ ନିଜ ସହ ଗର୍ଭସ୍ଥ ଶିଶୁ ପାଇଁ ବିଶେଷ ଭାବରେ ସତର୍କ ରହିବା ଆବଶ୍ୟକ...

ସୁଷମ ଖାଦ୍ୟ – ଗର୍ଭବତୀ ନାରୀମାନେ ନିଜ ସହ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ ଖାଇବା ଆବଶ୍ୟକ। ବିଶେଷ କରି ବର୍ଷା ସମୟରେ ସେମାନଙ୍କ ଦେହର ରୋଗ ପ୍ରତିରୋଧକ ଶକ୍ତି କମିଯାଉଥିବାରୁ ଅନେକ ଗୁଡିଏ ଖାଦ୍ୟ ଜନିତ ସଂକ୍ରମଣ ରୋଗ ହୋଇଥାଏ ଯଥା – ଝାଡ଼ା, ଜଣ୍ଡିସ୍, ଆନ୍ତ୍ରିକ ଜ୍ୱର ଆଦି ହୋଇଥାଏ । ତେଣୁ ଏ ସମୟରେ ବେଶି ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ, ଯାହା ଶରୀରକୁ ଶକ୍ତି ଯୋଗାଇଥାଏ। ଏହାଛଡା ବେଶି ତେଲ, ମସଲାଯୁକ୍ତ, ବାସିଖାଦ୍ୟ ଆଦି ନ ଖାଇ ସଦ୍ୟ ପ୍ରସ୍ତୁତ ଗରମ ଖାଦ୍ୟ ଖାଇବା ସହ ଗରମ ସୁପ୍ ପିଇବା ଭଲ । କାକୁଡି, ଟମାଟୋ ଓ ପିଆଜ ଆଦି ଗରମ ପାଣିରେ ଧୋଇ ସାଲାଡ ପ୍ରସ୍ତୁତ କରିବା ଦରକାର । ବିଶେଷଭାବରେ ଶାଗଜାତୀୟ ଖାଦ୍ୟ ଯଥା– ପାଳଙ୍ଗଶାଗ, ବିଭିନ୍ନ ପ୍ରକାର ଶାଗ, ବନ୍ଧାକୋବି, ଫୁଲକୋବି ଆଦି ପରିବା ପତ୍ରରେ ଛୋଟ ଛୋଟ ପୋକ ଓ ଜୀବାଣୁ ଥିବାରୁ ଏହାକୁ ରାନ୍ଧିବା ପୂର୍ବରୁ ଗରମ ପାଣିରେ ୩–୪ ଥର ଭଲଭାବେ ଧୋଇବା ଉଚିତ୍। ଏହି ସମୟରେ ମଟନ ଓ ଚିକେନ୍ ମଧ୍ୟ ବେଶି ପରିମାଣରେ ଖାଇବା ଠିକ୍ ନୁହେଁ। ଏହା ହଜମ ନ ହୋଇ ଅଜୀର୍ଣ୍ଣ ରୋଗ, ଝାଡା ଓ ବାନ୍ତିର କାରଣ ସାଜିଥାଏ।

– ବର୍ଷା ଅଧିକ ହେଲେ ଅନେକେ ଭାବନ୍ତି ଜଳବାୟୁ ଆର୍ଦ୍ର ଥିବାରୁ ବେଶି ପାଣି ପିଇବା ଉଚିତ ନୁହେଁ। ହେଲେ ମନେ ରଖନ୍ତୁ ଏ ସମୟରେ ପରିବେଶର ଉଷ୍ମତା କମିଯିବାରୁ ବେଶି ପାଣି ପିଇବା ଓ ପାନୀୟ ଜିନିଷ ବ୍ୟବହାର କରିବା ଆବଶ୍ୟକ। ଏ ସମୟରେ କମ୍ ପାଣି ପିଇଲେ ଗର୍ଭବତୀଙ୍କୁ ଡିହାଇଡ୍ରେଶନ ହୋଇ ବାନ୍ତି ଲାଗେ, ମୁଣ୍ଡ ବିନ୍ଧେ ଏବଂ ଅଚେତ ହେବା ଭଳି ଲାଗେ । ତେଣୁ ସେମାନେ ଫଳରସ, ପଇଡ, ପାଣି, ଲେମ୍ବୁ ସରବତ ଆଦି ପ୍ରଚୁର ପରିମାଣରେ ପିଇବା ଦରକାର। ହେଲେ ବଜାରରେ ମିଳୁଥିବା ଦହି ଓ ଲସି ପିଇବା ଠିକ୍ ନୁହେଁ । ସେହିପରି ବାହାରେ ବିକ୍ରି ହେଉଥିବା ଖାଦ୍ୟ ଆଦୌ ଖାଇବା ଉଚିତ ନୁହେଁ। ଏଥିରେ ବ୍ୟବହୃତ ହେଉଥିବା ସମସ୍ତ ଜିନିଷରେ ପ୍ରଚୁର ପରିମାଣରେ ତେଲ ଓ ମସଲା ସହ ସଂକ୍ରମିତ ପାଣି ବ୍ୟବହାର ହୋଇଥିବାରୁ ସଂକ୍ରମଣ ଜନିତ ରୋଗ ହେବାର ଆଶଙ୍କା ବେଶି ଥାଏ । ବେଳେ ବେଳେ କଟା ହୋଇଥିବା ଫଳ ବହୁତ ସମୟ ବାହାରେ ରହିବା ଦ୍ୱାରା ବି ସଂକ୍ରମଣ ହୋଇଥାଏ। ତେଣୁ ବାହାରେ ରହିଥିବା କଟା ଫଳ ଖାଇବା ଅନୁଚିତ୍। ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ସଫାସୁତରା ରହିବା ଆବଶ୍ୟକ। ଭଲ ଭାବରେ ସ୍ନାନ କରିବା ଦ୍ୱାରା ଚର୍ମ ପରିଷ୍କାର ହୁଏ ଓ ଜୀବାଣୁ ଚର୍ମ ଭିତରକୁ ଯାଇପାରେ ନାହିଁ । ବାହାରେ ବର୍ଷାରେ ଭିଜିଗଲେ ନିଜ ଶରୀରକୁ ଟାୱେଲରେ ପୋଛି ଶୁଖିଲା କରିବା ପରେ ଗରମ ପାଣିରେ ଗାଧୋଇବା ଦ୍ୱାରା ସଂକ୍ରମଣ ହୋଇ ନ ଥାଏ । କେବଳ ସ୍ନାନ, ଶୌଚ ଠିକ୍ ଭାବେ କରିବା ନୁହେଁ ନଖକାଟିବା, ରାନ୍ଧିବା ଓ ଖାଇବା ଆଗରୁ ହ୍ୟାଣ୍ଡୱାଶ୍ ଲଗାଇ ହାତ ଧୋଇବା ଆବଶ୍ୟକ। ଯାହାକି ନିଜ ସହ ଗର୍ଭସ୍ଥ ଶିଶୁକୁ ବି ନୀରୋଗ ରଖିଥାଏ। ସେହିପରି ନିଜର ଘରଦ୍ୱାର ଓ ଆଖପାଖ ସ୍ଥାନ ମଧ୍ୟ ପରିଷ୍କାର ରଖନ୍ତୁ। କାର୍ବୋଲିକ୍ ସାବୁନର ଦ୍ରବଣରେ ଘରଦ୍ୱାର ପୋଛି ସଫା କରିବା ଦ୍ୱାରା ଜୀବାଣୁମୁକ୍ତ ରହିଥାଏ । ଏହା ସହ ବିଛଣା ଚଦର ଓ ତଉଲିଆ ଆଦି ସଫା ରଖିବା ଆବଶ୍ୟକ। ମ୍ୟାଲେରିଆ ଓ ଡେଙ୍ଗୁ ରୋଗରୁ ରକ୍ଷା ପାଇଁ ମଶାରି ଟାଣି ଶୁଅନ୍ତୁ। ଆବଶ୍ୟକ ସ୍ଥଳେ ମଶାଧୂପ ଓ ମଶାକ୍ରିମ ବ୍ୟବହାର କରିପାରିବେ। ସର୍ବଦା କଟନ୍ ବା ସୂତା କପଡା ପିନ୍ଧିବା ଭଲ ।







– ଗର୍ଭାବସ୍ଥାରେ ହେଭି ମେକଅପ୍ ବା ଗାଢ ପ୍ରସାଧନ ବ୍ୟବହାର କରିବା ଠିକ୍ ନୁହେଁ। ବିଶେଷ କରି ମସ୍କାରା ଓ ପଫ୍, ଆଇ–ଲାଇନର ଓ ଲିପଷ୍ଟିକ୍‌ରୁ ସଂକ୍ରମଣର ଭୟ ଥାଏ, ତେଣୁ ହାଲୁକା ମେକଅପ୍ ନିଅନ୍ତୁ।

– ବାହାରକୁ ଯାଉଥିଲେ ପାଖରେ ଛତା, ରେନିକୋଟ ରଖନ୍ତୁ। ଯଦି ପ୍ରସବର ସମ୍ଭାବନା ତାରିଖ ନିକଟରେ ଥାଏ, ତେବେ ସବୁ ପ୍ରକାର ପ୍ରସ୍ତୁତି କରି ରଖନ୍ତୁ। ଯଥା– ଡାକ୍ତରଙ୍କର ଫୋନ୍ ନମ୍ବର, ହସପିଟାଲ, ଆମ୍ବୁଲାନ୍ସର ଫୋନ୍ ନମ୍ବର ଏବଂ ହସପିଟାଲ ଯିବା ପାଇଁ ଗାଡି ଠାରୁ ଆରମ୍ଭ କରି ସବୁ ଜିନିଷର ପ୍ରସ୍ତୁତି ଆଗରୁ କରି ରଖନ୍ତୁ। ପାଣିପାଗ ଯାହା ହେଉ ନା କାହିଁକି ଏହା ଅନୁଯାୟୀ ସମସ୍ତ ପ୍ରକାର ପ୍ରସ୍ତୁତି ସହ ସ୍ୱାସ୍ଥ୍ୟରକ୍ଷାର ନିୟମ ମାନି ଚଳିଲେ ନିଜେ ନୀରୋଗ ରହିବା ସହ ଗର୍ଭସ୍ଥ ଶିଶୁକୁ ବି ସୁରକ୍ଷିତ ରଖିବା ସହଜ।

*–ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା*
*ଲିଙ୍କରୋଡ୍, କଟକ*
*ମୋ– ୯୪୩୭୦୫୫୦୦୭*

# ପିଲାକୁ ଡାଇପର ପିନ୍ଧାଉଥିଲେ...

ଛୋଟ ପିଲା ଝାଡା, ପରିସ୍ରା କରି ବାରମ୍ବାର ଓଦା ନ ହେବା ଲାଗି ବର୍ତ୍ତମାନ ଡାଇପର ଖୁବ୍ କାମରେ ଆସୁଛି। ହେଲେ ପିଲାକୁ ଡାଇପର ପିନ୍ଧାଉଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ କଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ...

❖ପିଲାକୁ ଡାଇପର ପିନ୍ଧାଉଥିଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କମ୍ଫର୍ଟ। ଅର୍ଥାତ୍ ଡାଇପର ଯେପରି କେବେବି ପିଲାକୁ ଟାଇଟ୍ କିମ୍ବା ଛୋଟ ନ ହୁଏ ସେଥିଲାଗି ପିଲାର ଓଜନ ଅନୁସାରେ ଡାଇପର କିଣନ୍ତୁ।

❖ଡାଇପରକୁ ନିୟମିତ ସମୟ ଅନ୍ତରାଳରେ ବଦଳାନ୍ତୁ। ତଥାପି ମଝିରେ ମଝିରେ ଚେକ୍ କରିନିଅନ୍ତୁ। ଯଦି ପିଲା ଅଧିକ ପରିସ୍ରା କରିଛି କିମ୍ବା ଝାଡା କରିଛି ତେବେ ତୁରନ୍ତ ବଦଳାଇ ଦିଅନ୍ତୁ।

❖ଡାଇପର ବଦଳାଇବା ପରେ ପିଲାର ଉକ୍ତ ସ୍ଥାନକୁ ଭଲ ଭାବେ ୱାଇପ୍‌ରେ ପୋଛି ଦିଅନ୍ତୁ ଏବଂ କିଛି ସମୟ ଖୋଲା ଛାଡିଦିଅନ୍ତୁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡାଇପର ଖୋଲିବା ପରେ ପିଲାର ସ୍କିନ୍‌କୁ ଦେଖିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ପିଲାଙ୍କ ସମ୍ବେଦନଶୀଳ ତ୍ୱଚାରେ ଅଧିକ ସମୟ ଡାଇପର ରହିବା ଦ୍ୱାରା ଲାଲ୍ ପଡିବା, ଫଳିବା (ର୍‍ୟାସେସ୍)ଭଳି ସମସ୍ୟାର ଆଶଙ୍କା ଅଧିକ।

❖ଯଦି ପିଲାର ର୍‍ୟାସେସ୍ ହୁଏ ତେବେ ଡାଇପର ର୍‍ୟାସ୍ କ୍ରିମ୍ ଲଗାନ୍ତୁ। ଅଧିକ ହେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।



❖ରାତିରେ ଡିସ୍ପୋଜେବଲ ଡାଇପର ବ୍ୟବହାର କରନ୍ତୁ। ଏହା ଅଧିକ ମୁତ୍ର ରଖିପାରିବା ସହ ଖୋଲିଯିବା କିମ୍ବା ଲିକ୍ ହେବାର ଟେନ୍‌ଶନ୍ ବି ନ ଥାଏ।

ଖାଦ୍ୟରୁଚି

# ଆଚାରୀ ପନିର

**ଆବଶ୍ୟକ ସାମଗ୍ରୀ:** ପନିର– ୨୫୦ ଗ୍ରାମ୍, ଟମାଟୋ– ୩ଟି, କଞ୍ଚାଲଙ୍କା –୨ଟି, ଅଦା(ଏକ ଇଞ୍ଚ), ତେଲ ୨–୩ ଚାମଚ, କଟା ଧନିଆପତ୍ର ୨–୩ ଚାମଚ, ଅଳ୍ପ ମେଥି, ଅଧା ଚାମଚ ସୋରିଷ, ଅଧା ଚାମଚ ଜିରା, ପାନମଧୁରୀ ଏକ ଛୋଟ ଚାମଚ, ଧନିଆ ଗୁଣ୍ଡ ଏକ ଛୋଟ ଚାମଚ, ଚିମୁଟାଏ ହେଙ୍ଗୁ, ହଳଦୀ ଗୁଣ୍ଡ ୧/୪ ଚାମଚ, ଗରମ ମସଲା ୧/୪ ଚାମଚ, ଲାଲ ଲଙ୍କା ପାଉଡର ୧/୪ ଚାମଚ, କ୍ରିମ୍ ୧/୨ କପ୍, ଲୁଣ ସ୍ୱାଦ ଅନୁସାରେ।



**ପ୍ରସ୍ତୁତି ପ୍ରଣାଳୀ:** ଅଦା, ଟମାଟୋ ଏବଂ କଞ୍ଚା ଲଙ୍କାକୁ ଛୋଟ ଛୋଟ କାଟି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ମେଥି, ସୋରିଷ ଏବଂ ଜିରାକୁ ଅଳ୍ପ ଭାଜି ପାନମଧୁରୀ ଏବଂ ଧନିଆ ପାଉଡର ମିଶାଇ ଅଳ୍ପ ଗ୍ରାଇଣ୍ଡିଂ କରି ମସଲା ଗୁଣ୍ଡ ପ୍ରସ୍ତୁତ କରନ୍ତୁ।

ଏକ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ସେଥିରେ ହେଙ୍ଗୁ, ହଳଦୀଗୁଣ୍ଡ ଏବଂ ଗୁଣ୍ଡ କରିଥିବା ମସଲା ପକାନ୍ତୁ। ଅଳ୍ପ ଭାଜିବା ପରେ ସେଥିରେ ଅଦା ପେଷ୍ଟ ଏବଂ ଲାଲ୍ ଲଙ୍କା ଗୁଣ୍ଡ ପକାଇ ଭଲ ଭାବେ ଭାଜନ୍ତୁ। ମସଲା ଭାଜି ହୋଇ ସେଥିରୁ ତେଲ ଅଲଗା ହେବା ମାତ୍ରେ କ୍ରିମ୍ ପକାଇ ୨–୩ ମିନିଟ୍ ଭାଜନ୍ତୁ। ଭଲ ଭାବେ କଷି ହୋଇଯିବା ପରେ ସେଥିରେ ଅଧା କପ୍ ପାଣି, ଲୁଣ, ଧନିଆ ପତ୍ର ପକାଇ ଗୋଳାଇ ଦିଅନ୍ତୁ। ତରକାରି ଫୁଟିବା ଭିତରେ ପନିରକୁ ୧–୨ ଇଞ୍ଚ ଆକାରରେ ଛୋଟ ଛୋଟ କାଟି ଦିଅନ୍ତୁ। ତରକାରି ଫୁଟିଲେ ସେଥିରେ ପନୀର ପକାଇ ଘୋଡାଇ ଦିଅନ୍ତୁ ଏବଂ ଆଉ ୨–୩ ମିନିଟ୍ ଫୁଟାଇବା ପରେ ଚୁଲା ବନ୍ଦ କରିଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆଚାରୀ ପନିର, ଏହାକୁ ଗରମା ଗରମ ଖାଇବାର ମଜା ନିଅନ୍ତୁ।

# ଘର ଭଡ଼ା ନେଉଥିଲେ...



**ଜବ୍, ବ୍ୟବସାୟ ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ଅଧିକାଂଶ ପରିବାର ଭଡ଼ାଘର ନେଇ ରହିଥାନ୍ତି। ସେଠାରେ ଆବଶ୍ୟକତା ଅନୁସାରେ ସମସ୍ତ ସାମଗ୍ରୀ ମଧ୍ୟ ରଖିଥାନ୍ତି। ହେଲେ ବେଳେବେଳେ ବିଭିନ୍ନ କାରଣରୁ ଘର ପରିବର୍ତ୍ତନ କରିବାକୁ ପଡୁଥିବାରୁ କେତେକ ସାମଗ୍ରୀ ଭାଙ୍ଗିଯିବା କିମ୍ବା ନଷ୍ଟ ହେବାର ଆଶଙ୍କାଥାଏ। ତେଣୁ ଭଡ଼ାଘରେ କେଉଁସବୁ ଜିନିଷ ନ ରଖିବା ଭଲ ଜାଣି ରଖନ୍ତୁ...**

**ଇଲେକ୍ଟ୍ରୋନିକ୍ସ ସାମଗ୍ରୀ:** ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାରର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବିନା ଚଳିବା ଯେମିତି ଏକ ପ୍ରକାରର ଅସମ୍ଭବ ହୋଇଗଲାଣି। ହେଲେ ଭଡାଘରେ ରହୁଥିଲେ, ପରେ ସିଫ୍ଟ ବେଳେ ଯେପରି ନଷ୍ଟ ନ ହୁଏ ସେଥିପାଇଁ ଟିଭି, ଫ୍ରିଜ୍, ଫ୍ୟାନ୍, କମ୍ପ୍ୟୁଟର ଭଳି ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀକୁ ଛାଡି ଏସି, ମାଇକ୍ରୋୱେଭ୍, ଗିଜର ଆଦି ସାମଗ୍ରୀ କମ୍ ରଖିବାକୁ ଚେଷ୍ଟା କରନ୍ତୁ।

**ଗାଡ଼ି:** ଭଡ଼ାଘରେ ରହୁଥିଲେ ସଉକ ପାଇଁ ଏକାଧିକ ଗାଡ଼ି ବିଶେଷକରି ଚାରି ଚକିଆ ଯାନ ନ କିଣିବା ଭଲ। କାରଣ ଅନେକ ଭଡାଘରେ ପାର୍କିଂ ପାଇଁ ପର୍ଯ୍ୟାପ୍ତ ଜାଗା ନ ଥାଏ। ତେଣୁ ଗାଡି ରଖିବା ନିହାତି ଆବଶ୍ୟକ ଥିଲେ ପ୍ରଥମେ ପାର୍କିଂ ବ୍ୟବସ୍ଥା ଦେଖିବା ପରେ ଭଡ଼ା ନିଅନ୍ତୁ। ନଚେତ୍ ଆପଣଙ୍କୁ ରାସ୍ତା କଡରେ ଗାଡି ରଖିବାକୁ ପଡିପାରେ, ଯାହାକି ଉଭୟ ଅବୈଧ ଏବଂ ବିପଦପୂର୍ଣ୍ଣ।

**ଗୃହସଜ୍ଜା ଉପକରଣ:** ଘର ସଜାଇବାକୁ ସମସ୍ତେ ଭଲ ପାଆନ୍ତି, ତାହା ନିଜ ଘର ହେଉ ଅବା ଭଡାଘର। ହେଲେ ଭଡାଘର ମଝିରେ ମଝିରେ ବଦଳାଇବାକୁ ହେଉଥିବାରୁ ସିଫ୍ଟ ସମୟରେ ଯେପରି ଭାଙ୍ଗି ନ ଯାଏ ସେଥିପାଇଁ ଅଧିକ ଦାମୀ କାଚ ଶୋ ପିସ୍, ଝୁମର, ଅନ୍ୟାନ୍ୟ ଡେକୋରେଟିଭ୍ ଲାଇଟ୍ ଆଦି ସାମଗ୍ରୀ ନ ରଖିବା ଭଲ। ସେହିପରି ଅଧିକ ଦାମୀ ଗ୍ଲାସ୍ କିମ୍ବା ସେରାମିକ୍ ଫ୍ଲାୱାର ପଟ୍ ବଦଳରେ ନ ଭାଙ୍ଗିବା ଲାଗି ମେଟାଲିକ୍ ପଟ୍ ରଖନ୍ତୁ। ଯଦି ସେସବୁ ନିହାତି ପସନ୍ଦ ତେବେ ତା' ବଦଳରେ ଆପଣ ଚାହିଁଲେ ମାଟିର ଡେକୋରେଟିଭ୍ ଜିନିଷ କିମ୍ବା ପଟ୍ ରଖିପାରିବେ, ଯାହାକି ଭାଙ୍ଗିଗଲେ ଅଧିକ ଟଙ୍କା ନଷ୍ଟ ହେବାର ଦୁଃଖ ରହିବନାହିଁ।

**ପୋଷା ଜୀବଜନ୍ତୁ:** ଘରେ ପୋଷା ଜୀବଜନ୍ତୁ ରଖିବାର ସଉକ ଅନେକଙ୍କ ରହିଛି। ହେଲେ ଯଦି ଆପଣ ଭଡାଘରେ ରହୁଛନ୍ତି ତେବେ ପୋଷା ଜୀବଜନ୍ତୁ ନ ରଖିବା ଭଲ। କାରଣ ଅନେକ ଘର ମାଲିକ କୁକୁର, ବିଲେଇ ଆଦି ନିଜ ଘରେ ରଖିବାକୁ ପସନ୍ଦ କରନ୍ତି ନାହିଁ।

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 71.60 (68) | 37,123.31 (↓261.68) | 10,996.10 (↓79.80) | 38,860.00 (↑₹460) | 47,957.00 (↑₹1096) |





ବିଶ୍ୱ ବ୍ୟାଙ୍କର ସହଯୋଗୀ ଆଇଏଫ୍‌ସିଠାରୁ ୩୪୫ କୋଟି ଟଙ୍କାର ଋଣ ସହାୟତା ମିଳିଛି। ରାଜସ୍ଥାନର ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଶସ୍ତା ଘର ନିର୍ମାଣରେ ଏହା ବିନିଯୋଗ କରାଯିବ।
–ସୁଶୀଲ କୁମାର ଅଗ୍ରୱାଲ, ଆଭାସ ଫାଇନାନ୍ସିୟର୍ସ ଏମ୍‌ଡି ତଥା ସିଇଓ



ୱାନ୯୭କମ୍ୟୁନିକେଶନ୍ସକୁ ଶେୟାର ବିକ୍ରିରୁ ୪୦ କୋଟି ଟଙ୍କା ଯୋଗାଡ ହୋଇଛି। ଏହି ଅର୍ଥକୁ ଅତ୍ୟାଧୁନିକ ଟେକ୍ନୋଲୋଜି, ନୂଆ ପ୍ରଡକ୍ଟ ଓ କର୍ମଚାରୀ ବୃଦ୍ଧି ଲାଗି ଖର୍ଚ୍ଚ କରିବା।
–ପ୍ରବୀଣ ଯାଦବ, ପେଟିଏମ୍ ମନି ଏମ୍‌ଡି

## ସଂକ୍ଷେପରେ

### ପାଇକାରୀ ମୁଦ୍ରାସ୍ଫୀତି ହାର ୧.୦୮%ରେ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୧୬-୯: ଅଗଷ୍ଟରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ପ୍ରାୟ ୨୫ ମାସର ସର୍ବନିମ୍ନ ସ୍ତର ୧.୦୮%ରେ



ଅପରିବର୍ତ୍ତିତ ରହିଛି। ଜୁଲାଇ ମୁକାବିଲାରେ ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। ବର୍ଷକ ପୂର୍ବେ ସମାନ ଅବଧିରେ ଅର୍ଥାତ୍ ୨୦୧୮ ଅଗଷ୍ଟରେ ପାଇକାରୀ ମୁଦ୍ରାସ୍ଫୀତି ହାର ୪.୬୨% ରହିଥିଲା। ସରକାରଙ୍କ ପକ୍ଷରୁ ପୂର୍ବରୁ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ ଖୁଚୁରା ମୁଦ୍ରାସ୍ଫୀତି ସାମାନ୍ୟ ବୃଦ୍ଧି ପାଇ ୩.୨୧% ହୋଇଛି। ସୋମବାର ଜାରି ପାଇକାରୀ ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ ଖାଦ୍ୟପଦାର୍ଥ ସୂଚକାଙ୍କ ୧.୪% ବୃଦ୍ଧି ପାଇଛି। ମସଲା, କେତେକ ଡାଲି ଜାତୀୟ ଖାଦ୍ୟସାମଗ୍ରୀ ମୂଲ୍ୟ ୪% ବଢ଼ିଥିବା ବେଳେ ଫଳ ଓ ପନିପରିବା ଏବଂ ପର୍କ ମାଂସ ଦର ୩%, ମାଛ,ଗହମ,ମକା, ବିଫ୍ ଆଦି ମୂଲ୍ୟ ୨%,କ୍ଷୀର, ରାଜମା, ଧାନ, ମଟନ ଦରରେ ୧% ବୃଦ୍ଧି ଦେଖିବାକୁ ମିଳିଛି। ତେବେ ଅଣ୍ଡା ମୂଲ୍ୟ ୭%, ଚା'ପତ୍ର ମୂଲ୍ୟ ୨% ଏବଂ ଚିକେନ ମୂଲ୍ୟ ୧% ହ୍ରାସ ପାଇଛି। ଜୁଲାଇରେ ପାଇକାରୀ ମୁଦ୍ରାସ୍ଫୀତି ୧.୦୮% ରହିଥିଲା।

### କଗ୍ନିଜାଣ୍ଟର ପୂର୍ବତନ ସିଓଓଙ୍କ ବିରୋଧରେ ୩୫ ଲକ୍ଷର ଜରିମାନା

ନୂଆଦିଲ୍ଲୀ,୧୬-୯: ଆମେରିକାର ପୁଞ୍ଜି ବଜାର ନିୟାମକ ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ କମିଶନ(ଏସ୍‌ଇସି) କଗ୍ନିଜାଣ୍ଟର ପୂର୍ବତନ ମୁଖ୍ୟ ପରିଚାଳନା ଅଧିକାରୀ(ସିଓଓ) ଶ୍ରୀଧର ତିରୁମ୍ଭେଗଦମଙ୍କୁ ଜଣେ ଭାରତୀୟଙ୍କୁ ଲାଞ୍ଚ ଦେବା ଅଭିଯୋଗରେ ୫୦ ହଜାର ଡଲାର( ପ୍ରାୟ ୩୫ ଲକ୍ଷ ଟଙ୍କା) ଜରିମାନା କରିଛି। ଅଭିଯୋଗ ଅନୁଯାୟୀ ତିରୁମ୍ଭେଗଦମ କଗ୍ନିଜାଣ୍ଟ ସଲ୍ୟୁସନ୍ସ କର୍ପୋରେଶନର ଅନ୍ୟ ୩ ଜଣ ଅଧିକାରୀଙ୍କ ସହ ମିଶି କମ୍ପାନୀ ପକ୍ଷରୁ ଭାରତର ଜଣେ ଅଧିକାରୀଙ୍କୁ ୨୦ ଲକ୍ଷ ଡଲାର ଲାଞ୍ଚ ଦେବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଚେନ୍ନାଇରେ ବାଣିଜ୍ୟିକ ଅଫିସ୍ ଖୋଲିବା ଲାଗି ଅନୁମତି ଦେବାକୁ ଏହି ଲାଞ୍ଚ ଦିଆଯାଇଥା'ନ୍ତା। ନିର୍ଦ୍ଦେଶର ୧୦ ଦିନ ଭିତରେ ସିଓଓଙ୍କୁ ଜରିମାନା ଅର୍ଥ ଦାଖଲ କରିବାକୁ ହେବ।

### ଅଶ୍ୱଥ ନାରାୟଣଙ୍କୁ ସମ୍ବର୍ଦ୍ଧିତ କଲା ୟୁନିୟନ ବ୍ୟାଙ୍କ

ଭୁବନେଶ୍ୱର, ୧୬-୯: ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅଶ୍ୱଥ ନାରାୟଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସିଭି ରମଣ ଇଞ୍ଜିନିୟରିଂ କଲେଜର ଶିକ୍ଷକ ଛାତ୍ରାଛାତ୍ରୀଙ୍କ ଗହଣରେ ଅଶ୍ୱଥଙ୍କୁ ଅଭିନନ୍ଦନ ପତ୍ର, ପୁଲତୋଡା ୧୦,୦୦୦ ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ପ୍ରଦାନ କରାଯାଇଛି। ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ସହାୟକ ମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ପତି, ସିଭିରମଣ କଲେଜର ପ୍ରିନ୍ସିପାଲ ଭବେଶ ଭଟ୍ଟାଚାର୍ଯ୍ୟ ଏସ୍‌ଏସ୍‌ଇପିଏଲ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପ ଭାଦୁଭାଇଙ୍କ ଉପସ୍ଥିତିରେ ଅଶ୍ୱଥଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### କେଟିଏମ୍‌ର ଷ୍ଟଣ୍ଟ ଶୋ

ଭୁବନେଶ୍ୱର, ୧୬-୯: କେଟିଏମ୍ ପକ୍ଷରୁ ପୁରୀ ଏବଂ ଭବାନୀ ପାଟଣାରେ ଆକର୍ଷଣୀୟ କେଟିଏମ୍ ଷ୍ଟଣ୍ଟ ଶୋ' ଆୟୋଜନ କରାଯାଇଛି। ପେସାଦାର ଷ୍ଟଣ୍ଟ ପ୍ରଦର୍ଶନକାରୀ ଏଠାରେ ଷ୍ଟଣ୍ଟ ପ୍ରଦର୍ଶନ କରିଥିଲେ। ପୁରୀର ସର୍ବୋଦୟ ନଗରସ୍ଥିତ ସୁଷମା ଗାର୍ଡେନ ଏବଂ ଭବାନୀ ପାଟଣାର ଏଲ୍‌ବିଏସ୍ ଗ୍ରାଉଣ୍ଡ ଟେନିସ କୋର୍ଟରେ ଏହା ଆୟୋଜନ କରାଯାଇଛି। କେଟିଏମ୍ ଡ୍ୟୁକ ବାଇକରେ ପ୍ରଦର୍ଶନକାରୀ ଷ୍ଟଣ୍ଟ ଦେଖାଇଥିଲେ। ଗ୍ରାହକଙ୍କୁ କେଟିଏମ୍ ବାଇକର ରୋମାଞ୍ଚ ପ୍ରଦାନ କରିବା ଲାଗି ଏଭଳି ଶୋ'ଆୟୋଜନ କରାଯାଇଥିବା ବଜାଜ ଅଟୋର ପ୍ରୋ ବାଇକିଂ ଉପସଭାପତି ସୁମିତ ନାରଙ୍ଗ ସୂଚନା ଦେଇଛନ୍ତି। ରାଜ୍ୟର କଟକ, ବ୍ରହ୍ମପୁର, ଭଦ୍ରକ ଏବଂ ବାଲେଶ୍ୱର ଭଳି ସ୍ଥାନରେ ଏହାକୁ ଆୟୋଜନ କରାଯାଇଛି। କମ୍ପାନୀ ସାରା ଦେଶରେ ଏଭଳି ଶୋ' ଆୟୋଜନ ଧାରା ଜାରି ରଖିଛି। ଏହି ବାଇକକୁ ପୁରୀର କୁମ୍ଭାରପଡା ସ୍ଥିତ କେଟିଏମ୍ ପୁରୀ ଏବଂ ଭବାନୀପାଟଣାର କେସିଙ୍ଗା ରୋଡ ସ୍ଥିତ ଶୋ'ରୁମରୁ ଗ୍ରାହକ ପାଇପାରିବେ।

## ଅଶୋଧିତ ତୈଳ ଦର ୨୮ବର୍ଷ ପରେ ଗୋଟିଏ ଦିନରେ ସର୍ବବୃହତ୍ ବୃଦ୍ଧି

# ୭ ଟଙ୍କା ପର୍ଯ୍ୟନ୍ତ ବଢ଼ିବ ପେଟ୍ରୋଲ, ଡିଜେଲ

ରିଆଧ/ନୂଆଦିଲ୍ଲୀ,୧୬-୯

ବିଶ୍ୱର ସର୍ବବୃହତ୍ ତୈଳ ଉତ୍ପାଦକ କମ୍ପାନୀ ସୌଦି ଆରାମ୍‌କୋରେ ଡ୍ରୋନ ଆକ୍ରମଣ ଯୋଗୁ ଅନ୍ତର୍ଜାତୀୟ ତୈଳ ବଜାରରେ ଅଶୋଧିତ ତେଲ ଦରରେ ନିଆଁ ଲାଗିଛି। ସୋମବାର ବ୍ରେଣ୍ଟ କ୍ରୁଡ୍ ଦର ୨୦% ବୃଦ୍ଧିପାଇଛି, ଯାହା କି ୨୮ ବର୍ଷପରେ ଗୋଟିଏ ଦିନରେ ଅର୍ଥାତ୍ ୧୯୯୧ ଜାନୁୟାରୀ ୧୪ରେ ଏହା ସର୍ବବୃହତ୍ ବୃଦ୍ଧି ପରିଲକ୍ଷିତ ହୋଇଛି। ତେବେ ଦିନର କାରବାର ଶେଷ ବେଳକୁ ଏହା ୧୦% ଅର୍ଥାତ୍ ୬ ଡଲାର ବୃଦ୍ଧି ପାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବା ଯୋଗୁ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ପ୍ରଭାବିତ ହେବ ବୋଲି କୁହାଯାଉଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଆସନ୍ତା ୧୫ ଦିନ ମଧ୍ୟରେ ଦେଶରେ ତେଲ ଦର ପ୍ରାୟ ୫ରୁ ୭ ଟଙ୍କା ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

ଶନିବାର ହୁତି ବିଦ୍ରୋହୀ ସଂଗଠନ ପକ୍ଷରୁ ଆରାମ୍‌କୋର ଅବକ୍ୟାକ୍ ଓ ଖୁରାଇସସ୍ଥିତ ଦୁଇଟି ତୈଳ କୂଅ ଉପରେ ଡ୍ରୋନ ଆକ୍ରମଣ କରାଯାଇଥିଲା। ଏହାପରେ ଆରାମ୍‌କୋର ତୈଳ ଉତ୍ପାଦନ ଦୈନିକ ପ୍ରାୟ ୧୦୦ ମିଲିୟନ ବ୍ୟାରେଲର ଅଧା ହୋଇଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ୨/୩ ଦିନ ଭିତରେ ଉତ୍ପାଦନ ହ୍ରାସ କରି କୂଅର ମରାମତି କରାଯିବ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସୋମବାର ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ୧୯.୫% ବୃଦ୍ଧି ପାଇ ବ୍ୟାରେଲ ପିଛା ୭୧.୯୫ ଡଲାରରେ ପହଞ୍ଚିଯାଇଥିଲା। ଅନ୍ତର୍ଜାତୀୟ



ବଜାରରେ ଅଶୋଧିତ ତେଲ ଦର ବୃଦ୍ଧି ପାଇବା ଅର୍ଥ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ଯଥେଷ୍ଟ ବଢ଼ିବ। କାରଣ ଭାରତ ଏହାର ଚାହିଦାର ପ୍ରାୟ ୮୩ ପ୍ରତିଶତ ତୈଳ ବିଦେଶରୁ ଆମଦାନୀ କରିଥାଏ। ତେବେ ହୁତି ବିଦ୍ରୋହୀଙ୍କ ଡ୍ରୋନ ଆକ୍ରମଣ ପଛରେ ଇରାନର ହାତ ରହିଥିବା ଆମେରିକା ଅଭିଯୋଗ କରିଛି। ଇରାନ ବିରୋଧରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ନେବାକୁ ଚିନ୍ତା କରୁଛି। ଅନ୍ୟପକ୍ଷରେ ଆକ୍ରମଣ ହେଲେ ଇରାନ ମଧ୍ୟ ଆମେରିକା ବିରୋଧରେ ବଡ଼ ଧରଣର ଯୁଦ୍ଧ ପାଇଁ ପ୍ରସ୍ତୁତ ଥିବା କହିଛି। ଆଗାମୀ ଦିନରେ ଗଲ୍ଫ ଅଞ୍ଚଳରେ ଯୁଦ୍ଧ ଲାଗିଲେ ତେଲ ଦର ଆହୁରି ବଢ଼ିଯିବ ଏଥିରେ ସନ୍ଦେହ ନାହିଁ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ (ଏଚ୍‌ପିସିଏଲ୍) ପକ୍ଷରୁ କୁହାଯାଇଛି ଯେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବା ଯୋଗୁ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇବ। କ୍ରୁଡ୍ ଦର ୧୦% ବଢ଼ିଲେ ପେଟ୍ରୋଲ ଓ ଡିଜେଲ ଦର ପ୍ରଭାବିତ ହେବ ବୋଲି ଅଧକ୍ଷ ଏମ୍.କେ.ସୁରନା କହିଛନ୍ତି।

### ୨୦ ଡଲାର ପର୍ଯ୍ୟନ୍ତ ବଢ଼ିପାରେ ଅଶୋଧିତ ତେଲ ଦର

ବିଶେଷଜ୍ଞଙ୍କ ମତକୁ ଉଦ୍ଧାର କରି ରଏଟର୍ସ ଲେଖିଛି ଯେ, ଆସନ୍ତା ୩୦ ତାରିଖ ସୁଦ୍ଧା ସୌଦି ଆରାମ୍‌କୋର ସ୍ଥିତି ନ ସୁଧୁରିଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ୧୦୦ ଡଲାର ପ୍ରତି ବ୍ୟାରେଲ ଛୁଇଁପାରେ। ଆସନ୍ତା ୭ ଦିନ ଭିତରେ ସ୍ଥିତିରେ ପରିବର୍ତ୍ତନ ନ ଆସିଲେ ତେଲ ଦର ୧୫ରୁ ୨୦ ଡଲାର ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଚଳନ୍ତି ଖାତା ନିଅଣ୍ଟ ବଢ଼ିବ


ସିଙ୍ଗାପୁରସ୍ଥିତ ଡିବିଏସ୍ ବ୍ୟାଙ୍କିଙ୍ଗ୍ ଗ୍ରୁପ୍ ପକ୍ଷରୁ କୁହାଯାଇଛି ଯେ, ଅଶୋଧିତ ତୈଳ ଦର ୧୦% ବଢ଼ିଲେ ଭାରତର ଚଳନ୍ତି ଖାତା ନିଅଣ୍ଟ ପରିମାଣ ଜିଡିପିର ୦.୪ରୁ୦.୫% ବଢ଼ିବ। ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ଗୋଟିଏ ଡଲାର ବଢ଼ିଲେ ଭାରତର ତୈଳ ଆମଦାନୀ ବିଲ୍‌ରେ ୨ ବିଲିୟନ ଡଲାର ଯୋଡି ହେବ।

### ତେଲ ଉପଲବ୍ଧତା ପ୍ରଭାବିତ ହେବନି: ଧର୍ମେନ୍ଦ୍ର



ସୌଦି ଆରାମ୍‌କୋରେ ଡ୍ରୋନ୍ ଆକ୍ରମଣ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହଠାତ୍ ବୃଦ୍ଧି ପାଇଛି। ତେଲ ଉତ୍ପାଦନରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କାରେ ଦରବୃଦ୍ଧି ଘଟିଛି। ତେବେ ଭାରତ ପାଇଁ କିଛି ଅସୁବିଧା ହେବ ନାହିଁ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶବାସୀଙ୍କୁ ଆଶ୍ୱସ୍ତ କରିବାକୁ ଚାହିଁଛନ୍ତି। ସେ କହିଛନ୍ତି ଯେ, ସରକାର ତୈଳ ମାର୍କେଟିଂ କମ୍ପାନୀଙ୍କ ସହ ମିଶି ସେପ୍ଟେମ୍ବର ପାଇଁ ତେଲ ଯୋଗାଣର ସମୀକ୍ଷା କରିଛନ୍ତି। ଦେଶକୁ ତେଲ ଯୋଗାଣରେ କିଛି ଅସୁବିଧା ହେବ ନାହିଁ ବୋଲି ସରକାର ଆଶ୍ୱସ୍ତ ଅଛନ୍ତି। ଦରକାର ପଡିଲେ ଦେଶର ରଣନୈତିକ ଭଣ୍ଡାରରୁ ତେଲ ବ୍ୟବହାର କରାଯିବ ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର ଜଣାଇଛନ୍ତି ଯେ, ଡ୍ରୋନ୍ ଆକ୍ରମଣ ପରେ ସୌଦି ଆରାମ୍‌କୋର ଅଧିକାରୀମାନେ ଦେଶର ତୈଳ କମ୍ପାନୀଙ୍କୁ ଜଣାଇଛନ୍ତି ଯେ, ତାଙ୍କ ଦ୍ୱାରା ତୈଳ ଯୋଗାଣ ବ୍ୟାହତ ହେବ ନାହିଁ। ଏ ସମ୍ପର୍କରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ମଧ୍ୟ ଜାରି କରାଯାଇଛି। ମନ୍ତ୍ରଣାଳୟ, ତୈଳ କମ୍ପାନୀଗୁଡ଼ିକ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ଅପେକ୍ଷା କରିବାକୁ ହେବ: ଶକ୍ତିକାନ୍ତ



ସୌଦି ଆରାମ୍‌କୋରେ ଡ୍ରୋନ ଆକ୍ରମଣ ଯୋଗୁ ଭାରତୀୟ ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡିବ। କାରଣ ଭାରତର ଚଳନ୍ତି ଖାତା ନିଅଣ୍ଟ ପରିମାଣ ଏବଂ ବିତ୍ତୀୟ ନିଅଣ୍ଟ ପରିମାଣ ବଢ଼ିବ। ଆରାମ୍‌କୋ ଘଟଣା ପରେ ତୈଳ ଓ ମୁଦ୍ରା ଦର ପ୍ରଭାବିତ ହେବ। ଆସନ୍ତା କିଛି ଦିନ ଭିତରେ ଏ ଦିଗରେ ସ୍ପଷ୍ଟତା ଆସିବ। ତେବେ ଆମକୁ ବର୍ତ୍ତମାନ 'ଅପେକ୍ଷା କରିବାକୁ ହେବ' ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ କହିଛନ୍ତି।

## ଟିଭିଏସ୍ ରାଡିଅନ୍‌ର ସ୍ୱତନ୍ତ୍ର ଏଡିଶନ




ଭୁବନେଶ୍ୱର, ୧୬-୯

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଏହାର ଲୋକପ୍ରିୟ ମଡେଲ ରାଡିଅନର ସ୍ୱତନ୍ତ୍ର ଏଡିଶନ ବଜାରକୁ ଆସିଛି। ସେଲିବ୍ରିଟାରୀ ଏଡିଶନ ଶୁଭାରମ୍ଭ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା କ୍ରୋମ ବ୍ଲାକ ଏବଂ କ୍ରୋମ ବ୍ରାଉନ ରଙ୍ଗରେ ଉପଲବ୍ଧ। ମଡେଲଟିରେ ସାମ୍ନା ଡିସ୍କ ବ୍ରେକ, ନୂଆ ପ୍ୟାଡ ଡିଜାଇନ, ନୂଆ ପେଟ୍ରୋଲ ଟାଙ୍କି କୁଶନ ସହ ମେଟାଲିକ ଲେବଲ, କ୍ରୋମ ରିୟର ଭିୟୁ ମିଟର, କ୍ରୋମ କାର୍ବୋରେଟର କଭର, ପ୍ରିମିୟମ ଗ୍ରାଫିକ୍ସ ଏବଂ ଷ୍ଟାଇଲ ଗ୍ରାହକମାନେ ଲାଭ କରି ପାରିବେ। ନୂତନ ପିଢ଼ିର ଗ୍ରାହକଙ୍କୁ ନଜରରେ ରଖି ଯାନଟିକୁ ପ୍ରସ୍ତୁତ କରାଯାଇଛି। ୨ ଲକ୍ଷରୁ ଉର୍ଦ୍ଧ୍ୱ ସନ୍ତୁଷ୍ଟ ଗ୍ରାହକ ଯାନଟିକୁ ପସନ୍ଦ କରିଛନ୍ତି। ଲୋକଙ୍କଠାରୁ ଭଲ ପାଇବା ପାଇଥିବାରୁ ସ୍ୱତନ୍ତ୍ର ମଡେଲଟି ପ୍ରସ୍ତୁତ କରାଯାଇଥିବା କମ୍ପାନୀର ଉପସଭାପତି ଅନିରୁଦ୍ଧ ହାଲଦାର କହିଛନ୍ତି। ଏଥିରେ ଆରାମ ଏବଂ ପ୍ରିମିୟମର ସ୍ୱତନ୍ତ୍ରତା ରହିଥିବା ହଲଦାର ପ୍ରକାଶ କରିଛନ୍ତି।

## 'କ୍ଷୁଦ୍ର ରପ୍ତାନିକାରୀଙ୍କ ଲାଗି ବୀମା ପ୍ରିମିୟମ କମିବ'

ନୂଆଦିଲ୍ଲୀ,୧୬-୯

ବାଣିଜ୍ୟ ମନ୍ତ୍ରଣାଳୟ କ୍ଷୁଦ୍ର ରପ୍ତାନିକାରୀଙ୍କ ଲାଗି ବୀମା ପ୍ରିମିୟମ ହାର କମ୍ କରିବା ପାଇଁ କ୍ୟାବିନେଟରେ ଏକ ପ୍ରସ୍ତାବ ଆଣିବ। ଯେଉଁ ରପ୍ତାନିକାରୀଙ୍କ ବକେୟା ସୀମା ୮୦ କୋଟି ଟଙ୍କାରୁ କମ୍ ହୋଇଥିବ ସେମାନଙ୍କ ଲାଗି ବୀମା ପ୍ରିମିୟମ ହାରକୁ ୦.୬୦ ପ୍ରତିଶତକୁ ହ୍ରାସ କରାଯିବ। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ସୋମବାର କହିଛନ୍ତି ଯେ, ବର୍ତ୍ତମାନ ବୀମା ପ୍ରିମିୟମ ୦.୭୨% ରହିଛି। ଏହାବ୍ୟତୀତ ୮୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସୀମାର ରପ୍ତାନିକାରୀଙ୍କ ସହାୟତା ଲାଗି ପ୍ରିମିୟମକୁ ସୁବ୍ୟବସ୍ଥିତ କରାଯିବ। ଏଭଳି ଭାବେ ରପ୍ତାନିକାରୀଙ୍କୁ ବିଭିନ୍ନ ଶ୍ରେଣୀରେ ବଣ୍ଟାଯିବ ବୋଲି ସେ କହିଛନ୍ତି। ଏଥିରେ ଅଣ ସ୍ୱର୍ଣ୍ଣ, ଗହଣା ଏବଂ ହୀରା ସମେତ ଅନ୍ୟ ରପ୍ତାନିକାରୀ ସାମିଲ ହେବେ। ସେ କହିଛନ୍ତି ଯେ, ଭାରତୀୟ ରପ୍ତାନି ଋଣ ଗ୍ୟାରେଣ୍ଟି ନିଗମ ପକ୍ଷରୁ ନୂଆ ସ୍କିମ୍ ନିର୍ବିକ(ରପ୍ତାନି ଋଣ ବିକାଶ ଯୋଜନା) ଆରମ୍ଭ କରାଯାଇଛି। ଏହା ରପ୍ତାନିକାରୀଙ୍କୁ ଋଣ ପ୍ରଦାନରେ ବ୍ୟାଙ୍କଗୁଡ଼ିକୁ ସହାୟତା କରିବ। ବାଣିଜ୍ୟ ମନ୍ତ୍ରୀ କହିଛନ୍ତି ଯେ, ଏହି ସୁରକ୍ଷା କବଚ ପରିସରକୁ ଅଧିକ ବୃଦ୍ଧି କରାଯାଇଛି। ଏଥିରେ ବକେୟା ସମେତ ମୂଳଧନକୁ ମଧ୍ୟ ଯୋଡା ଯାଇଛି।

## ବ୍ୟାଙ୍କ ମିଶ୍ରଣକୁ କର୍ପୋରେଶନ ବ୍ୟାଙ୍କର ବିରୋଧ

ଭୁବନେଶ୍ୱର, ୧୬-୯(ବ୍ୟୁରୋ)

କର୍ପୋରେଶନ ବ୍ୟାଙ୍କକୁ ୟୁନିୟନ ବ୍ୟାଙ୍କ ସହ ମିଶ୍ରଣ ପ୍ରକ୍ରିୟାକୁ ବ୍ୟାଙ୍କ ପକ୍ଷରୁ ବିରୋଧ କରାଯାଇଛି। ନିକଟରେ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମିଶ୍ରଣ ସମ୍ପର୍କରେ ଘୋଷଣା କରିଥିଲେ। ସ୍ଥାନୀୟ ଶହୀଦ ନଗରସ୍ଥିତ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଏହି ନିଷ୍ପତ୍ତିକୁ ବିରୋଧ କରିବା ସହ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିରେ ବ୍ୟାଙ୍କର ସମସ୍ତ ଅଧିକାରୀ, କର୍ମଚାରୀ



ଏବଂ ଅବସରପ୍ରାପ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ। ସରକାର ତାଙ୍କର ନିଷ୍ପତ୍ତିକୁ ପୁନଃବିଚାର କରନ୍ତୁ ବୋଲି ସଂଘର ରାଜ୍ୟ ଆବାହକ ଗଣେଷ ପ୍ରଶାଦ ନାଥ କହିଛନ୍ତି। ବ୍ୟାଙ୍କକୁ ତାର ପୂର୍ବ ମାନ୍ୟତାରେ ରଖାଯାଉବୋଲି ସେ ଦାବି କରିଛନ୍ତି। ସରକାର ଏ ଦିଗରେ କୌଣସି ଠୋସ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ ସୂଚନା ଦେଇଛନ୍ତି।

## ନିଲାମୀରେ ବିକ୍ରି ହୋଇପାରିନି ସ୍ପେକ୍ଟ୍ରମ ସରକାରଙ୍କ ୫.୪ଲକ୍ଷ କୋଟି ଟଙ୍କା କ୍ଷତି

ନୂଆଦିଲ୍ଲୀ,୧୬-୯

ଗତ ନିଲାମୀରେ କିଛି ସ୍ପେକ୍ଟ୍ରମ ବିକ୍ରି ହୋଇପାରି ନ ଥିବାରୁ ସରକାରଙ୍କର ପ୍ରାୟ ୫.୪ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି ବୋଲି ଉଦ୍ୟୋଗ ସଂଗଠନ ବ୍ରଡ୍‌ବ୍ୟାଣ୍ଡ ଇଣ୍ଡିଆ ଫୋରମ୍ (ବିଆଇଏଫ୍) ପକ୍ଷରୁ ଦାବି କରାଯାଇଛି। ସରକାର ୫ଜି ସ୍ପେକ୍ଟ୍ରମ ନିଲାମ କଲା ବେଳେ ଏହାର ଉପଲବ୍ଧତା ଏବଂ ଉଚିତ୍ ଦର ନିର୍ଦ୍ଧାରଣ କରିବା ଆବଶ୍ୟକ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ବିଆଇଏଫ୍ ପକ୍ଷରୁ କୁହାଯାଇଛି ଯେ, ୫ଜି ସ୍ପେକ୍ଟ୍ରମର ସଂରକ୍ଷିତ ମୂଲ୍ୟ ବହୁତ। ଅନ୍ୟ ଦେଶ ତୁଳନାରେ ଏହା ୪ ଗୁଣା ଅଧିକ। ଏଥିରେ ତତ୍କାଳ ସଂଶୋଧନ କରାଯିବା ଜରୁରୀ। ବିଆଇଏଫ୍ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଭାରତରେ ସ୍ପେକ୍ଟ୍ରମ ନିଲାମୀର ସଫଳତା କେବଳ ଏହାର ମୂଲ୍ୟ ଉପରେ ନିର୍ଭରଶୀଳ। ଉଚିତ୍ ଦର ଥିଲେ ସର୍ବାଧିକ ବିକ୍ରି ହୋଇପାରିବ ଏବଂ ସର୍ବୋତ୍ତମ ପ୍ରତ୍ୟକ୍ଷ ଓ ପରୋକ୍ଷ ଲାଭ ହାସଲ ହୋଇପାରିବ।

## ଅନିଲ ଅମ୍ବାନୀଙ୍କ ଆଉ ଏକ କମ୍ପାନୀ ଦେବାଳିଆ

ନୂଆଦିଲ୍ଲୀ,୧୬-୯



ଶିଳ୍ପପତି ଅନିଲ ଅମ୍ବାନୀଙ୍କ ମାଲିକାନାରେ ଥିବା ଆଉ ଏକ କମ୍ପାନୀ ଦେବାଳିଆ ହୋଇଗଲାଣି। ଋଣରେ ବୁଡ଼ି ରହିଥିବା ଟେଲିକମ୍ କମ୍ପାନୀ ରିଲାଏନ୍ସ କମ୍ୟୁନିକେଶନ୍ସର ଏକ ସହଯୋଗୀ କମ୍ପାନୀ ଜିସିଏକ୍ସ ଲିମିଟେଡ ନିଜକୁ ଦେବାଳିଆ ଘୋଷଣା ଲାଗି ଆଇବିସି କୋର୍ଟରେ ଆବେଦନ କରିଛି ବୋଲି ମିଡିଆ ରିପୋର୍ଟ ପ୍ରକାଶ ପାଇଛି। ଉଲ୍ଲେଖଥାଉ କି, ସମୁଦ୍ର ତଳେ ବିଶ୍ୱର ସର୍ବବୃହତ ଘରୋଇ କେବଲ ସିଷ୍ଟମ ଜିସିଏକ୍ସ ନିକଟରେ ରହିଛି। ୩୫ କୋଟି ଡଲାର ୭% ବଣ୍ଡ ପେମେଣ୍ଟ ଦେବାରେ ବିଫଳ ହେବା ପରେ କମ୍ପାନୀ ଉକ୍ତ ପଦକ୍ଷେପ ଗ୍ରହଣ କରିଛି। ଏଥିପୂର୍ବରୁ ରିଲାଏନ୍ସ କମ୍ୟୁନିକେଶନ୍ସ ନିଜକୁ ଦେବାଳିଆ ଘୋଷଣା ପାଇଁ ଆଇବିସି କୋର୍ଟରେ ଆବେଦନ କରିସାରିଛି। ଋଣବୋଝକୁ କମାଇବା ଲକ୍ଷ୍ୟରେ ରିଲାଏନ୍ସ ଗ୍ରୁପ୍ ରୋଡ୍‌ରୁ ରେଡିଓ ଷ୍ଟେଶନ ପର୍ଯ୍ୟନ୍ତ ବିକ୍ରି କରି ୨୧,୭୦୦ କୋଟି ଟଙ୍କା ଯୋଗାଡ କରିବାକୁ ଲକ୍ଷ୍ୟ ରଖିଛି।

## ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୬-୯

ଓରିଏଣ୍ଟାଲ ଇନସ୍ୟୁରାନ୍ସ କମ୍ପାନୀ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୭୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱରର ଶହୀଦ ନଗରସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାହକ ଏବଂ କର୍ମଚାରୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେହିଭଳି କ୍ଷେତ୍ରୀୟ କାର୍ଯ୍ୟାଳୟ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓରିଏଣ୍ଟାଲ ଇନସ୍ୟୁରାନ୍ସ କମ୍ପାନୀର କ୍ଷେତ୍ରୀୟ ପ୍ରବନ୍ଧକ ଗଜେନ୍ଦ୍ର ନାଥ ସାମଲ, ସତ୍ୟ ନାରାୟଣ ନନ୍ଦ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସର୍କଲ ମୁଖ୍ୟ ଗଣପତ ଲାଲ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ମହାପ୍ରବନ୍ଧକ ବିନୟ ଗୁପ୍ତା ଏବଂ କ୍ଷେତ୍ରୀୟ ମୁଖ୍ୟ ତୌଫିକ ଆଲାମ ଯୋଗ ଦେଇ ଗ୍ରାହକ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ।

## 'ଆଶାଠାରୁ ଖରାପ ରହିଛି ଜିଡିପି'

ନୂଆଦିଲ୍ଲୀ,୧୬-୯

ଦେଶର ଅର୍ଥନୀତି ଖରାପ ସମୟ ଦେଇ ଗତିକରୁଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୫% ଜିଡିପି ଅଭିବୃଦ୍ଧି ହାର ତାଙ୍କୁ ଚକିତ କରିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର ସ୍ୱୀକାର କରିଛନ୍ତି।

ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ଶକ୍ତିକାନ୍ତ କହିଛନ୍ତି ଯେ, ଦେଶର ଅର୍ଥନୀତିକୁ ବଢ଼ାଇବା ଲାଗି ସରକାର କେତେକ ପଦକ୍ଷେପ ଘୋଷଣା କରିଛନ୍ତି। ଗତବର୍ଷ ଅପେକ୍ଷା ଅଧିକ ଏଫଡିଆଇ ଆସିଛି। ଖାଦ୍ୟ ମୁଦ୍ରାସ୍ଫୀତିକୁ ନେଇ ଚିନ୍ତା କରିବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସବୁ ଠିକ୍ ରହିଛି। ଧୀରେ

### ଆର୍‌ବିଆଇ ଗଭର୍ନରଙ୍କ ସ୍ୱୀକାରୋକ୍ତି




ଧୀରେ ସ୍ଥିତିରେ ଉନ୍ନତି ଆସିବ। ସରକାର ତୁରନ୍ତ ହସ୍ତକ୍ଷେପ କରୁଛନ୍ତି, ଏହା ଏକ ସକାରାତ୍ମକ ଦିଗ। ଢାଞ୍ଚାଗତ କ୍ଷେତ୍ରରେ ସଂସ୍କାର ପାଇଁ ଆର୍‌ବିଆଇ ନିଜର ରିପୋର୍ଟରେ କହିସାରିଛି। ଖର୍ଚ୍ଚ ବଢ଼ାଇବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟ୍ ହ୍ରାସ କରୁଛନ୍ତି। ଦେଶର ଜିଡିପି ପ୍ରଥମ ତ୍ରୈମାସରେ ୫.୮% ରହିବ ବୋଲି ଆର୍‌ବିଆଇ ଅନୁମାନ କରିଥିବା ବେଳେ ଏହା ୫% ରହିବା ନିଶ୍ଚିତ ଭାବେ ଖରାପ କୁହାଯାଇପାରେ ବୋଲି ଶକ୍ତିକାନ୍ତ କହିଛନ୍ତି। ତେବେ କେବେ ସୁଦ୍ଧା ଅର୍ଥନୀତି ଗତିଶୀଳ ହେବ ବର୍ତ୍ତମାନ କହିବା ଅସମ୍ଭବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଦ୍ୱିତୀୟ ତ୍ରୈମାସର ଫଳାଫଳକୁ ଅପେକ୍ଷା କରିବାକୁ ହେବ ବୋଲି ସେ କହିଛନ୍ତି।



❝ ସୌମ୍ୟ ସରକାର ଫର୍ମରେ ନ ଥିବାରୁ ତାଙ୍କ ସ୍ଥାନରେ ଦଳରେ କେତେଜଣ ନୂଆ ଖେଳାଳିଙ୍କୁ ପରୀକ୍ଷାମୂଳକ ଭାବେ ଖେଳାଯାଉଛି ।
–ମିନ୍ହାଜୁଲ ଆବେଦିନ୍, ବାଂଲାଦେଶ କ୍ରିକେଟର ମୁଖ୍ୟ ଚୟନକର୍ତ୍ତା



❝ ରାଫାଲ ନାଡାଲ ଅବା ନୋଭାକ ଜୋକୋଭିଚ୍ ଯଦି ଅବା ଅଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାରେ ସଫଳ ହୁଅନ୍ତି, ରୋଜର ଫେଡେରର କିନ୍ତୁ ମହାନ ଖେଳାଳି ହୋଇ ରହିବେ ।
–ରଡ୍ ଲାଭର, ପୂର୍ବତନ ଅଷ୍ଟ୍ରେଲୀୟ ଟେନିସ ଖେଳାଳି

## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକା କ୍ରିକେଟ୍‌ର ପାର୍ଟନର ହେଲା 'ଅମୁଲ'

**ନୂଆଦିଲ୍ଲୀ, ୧୬।୯ (ପି.ଟି.):** ଭାରତ ବିପକ୍ଷ ଚଳିତ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଭାରତର ପ୍ରମୁଖ ଡାଏରୀ କମ୍ପାନୀ 'ଅମୁଲ' କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ)ର ପାର୍ଟନର ହୋଇଛି। ଏନେଇ ସୋମବାର ଉଭୟ ପକ୍ଷ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଟି୨୦ ସିରିଜର ଅବଶିଷ୍ଟ ଦୁଇଟି ମ୍ୟାଚରେ ଦକ୍ଷିଣ ଆଫ୍ରିକା ଦଳର ଖେଳାଳିମାନଙ୍କ ଶାର୍ଟରେ ବିଶ୍ୱର ୭୩ତମ ର୍ୟାଙ୍କିଙ୍ଗପ୍ରାପ୍ତ 'ଅମୁଲ' ଛାପା ସ୍ଥାନ ପାଇବ। ବର୍ଷା ଯୋଗୁ ଧର୍ମଶାଳାରେ ସିରିଜର ପ୍ରଥମ ମ୍ୟାଚ ବାତିଲ ହୋଇଯାଇଛି। ଦ୍ୱିତୀୟ ମ୍ୟାଚ ବୁଧବାର ମୋହାଲିଠାରେ ଖେଳାଯିବାକୁ ଥିବାବେଳେ ସେପ୍ଟେମ୍ବର ୨୨ରେ ତୃତୀୟ ତଥା ଅନ୍ତିମ ମ୍ୟାଚ ବେଙ୍ଗାଲୁରୁରେ ଖେଳାଯିବ। ସିଏସଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଥବଙ୍ଗ ମୋରୋ କହିଛନ୍ତି, ଆମର ଇଣ୍ଟରନ୍ୟାଶନାଲ ମାର୍କେଟିଂ ପାର୍ଟନର ଆଇଟିଡବ୍ଲ୍ୟୁର ଉଦ୍ୟମକ୍ରମେ ଅମୁଲ କମ୍ପାନୀ ସହିତ ଚୁକ୍ତି ହୋଇ ପାରିଛି।

### ପଦକ ଦୌଡ଼ରେ ନବୀନ

**ନୁର୍-ସୁଲତାନ (କାଜାଖସ୍ତାନ), ୧୬।୯ (ପି.ଟି.):** ଭାରତୀୟ ରେସ୍‌ଲର ଗୁର୍‌ପ୍ରୀତ୍ ସିଂ ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ସଂଘର୍ଷ କରି ଶେଷରେ ପରାଜୟବରଣ କରିଛନ୍ତି। କିନ୍ତୁ ନବୀନ ପଦକ ଦୌଡ଼ରେ ନିଜକୁ ସାମିଲ କରିବାରେ ସଫଳ ହୋଇଛନ୍ତି। ୧୩୦ କିଗ୍ରା ପୁରୁଷ ଗ୍ରୀକ୍ ରୋମାନ ବର୍ଗରେ ନବୀନ ପ୍ରଥମେ ୨୦୧୮ ପାନ୍-ଆମେରିକାନ ଚାମ୍ପିୟନ ଓସ୍କାର ପିନୋ ହିଣ୍ଟ୍ସଙ୍କ ନିକଟରୁ ଟେକ୍ନିକାଲ ପ୍ରଦର୍ଶନ ବଳରେ ହାରିଯାଇଥିଲେ। କିନ୍ତୁ ପରେ କ୍ୟୁବା କୁସ୍ତିଯୋଦ୍ଧା ଓସ୍କାର ଫାଇନାଲରେ ପ୍ରବେଶ କରିବା ଫଳରେ ପଦକ ଦୌଡ଼ରେ ସାମିଲ କରିବା ପାଇଁ ନବୀନଙ୍କୁ ସହାୟତା ହୋଇଥିଲା। ନବୀନ ପ୍ରଥମେ ଇସ୍ତୋନିଆର ହେଇକି ନବି ଓ ପରେ କିର୍ଗିଜସ୍ତାନର ମୁରାଟ ରାମୋନୋଭଙ୍କୁ ହରାଇ ବ୍ରୋଞ୍ଜ ପଦକ ରାଉଣ୍ଡକୁ ପ୍ରବେଶ କରିଛନ୍ତି। ପୂର୍ବରୁ ସୋମବାର ଅନୁଷ୍ଠିତ ପୁରୁଷ ୭୭ କିଗ୍ରା ବର୍ଗର ଏକ ବାଉଟ୍‌ରେ ଗୁର୍‌ପ୍ରୀତ୍ ବିଶ୍ୱ ମାନ୍ୟତାର ୨ ନମ୍ବର ସ୍ଥାନରେ ରହିଥିବା ସର୍ବିୟାର ଭିକ୍ଟର ନେମିସ୍‌ଙ୍କ ନିକଟରୁ ହାରିଯାଇଛନ୍ତି। ଭିକ୍ଟରଙ୍କ ନିକଟରୁ ହାରିବା ପୂର୍ବରୁ ଗୁର୍‌ପ୍ରୀତ୍ ଅଷ୍ଟ୍ରିୟାର ମାଇକେଲ୍ ୱାଗ୍ନର୍‌ଙ୍କୁ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ କୁସ୍ତିଯୋଦ୍ଧା ମନୀଷଙ୍କୁ ୬୦ କିଗ୍ରା ବର୍ଗରେ ପରାଜୟର ସାମ୍ନା କରିବାକୁ ପଡ଼ିଛି।

### ବିଶ୍ୱ ବକ୍ସିଂରୁ ଦୁର୍ଯ୍ୟୋଧନଙ୍କ ବିଦାୟ


**ଏକ୍‌ଟେରିନବର୍ଗ (ରୁଷିଆ), ୧୬।୯ (ପି.ଟି.):** ଏଠାରେ ଚାଲିଥିବା ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ରୁ ଭାରତୀୟ ବକ୍ସର ଦୁର୍ଯ୍ୟୋଧନ ସିଂ ନେଗି (୬୯ କିଗ୍ରା) ବିଦାୟ ନେଇଛନ୍ତି। ଦ୍ୱିତୀୟ ରାଉଣ୍ଡର ଏକ ମୁକାବିଲାରେ ଦୁର୍ଯ୍ୟୋଧନ ୧-୪ରେ ୬ଷ୍ଠ ସିଡ୍ ଜୋର୍ଡାନର ଜେୟାଦ୍ ଏଶାସ୍‌ଙ୍କ ନିକଟରୁ ହାରିଯାଇଛନ୍ତି। ପ୍ରାକ୍ତନ ଜାତୀୟ ଚାମ୍ପିୟନ ନେଗିଙ୍କ ଏହା ପଦାର୍ପଣ ବିଶ୍ୱ ଚାମ୍ପିୟନଶିପ୍ ପ୍ରତିଯୋଗିତା ରହିଥିଲା।

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ –ଏ

**ମହୀଶୂର, ୧୬।୯ (ପି.ଟି.)**

ଭାରତ ଏ' ଏବଂ ଦକ୍ଷିଣ ଆଫ୍ରିକା ଏ' ମଧ୍ୟର ଦ୍ୱିତୀୟ ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚ ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏଥିରେ ଯୁବ ଖେଳାଳି ଶୁବମନ ଗିଲ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିବେ। ୫ ମ୍ୟାଚ ବିଶିଷ୍ଟ ଅନ୍‌ଅଫିସିଆଲ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଜିତିସାରିଥିବା ଭାରତ ଏ' ଭ୍ରମଣକାରୀ ଦଳ ବିପକ୍ଷ ପ୍ରଥମ ଗେମ୍ ୭ ଉଇକେଟରେ ଜିତିସାରିଛି। ଦଳ ଏଥିରେ କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ରହିଛି। ଦକ୍ଷିଣ ଆଫ୍ରିକା ସିନିୟର ଟିମ୍ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳର ଶୁବମନ ଗିଲ୍ ସ୍ଥାନ ପାଇଥିବାରୁ ତାଙ୍କ

**ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଆଜିଠାରୁ**



ଶୁବମନ ଗିଲ୍

ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ। ଏହି ଟେଷ୍ଟ ସିରିଜ ଅକ୍ଟୋବର ୨ରୁ ବିଶାଖାପାଟଣାରେ ଆରମ୍ଭ ହେବ। ଗିଲ୍ ପ୍ରଥମ ମ୍ୟାଚରେ ଅଧିନାୟକତ୍ୱ କରିଥିଲେ। ସେ ଆକର୍ଷଣୀୟ ୯୦ରନ କରି ଦଳକୁ ବିଜୟୀ କରାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଚୟନକର୍ତ୍ତାମାନେ ତାଙ୍କୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ଦେବା ନିଷ୍ପତ୍ତି ଯଥାର୍ଥ ବୋଲି ତାହା ପ୍ରମାଣ କରାଇବା ଲାଗି ପଞ୍ଜାବର ଏହି ଯୁବ ଖେଳାଳି ବ୍ୟଗ୍ର। ଏହି ୪ ଦିନିଆ ଦ୍ୱିତୀୟ ଗେମ୍ ପାଇଁ ଚୟନକର୍ତ୍ତାମାନେ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିବା କେତେଜଣ ଖେଳାଳିଙ୍କୁ ସୁଯୋଗ ଦେଇଛନ୍ତି। ଏହି ମ୍ୟାଚରେ ଗିଲ୍‌ଙ୍କ ସ୍ଥାନରେ ବେଙ୍ଗଲର ଅଭିଜ୍ଞ ଉଇକେଟକିପର ଋଦ୍ଧିମାନ ଶାହା ଅଧିନାୟକତ୍ୱ କରିବେ। ଓପନ ପ୍ରିୟଙ୍କ ପଞ୍ଚାଲ ଏବଂ ଅଭିମନ୍ୟୁ ଈଶ୍ୱରନଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି। ଉଭୟ ପଞ୍ଚାଲ ଏବଂ ଈଶ୍ୱରନ ସିନିୟର ଟେଷ୍ଟ ଦଳରେ ସ୍ଥାନ ପାଇଁ ଦାବିଦାର ବୋଲି ପ୍ରମାଣିତ କରିବାକୁ ହେବ। ନିକଟରେ ୱେଷ୍ଟଇଣ୍ଡିଜ ଟୁର୍‌ରେ ଶାହା ରିଜର୍ଭ ଉଇକେଟକିପର ଥିଲେ। ଋଷଭ ପନ୍ତ ଉଇକେଟକିପର ଦାୟିତ୍ୱ ସମ୍ଭାଳିଥିଲେ। ନିକଟରେ ଦୁଲିପ ଟ୍ରଫିରେ ଭଲ ପ୍ରଦର୍ଶନ ଯୋଗୁ କର୍ଣ୍ଣାଟକ ବ୍ୟାଟ୍ସମ୍ୟାନ କରୁଣ ନାୟାରଙ୍କୁ ଦଳରେ ନିଆଯାଇଛି। ଘରୋଇ ଦଳର ବୋଲିଂ ଲାଇନ୍‌ଅପ୍‌ରେ କିଛି ପରିବର୍ତ୍ତନ ଦେଖିବାକୁ ମିଳିପାରେ। କାରଣ ଦଳରେ ଆଭେସ ଖାଁଙ୍କ ସହିତ ଅଭିଜ୍ଞ ଉମେଶ ଯାଦବ ଏବଂ ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ ସ୍ଥାନ ପାଇଛନ୍ତି।ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଏ' ଦଳରେ କେତେଜଣ ଖେଳାଳି ଅଛନ୍ତି, ଯେଉଁମାନେ ସିନିୟର ଦଳର ଅଂଶ ବିଶେଷ ଅଟନ୍ତି। ସେମାନେ ଏହି ମ୍ୟାଚରେ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ଏଡେନ ମାର୍‌କ୍ରାମଙ୍କ ଅଧିନାୟକତ୍ୱରେ ଖେଳିବାକୁ ଥିବା ଏହି ଦଳରେ ସ୍ଥାନ ପାଇଥିବା ଅନ୍ୟ ଟେଷ୍ଟ ଖେଳାଳିମାନେ ହେଲେ ଥିଉନିସ୍ ଡି' ବ୍ରୁଇନ୍, ଜୁବେର ହାମ୍‌ଜା, ହେନରିକ୍ କ୍ଲାସେନ, ସେନୁରାନ ମୁଥୁସାମି, ଡେନ୍ ପିଡିଟ୍ ଓ ଲୁଙ୍ଗି ଏନ୍‌ଗିଡି।

**ଭାରତ ଏ' ଦଳ:** ଋଦ୍ଧିମାନ ଶାହା (ଅଧିନାୟକ/ଉଇକେଟକିପର), ପ୍ରିୟଙ୍କ ପଞ୍ଚାଲ, ଅଭିମନ୍ୟୁ ଈଶ୍ୱରନ, ଶୁବମନ ଗିଲ୍, ଅନମୋଲପ୍ରୀତ ସିଂ, କରୁଣ ନାୟାର, କେ. ଗୋଥାମ, ଜଲାଲ ସାକ୍‌ସେନା, କୁଲଦୀପ ଯାଦବ, ଶାହବାଜ ନଦିମ, ବିଜୟ ଶଙ୍କର, ଶିବମ ଦୁବେ, ଉମେଶ ଯାଦବ, ମହମ୍ମଦ ସିରାଜ, ଆଭେସ ଖାଁ।

**ଦକ୍ଷିଣ ଆଫ୍ରିକା ଏ' ଦଳ:** ଏଡେନ୍ ମାର୍‌କ୍ରାମ (ଅଧିନାୟକ) ଥିଉନିସ୍ ଡି' ବ୍ରୁଇନ୍, ଜୁବେର ହାମ୍‌ଜା, ଲୁଙ୍ଗି ଏନ୍‌ଗିଡି, ଜର୍ଜ ଲିଣ୍ଡେ, ପିଟର ମାଲାନ, ଏଡି ମୁରେ, ସେନୁରାନ ମୁଥୁସାମି, ମାର୍କୋ ଜାନସେନ୍, ଡେନ୍ ପିଡିଟ୍, ୱିଆନ ମଲ୍‌ଡର, ହେନରିକ୍ କ୍ଲାସେନ, ଲୁଥୋ ସିପାମ୍‌ଲା, ଖାୟା ଜୋଣ୍ଡୋ।

# ଶୀର୍ଷ ସ୍ଥାନ ବଜାୟ ରଖିଲେ ସ୍ମିଥ୍, କୁମିନ୍ସ

**ଦୁବାଇ, ୧୬।୯**

ଅଷ୍ଟ୍ରେଲିଆନ୍ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ ଓ ବୋଲର ପ୍ୟାଟ କୁମିନ୍ସ ଆଇସିସି ଟେଷ୍ଟ ଖେଳାଳିଙ୍କ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଆଶେସ ସିରିଜ୍ ଶେଷ ହେବା ପରେ ନୂଆ ଆଇସିସି ଖେଳାଳିଙ୍କ ର୍ୟାଙ୍କିଙ୍ଗ୍ ସୋମବାର ପ୍ରକାଶ ପାଇଛି। କେନିଂଟନ ଟେଷ୍ଟର ପ୍ରଥମ ଇନିଂସରେ ୮୦ ଓ ଦ୍ୱିତୀୟରେ ୨୩ ରନ୍‌ର ପାଳି ଖେଳିଥିବା ସ୍ମିଥ ଭାରତୀୟ ଅଧିନାୟକ ବିରାଟ କୋହଲି (୯୦୩)ଙ୍କ ଠାରୁ ୩୪ ପଏଣ୍ଟ ଆଗରେ ଅଛନ୍ତି। ସ୍ମିଥଙ୍କ ନିକଟରେ ଏବେ ୯୩୭ ପଏଣ୍ଟ ରହିଛି। ସେହିଭଳି କୁମିନ୍ସ ମଧ୍ୟ ନିକଟସ୍ଥ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡାଙ୍କଠାରୁ ୫୭ ପଏଣ୍ଟ ଆଗୁଆ ଅଛନ୍ତି। ଆଶେସ ସିରିଜରେ ସମସ୍ତ ମ୍ୟାଚ୍ ଖେଳିଥିବା କୁମିନ୍ସ ମୋଟ ୨୯ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଥ୍ୟୁ ୱାଡେ ଓ ମିଚେଲ ମାର୍ଶଙ୍କ ର୍ୟାଙ୍କିଙ୍ଗ୍‌ରେ ଆଖିଦୃଶିଆ ଉନ୍ନତି ହୋଇଛି। କ୍ୟାରିୟରର ୪ର୍ଥ ଶତକ ବଳରେ ୱାଡେ ୭୮ରୁ ୩୨ତମ ସ୍ଥାନ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ସର୍ବଶ୍ରେଷ୍ଠ ର୍ୟାଙ୍କିଙ୍ଗ୍। ଟେଷ୍ଟ କ୍ୟାରିୟରରେ ପ୍ରଥମ ଥର ୫ ଉଇକେଟ ନେଇଥିବା ମିଚେଲ ୨୦ ସୋପାନ ଉପରକୁ ଉଠି ୫୪ତମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ



ଷ୍ଟିଭ୍ ସ୍ମିଥ୍

ଡେଭିଡ ୱାର୍ନର ୨୪ତମ ସ୍ଥାନକୁ ଖସିଛନ୍ତି। ପୂର୍ବରୁ ୫ମରେ ଥିବା ୱାର୍ନର ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ମାତ୍ର ୯୫ ରନ୍ କରିପାରିଥିଲେ। ଜୋଶ ହାଜେଲଉଡଙ୍କ ର୍ୟାଙ୍କିଙ୍ଗ୍ ୮ମରୁ ଖସି ଦ୍ୱାଦଶରେ ପହଞ୍ଚିଛି। ଆଶେସରେ ପଦାର୍ପଣ କରିଥିବା ଜୋଫ୍ରା ଆର୍ଚର ୪୦ତମ ସ୍ଥାନରେ ରହିଛନ୍ତି।

■ ଏଣ୍ଡୁରୋମାନ ଟ୍ରାଇଥଲନ

# ମୟଙ୍କ ପ୍ରଥମ ଭାରତୀୟ



ରେସ୍ ଶେଷ କରିବା ପରେ ମୟଙ୍କ ବୈଦ।

**ନୂଆଦିଲ୍ଲୀ, ୧୬।୯**

ଏଣ୍ଡୁରୋମାନ ଟ୍ରାଏଥଲନ ଶେଷ କରିବାରେ ପ୍ରଥମ ଭାରତୀୟ ହେବାର ସୌଭାଗ୍ୟ ଲାଭ କରିଛନ୍ତି ମୟଙ୍କ ବୈଦ। ଏହି ବିରଳ ସଫଳତା ହାସଲ କରିବାରେ ସେ ବିଶ୍ୱର ୪୪ତମ ଏବଂ ଏସିଆର ପ୍ରଥମ ବ୍ୟକ୍ତି। ଇଂଲଣ୍ଡରୁ ଫ୍ରାନ୍ସ ୨୮୯ ମାଇଲରୁ ଊର୍ଦ୍ଧ୍ୱ ଦୂରତା ବିଶିଷ୍ଟ ଏହି ଟ୍ରାଇଥଲନ୍ ନିଜ ସାମର୍ଥ୍ୟରେ ଶେଷ କରିବାକୁ ହୋଇଥାଏ। ଏଥିରେ ରନିଂ, ସୁଇମିଂ ଏବଂ ସାଇକ୍ଲିଂ ତିନୋଟି ବିଭାଗ ରହିଛି। ଏହି ଟ୍ରାଇଥଲନର ପୂର୍ବ ରେକର୍ଡ ବେଲଜିୟମର ଜୁଲିଏନ୍ ଡେନେୟରଙ୍କ ନାମରେ ରହିଥିଲା। ସେ ୫୨ ଘଣ୍ଟା ଏବଂ ୩୦ ମିନିଟ୍ ସମୟ ନେଇଥିଲେ। ବୈଦ କିନ୍ତୁ ଏହି ଦୂରତାକୁ ଅତିକ୍ରମ କରିବା ଲାଗି ୫୦ ଘଣ୍ଟା ଓ ୨୪ ମିନିଟ୍ ସମୟ ନେଇଥିଲେ। ଲଣ୍ଡନର କେଣ୍ଟ୍ ଉପକୂଳସ୍ଥିତ ମାର୍ବଲ ଆର୍କଠାରୁ ଡୋଭର ପର୍ଯ୍ୟନ୍ତ ୧୪୦ କିଲୋମିଟର ଦୌଡ଼ ସହ ଏହି ଟ୍ରାଇଥଲନ ଆରମ୍ଭ ହୋଇଥାଏ। ପରେ ସନ୍ତରଣରେ ଫ୍ରେଞ୍ଚ ଉପକୂଳ ପର୍ଯ୍ୟନ୍ତ ୩୩.୮ କିଲୋମିଟର ଦୀର୍ଘ ଚ୍ୟାନେଲ ଅତିକ୍ରମ କରିବାକୁ ପଡ଼ିଥାଏ। ଏହାପରେ କାଲାଇସ୍‌ଠାରୁ ପ୍ୟାରିସ୍‌ର ଆର୍କ ଡି' ଟ୍ରିଓମ୍ଫ ପର୍ଯ୍ୟନ୍ତ ସାଇକ୍ଲିଂରେ ଅତିକ୍ରମ କରିବାକୁ ହୋଇଥାଏ। ବୈଦ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଏହା ହେଉଛି ବିଶ୍ୱର ଅନ୍ୟତମ କଠିନ ପ୍ରତିଯୋଗିତା। ସନ୍ତରଣ ଏବଂ ସାଇକ୍ଲିଂ ପର୍ଯ୍ୟାୟ ସବୁଠାରୁ କଷ୍ଟକର।

# ଆଫଗାନିସ୍ତାନର ରେକର୍ଡ ବିଜୟ

**ଢାକା, ୧୬।୯:** ସ୍ଥାନୀୟ ଶେର୍ ଇ ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଟି୨୦ ସିରିଜର ଏକ ମ୍ୟାଚ୍‌ରେ ଆଫଗାନିସ୍ତାନ ୨୫ ରନରେ ଘରୋଇ ବାଂଲାଦେଶକୁ ପରାସ୍ତ କରିଛି। ଟସ୍ ଜିତି ଆଫଗାନିସ୍ତାନ ମହମ୍ମଦ ନବିଙ୍କ ବିସ୍ଫୋରକ ଅପରାଜିତ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୬୪ ରନ୍ କରିଥିଲା। ନବି ୫୪ ବଲରୁ ୭ ଛକା ଓ ୩ ଚୌକା ବଳରେ ୮୪ ରନ କରିଥିବାବେଳେ ଅସଘର ଆଫଘାନ (୪୦) ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ବାଂଲାଦେଶ ପକ୍ଷରୁ ମହମ୍ମଦ ସୈଫୁଦ୍ଦିନ ୪ ଓ ଶାକିବ ଅଲ୍ ହାସନ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ବାଂଲାଦେଶ ୧୯.୫ ଓଭରରେ ୧୩୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ମହମ୍ମଦୁଲ୍ଲା ୪୪, ସବିର ରହମାନ ୨୪, ଶାକିବ ଓ ମୁସ୍ତାଫିଜୁର ରହମାନ ୧୫ ରନ କରିଥିଲେ। ଆଫଗାନିସ୍ତାନ ପକ୍ଷରୁ ମୁଜିବ ଉର୍ ରହମାନ ୪ ଏବଂ ଫରିଦ୍ ମଲିକ, ଗୁଲାବଦିନ ନାଇବ ଓ ଅଧିନାୟକ ରଶିଦ ଖାଁ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଶନିବାର ଜିମ୍ବାୱେକୁ ହରାଇଥିବା ଆଫଗାନିସ୍ତାନର ଏହା ଲଗାତର ୨ୟ ବିଜୟ। କ୍ରମାଗତ ୧୨ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଜିତି ଆଫଗାନିସ୍ତାନ ବିଶ୍ୱ ରେକର୍ଡ କରିଛି। ଏହି ଦଳ ୨୦୧୮, ଫେବୃୟାରୀ ୫ରୁ ୨୦୧୯ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ କ୍ରମାଗତ ୧୨ ମ୍ୟାଚ୍ ଜିତିଛି।

# ୮୭୬ ଓଭର ପରେ ପ୍ରଥମ ନୋ ବଲ୍

**ଲଣ୍ଡନ, ୧୬।୯**

୮୭୬ ଓଭର ବୋଲିଂ କରିବା ପରେ କ୍ୟାରିୟରର ପ୍ରଥମ ଟେଷ୍ଟ ନୋ ବଲ୍ ପକାଇଛନ୍ତି ବୋଲର। ପଢ଼ିଲା ପରେ ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଘଟଣାଟି ସତ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ଶେଷ ହୋଇଥିବା ଆଶେସ ସିରିଜରେ ଏହା ଦେଖିବାକୁ ମିଳିଛି। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ତିମ ତଥା ୫ମ ଆଶେସର ୪ର୍ଥ ଦିବସରେ ବିଜୟ ପାଇଁ ଅଷ୍ଟ୍ରେଲିଆ ନିକଟରେ ଘରୋଇ ଇଂଲଣ୍ଡ ୩୯୯ ରନର କଷ୍ଟସାଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ତେବେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୨୬୩ ରନରେ ଅଲ୍‌ଆଉଟ୍ ହୋଇ ୧୩୫ ରନରେ ପରାଜୟ ବରଣ କରିଥିଲା।



କ୍ରିସ୍ ୱୋକ୍ସ

ମ୍ୟାଚ୍‌ରେ ଷ୍ଟୁଆର୍ଟ ବ୍ରଡ୍ ଓ ଜ୍ୟାକ୍ ଲିଚ୍ ୪ଟି ଲେଖାଏ ଉଇକେଟ୍ ନେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ଅଷ୍ଟ୍ରେଲିଆ ୨ୟ ଇନିଂସ ବ୍ୟାଟିଂର ୩୧ତମ ଓଭରର ୨ୟ ବଲ୍‌ରେ ଇଂଲଣ୍ଡ ଦ୍ରୁତ ବୋଲର କ୍ରିସ୍ ୱୋକ୍ସଙ୍କ ଏକ ଚମତ୍କାର ଲେନ୍ଥ ଓ ସୁଇଂ ବଲ୍ ମିଚେଲ ମାର୍ଶଙ୍କ ବ୍ୟାଟ୍‌ରୁ ଏଜ୍ ଲାଗିଥିଲା। ସ୍ଲିପ୍‌ରେ ରୋରୀ ବ୍ରୁନ୍ସ ନିମ ବାମପଟକୁ ଡାଇଭମାରି ଏକ ସୁନ୍ଦର କ୍ୟାଚ୍ ଧରିଥିଲେ। କିନ୍ତୁ ଅମ୍ପାୟରଙ୍କ ରିପ୍ଲେରେ ୱୋକ୍ସ ଓଭର ଷ୍ଟେପିଂ କରିଥିବା ସହ ଏହା ନୋ ବଲ୍ ରହିଥିବା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଥିଲା। ଫଳରେ ମାର୍ଶ ଆଉଟ୍ ହେବାରୁ ବର୍ତ୍ତିଯାଇଥିଲେ। ତେବେ ୩୦ ବର୍ଷୀୟ ୱୋକ୍ସଙ୍କ ଟେଷ୍ଟ କ୍ୟାରିୟରର ଏହା ପ୍ରଥମ ନୋ ବଲ୍ ଥିବା ଜଣାପଡ଼ିଥିଲା। କ୍ୟାରିୟରର ୩୧ତମ ଟେଷ୍ଟ ତଥା ୮୭୬ ଓଭର ବୋଲିଂ କରୁଥିବାବେଳେ ଏହି ଡାହାଣହାତୀ ଇଂଲଣ୍ଡ ଦ୍ରୁତ ବୋଲର ପ୍ରଥମ ଟେଷ୍ଟ ନୋ ବଲ୍ ପକାଇ ଉଇକେଟ୍ ନେବାରୁ ବଞ୍ଚିତ ହୋଇଥିଲେ।

# ମ୍ୟାଚ୍ ଫିକ୍ସିଂ ସୁରାକ ପାଇଲା ବିସିସିଆଇ

**ନୂଆଦିଲ୍ଲୀ, ୧୬।୯:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପୁଣି ମ୍ୟାଚ୍ ଫିକ୍ସିଂ ସୁରାକ ପାଇଛି। ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ)ରେ ମ୍ୟାଚ୍ ଫିକ୍ସିଂ ହୋଇଥିବାର କିଛି ଖେଳାଳି ଅଭିଯୋଗ କରିବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ବିସିସିଆଇର ଆଣ୍ଟି କରପଶନ ୟୁନିଟ (ଏସିୟୁ) ମୁଖ୍ୟ ଅଜିତ ସିଂ ସୋମବାର ସ୍ପଷ୍ଟ କରିଛନ୍ତି। ମିଳିଥିବା ରିପୋର୍ଟ ଅନୁଯାୟୀ, ଏକ ଅଜଣା ଲୋକ ଲିଗ୍ ବେଳେ କିଛି ଖେଳାଳିଙ୍କୁ ମ୍ୟାଚ୍ ଫିକ୍ସିଂ ପ୍ରସ୍ତାବ ଦେଇଥିଲେ। ଏହାପରେ ଖେଳାଳିମାନେ ଏସିୟୁ ନିକଟରେ ଏ ନେଇ ଅଭିଯୋଗ କରିଛନ୍ତି। କିଛି ଖେଳାଳିଙ୍କ ମତକୁ ଭିତ୍ତି କରି ଆମେ ତଦନ୍ତ ନିର୍ଦ୍ଦେଶ ଦେଇଛୁ। ସେମାନେ କେତେବେଳେ ଜଣେ ଅଜଣା ଲୋକଠାରୁ କ'ଣ ହ୍ୱାଟସଆପ ମେସେଜ ପାଇଥିଲେ, ତାହା ଆମେ ରେକର୍ଡ କରିଛୁ। ଏଥିରେ କେହି ବି ଜଡ଼ିତ ହୋଇପାରନ୍ତି। ତେବେ କିଛି ପ୍ରଥମଶ୍ରେଣୀ କ୍ରିକେଟର ଓ ଦୁଇ ଜଣ କୋଚ୍‌ଙ୍କ ଉପରେ ସନ୍ଦେହ ରହିଛି। ହେଲେ କୌଣସି ଅନ୍ତର୍ଜାତୀୟ ଖେଳାଳି ନାହାନ୍ତି। ଟିଏନ୍‌ପିଏଲ ତାମିଲନାଡୁର ଏକ ବାର୍ଷିକ ଇଭେଣ୍ଟ, ଯେଉଁଥିରେ ରବିଚନ୍ଦ୍ରନ ଅଶ୍ୱିନ, ମୁରଲୀ ବିଜୟ ଓ ଦୀନେଶ କାର୍ତ୍ତିକଙ୍କ ଭଳି ଅନ୍ତର୍ଜାତୀୟ ଖେଳାଳି ଅଂଶଗ୍ରହଣ କରନ୍ତି। ଚେନ୍ନାଇର ଚେପକ ଗ୍ରାଉଣ୍ଡରେ ପ୍ରାୟତଃ ମ୍ୟାଚ୍ ଖେଳାଯାଏ। ଏହି ଟୁର୍ଣ୍ଣାମେଣ୍ଟକୁ ପୂର୍ବତନ ଭାରତୀୟ ଅଧିନାୟକ ତଥା ଚେନ୍ନାଇ ସୁପରକିଙ୍ଗ୍ସ କ୍ୟାପଟେନ ମହେନ୍ଦ୍ର ସିଂ ଧୋନୀ ଉଦ୍‌ଘାଟନ କରିଥିଲେ।

TN PREMIER LEAGUE



ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ କ୍ରିକେଟ ସ୍କିଲ୍ ଡେଭଲପ୍‌ମେଣ୍ଟ କ୍ୟାମ୍ପରେ ଅଂଶଗ୍ରହଣ କରିଥିବା କ୍ରିକେଟ ପ୍ରତିଭାମାନେ ଅତିଥିଙ୍କ ସହ।




ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନ ଅବସରରେ ସୋମବାର ମାଉଣ୍ଟ ଷ୍ଟକ୍ କାଙ୍ଗ୍ରି ବେସ୍ କ୍ୟାମ୍ପରେ ଓଡ଼ିଶା ଅଭିଯାତ୍ରୀ ଦଳ।

"ଏଜବାଷ୍ଟନରେ ପ୍ରଥମ ଇନିଂସରେ ୧୨୨/୮ ସ୍କୋରରେ ସଂଘର୍ଷ କରୁଥିବାବେଳେ ମୁଁ ଦଳକୁ ସଂକଟରୁ ଉଦ୍ଧାର କରିପାରିଥିଲି। ଆଶେସ ସିରିଜରେ ଏହା ମୋର ଶ୍ରେଷ୍ଠ ଇନିଂସ ଥିଲା ।

–ଷ୍ଟିଭ୍ ସ୍ମିଥ୍, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ



"ଆମ ଦଳ ଇଂଲଣ୍ଡ ବିପକ୍ଷ ୫ମ ଆଶେସ ଟେଷ୍ଟରେ ପରାଜିତ ହୋଇଥିଲେ ହେଁ ସିରିଜ ବରାବର ରଖିପାରିଥିବାରୁ ମୁଁ ଗର୍ବିତ ।

–ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



## ବିଜୟ ହଜାରେ ଟ୍ରଫି: ଓଡ଼ିଶା ଦଳ ଘୋଷିତ

# ସ୍ୱସ୍ତିକ, ଦେବାଶିଷ ନୂଆ ମୁହଁ

**କଟକ ଅଫିସ, ୧୬।୯**





ସ୍ୱସ୍ତିକ ସାମଲ ଓ ଦେବାଶିଷ ସାମନ୍ତରାୟ।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୨୪ ତାରିଖରୁ ଦିନିକିଆ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫି ଆରମ୍ଭ ହେବ। ଏହି ପ୍ରତିଯୋଗିତାରୁ ବିସିସିଆଇର

### ଫେରିଲେ ଅଭିଷେକ, ବିପ୍ଳବଙ୍କୁ ବିଶ୍ରାମ

ଚଳିତବର୍ଷ ଘରୋଇ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଏଲିଟ ଗ୍ରୁପ-ବିରେ ସ୍ଥାନ ପାଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ସୋମବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଦଳରେ ଜୁନିୟର ବର୍ଗର ପ୍ରତିଭାସମ୍ପନ୍ନ ଖେଳାଳି ତଥା ଡାହାଣହାତୀ ବ୍ୟାଟ୍ସମ୍ୟାନ ସ୍ୱସ୍ତିକ ସାମଲ ଓ ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ସାମନ୍ତରାୟ ନୂଆ ମୁହଁ ଭାବେ ସାମିଲ ହୋଇଛନ୍ତି। ଉଭୟଙ୍କ ପାଖରେ ଅଲରାଉଣ୍ଡର ଦକ୍ଷତା ମଧ୍ୟ ରହିଛି। ଅନ୍ୟପକ୍ଷରେ ପୂର୍ବରୁ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିଥିବା ଅଭିଷେକ ଯାଦବ ପୁନର୍ବାର ରାଜ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଭିଷେକ ଗତ ସଂସ୍କରଣରେ ରେଲୱେ ନିମନ୍ତେ ଖେଳୁଥିଲେ। ଦଳର ଅଧିନାୟକ ଭାର ରହିଛି ଯୁବ ତାରକା ଶୁଭ୍ରାଂଶୁ ସେନାପତିଙ୍କ କାନ୍ଧରେ। ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଦଳରେ ଥିବା ବେଳେ ବିପ୍ଳବ ସାମନ୍ତରାୟଙ୍କୁ ବିଶ୍ରାମ ଦିଆଯାଇଛି। ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି ଏ ସମ୍ପର୍କରେ କହିଛନ୍ତି ଯେ, ବିପ୍ଳବଙ୍କ ଉପରେ ଦଳ ଅନେକ ଭରସା ରଖିଛି। ସେ ଆଘାତ ନ ଥିଲେ ମଧ୍ୟ ଫିଲ୍ଡରେ ତାଙ୍କ ପ୍ରଦର୍ଶନକୁ ନେଇ କିଛି ଆଶଙ୍କା ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ବିପ୍ଳବଙ୍କୁ ନେଇ ଦଳ ନିଶ୍ଚିତ ପଡ଼ିଆକୁ ଓହ୍ଲାଇବ ବୋଲି ବିଷ୍ଣୁଦେବଙ୍କ ମତ। ଅଧିନାୟକ ଶୁଭ୍ରାଂଶୁ ନିଜ ପ୍ରତିକ୍ରିୟାରେ କହିଥିଲେ, ଯୁବ ପ୍ରତିଭା ଅଧିକ ଅଛନ୍ତି। ଏଣୁ ରାଜ୍ୟ ପାଇଁ ନିଶ୍ଚିତ ଭାବେ ଚ୍ୟାଲେଞ୍ଜିଂ ହେବ। ଏହି ଚ୍ୟାଲେଞ୍ଜ ସମ୍ମୁଖୀନ ହେବାକୁ ଆମେ ପ୍ରସ୍ତୁତ ବୋଲି ଶୁଭ୍ରାଂଶୁ କହିଥିଲେ। ଭଦୋଦରାଠାରେ ଆସନ୍ତା ୨୪ରେ ଓଡ଼ିଶା ପ୍ରଥମ ମ୍ୟାଚ୍ ବରୋଦା ବିପକ୍ଷରେ ଖେଳିବ। ୨୧ରେ ଦଳ ବରୋଦା ଅଭିମୁଖେ ଯାତ୍ରା କରିବ।

### ମ୍ୟାଚ୍ କାର୍ଯ୍ୟସୂଚୀ

ସେପ୍ଟେମ୍ବର ୨୪– ଓଡ଼ିଶା ବନାମ ବରୋଦା
ସେପ୍ଟେମ୍ବର ୨୬– ଓଡ଼ିଶା ବନାମ ହରିୟାଣା
ସେପ୍ଟେମ୍ବର ୨୮– ଓଡ଼ିଶା ବନାମ ହିମାଚଳପ୍ରଦେଶ
ସେପ୍ଟେମ୍ବର ୨୯– ଓଡ଼ିଶା ବନାମ ଦିଲ୍ଲୀ
ଅକ୍ଟୋବର ୩– ଓଡ଼ିଶା ବନାମ ବିଦର୍ଭ
ଅକ୍ଟୋବର ୭– ଓଡ଼ିଶା ବନାମ ଉତ୍ତରପ୍ରଦେଶ
ଅକ୍ଟୋବର ୯– ଓଡ଼ିଶା ବନାମ ମହାରାଷ୍ଟ୍ର
ଅକ୍ଟୋବର ୧୩– ଓଡ଼ିଶା ବନାମ ପଞ୍ଜାବ

### ଓଡ଼ିଶା ଦଳ

ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସନ୍ଦୀପ ପଟ୍ଟନାୟକ, ସ୍ୱସ୍ତିକ ସାମଲ, ଶାନ୍ତନୁ ମିଶ୍ର, ଦେବାଶିଷ ସାମନ୍ତରାୟ, ଅଭିଷେକ ଯାଦବ, ଅଭିଷେକ ରାଉତ, ଗୋବିନ୍ଦ ପୋଦ୍ଦାର, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ପ୍ରୟାସ କୁମାର ସିଂ, ସୁଜିତ ଲେଙ୍କା(ଉଇକେଟ କିପର), ପପୁ ରାୟ, ଦୀପକ ରଞ୍ଜନ ବେହେରା । **କୋଚ୍:** ରଶ୍ମିରଞ୍ଜନ ପରିଡ଼ା, **ଫିଜିଓ:** ଶୁଭକାନ୍ତ ସାହୁ, ଟ୍ରେନର: ମନୋଜ କୁମାର ବିଶ୍ୱାଳ ।

**ଷ୍ଟାଣ୍ଡବାଇ**

ଶୁଭମ ନାୟକ, ଅଙ୍କିତ ଯାଦବ, ରାଜକିଶନ ପଟେଲ, ଐଶକାନ୍ତ ସାହୁ, ପ୍ରୀତ କନୱର ସିଂ ଚୌହ୍ୱାନ, କ୍ରୀଷ୍ଟା ପଲେଇ, ଆଶୁତୋଷ ଦାସ, ଆଶିଷ ରାୟ, ପ୍ରବୀଣ ଲୋହା ।

**ଜନ୍ମଦିନ ଶୁଭେଚ୍ଛା**



ଦେବାଶିଷ ଜେନା
ସରାଟ
ମହାପ୍ରଭୁ ଶ୍ରୀଜଗନ୍ନାଥ ଭଗବାନ ବିଶ୍ୱକର୍ମା ଓ ମା' ମଙ୍ଗଳା ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ
ଜେଜ, ବାପା, ବୋଉ, ଭଉଣୀ, ଭିଣୋଇ, ମାମୁ, ମାଇଁ, ପିଇସୀ, ପିଉସା ଓ ବନ୍ଧୁ ପରିବାରବର୍ଗ
ଧ–୬୬୯୬୪

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ଜିଜ୍ଞାଶା ପଟ୍ଟନାୟକ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ।
ତୋର ଶୁଭାକାଂକ୍ଷୀ:
ଜିଜୁ, ଜେଜୀ, ଅଜା, ଆଈ, ବଡବାବା, ବଡମାଆ, ବାବା, ମା', ପିଇସୀ, ମାମୁ, ମାଇଁ, ମାଉସୀ, ଦୁଇଭାଇ।
ଧ–୬୬୯୬୫

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



ଶ୍ରୀମାନ୍ ଧ୍ରୁବ୍ (ପୁପୁ/ସୁଟୁନି)
ସା.ସମେଇ ଗଡ଼ିଆ, ମଞ୍ଚେଶ୍ୱର, ଭୁବନେଶ୍ୱର
ଆଜି ଦ୍ୱିତୀୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ, ଦୀର୍ଘାୟୁ, ନୀରୋଗ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ
ବାପା–ବାବୁଲି, ମା–ମିନୁ, ଜେଜେ–ଅଭିମନ୍ୟୁ, ଜେଜିମା'–ଡ଼ଲି, ପିଉସା,ପିଉସୀ– ଗୁଡ଼ି, ଅଜା, ଆଈ, ମାମୁ, ମାଇଁ
ଧ–୧୪୩୬୪

## ନାଗାଲଙ୍କୁ ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ, ୧୬।୯(ପି.ଟି.)**

ନିକଟ ଅତୀତରେ ଭଲ ପ୍ରଦର୍ଶନ ପୁରସ୍କାର ପାଇଛନ୍ତି ଭାରତର ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ସୁମିତ ନାଗାଲ। ସୋମବାର ପ୍ରକାଶିତ ଏଟିପି ର୍ୟାଙ୍କିଙ୍ଗ୍‌ର ପୁରୁଷ ସିଙ୍ଗଲ୍ସରେ ସେ ୧୫ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୧୫୯ତମ ସ୍ଥାନରେ ପହଞ୍ଚିଛନ୍ତି। ଗତ ମାସରେ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସର ପ୍ରଥମ ରାଉଣ୍ଡ ଖେଳିଥିବା ୨୨ ବର୍ଷୀୟ ଏହି ହରିୟାଣା ଟେନିସ ପ୍ରତିଭା ବାନ୍‌ଜା ଲୁକା ଏଟିପି ଚ୍ୟାଲେଞ୍ଜରରେ ରନର୍ସଅପ୍ ହୋଇଥିଲେ। ୟୁଏସ ଓପନର ପ୍ରଥମ ରାଉଣ୍ଡରେ ସେ ରୋଜର ଫେଡରରଙ୍କ ନିକଟରୁ ହାରିଥିଲେ ହେଁ ଅନେକ ଅନୁଭୂତି ଲାଭ କରିଛନ୍ତି। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ପ୍ରଜ୍ଞେଶ ଗୁଣେଶ୍ୱରନ ଏକମାତ୍ର ଟପ–୧୦୦ ମଧ୍ୟରେ ସ୍ଥାନ ବଜାୟ ରଖିଛନ୍ତି। ସେ ୩ଟି ସ୍ଥାନ ଉପରକୁ ଉଠି ୮୨ତମ ସ୍ଥାନରେ ପହଞ୍ଚିଛନ୍ତି। ରାମକୁମାର ରମାନାଥନ ୩ଟି ସ୍ଥାନ ତଳକୁ ଖସିଛନ୍ତି। ଏବେ ସେ ୧୭୯ତମ ସ୍ଥାନରେ ଅଛନ୍ତି। ପୁରୁଷ ଡବଲ୍ସରେ ରୋହନ ବୋପାନ୍ନା ଓ ଡିଭିଜ ଶରନ ଯଥାକ୍ରମେ ୪୩ ଓ ୪୯ତମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ଲିଆଣ୍ଡର ପେସ ୭୮ତମ ସ୍ଥାନରେ ରହିଛନ୍ତି। ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗରେ ଅଙ୍କିତା ରାଇନା ଭାରତର ଶ୍ରେଷ୍ଠ ଖେଳାଳିଭାବେ ୧୯୧ ଏବଂ ପ୍ରଞ୍ଜଳା ୟାଡଲାପଲ୍ଲୀ ୩୩୮ତମ ସ୍ଥାନରେ ରହିଛନ୍ତି।

## କାର୍ତ୍ତିକଙ୍କ କ୍ଷମାପ୍ରାର୍ଥନା ଗ୍ରହଣ କଲା ବିସିସିଆଇ

**ନୂଆଦିଲ୍ଲୀ,୧୬।୯(ପିଟି):** ଉଇକେଟକିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକ ବିନା ସର୍ତ୍ତମୂଳକ କ୍ଷମାପ୍ରାର୍ଥନାକୁ ସୋମବାର ବିସିସିଆଇ ଗ୍ରହଣ କରିଛି। ସେ କାରିବିଅନ ପ୍ରିମିୟର ଲିଗ୍ (ସିପିଏଲ) ଦଳର ଡ୍ରେସିଂ ରୁମ୍‌ରେ ମ୍ୟାଚ୍ ଦେଖିଥିଲେ। ସେ ଏଭଳି କରି କେନ୍ଦ୍ରୀୟ ଚୁକ୍ତିର ନିୟମ ଭଙ୍ଗ କରିଥିଲେ। ଉଲ୍ଲେଖଥାଉ କି, ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ସିପିଏଲ ଦଳ ଟ୍ରିନବାଗୋ ନାଇଟ୍ ରାଇଡର୍ସର ଜର୍ସି ପିନ୍ଧି ଡ୍ରେସିଂ ରୁମ୍‌ରେ ବସି ମ୍ୟାଚ୍ ଦେଖିଥିଲେ। ଏଥିନେଇ ତାଙ୍କୁ ବିସିସିଆଇ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। କେନ୍ଦ୍ରୀୟ ଚୁକ୍ତିର ନିୟମ ଅନୁଯାୟୀ, ଦେଶ ପାଇଁ ୨୬ ଟେଷ୍ଟ ଓ ୯୪ ଦିନିକିଆ ଖେଳିଥିବା କାର୍ତ୍ତିକ ମ୍ୟାଚ୍‌ରେ ଉପସ୍ଥିତ ହେବା ପାଇଁ ବିସିସିଆଇର ଅନୁମତି ନେବା ଦରକାର ଥିଲା।

## ଓଡ଼ିଶା ପାରା ସ୍ପୋର୍ଟ୍ସର ପ୍ରତିଷ୍ଠାତା ବିଷ୍ଣୁ ସାହୁଙ୍କ ପରଲୋକ

**ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)**



ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନର ସମ୍ପାଦକ ବିଷ୍ଣୁ ଚରଣ ସାହୁଙ୍କର ପରଲୋକ ଘଟିଛି। ସୋମବାର ସକାଳ ୫ଟା ୩୦ରେ ନିଜ ଗାଁ ଯାଜପୁରର ଦେବାନପାଟଣାଠାରେ ଉଚ୍ଚ ରକ୍ତଚାପଜନିତ ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ବିଷ୍ଣୁ ଚରଣ ଥିଲେ ଓଡ଼ିଶା ପାରା ସ୍ପୋର୍ଟ୍ସର ପ୍ରତିଷ୍ଠାତା। ୨୦୦୧ରେ ସେ ଓଡ଼ିଶା ପାରା ଅଲିମ୍ପିକ୍ ଆସୋସିଏଶନ ଆରମ୍ଭ କରିଥିଲେ। ସେ ପାରା ଆଥଲେଟ୍, ପାରା ଭଲିବଲ, ରୋଇଂ, ଫେନସିଂ, ବ୍ୟାଡ୍‌ମିଣ୍ଟନ ଆଦି ଖେଳରେ ରାଜ୍ୟର ପାରା ଆଥଲେଟ୍‌ଙ୍କୁ ପ୍ରତିଷ୍ଠା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବା ସମୟରେ ମଧ୍ୟ ସେ ବ୍ୟକ୍ତିଗତ ଉଦ୍ୟମରେ ଓଡ଼ିଶା ଦଳକୁ ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରିବାର ସୁଯୋଗ ସୃଷ୍ଟି କରିଥିଲେ। ପାରା ଆଥଲେଟ୍‌ମାନଙ୍କୁ ସାଧାରଣ ଖେଳାଳିଙ୍କ ସମକକ୍ଷ ପ୍ରୋତ୍ସାହନ ଦେବା ପାଇଁ ସେ ଓଡ଼ିଶା କ୍ରୀଡ଼ା ବିଭାଗ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସେ ୨୦୧୩ରୁ ୨୦୧୬ ପର୍ଯ୍ୟନ୍ତ ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ଉପସଭାପତି ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ଓଡ଼ିଶା ପାରା ପ୍ଲେୟର୍ସ ଫୋରମ ଓ ବିଭିନ୍ନ ଆସୋସିଏଶନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

## ୨୦୧୯ ଆଇସିସି ବିଶ୍ୱକପ୍ ଦେଖଣାହାରି ସଂଖ୍ୟା ସର୍ବାଧିକ

**ଦୁବାଇ,୧୬।୯(ପିଟି):** ଚଳିତବର୍ଷ ଅନୁଷ୍ଠିତ ପୁରୁଷ ଦିନିକିଆ ବିଶ୍ୱକପ୍‌ରେ ଇଂଲଣ୍ଡ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଥିଲା। ଆଇସିସି ଟୁର୍ନାମେଣ୍ଟ ମଧ୍ୟରୁ ୨୦୧୯ ବିଶ୍ୱକପ୍‌ର ସିଧାପ୍ରସାରଣ ସମଗ୍ର ବିଶ୍ୱରେ ହାରହାରି ୧.୬ବିଲିୟନ ଲୋକେ ଦେଖିଛନ୍ତି। ଏହା ଯେକୌଣସି ଆଇସିସି ଇଭେଣ୍ଟର ଭ୍ୟୁୟର୍ସ ଅପେକ୍ଷା ଖୁବ ଅଧିକ। ଡିଜିଟାଲ ପ୍ଲାଟଫର୍ମ ହଟ୍‌ଷ୍ଟାରରେ ବିଶ୍ୱକପ୍ ମ୍ୟାଚ୍‌ର ସିଧାପ୍ରସାରଣ ଦେଖିବାରେ ଭାରତ ଶୀର୍ଷରେ ରହିଛି। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌କୁ ହଟ୍‌ଷ୍ଟାରରେ ୨୫.୩ ନିୟୁତ ଲୋକେ ଦେଖିଥିଲେ, ଯାହାକି ହଟ୍‌ଷ୍ଟାର ପାଇଁ ଏକ ବିଶ୍ୱ ରେକର୍ଡ। ଭାରତ–ନ୍ୟୁଜିଲାଣ୍ଡ ବିଶ୍ୱକପ୍ ସେମିଫାଇନାଲ ମ୍ୟାଚ୍‌ର ଦେଖଣାହାରୀ ସଂଖ୍ୟା ଖୁବ ଅଧିକ ବୋଲି ଆଇସିସି ପକ୍ଷରୁ ପ୍ରକାଶ କରାଯାଇଛି। ୨୦୧୫ ସଂସ୍କରଣ ଅପେକ୍ଷା ଦେଖଣାହାରୀଙ୍କ ସଂଖ୍ୟାରେ ଚଳିତ ଥର ୩୮ ପ୍ରତିଶତ ବୃଦ୍ଧି ହୋଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବିଶ୍ୱକପର ସବୁଠୁ ଅଧିକ ଦେଖଣାହାରୀଙ୍କୁ ଆକର୍ଷିତ କରିଥିଲା। ଏହି ମ୍ୟାଚ୍‌ର ଟିଭି ଭ୍ୟୁୟର୍ସଙ୍କ ସଂଖ୍ୟା ୨୭୩ ନିୟୁତ। ତେବେ ଆହୁରି ୫୦ ନିୟୁତ ଦେଖଣାହାରୀ ଡିଜିଟାଲ ପ୍ଲାଟଫର୍ମରେ ଦେଖିଥିଲେ।

## ବ୍ରୋଞ୍ଜ ବିଜୟିନୀ ଅନୁପମାଙ୍କୁ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥିଙ୍କ ଗହଣରେ ଅନୁପମା ସ୍ୱାଇଁ।

**ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)**

ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଥିବା ଅନୁପମା ସ୍ୱାଇଁଙ୍କୁ ସୋମବାର ମୁକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍କଳ କରାଟେ ସ୍କୁଲର ଅନୁପମା ନିକଟରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ସାମରିକ କ୍ରୀଡ଼ାର ମହାକୁମ୍ଭ ୱାର୍ଲ୍ଡ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ଜୁଜୁଟ୍‌ସୁର ଫୁଲ୍ କଣ୍ଟାକ୍ଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଲାଭକରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଥିଲେ। ସମ୍ପ୍ରତି ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ଭାରତର ଏକମାତ୍ର ପ୍ରତିଯୋଗୀଭାବେ ଏହି ସଫଳତା ପାଇଥିଲେ। ମ୍ୟାନେଜିଂ ଟ୍ରଷ୍ଟି ପୀୟୂଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗଦେଇ ଅନୁପମାଙ୍କୁ ଉପଢୌକନ, ମାନପତ୍ର ଓ ୨୫,୦୦୦ ଟଙ୍କାର ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନୁପମାଙ୍କ କୋଚ୍ ଡ. ହରିପ୍ରସାଦ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବୋଧି ସୋସାଇଟିର ସମ୍ପାଦକ ଡ. ସୌରେନ୍ଦ୍ର ମହାପାତ୍ର ଓ ଡ. ବଦ୍ରିନାଥ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଅଧ୍ୟକ୍ଷ ନବରଞ୍ଜନ ପଟ୍ଟନାୟକ, ନବକିଶୋର ବରାଳ, ନିର୍ମାଲ୍ୟ ବରାଳ, ପ୍ରିୟରଞ୍ଜନ ମହାନ୍ତି, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁପମା କରାଟେରେ ଜାତୀୟ ଓ ରାଜ୍ୟଗୋଷ୍ଠୀ ପଦକ ଏବଂ ଶକ୍ତି ଉତ୍ତୋଳନର ଏସୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

# ଓଡ଼ିଶା ଖେଳାଳିଙ୍କ ବିଜୟ ଅଭିଯାନ








ଦୀପ ରଞ୍ଜନ ବିଶୋଇ, ଦିଲେଶ୍ୱର ରାଓ ଓ ପ୍ରମୋଦ ଭଗତ।

**ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି):** ବ୍ୟାଙ୍କକ୍‌ର ହୁଆମାର ଇନ୍‌ଡୋର ଷ୍ଟାଡିୟମରେ ସୋମବାର ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହୋଇଛି। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୨୪୫ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସିଙ୍ଗଲ୍ସ ବିଭାଗରେ ଓଡ଼ିଶା ପ୍ରତିଯୋଗୀମାନେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ନିକଟରେ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ପ୍ରଥମ ରାଉଣ୍ଡରେ ଫ୍ରାନ୍ସର ଡେବାଭିଲାରି ଜାଭିୟର୍ସଙ୍କୁ ୨୧–୧୭, ୨୧–୧୮ ପଏଣ୍ଟରେ ପରାସ୍ତ କରିଛନ୍ତି। ଦିଲେଶ୍ୱର ରାଓ ଥାଇଲାଣ୍ଡର ସୋମତା ତାନାକୋନଙ୍କୁ ୨୧–୬, ୨୧–୧୨ରେ ହରାଇଥିବାବେଳେ ଦୀପରଞ୍ଜନ ବିଶୋଇ ମାଲେସିଆର ମହମ୍ମଦ ସାହେରିଙ୍କୁ ୨୧–୭, ୨୧–୧୦ ପଏଣ୍ଟରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ସିଙ୍ଗଲ୍ସର ଅନ୍ୟ ମ୍ୟାଚ ଏବଂ ଡବଲ୍ସ ଗ୍ରୁପ ମ୍ୟାଚ ଆରମ୍ଭ ହେବ।


## ମନେ ପଡ଼ନ୍ତି

**ଚତୁର୍ଦ୍ଦଶତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ବଂଶୀଧର ମିଶ୍ର
ଆବିର୍ଭାବ: ୧୦।୦୭।୧୯୫୦
ତିରୋଧାନ: ୨୧।୦୯।୨୦୦୫
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ଆତ୍ମୀୟସ୍ୱଜନମାନେ।
ଧ–୧୪୩୬୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରାମଚନ୍ଦ୍ର ମିଶ୍ର
ଆବିର୍ଭାବ: ୦୨।୦୯।୧୯୬୮
ତିରୋଧାନ: ୦୮।୦୯।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଭାବଗ୍ରାହୀ ମିଶ୍ର, ରମାକାନ୍ତ ମିଶ୍ର, ଲକ୍ଷ୍ମୀକାନ୍ତ ମିଶ୍ର, ସୂର୍ଯ୍ୟକାନ୍ତ ମିଶ୍ର, ଅନ୍ନପୂର୍ଣ୍ଣା ନନ୍ଦ, ପ୍ରଫୁଲ୍ଲ ନନ୍ଦ ଓ ପରିବାରବର୍ଗ।
ଧ–୬୭୦୬୬

**ଏକାଦଶାହ ଉପଲକ୍ଷେ**



√ ଛାୟାକାନ୍ତ ସାହୁ
୪୮, ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ : ୧୫.୦୪.୧୯୪୧
ତିରୋଧାନ : ୦୭.୦୯.୨୦୧୯
ଆଜି ଏକାଦଶାହ ଉପଲକ୍ଷେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ସ୍ତ୍ରୀ -ସୌଦାମିନୀ
କନ୍ୟା-ସୁକାନ୍ତି, ସୁନିତୀ, ନାତି-ଉଦିତ
ନାତୁଣୀ-ସୁଶ୍ରୀ ଓ ଜ୍ୱାଇଁ ତଥା ବନ୍ଧୁଗଣ
ଧ–୬୮୦୦୧

**ଅଠେଇଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



√ ସୁଧାଂଶୁ ମୋହନ ରାଉତରାୟ
କବି ତଥା ପ୍ରଶାସକ
ପ୍ଲଟ୍ ନଂ-୧୫୭, ସହିଦନଗର
ଆବିର୍ଭାବ : ୧୪.୧୨.୧୯୩୨
ତିରୋଧାନ : ୨୯.୦୯.୧୯୯୧
"ମୃତ୍ୟୁ କାହାପାଇଁ କିପରି ଆସେ
ମଣିଷ ଜାଣେନା ...
କାହା କପାଳରେ କେବେ ମୃତ୍ୟୁ ତାରିଖ ଲେଖା
ମଣିଷ ପଢ଼େନା" ...
ବାପା, ଆଜିର ପବିତ୍ର ଦିନରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନା କରୁଛୁ। ଇତି
ଆପଣଙ୍କର ପରିବାରବର୍ଗ
ଧ–୬୮୦୦୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୧୭ ସେପ୍ଟେମ୍ବର /୨୦୧୯, Dhenkanal, Tuesday, September 17 / 2019

## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଉଦ୍ଧାର

ଅନୁଗୋଳ ଅଫିସ, ୧୬।୯- ଅନୁଗୋଳ ଥାନା କୁମୁରିସିଂହା ପାହାଡ଼ରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଅନୁଗୋଳ ପୋଲିସ ଠାବ କରିଛି। ମୃତକ ଗୌତମ ଦଳବେହେରା(୩୨)ଙ୍କ ଘର ବାରସିଂହା ହୋଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ପାହାଡ଼ ଉପରେ ଥିବା ଲିମ୍ବ ଗଛରୁ ପୋଲିସ ମୃତଦେହ ଉଦ୍ଧାର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗୌତମ ଗତ ୧୪ ତାରିଖରୁ ନିଖୋଜ ଥିଲେ। ତେବେ ଗୌତମଙ୍କୁ ହତ୍ୟା କରାଯାଇଥିବା ଭାଇ ସୁବ୍ରତ ଦଳବେହେରା ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ମୃତକଙ୍କ ଶରୀରରେ କ୍ଷତ ଚିହ୍ନ ରହିଛି। ପୋଲିସ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଦେଶୀ ମଦ ସହ ଗାଡ଼ି ଜବତ

ଅନୁଗୋଳ ଅଫିସ, ୧୬।୯- ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ବେଣାଗାଡ଼ିଆ ଠାରେ ଚଢ଼ାଉ କରାଯାଇ ୧୧୦ ଲିଟର ଦେଶୀ ମଦ ସହ ଏକ ସ୍କୁଟି ଜବତ କରାଯାଇଛି। ଅନୁଗୋଳ ଜିଲା ଜରାସିଂହା ଅଞ୍ଚଳର ସନ୍ତୋଷ ନାଏକ(୩୭) ତାଙ୍କ ସ୍କୁଟି (ନଂ. ସିଜି-୦୪-କେଇ-୮୨୨୨)ରେ ମଦ ନେଇ ଯାଉଥିବା ବେଳେ ଅବକାରୀ ଇନ୍ସପେକ୍ଟର କରୁଣା ଶଙ୍କର ତିୱାରି, କନଷ୍ଟେବଲ ସରୋଜ କୁମାର ସାହୁ, ଭରତ କୁମାର ବେହେରା, ସନ୍ତୋଷ କୁମାର ସାହୁ ଓ ମମତା ପଲାଇ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ବଆଁରପାଳ/ବଇଣ୍ଡା, ୧୬।୯ (ଡି.ଏନ୍.ଏ.)- ବଆଁରପାଳରେ ଲକ୍ଷ୍ମୀପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଥାନା ଅଧିକାରୀ ସୁନୀଲ କୁମାର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବଆଁରପାଳ ବଜାରରେ ୧୩ଟି ମଣ୍ଡପରେ ପୂଜା ଅନୁଷ୍ଠିତ ହେବ। ଏଥିସହ ଦୁର୍ଗାପୂଜା, ଗିରିଗୋବର୍ଦ୍ଧନ ପୂଜା ସମେତ ମୋଟ ୧୮ଟି ମଣ୍ଡପରେ ପୂଜା ଅନୁଷ୍ଠିତ ହେବ ବୋଲି ବଣିକ ମହାସଂଘ ସମ୍ପାଦକ ଅଖିଳ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ବୈଠକ ଆରମ୍ଭରେ ପରିଚୟ ପ୍ରଦାନ, ଗତବର୍ଷର ଆୟବ୍ୟୟ ହିସାବ ସହ ପୂଜା ପରିଚାଳନା ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଥିଲା। ବଣିକ ମହାସଂଘ ସମ୍ପାଦକ ଅଖିଳ କୁମାର ମହାପାତ୍ର, କୋଷାଧକ୍ଷ ବିଜୟ କୁମାର ସାମଲଙ୍କ ସମେତ ସମସ୍ତ ପୂଜା କମିଟି ସଭାପତି, ସମ୍ପାଦକ ଓ ସଦସ୍ୟ ଉପସ୍ଥିତ ଥିଲେ। ମହାସଂଘର ପରାମର୍ଶଦାତା ଖଗେଶ୍ୱର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କିଶୋରନଗର ବ୍ଲକ ବଇଣ୍ଡା ଚନ୍ଦନନଗରଠାରେ ହେବାକୁ ଥିବା ଲକ୍ଷ୍ମୀପୂଜା ପାଇଁ ଫ୍ରେଣ୍ଡସ କ୍ଲବ ପକ୍ଷରୁ ଚନ୍ଦନନଗରଠାରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କ୍ଲବ ସମ୍ପାଦକ ବିଶ୍ୱଜିତ୍ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦୀପକ ମହାନ୍ତି, ଅଜିତ୍ ପଟ୍ଟନାୟକ, ଅଜିତ ପ୍ରଧାନ, କାଳିଆ ବିଶ୍ୱାଳଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। କିଭଳି ପୂଜା ଧୁମଧାମରେ ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଭାପତି ଭାବେ ପଦ୍ମଚରଣ ସାହୁ, ସମ୍ପାଦକ ଭାବେ ପାପୁନା ମହାପାତ୍ର, ସହ ସମ୍ପାଦକ ସରୋଜ ସାହୁ, କୋଷାଧକ୍ଷ ବାଦଲ ମହାନ୍ତିଙ୍କୁ ଚୟନ କରାଯାଇଥିଲା।

### ବିଷାକ୍ତ ଫଳ ଖାଇ ଛାତ୍ର ଗୁରୁତର



ପାଲଲହଡା,୧୬।୯(ଡି.ଏନ.ଏ.)- ପାଲଲହଡା ବ୍ଲକ ଶିଗଡ଼ ପଞ୍ଚାୟତ କୋଳିପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ୫ମ ଶ୍ରେଣୀ ଛାତ୍ର ହେମନ୍ତ ଦେହୁରୀ ବିଷାକ୍ତ ଫଳ ଖାଇ ଗୁରୁତର ହୋଇଛନ୍ତି। ତାଙ୍କୁ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ହେମନ୍ତ ସ୍କୁଲରେ ବାନ୍ତି କରିବା ସହ ଅସୁସ୍ଥ ହୋଇପଡ଼ିଥିଲେ। ୨ ଜଣ ସହକାରୀ ଶିକ୍ଷକ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଏ ନେଇ ସିଆରସିସି ପୁରୁଷୋତ୍ତମ ଦାସ କହିଛନ୍ତି, ଛାତ୍ର ଜଣକ ନିଜ ଘରେ କିଛି ବିଷାକ୍ତ ଫଳ ଖାଇଦେଇ ଆସିଥିଲେ। ସ୍କୁଲରେ ଅସୁସ୍ଥ ହୋଇପଡ଼ିଥିଲେ। ସେ ଏବେ ସୁସ୍ଥ ଅଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପରିଡା କହିଛନ୍ତି, ଏ ସମ୍ପର୍କରେ ଅବଗତ ନାହିଁ।

# ଦରମା ବୃଦ୍ଧି ପାଇଁ ପ୍ରଶାସନର ଦ୍ୱାରସ୍ଥ

ଅନୁଗୋଳ ଅଫିସ, ୧୬।୯

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ୟୁନିୟନ ପକ୍ଷରୁ ସର୍ବନିମ୍ନ ଦୈନିକ ମଜୁରି ପ୍ରଦାନ କରିବା ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲାରେ ସ୍ଥାପିତ ଆଦର୍ଶ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସରକାର ଅଉଟ୍‌ସୋର୍ସିଂ ଏଜେନ୍ସିଜରିଆରେ କାର୍ଯ୍ୟ କରାଉଛନ୍ତି। ତେବେ ସ୍ୱଳ୍ପ ଦରମାରେ ଗୁଜୁରାଣ ମେଣ୍ଟାଇବା କାଠିକର ପାଠ ହୋଇପଡୁଥିବାରୁ ଦରମା ବୃଦ୍ଧି ନିମନ୍ତେ ସେମାନେ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ଦାବିପତ୍ର ଦେଇଛନ୍ତି।

ସର୍ବନିମ୍ନ ମଜୁରି ଅନୁଯାୟୀ ଶୀଘ୍ର ଦରମା ବୃଦ୍ଧି ସହ ନିୟମିତ ଭାବେ ମାସର ପ୍ରଥମ ସପ୍ତାହରେ ପ୍ରଦାନ, ଏଜେନ୍ସି ବଦଳିଲେ ବି ଚାକିରି ଅବ୍ୟାହତ ରହିବା ସହ ବରିଷ୍ଠତା ହିସାବକୁ ନିଆଯିବା ପାଇଁ ଏଥିରେ ଦାବି କରାଯାଇଛି। ସେହିପରି କର୍ମଚାରୀମାନଙ୍କ ସମସ୍ୟା ସମାଧାନ ପାଇଁ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସରକାର ଏଜେନ୍ସିକୁ ଦେଉଥିବା ମୋଟ ପ୍ରାପ୍ୟର ପ୍ରାୟ ଏକ ପଞ୍ଚମାଂଶ ଅର୍ଥାତ୍ ୧୮ ପ୍ରତିଶତ ରାଶି ଜିଏସ୍‌ଟି ବାବଦରେ କଟାଯାଉଥିବାରୁ ତାହାକୁ ବନ୍ଦ କରିବାକୁ ଦାବି କରାଯାଇଛି। ଇପିଏଫ୍ ଟଙ୍କା ନିୟମିତ ଭାବେ ଜମା କରିବା, ରାତ୍ର ଜଗୁଆଳୀ ଓ ଝାଡୁଦାର ପାଇଁ ଅଲଗା ଅଲଗା ପଦବୀ ସୃଷ୍ଟି, ସବେତନ ଛୁଟି, କର୍ମଚାରୀଙ୍କ ପାଇଁ ବୀମା ଓ ସର୍ବନିମ୍ନ ପେନ୍‌ସନର ବ୍ୟବସ୍ଥା କରିବାକୁ ଜିଲା ସଂଯୋଜକ ସନ୍ଦୀପ କୁମାର ସ୍ୱାଇଁ ଓ ସଭାପତି ହରେଶ କୁମାର ପ୍ରଧାନ ଦାବି କରିଛନ୍ତି।

RELEASED ! RELEASED !! RELEASED !!!
USHA'S +2 SAMPLE PAPERS
(ARTS, SCIENCE & COMMERCE)
◆ALL SUBJECTS◆ (2nd Year)
USHA BOOKS Co-ordination with KALYANI PUBLISHERS
(Gopabandhu Lane, Badambadi, Cuttack - 12, Phone : 0671 - 2311391 / 92)

■ମା' ବାପା, ଭାଇଙ୍କୁ ହରାଇ ଅସହାୟ ପୁଷ୍ପଲତା

# ସହପାଠୀ ଦେଲେ ସହାୟତା

ତାଳଚେର,୧୬।୯(ନି.ପ୍ର.)



ପୁଷ୍ପଲତାଙ୍କୁ ସହପାଠୀମାନେ ସହାୟତା ପ୍ରଦାନ କରୁଛନ୍ତି।

ପୂର୍ବରୁ ମା'ବାପା ଆଖିବୁଜି ସାରିଥିଲେ। ସାହାରା ଥିବା ଏକମାତ୍ର ଭାଇ ଗତ ଜୁନ ୨୪ରେ ଆରପାରିକୁ ଚାଲିଯିବା ପରେ ବଡ଼ ଅସହାୟ ହୋଇପଡ଼ିଛନ୍ତି ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମର ଯୁବତୀ ପୁଷ୍ପଲତା ବେହେରା। ପୁଷ୍ପଲତାଙ୍କ ସମ୍ପର୍କରେ ଖବରପାଇବା ପରେ ତାଙ୍କ ପୂରାତନ ସହପାଠୀମାନେ (୧୯୯୬ ମାଟ୍ରିକ୍ ବ୍ୟାଚ୍) ସୋମବାର ତାଙ୍କୁ ଭେଟି ୧୦ ହଜାର ଟଙ୍କାର ଅର୍ଥରାଶି ସହାୟତା ପ୍ରଦାନ କରିଛନ୍ତି।

ଘଟଣାରୁ ପ୍ରକାଶ, ଗତ ଜୁଲାଇ ୪ରେ ଭାଇଙ୍କ ଶୁଦ୍ଧିକ୍ରିୟା ଥିଲା। ସେହି ରାତ୍ରିରେ ପୁଷ୍ପଲତାଙ୍କୁ ଏକ ସାପ କାମୁଡି ଦେଇଥିଲା। ଗ୍ରାମର ରାକେଶ୍ ବେହେରାଙ୍କଠାରୁ ଖବରପାଇ ସାମାଜିକ କର୍ମୀ କ୍ଷୀରୋଦ ସାହୁ ପୁଷ୍ପଲତାଙ୍କୁ ତୁରନ୍ତ ମଣ୍ଡାପାଳ ଡାକ୍ତରଖାନା ନେଇଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଓ ପରେ କଟକ ବଡ ମେଡିକାଲ୍ ପଠାଯାଇଥିଲା। ସେଠାରୁ ସୁସ୍ଥ ହୋଇ ଫେରିବା ପରେ ପୁଷ୍ପଲତା ଏକାକୀ ଅସହାୟ ଅବସ୍ଥାରେ ରହୁଥିଲେ। ପୁଷ୍ପଲତାଙ୍କ ଫଟୋ ସହ ଅସହାୟତା ସମ୍ପର୍କରେ ସାମାଜିକ କର୍ମୀ ସାହୁ ସୋସିଆଲ୍ ମିଡିଆରେ ଅପଲୋଡ୍ କରିବା ପରେ ତାଙ୍କ ସହପାଠୀମାନେ ସହଯୋଗ ପାଇଁ ଆଗେଇ ଆସିଥିଲେ। ଅପରାହ୍ନରେ ରିଲି ସାହୁ, ଗୌରୀ ସାହୁ, ଡଲି ପଟ୍ଟନାୟକ, ସୁଶାନ୍ତ ସ୍ୱାଇଁ, ସରୋଜ ବେହେରା, ମାଗୁଣି ଧୀର, ମନୋଜ ସାମଲ, ରଶ୍ମୀ ରଞ୍ଜନ ସାହୁ, ଅକ୍ଷୟ ସାହୁ, ପ୍ରତାପ ଦେବତା, ସନ୍ତୋଷ ସେନାପତି ପୁଷ୍ପଲତାଙ୍କ ଘରକୁ ଯାଇ ୧୦ ହଜାର ଟଙ୍କା ଦେବା ସହ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଯଥାଶୀଘ୍ର ତାଙ୍କୁ ମୋ କୁଡିଆ ଯୋଜନାରେ ଘର ଦେବା ପାଇଁ ସହପାଠୀମାନେ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାମାଜିକ କର୍ମୀ କ୍ଷୀରୋଦ ସାହୁ ଉପସ୍ଥିତ ଥିଲେ।

■୫୯ ଲକ୍ଷ ଗାଏବ ଘଟଣା

## ଇଣ୍ଟରନାଲ ତଦନ୍ତ କରୁଛି ବ୍ୟାଙ୍କ

ଅନୁଗୋଳ ଅଫିସ, ୧୬।୯

ଅନୁଗୋଳ ଜିଲାପାଳଙ୍କ ଆକାଉଣ୍ଟରୁ ଟଙ୍କା ହଡପ ଘଟଣାରେ ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ଶକ୍ତି ବେଦାନ୍ତ ଦାଶଙ୍କୁ ପୋଲିସ ଶନିବାର ରାତିରେ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣା ପଦାକୁ ଆସିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଟଙ୍କା ଫେରାଇବା ସହ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ବ୍ୟାଙ୍କ ମୁଖପାତ୍ର ସଞ୍ଜୟ ଓଝା କହିଛନ୍ତି, ଜିଲାପାଳ ହୁଅନ୍ତୁ କି ସାଧାରଣ ଗ୍ରାହକ, ବ୍ୟାଙ୍କ ପକ୍ଷରୁ ତ୍ରୁଟି କାରଣରୁ ଟଙ୍କା ଗାଏବ ହେଲେ ୩ରୁ ୪ ଦିନ ମଧ୍ୟରେ ଉକ୍ତ ଟଙ୍କା ବ୍ୟାଙ୍କ ଭରଣ କରିଥାଏ। ତବେ ବ୍ୟାଙ୍କରେ ଥିବା ଇଣ୍ଟରନାଲ ଭିଜିଲାନ୍ସ ୱିଙ୍ଗ ଘଟଣାର ତଦନ୍ତ ଆରମ୍ଭ କରିଛି। ୪ ଦିନ ମଧ୍ୟରେ ଏହି ରିପୋର୍ଟ ମିଳିଯିବ। କିପରି ଓ କେଉଁ ପରିସ୍ଥିତିରେ ଜିଲାପାଳଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇଥିଲା ତାହା ଜଣାପଡ଼ିବ। ଏସ୍‌ପି ଜଗମୋହନ ମୀନା କହିଛନ୍ତି, ତଦନ୍ତ ପ୍ରକ୍ରିୟା ଜାରି ରଖିଛି। ଦୁଇ ଦିନ ମଧ୍ୟରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ବ୍ୟାଙ୍କ ନିଜଆଡୁ ତଦନ୍ତ କରୁଥିଲେ ଭଲ କଥା। ପୋଲିସକୁ ସେଠାରୁ ଆବଶ୍ୟକ ତଥ୍ୟ ମିଳିପାରିବ ବୋଲି ମୀନା କହିଛନ୍ତି।

## ଆକର୍ଷଣ ସାଜିବ ଠିକାଦାର ସଂଘ କାରୁକାର୍ଯ୍ୟ



ନାଲ୍‌କୋ ଠିକାଦାର ସଂଘ କର୍ମକର୍ତ୍ତାମାନେ।

ବଆଁରପାଳ,୧୬।୯(ଡି.ଏନ.ଏ.)

ନାଲକୋର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ଏଥିପାଇଁ ନାଲ୍‌କୋ ନଗର ଚଳଚଞ୍ଚଳ ହୋଇପଡ଼ିଛି। ପ୍ରତ୍ୟେକ ବର୍ଷ ପରି ନାଲ୍‌କୋ ଠିକାଦାର ସଂଘ ତରଫରୁ ଚଳିତ ବର୍ଷ ପୂଜାକୁ ଆଡ଼ମ୍ବର ସହକାରେ ପାଳନ କରାଯାଉଛି। ଆଦିବାସୀ ସଂସ୍କୃତି ଓ ଗିଟାର ମ୍ୟୁଜିୟମ ଉପରେ ତୋରଣ ନିର୍ମାଣ କରାଯାଇଛି। ଏଥିସହ ସାମାଜିକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର କାର୍ଟୁନ ମୂର୍ତ୍ତି ମଧ୍ୟ ନିର୍ମାଣ ହୋଇଛି। ସେହିପରି ଆଲୋକ ସଜ୍ଜାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ୧୯୮୮ ମସିହାରୁ ପ୍ରତିବର୍ଷ ଠିକାଦାର ସଂଘ ପକ୍ଷରୁ ନାଲକୋରେ ପୂଜା ପାଳନ କରାଯାଇ ଆସୁଛି। ପ୍ରାୟ ୧୧୦ଜଣ ଠିକାଦାର ପୂଜାରେ ସାମିଲ ହୋଇଛନ୍ତି। ମଙ୍ଗଳବାର ସକାଳେ କର୍ମକର୍ତ୍ତାମାନେ କଳସ ଶୋଭାଯାତ୍ରାରେ ନିକଟସ୍ଥ ଜଳାଶୟରୁ ପାଣି ଆଣି ପୂଜା ମଣ୍ଡପରେ ଘଟ ସ୍ଥାପନ କରିବା ପରେ ମଧ୍ୟାହ୍ନ ୧୨ଟା ମଧ୍ୟରେ ଠାକୁରଙ୍କ ପୂଜାର୍ଚ୍ଚନା କରାଯିବ। ଏ ସମ୍ପର୍କରେ ସଂଘ ସଭାପତି ବିପ୍ଳବ ଜେନା କୁହନ୍ତି, ପୂଜାକୁ ଚଳିତ ବର୍ଷ ଧୁମ୍‌ଧାମରେ ପାଳନ କରାଯାଉଛି। ବିଶେଷକରି ତୋରଣ ସାଜସଜ୍ଜାକୁ ଅଧିକ ଆକର୍ଷଣୀୟ କରାଯାଇଛି। ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ସମସ୍ତ କାରୁ କାର୍ଯ୍ୟ କରାଯାଇଛି। ସମ୍ପାଦକ ରଞ୍ଜିତ ସେଠ କୁହନ୍ତି, ଚଳିତ ବର୍ଷ ପୂଜାକୁ ମନଲୋଭା କରାଯିବାକୁ ପ୍ରୟାସ କରାଯାଇଛି। ଦୈନିକ ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକାରୀ ସଭାପତି ବୁଲେସ ଜେନା କହିଛନ୍ତି, ପୂଜା ପରି ଭସାଣିକୁ ଆଡମ୍ବରରେ ପାଳନ କରାଯିବ। ସେଥିପାଇଁ ବାହାର ଅଞ୍ଚଳରୁ ବାଦ୍ୟ ଓ ନୃତ୍ୟକାରଙ୍କୁ ଅଣାଯିବାର ବ୍ୟବସ୍ଥା କରାଯାଇଛି।

# ଡିଜେ ସାଉଣ୍ଡ ଉପରେ କଟକଣା

ପାଲଲହଡା,୧୬।୯(ଡି.ଏନ.ଏ.)



ପାଲଲହଡାଠାରେ ଗଜଲକ୍ଷ୍ମୀ ପୂଜା ଆସନ୍ତା ଅକ୍ଟୋବର ୧୩ରେ ଅନୁଷ୍ଠିତ ହେବ। ଏ ନେଇ ସୋମବାର ଉପଖଣ୍ଡ ପ୍ରଶାସନ ପକ୍ଷରୁ ବ୍ଲକ ସଭାଗୃହଠାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ

**ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି**

ଯୋଗ ଦେଇଥିଲେ। ପୂଜା କମିଟି ଗୁଡିକ ପୂର୍ତ୍ତ ବିଭାଗ ଏବଂ ଅଗ୍ନିଶମ ବିଭାଗର ଅନୁମତି ନେଇ ସହର ମଧ୍ୟରେ ତୋରଣ ନିର୍ମାଣ କରିବେ। ଚଳିତ ବର୍ଷ ୧୦ ଦିନ ଧରି ମା'ଙ୍କ ପୂଜା ଅନୁଷ୍ଠିତ ହେବ। ପୂଜା ସମୟରେ ହୋଟେଲରେ ବାସି ଖାଦ୍ୟ ଯେପରି ବିକ୍ରି କରା ନ ଯାଏ ସେଥିପ୍ରତି ଯତ୍ନବାନ ରହିବା ପାଇଁ ଜିଲାପାଳ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପିଇବା ପାଣିର ବ୍ୟବସ୍ଥା ଏବଂ ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ବିଡିଓ ଏବଂ ନିଜିଗଡ଼ ସରପଞ୍ଚଙ୍କୁ ଦାୟିତ୍ୱ ଦିଆଯାଇଥିଲା।

ସେହିପରି ଚଳିତ ବର୍ଷ ଭସାଣି ଏବଂ ମେଳଣ ଉତ୍ସବ ୨୩ରେ ଅନୁଷ୍ଠିତ ହେବ। ସମସ୍ତ ମେଢ଼ ପୂର୍ବାହ୍ନ ୧୧ଟା ସୁଦ୍ଧା ସ୍ଥାନୀୟ ଷ୍ଟାଡିୟମରେ ଏକାଠି ହେବେ ଏବଂ ଅପରାହ୍ନ ୨ଟାରୁ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇ ରାତି ୧୦ଟା ମଧ୍ୟରେ ଶେଷ କରାଯିବ। ଡିଜେ ସାଉଣ୍ଡ ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ କରାଯାଇଛି। ବ୍ଲକ ଅଧକ୍ଷ ନବକିଶୋର ନାୟକ, ବିଡିଓ ତ୍ରିବିକ୍ରମ କୁମୁରା, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ, ଥାନା ଅଧିକାରୀ କନକ ମାଝି, କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଲିଙ୍ଗରାଜ ଦାସ, ସମ୍ପାଦକ ସୁଶୀଲ କୁମାର ସାମଲଙ୍କ ସହ ୯ ଗୋଟି ପୂଜା କମିଟି କର୍ମକର୍ତ୍ତା, ଉପଖଣ୍ଡର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## କାଇଁସିରିପାଲି ଏକାଦଶ ବିଜୟୀ

ପାଲଲହଡା,୧୬।୯(ଡି.ଏନ.ଏ.)

ପାଲଲହଡା ଷ୍ଟାଡିୟମଠାରେ ଉପଖଣ୍ଡ କ୍ରୀଡା ସଂସଦ ପକ୍ଷରୁ ସୋମବାର ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ନବକିଶୋର ନାୟକ ଯୋଗ ଦେଇଥିଲେ। ଉଦଘାଟନୀ ମ୍ୟାଚ୍ କଇଁସିରିପାଲି ଏକାଦଶ ଏବଂ ଆଇ.କେ.ବି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟ୍ରାଇବ୍ରେକର ସାହାଯ୍ୟରେ ୩.୧ ଗୋଲରେ କଇଁସିରିପାଲି ଏକାଦଶ ବିଜୟୀ ହୋଇଥିଲା। ବସନ୍ତ କୁମାର ବେହେରା, ବାବୁଲି ବେହେରା, ଜିତେନ୍ଦ୍ର ସାହୁ ପରିଚାଳନା କରିଥିଲେ।

■ପରିଦର୍ଶନରେ ଆସିବେ କାୟାକଳ୍ପ ଟିମ୍

## ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଛି ସୌନ୍ଦର୍ଯ୍ୟକରଣ

ଅନୁଗୋଳ ଅଫିସ, ୧୬।୯

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଆସିବେ କାୟାକଳ୍ପ ଟିମ୍। ସୋମବାର ଏହି ଟିମ୍ ଆସିବାର ଥିଲେ ହେଁ ଶେଷ ମୁହୂର୍ତ୍ତରେ ଗସ୍ତ ଦିନଟିଏ ଘୁଞ୍ଚିଯାଇଛି। ତେଣୁ ମଙ୍ଗଳବାର ଟିମ୍ ସଦସ୍ୟମାନେ ପହଞ୍ଚିବା ପୂର୍ବରୁ ମେଡିକାଲ ପରିସର ଚକାଚକ୍ କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏହି ଟିମ୍ ମାର୍କ ପ୍ରଦାନ କଲେ ଜିଲା ମୁଖ୍ୟ ଚିକିତ୍ସାଳୟ ରାଜ୍ୟରେ କେତେ ନମ୍ବର ର୍‍ୟାଙ୍କରେ ରହିବ ତାହା ସ୍ଥିର ହେବାକୁ ଥିବାରୁ ମେଡିକାଲ ପରସରରେ ତିନି ଦିନ ହେବ ସଫା ସୁତରା ଚାଲିଛି। କାନ୍ଥ ବାଡ଼ରେ ସ୍ୱଚ୍ଛତା ସମ୍ପର୍କରେ ପୋଷ୍ଟର ମରାଯାଉଛି। ମୁଖ୍ୟ ଫାଟକରୁ ନେଇ ପଛ ଫାଟକ ପର୍ଯ୍ୟନ୍ତ ସବୁଆଡୁ ଅଳିଆ ଉଠାଯାଉଛି। ଚକ୍ଷୁ ବିଭାଗ ସମ୍ମୁଖରେ ଔଷଧୀୟ ଚାରା ରୋପଣ କରାଯାଇଛି। ଉକ୍ତ ଟିମ୍ ଅନୁଗୋଳ ସମେତ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଓ କିଛି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଭ୍ରମଣ କରିବାକୁ ଯିବ ବୋଲି ମେଡିକାଲ ସୂତ୍ରରୁ ସୂଚନା ମିଳିଛି।

■ରାତ୍ର ଜଗୁଆଳଙ୍କ ମୃତଦେହ ଉଦ୍ଧାର

# ପ୍ରତିଶ୍ରୁତି ପରେ ଶବ ଛାଡ଼ିଲେ ପରିବାର ଲୋକେ

କଣିହାଁ,୧୬।୯(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ସ୍ଥିତ ଉଠା ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଏକ ରୁମ୍‌ରୁ ସୋମବାର ରାତ୍ର ଜଗୁଆଳଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ସ୍ଥାନୀୟ ଟୋଲକବେଢ଼ା ଗ୍ରାମର ହାଡ଼ିବନ୍ଧୁ ଗଡ଼ନାୟକ(୫୫)।

ଥାନା ଅଧିକାରୀ ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ସବୁଦିନ ପରି ହାଡ଼ିବନ୍ଧୁ ରବିବାର ରାତିରେ କୋଠରି କବାଟ ବନ୍ଦ କରି ଶୋଇଥିଲେ। ସୋମବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ କର୍ମଚାରୀମାନେ ତାଙ୍କ ମୋବାଇଲକୁ କଲ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଏହାପରେ କନିଷ୍ଠ ଯନ୍ତ୍ରୀଙ୍କ ଦାୟିତ୍ୱରେ ଥିବା ଏସ୍‌ଡିଓ ବଳରାମ ନାୟକ ପୋଲିସକୁ ଜଣାଇଥିଲେ। ଅତିରିକ୍ତ ତହସିଲଦାର ରବୀନ୍ଦ୍ର କୁମାର ସାମଲ ଓ ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ କବାଟ ଭଙ୍ଗାଯାଇଥିଲା। ବିଛଣାରେ ଶୋଇଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବି କରି ମୃତଦେହ ଛାଡ଼ି ନ ଥିଲେ। ପରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ପହଞ୍ଚି ବିଭାଗୀୟ ଅଧିକାରୀ, ପୋଲିସ, ପ୍ରଶାସନ ସହିତ ଆଲୋଚନା କରିଥିଲେ। ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ମୃତଦେହକୁ ପରିବାର ଲୋକେ ଛାଡିଥିଲେ। ଏ ନେଇ ନଂ. ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ।

■ଛାତ୍ରୀଙ୍କୁ ସ୍କୁଲରୁ ବାହାର କରିଦେବା ଅଭିଯୋଗ

## ଜିଲାପାଳଙ୍କ ତଦନ୍ତ ଆରମ୍ଭ

ବଇଣ୍ଡା,୧୬।୯(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ଗ୍ରାମରେ ଥିବା ରାଧାମାଧବ ନୋଡାଲ ଉଚ୍ଚ ବିଦ୍ୟାଳୟର ଜଣେ ୮ମ ଶ୍ରେଣୀ ଆଦିବାସୀ ଛାତ୍ରୀଙ୍କୁ ଟିସି ଦେଇ ବାହାର କରି ଦିଆଯାଇଥିବା ନେଇ ଛାତ୍ରୀଙ୍କ ଅଭିଭାବକ ଗତ ଶୁକ୍ରବାର ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ସୋମବାର ଜିଲାପାଳ ମନୋଜ କୁମାର ମହାନ୍ତି ଉକ୍ତ ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଉପସ୍ଥିତିରେ ତଦନ୍ତ କରିଛନ୍ତି। ବିଦ୍ୟାଳୟର କେତେଜଣ ଛାତ୍ରୀଙ୍କୁ ପଚରାଉଚରା କରାଯିବା ପରେ ଟିସି ନେଇଥିବା ଛାତ୍ରୀଙ୍କ କାଗଜପତ୍ର ଯାଞ୍ଚ କରିଥିଲେ। ପରେ ଛାତ୍ରୀ ନିବାସକୁ ଯାଇ ରହୁଥିବା ଛାତ୍ରୀଙ୍କ ସମସ୍ୟା ସମ୍ପର୍କରେ ପଚାରିବା ସହ ସୁରକ୍ଷା ତଦାରଖ କରିଥିଲେ। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ।

# ଜନସାଧାରଣଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ

ବଇଣ୍ଡା,୧୬।୯(ଡି.ଏନ.ଏ.)



ଶିବିରରେ ଜଣେ ଅସହାୟଙ୍କୁ ଜିଲାପାଳ ସହାୟତା ପ୍ରଦାନ କରୁଛନ୍ତି।

କିଶୋରନଗର ବ୍ଲକ ସଭାଗୃହଠାରେ ଜିଲା ପ୍ରଶାସନ ପକ୍ଷରୁ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ ଜନସାଧାରଣଙ୍କ ୧୨ଟି ସାମୂହିକ, ୧୦୧ଟି ବ୍ୟକ୍ତିଗତ ସମସ୍ୟାର ସମାଧାନ କରିଥିଲେ। ଏଥିରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ, ଶିକ୍ଷା ଆଦି ଅଭିଯୋଗ ରହିଥିଲା। ଏଥିସହ ନନ୍ଦିନୀ ବେହେରାଙ୍କୁ ୨ ହଜାର, ବିଞ୍ଝୀ ବେହେରାଙ୍କୁ ୨ ହଜାର, ନିତମ୍ବିନୀ ସାହୁଙ୍କୁ ୫ ହଜାର ଟଙ୍କାର ସହାୟତା ଚେକ ଆକାରରେ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଏସ୍‌ପି ଜଗମୋହନ ମିନା, ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁ, କିଶୋରନଗର ବିଡିଓ ଅମୃତା ପ୍ରିୟମ୍ୱଦା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ ଚମ୍ପତିରାୟ, ସହକାରୀ ଜିଲାପାଳ ଇଶାନୀ ପଣ୍ଡା, ବ୍ଲକ ଅଧକ୍ଷା ବବିତା ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ସର୍ବଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଏସ୍‌ଡିପିଓ ଶେଖ ଅବଦୁଲ କରିମ ଯୋଗ ଦେଇଥିଲେ। ପରେ ଜିଲାପାଳ ଦାମବାହାଳ ଓ ତେନ୍ତୁଳିପଥର ବିଦ୍ୟାଳୟ ଅଚାନକ ପରିଦର୍ଶନ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିବାସହ ମଧ୍ୟାହ୍ନଭୋଜନ ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇ ଥିଲେ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ